# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୨୪/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 24/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୦୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 209 ମୂଲ୍ୟ ₹୭/-




**ଅଲିବାଗ୍‌ରେ ୧.୫ ଏକର ଜମି କିଣିଲେ ସୁହାନା**

ଅଭିନେତା ଶାହରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ମୁମ୍ବାଇର ଅଲିବାଗ୍‌ରେ ୧.୫ ଏକର ଚାଷଜମିକୁ ୧୨ କୋଟି ୯୧ ଲକ୍ଷ ଟଙ୍କାରେ କିଣିଛନ୍ତି।

୧୨

୧୫

**ଜୟସ୍ୱାଲଙ୍କ ପାଇଁ ସୁଯୋଗ**

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ଯଶସ୍ୱୀ ଜୟସ୍ୱାଲ ସ୍ଥାନ ପାଇଛନ୍ତି। ଫଳରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ ହେବା ସମ୍ଭାବନା ବଢ଼ିଛି।



# ଏକାଠି ଲଢ଼ିବେ ୧୭ ଦଳ

**୧୭ ଦଳ ଏକାଠି ହୋଇଛନ୍ତି। ମିଳିମିଶି କାମ କରିବୁ ଏବଂ ମିଳିତ ଭାବେ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିବୁ। ପାଟନା ବୈଠକରେ ଏନେଇ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକ କଂଗ୍ରେସ ଶାସିତ ହିମାଚଳ ପ୍ରଦେଶର ଶିମ୍‌ଲାରେ ଜୁଲାଇ ୧୦ କିମ୍ବା ୧୨ରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଆସନରେ ଭାଜପାର ଜଣଙ୍କ ବିପକ୍ଷରେ ବିରୋଧୀଙ୍କ ପକ୍ଷରୁ ଜଣଙ୍କୁ ମିଳିତ ପ୍ରାର୍ଥୀ କରାଇବା ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି ଶୁକ୍ରବାର ବହୁପ୍ରତୀକ୍ଷିତ ମହାମେଳି ପରେ ଏହାର ଆୟୋଜକ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଏହି ବୈଠକକୁ ବିରୋଧୀ ଏକତାର ଆନୁଷ୍ଠାନିକ ଅୟମାରମ୍ଭ ବୋଲି ବିବେଚନା କରାଯାଉଛି।**

ପାଟନା/ନୂଆଦିଲ୍ଲୀ/ଜମ୍ମୁ, ୨୩।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

କେନ୍ଦ୍ରରେ ଭାଜପାକୁ ହରାଇବା ପାଇଁ ସବୁ ଦଳକୁ ଏକାଠି ହେବାକୁ ପଡ଼ିବ। ଏଥିଲାଗି ଆବଶ୍ୟକ ହେଲେ ବ୍ୟକ୍ତିଗତ ମତଭେଦ, ମହତ୍ତ୍ୱାକାଂକ୍ଷା ଓ ଦଳୀୟ ସ୍ୱାର୍ଥ ତ୍ୟାଗ କରିବାକୁ ହେବ। ନିର୍ବାଚନରେ ବିରୋଧୀ ମେଣ୍ଟ ବିଜୟୀ ହେଲେ ଆମ ଭିତରୁ ଜଣକୁ ପ୍ରଧାନମନ୍ତ୍ରୀ ଭାବେ ବାଛିବା। ଏପରି ସଂକଳ୍ପ ନେଇ ୧୭ ବିପକ୍ଷ ଦଳର ୩୨ ଜଣ ନେତା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରୀ ବାସଭବନରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ଏକତ୍ରିତ ହୋଇଥିଲେ। ବିରୋଧୀଙ୍କ ଏହି ବୈଠକ ୪ ଘଣ୍ଟା ଧରି ଚାଲିଥିଲା। ଏଥିରେ ଅଧ୍ୟକ୍ଷତା କରିଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଆମେ ଜାତୀୟ ସ୍ୱାର୍ଥ ପାଇଁ କାମ କରୁଛୁ। କିନ୍ତୁ ଭାଜପା ଦେଶର ସ୍ୱାର୍ଥ ବିରୋଧରେ ଯାଉଛି। ଗୈରିକ ଦଳ ଭାରତର ଇତିହାସକୁ ବଦଳାଇବାକୁ ଉଦ୍ୟମ କରୁଛି। ଏଥିଲାଗି ମିଳିତ ରଣନୀତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ଆମେ ଶିମ୍‌ଲାରେ ପୁଣି ଏକାଠି ହେବୁ ବୋଲି ନୀତୀଶ କହିଥିଲେ।

ସୂତ୍ରରୁ ଜଣାପଡ଼ିଛି ଯେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅମଲାତନ୍ତ୍ରୀ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ କଂଗ୍ରେସ ଖୋଲାଖୋଲି ଭାବେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି କହିଥିଲେ। ରାଜ୍ୟ ସଭାରେ କଂଗ୍ରେସ ସଦସ୍ୟମାନେ ଏହି ଅଧ୍ୟାଦେଶକୁ ରୋକିବାରେ ସମର୍ଥନ ନ କଲେ ଭବିଷ୍ୟତରେ ବିରୋଧୀଙ୍କ କୌଣସି ବୈଠକରେ ତାଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସାମିଲ ହେବ ନାହିଁ ବୋଲି ସେ କହିଥିଲେ। ଏହି ପ୍ରସଙ୍ଗକୁ ନେଇ ଏଏପି ଏବଂ କଂଗ୍ରେସ ମଧ୍ୟରେ ମତଭେଦ ଦେଖାଦେଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଶିମ୍‌ଲା ବୈଠକରେ ଏକ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ ☞ପୃଷ୍ଠା-୪



ପାଟନା ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ।

**ମିଶନ ୨୦୨୪**

- ■ ପାଟନା ବୈଠକରେ ୩୨ ବିରୋଧୀ ନେତା
- ■ ଶିମ୍‌ଲା ବୈଠକରେ ପରବର୍ତ୍ତୀ ରଣନୀତି
- ■ କେଁ ପୂରାଇଲେ କେଜ୍‌ରିୱାଲ
- ■ ଶାହା କହିଲେ, ଫଟୋ ସେସନ୍ ଚାଲିଛି

# ଅତିରିକ୍ତ ଉପଜିଲାପାଳଙ୍କ ଘରୁ ମିଳିଲା ୩ କୋଟି

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ଭଦ୍ରକ (ସନାତନ ରାଉତ)/ନବରଙ୍ଗପୁର (ସଦାଶିବ ପ୍ରହରାଜ), ୨୩।୬

ରାଜ୍ୟରେ ସରକାରୀ ବାବୁମାନେ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରୁଛନ୍ତି। ଶୁକ୍ରବାର ଆଉଜଣେ ବଡ଼ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ପ୍ରଶାନ୍ତ କୁମାର ରାଉତ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ପ୍ରଶାନ୍ତଙ୍କ ନବରଙ୍ଗପୁର କାର୍ଯ୍ୟାଳୟସ୍ଥିତ କୋଠରି, ବାସଭବନ, ଭଦ୍ରକ ଜିଲା ବହୁଦରଡ଼ା ଗ୍ରାମସ୍ଥିତ ପୈତୃକ ଘର, ସମ୍ପର୍କୀୟ ଭାଇଙ୍କ ଘର ଓ ଭୁବନେଶ୍ୱର କାନନବିହାରସ୍ଥିତ ଘର (ଏଚ୍‌ଆଇଜି-୧୧୫) ଆଦି ରହିଛି। ତେବେ ଭିଜିଲାନ୍ସ ଅଧିକାରୀମାନେ ସନ୍ଧ୍ୟାସୁଦ୍ଧା ତାଙ୍କ ଘରୁ ନଗଦ ୩ କୋଟି ☞ପୃଷ୍ଠା-୪

**ଭିଜିଲାନ୍ସ ଜାଲରେ ସରକାରୀ ବାବୁ**



ପ୍ରଶାନ୍ତ କୁମାର ରାଉତ

**ଆଜିର ସମ୍ପାଦକୀୟ** ପରିବର୍ତ୍ତନ ସଙ୍କେତ

DSPL-109




OIPR-27029/13/0006/2324

## କୋଠା ଭୁଶୁଡ଼ି ୪ ମୃତ

ଗୁଜରାଟର ଜାମନଗରରେ ଶୁକ୍ରବାର ୩ ମହଲା ବିଲ୍ଡିଂ ଭୁଶୁଡ଼ି ଜଣେ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ୫ ଜଣ ଆହତଙ୍କୁ ହସ୍ପିଟାଲ ପଠାଯାଇଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାଧନା କଲୋନି ଅଞ୍ଚଳରେ ଥିବା ଏହି ୩୦ ବର୍ଷ ପୁରୁଣା କୋଠା ଭଗ୍ନାବଶେଷ ତଳେ ୧୦ ଜଣ ପୋତିହୋଇଯାଇଥିବା ଆଶଙ୍କା କରାଯାଉଛି।

# ଦୁଃସାହସିକ ପର୍ଯ୍ୟଟନ

**ଅନେକ ସମୟରେ କ୍ଷଣିକ ଖୁସି ମଣିଷ ପାଇଁ ବିପଦ ସାଜେ। ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ ଯେତେ ରୋମାଞ୍ଚକର ସେତେ ବିପଦପୂର୍ଣ୍ଣ। ସମୁଦ୍ର ରାଣୀ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଦେଖିବା ପାଇଁ ବୁଡ଼ାଜାହାଜରେ ଯାଇଥିବା ୫ ଜଣଙ୍କ ମୃତ୍ୟୁ ଘଟିବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଘଟଣାକୁ ୫ ଦିନରୁ ଅଧିକ ସମୟ ବିତି ଯାଇଛି। କିନ୍ତୁ ବୁଡ଼ାଜାହାଜ ଟାଇଟାନ୍ କିମ୍ବା ସେଥିରେ ଯାଇଥିବା ପର୍ଯ୍ୟଟକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏବେ ବି ଗଭୀର ସମୁଦ୍ର ତଳେ ରେସ୍କ୍ୟୁ ଅପରେଶନ୍ ଚାଲିଛି। ମହାକାଶ ଏବଂ ଅଣ୍ଡର ୱାଟର ପର୍ଯ୍ୟଟନ ଆଗ୍ରହୀ ଲୋକଙ୍କ ପାଇଁ ବର୍ତ୍ତମାନ ସମୟରେ ବଡ଼ ବିପଦ ସାଜିଥିବା କୁହାଯାଇପାରେ।**

**ବୋଷ୍ଟନ୍/ୱାଶିଂଟନ୍, ୨୩।୬**
**(ପ୍ରସ୍ତୁତି: ଜ୍ୟୋତିର୍ମୟୀ ସେଠୀ)**

ନୂଆ ଜାଗାକୁ ଯାଇ ତା' ବିଷୟରେ ଜାଣିବା ଛଡ଼ା ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ ସ୍ପେସ୍ ଓ ଅଣ୍ଡରୱାଟର ସି' ଟ୍ରାଭେଲ୍ କରିବା ପସନ୍ଦ। ବିଶେଷ କରି ଧନିକ ଶ୍ରେଣୀର ଲୋକମାନେ ଏହି ଆଡ୍‌ଭାନ୍ସଡ୍ ଟ୍ରାଭେଲ୍ ପାଇଁ ଅଧିକ ମନ ବଳାଉଛନ୍ତି। ଉତ୍ତର ଆଟଲାଣ୍ଟିକ୍‌ରେ ଓସେନ୍‌ଗେଟ୍‌ର ବୁଡ଼ାଜାହାଜ ଟାଇଟାନ୍‌ରେ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଦେଖିବାକୁ ସମୁଦ୍ର ଭିତରକୁ ଯାଇଥିବା ଷ୍ଟକ୍‌ଟୋନ୍ ରଶ୍, ଶେହଜାଦା, ସୁଲେମାନ, ହାମିଶ ହାର୍ଡିଙ୍ଗ ଏବଂ ପଲ୍-ହେନରି ନାର୍ଜିଓଲେଟଙ୍କ ମୃତ୍ୟୁ ଘଟିଛି। ମୃତକମାନେ କୌଣସି ସାଧାରଣ ଲୋକ ନ ଥିଲେ। ସମସ୍ତେ ଅରବପତି ଥିବାବେଳେ ସେମାନଙ୍କୁ ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ କରିବା ପସନ୍ଦ ଥିଲା।

ରବିବାର ଟାଇଟାନ ନିଜର ଏହି ୮ ଦିନିଆ ସମୁଦ୍ର ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ ପାଖାପାଖି ୧ ଘଣ୍ଟା ୪୫ ମିନିଟ୍ ପରେ ବୁଡ଼ାଜାହାଜ ସହ ଅପରେଟିଂ ଟିମ୍‌ର ସଂଯୋଗ ତୁଟି ଯାଇଥିଲା। ସୂଚନା ମୁତାବକ ବୁଡ଼ାଜାହାଜରେ ଥିବା ୯୬ ଘଣ୍ଟାର ଅମ୍ଳଜାନ ଗୁରୁବାର ଶେଷ ହୋଇଯାଇଥିଲା। ୫ ଜଣଙ୍କ ସଲିଳ ସମାଧି ହୋଇଥିବା ଓସେନ୍‌ଗେଟ୍ ମୁଖ୍ୟ ବିଳମ୍ବିତ ରାତିରେ କହିଥିଲେ। ୧୬୦୦ ମିଟର ଗଭୀର ଜଳରାଶି ତଳେ ବୁଡ଼ାଜାହାଜର ବର୍ଜ୍ୟ ମିଳିଥିବା ଫାଷ୍ଟ କୋଷ୍ଟ ଗାର୍ଡ ଡିଷ୍ଟ୍ରିକ୍ଟର ରିୟର୍ ଆଡ୍‌ମିରାଲ ଜନ୍ ମଉଜର କହିଛନ୍ତି। ଅନ୍ୟପକ୍ଷେ ରବିବାର ସକାଳେ ଟାଇଟାନ୍ ସମୁଦ୍ର ମଧ୍ୟକୁ ପ୍ରବେଶ କରିବାର କିଛି ସମୟ ପରେ ଗଭୀର ଜଳରେ ଏକ ବିସ୍ଫୋରଣ ହେବାର ଶବ୍ଦ ଶୁଣିବାକୁ ମିଳିଥିବା ଆମେରିକୀୟ ନୌସେନା ମୁଖ୍ୟ ସୂଚନା ଦେଇଥିଲେ। ତେବେ ସମୁଦ୍ର ଭିତରେ ଟାଇଟାନ୍ ସହ କ'ଣ ଘଟିଥିଲା ତାକୁ ନେଇ ଅନେକ ପ୍ରଶ୍ନ ଉଙ୍କିମାରୁଥିବା ମଉଜର କହିଛନ୍ତି।




## ମହାକାଶ-ସମୁଦ୍ର ପର୍ଯ୍ୟଟନ

କମର୍ସିଆଲ କମ୍ପାନୀଗୁଡ଼ିକ ପ୍ରତିବର୍ଷ ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ ପାଇଁ କୋଟିପତିଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହାଛଡ଼ା ମହାକାଶ ଓ ସମୁଦ୍ର ପର୍ଯ୍ୟଟନ କ୍ଷେତ୍ରରେ ସରକାର ମଧ୍ୟ ମୋଟା ଅଙ୍କର ଅର୍ଥ ଏଥିରେ ବିନିଯୋଗ କରୁଛନ୍ତି। କମ୍ପାନୀ ଅର୍ଗାନାଇଜରଙ୍କ ମତରେ ଟ୍ରାଭେଲରୁ ଆସୁଥିବା ଅର୍ଥକୁ ଏ ସଂକ୍ରାନ୍ତୀୟ ଅଧିକ ତଥ୍ୟ ଯୋଗାଡ ଓ ଗବେଷଣା କ୍ଷେତ୍ରରେ ବ୍ୟବହାର କରାଯାଉଛି। କିନ୍ତୁ ଏହି ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ ଏବେ ସମାଜ ପାଇଁ ଘାତକ ସାଜିଛି।

ସମୁଦ୍ରର ଗଭୀର ଜଳରାଶିର ସ୍ଥିତି ଏବଂ ସେଠାରେ ବାସବାସ କରୁଥିବା ପ୍ରାଣୀଙ୍କ ସମ୍ବନ୍ଧରେ ଜାଣିବା ତଥା ରିସର୍ଚ୍ଚ ଉଦ୍ଦେଶ୍ୟରେ ଗବେଷକମାନେ ବୁଡ଼ାଜାହାଜ ଜରିଆରେ ସମୁଦ୍ର ମଧ୍ୟକୁ ଯାଇଥାନ୍ତି। ଏ ପ୍ରକାର ଅଭିଯାନର ଅର୍ଥନୀତି, ମିଲିଟାରି ଏବଂ ସାଇଣ୍ଟିଫିକ୍ ଉଦ୍ଦେଶ୍ୟ ପାଇଁ ଏଥିରେ ଅନେକ କମ୍ପାନୀ ସାମିଲ ହୋଇଥାନ୍ତି ବୋଲି ଅବସରପ୍ରାପ୍ତ ଆମେରିକୀୟ କୋଷ୍ଟ ଗାର୍ଡ କ୍ୟାପ୍‌ଟେନ୍ ଆଣ୍ଡ୍ରେୟୁ ନୋରିସ୍ କହିଛନ୍ତି। ବୁଡାଜାହାଜ ଯାତ୍ରାକୁ ୧୯୮୦ରେ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରାଯାଇଥିଲା। ବର୍ତ୍ତମାନ ଏହା ପ୍ରତ୍ୟେକ ଦେଶରେ ଉପଲବ୍ଧ।

## ଟାଇଟାନ୍‌ରେ ଯାତ୍ରା ପାଇଁ ୨,୦୫,୦୬,୯୩୭ ଟଙ୍କା

ଓସେନ୍‌ଗେଟ୍‌ର ଟାଇଟାନ୍ ବୁଡ଼ାଜାହାଜରେ ଯାତ୍ରା କରିବା ଲାଗି ଜଣେ ବ୍ୟକ୍ତିଙ୍କୁ ୨୫୦,୦୦୦ ଡଲାର (୨,୦୫,୦୬,୯୩୭ ଟଙ୍କା)ର ଆବଶ୍ୟକତା ପଡ଼ିଥାଏ। ପାଖାପାଖି ୪୦୦ ମାଇଲ୍ ଯାତ୍ରା କରୁଥିବା ଏହି ବୁଡ଼ାଜାହାଜ ୮ ଦିନ କାଳ ଗଭୀର ଜଳରେ ରହିଥାଏ। ମେରାଇନ୍ ଟେକନୋଲୋଜି ସୋସାଇଟି (ଏମ୍‌ଟିଏସ୍) ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ପର୍ଯ୍ୟଟକଙ୍କୁ ନେଇ ଅଣ୍ଡର ସି' ଟ୍ରାଭେଲ୍ କରୁଥିବା ବୁଡ଼ାଜାହଜ ବିପଦକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପଦକ୍ଷେପ ନେଇଥାଏ। ଗତ ୫୦ ବର୍ଷ ଧରି ଏ ପ୍ରକାର ଦୁର୍ଘଟଣା ଘଟି ନାହିଁ ବୋଲି ଏମ୍‌ଟିଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ବୁଡ଼ାଜାହାଜ ତୁଳନାରେ କାର୍ବନ ଫାଇବରେ ନିର୍ମିତ ଟାଇଟାନ ଅଧିକ ସୁରକ୍ଷିତ।

## ଟାଇଟାନିକ୍ ଦେଖିବାକୁ କମ୍ ଲୋକ ଆଗ୍ରହୀ

ଟାଇଟାନିକ୍ ଜାହାଜ ୧୯୧୨ ଏପ୍ରିଲ ୧୪ରେ ବୁଡ଼ିଯାଇଥିଲା। ୧୯୮୫ରେ ରୋବର୍ଟ ବାଲାର୍ଡ ଏହାର ଭଗ୍ନାବଶେଷକୁ ସମୁଦ୍ରର ଗଭୀର ଜଳ ମଧ୍ୟରେ ଠାବ କରିଥିଲେ। ଟାଇଟାନିକ ଏବଂ ସମୁଦ୍ରର ଭିତର ବାତାବରଣ ଦେଖିବା ପାଇଁ ଲୋକଙ୍କ ଆଗ୍ରହ ବଢ଼ିଲା। ଆଗ୍ରହୀ ବ୍ୟକ୍ତିଙ୍କୁ ଟାଇଟାନିକ୍ ଦେଖାଇବା ପାଇଁ ଓସେନ୍‌ଗେଟ୍ ନିଷ୍ପତ୍ତି ନେଲା। ୨୦୧୦ରୁ ବର୍ତ୍ତମାନ ସୁଦ୍ଧା ଓସେନଗେଟ ଡଜନରୁ ଅଧିକ ଡାଇଭ୍ କରିସାରିଛି। ଗତ ୨୦ ବର୍ଷ ମଧ୍ୟରେ ଖୁବ୍ କମ୍ ଲୋକ ଟାଇଟାନିକ୍ ଜାହାଜ ଦେଖିବାକୁ ମନ ବଳାଇଛନ୍ତି। ଅଧିକାଂଶ ଲୋକେ ସମୁଦ୍ରଜୀବଙ୍କୁ ଦେଖିବା ପାଇଁ ଓସେନ୍‌ଗେଟ୍‌ର ବୁଡ଼ାଜାହାଜରେ ଯାତ୍ରା କରିଥାନ୍ତି।

### ହାମିଶ ହାର୍ଡିଙ୍ଗ



ବ୍ରିଟେନ୍‌ର ଘରୋଇ ବିମାନ ଉଡ଼ାଣ କମ୍ପାନୀ ଆକଶନ୍ ଏଭିଏଶନ୍‌ର ଅଧ୍ୟକ୍ଷ ହାମିଶ ହାର୍ଡିଙ୍ଗ (୫୮)। ଆଡ୍‌ଭେଞ୍ଚରିୟସ୍ ଟ୍ରାଭେଲ୍ କରିବାକୁ ପସନ୍ଦ କରୁଥିବା ହାର୍ଡିଙ୍ଗଙ୍କ ସ୍ତ୍ରୀଙ୍କ ନାମ ଲିଣ୍ଡା। ରୋରି, ଗିଲ୍‌ସ ନାମରେ ତାଙ୍କର ଦୁଇଜଣ ପୁଅ ଅଛନ୍ତି। ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ ଲାଇସେନ୍ସଧାରୀ ହାର୍ଡିଙ୍ଗ ଜଣେ ସ୍କାଏ ଡାଇଭର ମଧ୍ୟ। ଦକ୍ଷିଣ ମେରୁରେ ହାର୍ଡିଙ୍ଗ ବହୁ ଯାତ୍ରା କରିଥିବାବେଳେ ଗତବର୍ଷ ଆମାଜନ୍ ମାଲିକ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ କମ୍ପାନୀ ପକ୍ଷରୁ ସ୍ପେସ୍ ଟ୍ରାଭେଲ କରିଥିଲେ।

### ଶେହଜାଦା ଓ ସୁଲେମାନ ଦାଉଦ



ପାକିସ୍ତାନର ଶେହଜାଦା (୪୮) ବ୍ରିଟେନରେ ରୁହନ୍ତି। ଶେହଜାଦାଙ୍କ ଇଙ୍ଗରୋ ଫର୍ଟିଲାଇଜର ଏବଂ ପେଟ୍ରୋକେମିକାଲ କମ୍ପାନୀ ପାଇଁ ସେ ଖୁବ୍ ଜଣାଶୁଣା। କିଙ୍ଗ ଚାର୍ଲ୍ସଙ୍କ ଚାରିଟି ପ୍ରିନ୍ସସ୍ ଟ୍ରଷ୍ଟ ଇଣ୍ଟରନ୍ୟାଶନାଲର ବୋର୍ଡ ମେମ୍ବର ହେଉଛନ୍ତି ଶେହଜାଦା। ଦକ୍ଷିଣ-ପଶ୍ଚିମ ଲଣ୍ଡନର ସର୍ବିଟୋନରେ ତାଙ୍କ ଘର। ଶେହଜାଦାଙ୍କ ସହ ଟାଇଟାନିକ୍ ଦେଖିଯାଇଥିବା ପୁଅ ସୁଲେମାନ (୧୯) ୟୁନିଭର୍ସିଟି ଅଫ୍ ଷ୍ଟ୍ରାଥକ୍ଲାଇଡ୍‌ର ବିଜ୍‌ନେଶ ସ୍କୁଲର ପ୍ରଥମ ବର୍ଷ ଛାତ୍ର।

### ପଲ-ହେନରି ନାର୍ଜିଓଲେଟ



ଫ୍ରାନ୍ସର ନୌସେନା କମାଣ୍ଡର ପଲ-ହେନରି ନାର୍ଜିଓଲେଟ (୭୭) ମିଷ୍ଟର ଟାଇଟାନିକ୍ ଭାବେ ବେଶ୍ ପରିଚିତ। ଟାଇଟାନିକ୍ ଜାହାଜ ସମ୍ପର୍କରେ ଦୀର୍ଘ ୩୫ ବର୍ଷ ଧରି ପଲ ଅଧ୍ୟୟନ କରୁଆସୁଛନ୍ତି। ଜାହାଜ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ସେ ଶହ ଶହ ଘଣ୍ଟା ସମୁଦ୍ର ତଳେ ଟାଇଟାନିକ୍ ଭଗ୍ନାବଶେଷ ନିକଟରେ କାଟୁଥିଲେ।

### ଷ୍ଟକ୍‌ଟୋନ୍ ରଶ୍



ଓସେନ୍‌ଗେଟ୍ ସିଇଓ ଷ୍ଟକ୍‌ଟୋନ୍ ରଶ୍ (୬୧) ଟାଇଟାନିକ୍ ମିଶନ୍‌ର ମୁଖ୍ୟ ଥିଲେ। ସେ କମ୍ପାନୀର ଫାଇନାନ୍ସିଆଲ ଓ ଇଞ୍ଜିନିୟରିଂ ଷ୍ଟ୍ରାଟେଜି ବୁଝାଶୁଝା କରୁଥିଲେ। ୧୯୮୧ରେ ମାତ୍ର ୧୯ ବର୍ଷ ବୟସରେ ସେ ୟୁନାଇଟେଡ୍ ଏୟାରଲାଇନ୍ସ ଜେଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ନାମ ଲେଖାଇଥିଲେ।

## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୪ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ, ୨୩।୬:** ଜମ୍ମୁ-କଶ୍ମୀରର ମଚିଲ ସେକ୍ଟରର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଶୁକ୍ରବାର ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛନ୍ତି। କଶ୍ମୀର ଜୋନ୍ ପୋଲିସର ସୂଚନା ଅନୁଯାୟୀ, ପାକ୍ ଅଧିକୃତ କଶ୍ମୀର(ପିଓକେ)ରୁ ୪ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିବାବେଳେ ସେନା ଯବାନ ଓ ପୋଲିସର ମିଳିତ ଅଭିଯାନରେ ସେମାନେ ପ୍ରାଣ ହରାଇଥିଲେ। ଗତ ଶୁକ୍ରବାର ମଧ୍ୟ ଆତଙ୍କବାଦୀମାନଙ୍କ ଆଉ ଏକ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଥିଲା। କେରନ ସେକ୍ଟରର ଜୁମାଗୁଣ୍ଡ ଅଞ୍ଚଳରେ ସୁରକ୍ଷା ବଳ ଗୁଳିରେ ୫ ଆତଙ୍କବାଦୀ ନିହତ ହୋଇଥିଲେ।

### ଅସଦାଚରଣ ପରେ ଚଳନ୍ତା ଟ୍ରେନ୍‌ରୁ ମହିଳାଙ୍କୁ ଫିଙ୍ଗିଦେଲେ

**ଭୋପାଳ, ୨୩।୬:** ଗଣବଳାତ୍କାର ଉଦ୍ୟମରେ ବାଧାଦେବାରୁ ୩ ଅଭିଯୁକ୍ତ ଜଣେ ମହିଳା ଯାତ୍ରୀଙ୍କୁ ଦ୍ରୁତଗାମୀ ଟ୍ରେନ୍‌ର ଜେନେରାଲ କମ୍ପାର୍ଟମେଣ୍ଟରେ ଉଲଗ୍ନ କରି ଅସଦାଚରଣ କରିବା ସହ ବାହାରକୁ ଫିଙ୍ଗିଦେଇଛନ୍ତି। ତାଙ୍କ ସହ ଥିବା ପୁରୁଷ ସହଯାତ୍ରୀଙ୍କୁ ମଧ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗିଦିଆଯାଇଛି। ଉଭୟେ ଗୁରୁତର ଆହତ ହୋଇଛନ୍ତି। ପୁରୁଷ ଯାତ୍ରୀ ଜଣକ ତାଙ୍କ ଚିରା ପୋଷାକରେ ମହିଳାଙ୍କୁ ଘୋଡ଼ାଇ ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରବଳ ବର୍ଷାରେ ୫ କିଲୋମିଟର ନେବା ପରେ ଚିକିତ୍ସା ସହାୟତା ପାଇଥିଲେ। ବୃଦ୍ଧ ଦମ୍ପତି ମହିଳା ଜଣକୁ ଶାଢ଼ି ଦେବା ସହ ହସ୍ପିଟାଲ ନେବାରେ ସହାୟତା କରିଥିଲେ। ଗ୍ୱାଲିୟର ନିକଟରେ ଗତ ୧୯ ତାରିଖରେ ଏହି ଘଟଣା ଘଟିଛି। ପୋଲିସ ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଟ୍ରେନ୍‌ର ସାଧାରଣ ବଗିରେ ୬୦ ଯାତ୍ରୀ ଥିଲେ। ତେବେ ମହିଳାଙ୍କୁ ୩ ଜଣ ଉଲଗ୍ନ କରି ଅସଦାଚରଣ କରୁଥିବାବେଳେ କେହି ଜଣେ ହେଲେ ସହାୟତା ପାଇଁ ଆଗେଇ ଆସି ନ ଥିଲେ ବୋଲି ପୀଡ଼ିତା ଜଣକ ପୋଲିସକୁ କହିଛନ୍ତି। ୩୨ ବର୍ଷୀୟା ମହିଳାଙ୍କ ସହ ୨୨ ବର୍ଷୀୟ ସହଯାତ୍ରୀ ଲକ୍ଷ୍ନୌରୁ ଗୁଜରାଟ ଯାଉଥିଲେ। ସେମାନେ ନିର୍ଦ୍ଦିଷ୍ଟ ଟ୍ରେନ୍‌କୁ ହରାଇବା ପରେ ଗ୍ୱାଲିୟରରୁ ରାତି ୧୦ଟାରେ ସୁରଟ ଏକ୍ସପ୍ରେସ୍‌ର ସାଧାରଣ ବଗିରେ ଉଠିଥିଲେ।

### 'ଅପହରଣ' ନେଇ କଥା ହେଉଥିବା ବିମାନଯାତ୍ରୀ ଗିରଫ




**ମୁମ୍ବାଇ, ୨୩।୬:** ମୁମ୍ବାଇରୁ ନୂଆଦିଲ୍ଲୀ ଯାଉଥିବା ଭିସ୍ତାରା ଏୟାରଲାଇନ୍ସର ଏକ ବିମାନର ଜଣେ ଯାତ୍ରୀ ଫୋନ୍ ଯୋଗେ ବିମାନ ଅପହରଣ ଯୋଜନା ସମ୍ପର୍କରେ କଥା ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନଟି ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଛାଡ଼ିବାର ଥିଲା। ଉଡ଼ାଣ ପୂର୍ବରୁ ଉକ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯିବା ସହ ସୁରକ୍ଷା ବଳକୁ ହସ୍ତାନ୍ତର କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସେ ଫୋନ୍‌ରେ ଅପହରଣ ସମ୍ପର୍କରେ କଥା ହେଉଥିବାବେଳେ କେତେଜଣ କ୍ରିଉ ସଦସ୍ୟ ଓ ଅନ୍ୟମାନେ ଏହା ଶୁଣିପାରିଥିଲେ। ଏହା ପରେ ବିମାନକୁ ଭଲ ଭାବେ ଯାଞ୍ଚ କରାଯାଇଥିଲା। କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ମିଳିବା ପରେ ବିଳମ୍ବରେ ଉକ୍ତ ବିମାନ ନୂଆଦିଲ୍ଲୀ ଅଭିମୁଖେ ଉଡ଼ାଣ କରିଥିଲା। ଅଭିଯୁକ୍ତ ଯାତ୍ରୀଙ୍କ ଘର ହରିୟାଣାରେ ଓ ତାଙ୍କ ନାଁ ରିତେଶ ଜୁନେଜା। ତାଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ସେ ୨୦୨୧ରୁ ମେଡିକାଲରେ ଚିକିତ୍ସାଧୀନ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଆତଙ୍କବାଦୀ ଆକ୍ରମଣରେ ୮ ମୃତ

**ମେଦୁଗିରି, ୨୩।୬:** ଉତ୍ତର-ପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୮ ଜଣ କୃଷକ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳର ୧୦ ଜଣଙ୍କୁ ଅପହରଣ କରିନେଇଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଥିବା ଷ୍ଟେଟ୍ ଗଭର୍ନର ବାବାଗାନା ଜୁଲୁମ କହିଛନ୍ତି। ଏଥିସହ ସତର୍କତାର ରହିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଇସ୍‌ଲାମିକ୍ ଆଇନ ଶାରିଆର ପ୍ରସାର ନିମନ୍ତେ ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଆକ୍ରମଣ କରୁଛନ୍ତି।

# ଆତଙ୍କବାଦ ବିରୋଧୀ ଲଢ଼େଇରେ 'ଯଦି, କିନ୍ତୁ'ର ସ୍ଥାନ ନାହିଁ

**ୱାଶିଂଟନ, ୨୩।୬**

ଆତଙ୍କବାଦ ମାନବଜାତିର ଶତ୍ରୁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଯଦି ଏବଂ କିନ୍ତୁ ରହିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ୯/୧୧ ଆକ୍ରମଣକୁ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ବିତିଥିବାବେଳେ ୨୬/୧୧ ମୁମ୍ବାଇ ଆକ୍ରମଣକୁ ଏକ ଦଶନ୍ଧିରୁ ଅଧିକ ହେଲାଣି। ଏବେ ବି ଆତଙ୍କବାଦ ଓ ମୌଳବାଦ ସାରା ବିଶ୍ୱ ପାଇଁ ବିପଦ ହୋଇ ରହିଥିବା ମୋଦି କହିଛନ୍ତି। ଏହିସବୁ ବିଚାରଧାରା ସେମାନଙ୍କୁ ନୂଆ ପରିଚୟ ଦେଇଥିଲେ ମଧ ଉଦ୍ଦେଶ୍ୟ ସମାନ ରହିଛି। ଆତଙ୍କବାଦ ସାରା ମାନବଜାତିର ଶତ୍ରୁ। ଆତଙ୍କବାଦର ପ୍ରାୟୋଜକ ଏବଂ ରପ୍ତାନିକାରୀ ଶକ୍ତିଙ୍କୁ ପରାଜିତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିବା ବେଳେ କଂଗ୍ରେସ ସଦସ୍ୟମାନେ 'ମୋଦି, ମୋଦି' ସ୍ଲୋଗାନ ଦେଇଥିଲେ।

ସେହିପରି ଚାଇନା ନାଁ ନ ନେଇ ପ୍ରଧାନମନ୍ତ୍ରୀ କହିଥିଲେ, ବୈଶ୍ୱିକ ଶୃଙ୍ଖଳା ଆମେରିକା ଚାର୍ଟରର ନିୟମାବଳୀ, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସାର୍ବଭୌମତ୍ୱକୁ ସମ୍ମାନ ଏବଂ ଆଞ୍ଚଳିକ ସଂହତି ଆଧାରରେ ଚାଲୁଛି। ବଳପ୍ରୟୋଗ ଓ ବିରୋଧର କଳାବାଦଲ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ଘୋଡ଼ାଇ ରଖିଛି। ଆଞ୍ଚଳିକ ସ୍ଥାୟିତ୍ୱ ଆମ ବନ୍ଧୁତ୍ୱ ପାଇଁ ମୁଖ୍ୟ ଚିନ୍ତାର ବିଷୟ ହୋଇଛି ବୋଲି ମୋଦି ଚାଇନାର ଆକ୍ରମଣାତ୍ମକ ଆଚରଣକୁ ଆକ୍ଷେପ କରି କହିଛନ୍ତି। ଇଣ୍ଡୋ-ପାସିଫିକ୍ ସମେତ ଏକ ମୁକ୍ତ ଓ ଉନ୍ମୁକ୍ତ ସୁରକ୍ଷିତ ଜଳରାଶି ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଦେଶଗୁଡ଼ିକର ବିକାଶ ଋଣ ବୋଝର ଚାପରେ ଶ୍ୱାସରୁଦ୍ଧ ନ ହେଉ ଏବଂ ଯୋଗାଯୋଗରୁ ରଣନୀତିକ ଉଦ୍ଦେଶ୍ୟର ଫାଇଦା ଉଠା ନ ଯାଉ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆମେରିକାର ଆଇନ ପ୍ରଣେତାମାନେ ମୋଦିଙ୍କ ଉଦ୍‌ବୋଧନକୁ ଉଚ୍ଚ ପ୍ରଶଂସା କରିଛନ୍ତି।

**ଆମେରିକା କଂଗ୍ରେସରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ**



ଆମେରିକା କଂଗ୍ରେସର ମିଳିତ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଭାରତୀୟମାନେ ସବୁ କ୍ଷେତ୍ରରେ ଦକ୍ଷ: ମୋଦି

**ୱାଶିଂଟନ, ୨୩।୬**

ଆମେରିକାରେ ଥିବା ଭାରତୀୟମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନେ କେବଳ ସ୍ପେଲିଂ ବି'ରେ ନୁହନ୍ତି ସବୁ କ୍ଷେତ୍ରରେ ପ୍ରତିଭାଶାଳୀ ଓ ଦକ୍ଷ। ଆମେରିକା ସହ ଭାରତର ସମ୍ପର୍କ ବଢ଼ାଇବାରେ ସେମାନେ ବଡ଼ ଭୂମିକା ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମହାକାଶଠାରୁ ସମୁଦ୍ର, ବିଜ୍ଞାନ ଏବଂ ସେମିକଣ୍ଡକ୍ଟର, ପ୍ରଯୁକ୍ତି ଏବଂ ବାଣିଜ୍ୟ, କୃଷି ଓ ଅର୍ଥ, କଳା ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଶକ୍ତି ଓ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ମାନବୀୟ ଉଦ୍ୟମ, ସବୁ କ୍ଷେତ୍ରରେ ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ତାଙ୍କ ପ୍ରଶାସନରେ ଭାରତୀୟ-ଆମେରିକୀୟମାନଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

# ଜୈର ବୋଲସୋନାରୋଙ୍କ ରାଜନୈତିକ ଭବିଷ୍ୟତ ଅନିଶ୍ଚିତ

**ବ୍ରାସିଲିଆ ୨୩।୬**

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ରାଜନୈତିକ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତିକରୁଛି। ଦେଶର ନିର୍ବାଚନ ପ୍ରକ୍ରିୟାକୁ ନେଇ ଅନାସ୍ଥାଭାବ ବିସ୍ତାର କରିବା ଉଦ୍ଦେଶ୍ୟରେ ସେ ମିଥ୍ୟା ଦାବି କରିଥିବା ଅଭିଯୋଗ ରହିଛି। ବ୍ରାସିଲିଆସ୍ଥିତ ଏକ ସଂଘୀୟ ନିର୍ବାଚନ ଅଦାଲତରେ ଗୁରୁବାର ଏହି ୬୮ ବର୍ଷୀୟ ଦକ୍ଷିଣପନ୍ଥୀ ନେତାଙ୍କ ବିରୋଧରେ ଶୁଣାଣି ଆରମ୍ଭ ହୋଇଛି। ସେ ଦୋଷୀ ସାବ୍ୟସ୍ତ ହେଲେ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ଅର୍ଥାତ୍ ବୋଲସୋନାରୋ ୭୬ ବର୍ଷରେ ଉପନୀତ ହେବା ପରେ ସ୍ୱାସ୍ଥ୍ୟ ମଧ୍ୟ ତାଙ୍କୁ ରାଜନୈତିକ ରୂପେ ସକ୍ରିୟ ହେବା ପାଇଁ ଅନୁମତି ଦେଇ ନ ପାରେ।

ଗତ ଅକ୍ଟୋବରରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପାଇଁ ପ୍ରଚାରବେଳେ ଲିବରାଲ ପାର୍ଟି ପ୍ରାର୍ଥୀ ବୋଲସୋନାରୋ ନିର୍ବାଚନର ବୈଧତାକୁ ନେଇ ପ୍ରଶ୍ନ ଉଠାଇ କହିଥିଲେ, ଦେଶର ମତଦାନ ବ୍ୟବସ୍ଥାରେ ହେରଫେର କରାଯାଇପାରିବ। ନିର୍ବାଚନ ଫଳାଫଳ ମଧ୍ୟ ଏପଟସେପଟ ହୋଇପାରେ। ତାଙ୍କର ଏହି ଅଗଣତାନ୍ତ୍ରିକ ଭାଷଣ ସେତେବେଳେ ଜାତୀୟ ଟି.ଭି. ଚ୍ୟାନେଲରେ ପ୍ରସାରିତ ଏବଂ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ନିର୍ବାଚନରେ ତାଙ୍କ ପରାଜୟ ଲାଗି ଏହି ମନ୍ତବ୍ୟକୁ ଦାୟୀ କରାଯାଉଛି। ପୂର୍ବତନ ରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ଲେବର ପାର୍ଟି ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ବିଜୟକୁ ବୋଲସୋନାରୋଙ୍କ ସମର୍ଥକ ଗ୍ରହଣ କରି ନ ଥିଲେ। ଲୁଲା ଗତ ଜାନୁୟାରୀରେ ଶପଥ ନେବା ପରେ ସେମାନେ ସରକାରୀ ଅଫିସଗୁଡ଼ିକୁ ପଶି ଭଙ୍ଗାରୁଜା ସହ ବିଦ୍ରୋହ ଉଦ୍ୟମ କରିଥିଲେ। ତେଣୁ ନିର୍ବାଚନ ଫଳାଫଳ ପଲଟାଇବା ପାଇଁ ସେ ଦଙ୍ଗା ଉଦ୍ୟମ କରିଥିବା ଅଭିଯୋଗ ରହିଛି। ଆସନ୍ତା ଗୁରୁବାର ଏହା ଉପରେ ରାୟ ଆସିପାରେ।



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋ

# ଚାଷୀଙ୍କ ଜୀବିକା ପ୍ରତି ସରକାର ଉଦାସୀନ

**ପ୍ରାଣୀଧନ ବିଲ୍ ପ୍ରସ୍ତୁତି ଓ ପ୍ରତ୍ୟାହାରରୁ ସ୍ପଷ୍ଟ**

**ନୂଆଦିଲ୍ଲୀ, ୨୩।୬**

କେନ୍ଦ୍ର ସରକାର ଗତ ୭ ତାରିଖରେ ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ(ଆମଦାନୀ ଓ ରପ୍ତାନି) ବିଲ୍, ୨୦୨୩ ଆଣିଥିଲେ। ଏହା ପ୍ରଚଳିତ ପ୍ରାଣୀଧନ ଆମଦାନୀ(ସଂଶୋଧନ) ଆଇନ, ୨୦୦୧ ସ୍ଥାନରେ କାର୍ଯ୍ୟକାରୀ ହୋଇଥାନ୍ତା। ଏଥିପାଇଁ ଜନସାଧାରଣ ଏବଂ ଆମଦାନିକାରୀ ରପ୍ତାନିକାରୀମାନେ ୧୦ ଦିନ ମଧ୍ୟରେ ମତାମତ ରଖିବା ଲାଗି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତେବେ ପ୍ରାଣୀ କଲ୍ୟାଣ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉକ୍ତ ଚିଠା ବିଲ୍ ପ୍ରତ୍ୟାହାର କରିନିଆଗଲା ବୋଲି ବିଭାଗ ପକ୍ଷରୁ ଗତ ୨୦ ତାରିଖରେ କୁହାଯାଇଥିଲା। ପ୍ରାଣୀ ଅଧିକାର କର୍ମୀ ଏବଂ ଆର୍‌ଏସ୍‌ଏସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାରତୀୟ କିଷାନ ସଂଘ(ବିକେଏସ୍) ଓ ଅନ୍ୟ ସଂଗଠନଗୁଡ଼ିକ ବିଲ୍‌କୁ ସମାଲୋଚନା କରିଥିଲେ। ବିଲ୍‌କୁ ସ୍ଥଗିତ ରଖାଯାଇଥିଲେ ମଧ୍ୟ ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ ରପ୍ତାନି ଉପରେ ବାଣିଜ୍ୟିକ ନୀତିକୁ ନେଇ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। ପ୍ରାଣୀଧନର ତତ୍ତ୍ୱାବଧାରକମାନଙ୍କ ସମ୍ପର୍କରେ ସରକାର ବିଚାର କରିନାହାନ୍ତି।

ଦେଶ ଭିତରକୁ ନୂଆ ରୋଗ ଯେପରି ଆସି ନ ପାରିବ ସେଥିପାଇଁ ପ୍ରାଣୀଧନ ଆମଦାନୀକୁ ନିୟନ୍ତ୍ରଣ କରିବା ନିମନ୍ତେ ମୂଳ ଆଇନ ୧୮୯୮ରେ ଅଣାଯାଇଥିଲା। ୨୦୦୧ରେ ଏଥିରେ ସଂଶୋଧନ କରାଯାଇ ପ୍ରାଣୀଧନ ଉତ୍ପାଦ ଯଥା ମାଂସ, ଅଣ୍ଡା, କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ, ପୋଷା ଜନ୍ତୁଙ୍କ ଖାଦ୍ୟ ଆଦିର ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ କେତେକ ଧାରା ଯୋଡ଼ାଯାଇଥିଲା। ସରକାର ପ୍ରତ୍ୟାହାର କରିନେଇଥିବା ନୂଆ ଚିଠା ବିଲ୍‌ରେ ଭାରତର ସମସ୍ତ ପୋଷା ଜୀବଜନ୍ତୁଙ୍କୁ ସାମିଲ କରିବା ପାଇଁ ପ୍ରାଣୀଧନର ସଂଜ୍ଞାକୁ ବିସ୍ତାରିତ କରାଯାଇଥିଲା। ପ୍ରାଣୀଧନ ଓ ଏହାର ଉତ୍ପାଦ ରପ୍ତାନିକୁ ସକ୍ରିୟତାର ସହ ପ୍ରୋତ୍ସାହିତ ଓ ବିକଶିତ କରିବା ଲାଗି ଆଇନରେ ଏକ ନୂଆ ଧାରାକୁ ସାମିଲ କରାଯାଇଥିଲା। ତେବେ ସରକାର ବିଲ୍ ପ୍ରସ୍ତୁତ କରିବା ଓ ତାକୁ ପ୍ରତ୍ୟାହାର କରିନେବା ବେଳେ ପ୍ରାଣୀଧନ ଉପରେ ନିର୍ଭର କରୁଥିବା ଦେଶର କୋଟି କୋଟି ଭୂମିହୀନ, କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କ ଜୀବନ ଓ ଜୀବିକାକୁ ବିଚାରକୁ ନେଇ ନ ଥିବା ସ୍ପଷ୍ଟ ହୋଇଛି। ଏହି ଚାଷୀମାନେ ହେଉଛନ୍ତି ଦେଶର ପ୍ରାୟ ୭୦ ପ୍ରତିଶତ ପ୍ରାଣୀଧନର କେୟାରଟେକର। ତେଣୁ ସରକାର ବିଲ୍ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ପ୍ରାଣୀଧନ ଓ ଏହାର ଉତ୍ପାଦ ଲାଗି 'ଭାରତରେ ପ୍ରସ୍ତୁତ-ଭାରତରୁ ରପ୍ତାନି' ନୀତି ଆଣିବା ନେଇ ଉତ୍ତରଦାୟିତ୍ୱରୁ ଓହରିଯାଇପାରିବେ ନାହିଁ।

ପ୍ରାଣୀଧନ ବିକାଶ, କୃଷି, ଜମି ଉପଯୋଗ ଏବଂ ଜଙ୍ଗଲ ନୀତି ଯୋଗୁ ଦେଶରେ ପ୍ରାଣୀଧନ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ରପ୍ତାନିଭିତ୍ତିକ ପ୍ରାଣୀ ଓ ଏହାର ଉତ୍ପାଦନ ନୀତି ଯୋଗୁ ସେମାନଙ୍କ ସଂଖ୍ୟା ଆହୁରି କମିବ। ଗୋରୁ, ମଇଁଷି, ଛେଳି, ମେଣ୍ଢା, କୁକୁର, ଘୋଡ଼ା, ମାଙ୍କଡ଼, ଘୁଷୁରି, ଓଟ ଆଦି ପ୍ରାଣୀଙ୍କ ସଂଖ୍ୟା ଯଥେଷ୍ଟ କମିଥିବାବେଳେ କେତେକ ସ୍ୱଦେଶୀ ପ୍ରାଣୀ ବିରଳ ହେବାକୁ ବସିଲେଣି। ଦୁଗ୍ଧ ଉତ୍ପାଦନ ବଢ଼ାଇବା ପାଇଁ ଡେଏରି ନୀତିର ଉଦ୍ୟୋଗୀକରଣ ସହ ମରୁଡ଼ି ମୁକାବିଲା, କ୍ଷୀର, ଗୋମାଂସ, ଖତ ଓ ଚମଡ଼ା ଉତ୍ପାଦଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ପାରମ୍ପରିକ ପ୍ରଜନନ ପ୍ରଣାଳୀରୁ ହଟି ହାଇବ୍ରିଡ୍ ଉପାୟରେ ପ୍ରାଣୀଙ୍କ ପ୍ରଜାତି ସୃଷ୍ଟି କରାଯିବା ଏହାର ଉଦ୍ଦେଶ୍ୟ। ଏଥିଯୋଗୁ ଗୃହପାଳିତ ପଶୁ ସେମାନଙ୍କ ଜିନ୍‌ଗତ ମୌଳିକତା ହରାଇବେ ବୋଲି ପ୍ରାଣୀଧନ ଅଧିକାର କର୍ମୀମାନେ ସମାଲୋଚନା କରୁଛନ୍ତି।




# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ

ଭୁବନେଶ୍ୱର,୨୩।୬(ଅନିଲ ଦାସ)

- ପ୍ରଥମ ହେବ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ୍‌ର ରୂପାନ୍ତର
- ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳ ବିକାଶ କରାଯିବ
- ପିଲାଙ୍କ ପାଇଁ ହେବ ପ୍ରକୃତି ଶିକ୍ଷା ସମ୍ପର୍କିତ ଆକର୍ଷଣୀୟ କେନ୍ଦ୍ର
- ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ନନ୍ଦନକାନନର ନବକଳେବର ହେବ। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ରୂପାନ୍ତର କରାଯିବ। ନୂଆ ଜୀବଜନ୍ତୁ ଆଣିବା, ଜଙ୍ଗଲ ଅଞ୍ଚଳର ବିକାଶ ସହ ଦର୍ଶକମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ସୃଷ୍ଟି କରାଯିବ। ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳକୁ ଏଥିରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ଶୁକ୍ରବାର ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତ୍ତନ ପାଇଁ ଅନେକ ପ୍ରସ୍ତାବ ରଖାଯାଇଛି। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକ୍‌ର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମେ' ୨୩ରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନୂଆ ଯୋଜନାରେ ପରିଦର୍ଶକମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରେଞ୍ଚେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିୟମ, ୱାଟର ବାର୍ଡ ଆଭିଆରି, ଦେଶ ବିଦେଶରୁ ନୂତନ ପ୍ରାଣୀ ଅଣାଯିବା, ଇମରସିଭ ଏନ୍‌କ୍ଲୋଜରସ୍ ପାଇଁ ବ୍ୟବସ୍ଥା ରହିଛି। ୨ ପର୍ଯ୍ୟାୟରେ ରୂପାନ୍ତର କାର୍ଯ୍ୟ ହେବ। ପ୍ରଥମ ପର୍ଯ୍ୟାୟ ୨୦୨୩ରୁ ୨୦୨୫ ମଧ୍ୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳର ବିକାଶ କରାଯିବ। ଏଥିରେ ରାତ୍ରି ସଫାରି ଓ ସଫାରି କମ୍ପ୍ଲେକ୍ସର ବିକାଶ କରାଯିବ। ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍‌ରେ ବିକଶିତ କରିବା ପାଇଁ ଯୋଜନା ରହିଛି। ଏଥିରେ ଆକ୍ଟିଭିଟିଭିତ୍ତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି। ଏଥିସହିତ ସିଟିଜେନ ସାଇନ୍ସ, ନୋ ୟୋର ଜ୍ରିଜ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇଣ୍ଟର୍ନସିଭ ଓ ଜୁ ଭଲ୍ୟୁଣ୍ଟିଅର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ।

ବର୍ତ୍ତମାନ ନନ୍ଦନକାନନରେ ୪୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ସମୁଦାୟ ୧୬୧ ପ୍ରଜାତିର ୪୦୧୨ ପ୍ରାଣୀ ଅଛନ୍ତି। ବର୍ତ୍ତମାନ ଦେଶବିଦେଶର ବିଭିନ୍ନ ସ୍ଥାନରୁ ଅଧିକ ପ୍ରାଣୀ ଆଣିବା ପାଇଁ ଯୋଜନା କରାଯାଇଛି। ଦେଶର ଉତ୍ତର-ପୂର୍ବ ଅଞ୍ଚଳରୁ ହୁଲୋକ ଗିବନ, ପିଗ୍‌ଟେଲ ମାକାଏ, ୱାନ ହର୍ନ ରାଇନୋସରସ, କ୍ୟାପ୍‌ଡ ଲାଙ୍ଗୁର, ସ୍ୱେକ୍ଟାକଲ୍‌ଡ ମଙ୍କି, କ୍ଲାଉଡେଡ୍ ଲିଓପାର୍ଡ ଆଦି ଆଣିବାର ପ୍ରସ୍ତାବ ରହିଛି। ସେହିପରି ଅଷ୍ଟ୍ରେଲିଆରୁ କାସୋୱାରି, କଙ୍ଗାରୁ, ୱାଲ୍‌ବି ଆଦି ଆଣିବାର ପ୍ରସ୍ତାବ ମଧ୍ୟ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଯୁଗଳ କିଶୋର ଷଡ଼ଙ୍ଗୀ ପାଇବେ 'ବାଲ୍ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର,୨୩।୬
(ଶର୍ମିଷ୍ଠା ପାଣିଗ୍ରାହୀ)

## କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ଓ ଯୁବ ପୁରସ୍କାର ଘୋଷଣା


ଡ. ଯୁଗଳ କିଶୋର ଷଡ଼ଙ୍ଗୀ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶୁକ୍ରବାର ବାଲ୍ ସାହିତ୍ୟ ପୁରସ୍କାର ଓ ଯୁବ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି। ୨୦ଜଣ ଯୁବ ଓ ୨୨ଜଣ ବାଲ୍ ସାହିତ୍ୟ ପୁରସ୍କାର ପାଇବେ। ତେବେ ଯୁବ ପୁରସ୍କାରରେ ଓଡ଼ିଶାରୁ କେହି ସ୍ଥାନ ପାଇ ନ ଥିବାବେଳେ ବାଲ୍ ପୁରସ୍କାର ପାଇବାକୁ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି। ସେ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଜେଜେଙ୍କ ଗପ ଗଣ୍ଠିଲି' ପାଇଁ ଏହି ଜାତୀୟ ପୁରସ୍କାର ପାଇବେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଏକାଡେମୀର କାର୍ଯ୍ୟକାରୀ ମଣ୍ଡଳ ଏନେଇ ଘୋଷଣା କରିଥିଲେ। ପୁରସ୍କାର ବାବଦକୁ ଲେଖକ ଷଡ଼ଙ୍ଗୀଙ୍କୁ ଏକ ତାମ୍ରଫଳକ ସହ ୫୦ ହଜାର ଟଙ୍କାର ଅର୍ଥରାଶି ଦିଆଯିବ ବୋଲି ସୂଚନା ଦିଆଯାଇଛି। ୧୯୪୬ ଡିସେମ୍ବର ୯ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ସେ ଜଣେ ଶିଶୁ ସାହିତ୍ୟିକ, ସଂସ୍କୃତି ଗବେଷକ ଭାବେ ସୁପରିଚିତ। ସାରସ୍ୱତ ସାଧନା, ଆକାଶବାଣୀ ନିମନ୍ତେ ଗୀତ ରଚନା, ପୁସ୍ତକ ପଠନ, ପାଠକ ସୃଷ୍ଟି କରିବା, ଶିଶୁ-ସାହିତ୍ୟ ସୃଜନ, ଆଲୋଚନା, ଗବେଷଣା ଆଦିରେ ସେ ରୁଚି ରଖନ୍ତି। ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ୭ଟି ପୁସ୍ତକ ପ୍ରକାଶ ହୋଇସାରିଛି। ସେଗୁଡ଼ିକ ହେଲା ଆସରେ ପିଲା ଆସ, ତୁମପାଇଁ ଏକାଙ୍କିକା, ଉଦ୍‌ଯୋଗୀ ଜନଲକ୍ଷ୍ମୀନନ୍ଦନ, ଚିଠି, ତୁମପାଇଁ କବିତା, ଦଳପତି ଚୟନ ଓ ମୁର୍ଖାନନ୍ଦ। ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଗବେଷଣାତ୍ମକ ପୁସ୍ତକ ଜୁହାରଗୋ ମା' ଦୁଆରସନୀ, ଗୀତି ସୁରଭି, ଅନ୍ଧାରରୁ ଆଲୁଅ, ନିର୍ଝରଣୀ, ଦୟାମୟୀ ମା' ଦ୍ୱାରସନୀ ଆଦି ରଚନା କରିଛନ୍ତି। କୋଶଳୀ ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କ ଦ୍ୱାରା ରଚିତ ଦୁଆରସନୀ ଭଜନ୍, ରସ୍‌କଦମ୍, ଉଜନ୍‌ବୁଲି, ଡୁରି, ଛି, ଜନ୍ ଉଦ୍‌ଲାନା ପୁସ୍ତକ ପ୍ରକାଶିତ ହୋଇଛି। ଶିକ୍ଷକତା ବୃତ୍ତିରୁ ପ୍ରଶିକ୍ଷକ ଓ ପରେ ପରିଦର୍ଶକ ଭାବେ ୨୦୦୪ରେ ଅବସର ନେଇଛନ୍ତି। ପୁରସ୍କାର ପାଇବା ପରେ ସେ ଖୁସିବ୍ୟକ୍ତ କରିବା ସହ ଦୀର୍ଘଦିନର ତପସ୍ୟା ସୁଫଳ ହୋଇଛି ବୋଲି କହିଛନ୍ତି।

# କୋଟିପତି ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ ଗିରଫ

ଭୁବନେଶ୍ୱର, ୨୩।୬
(ସତ୍ୟଜିତ୍ ରାଉତ)

## ପ୍ରକୃତ ଆୟଠାରୁ ୧୪୫% ଅଧିକ ସମ୍ପତ୍ତି ଠାବ

- ଗୁରୁବାର ଏକକାଳୀନ ୧୧ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ
- ଦୁଇ ପୁଅଙ୍କ ନାମରେ ମଧ ମାମଲା ରୁଜୁ


ଜୟନ୍ତୀ ବେହେରା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସ୍‌ଡବ୍ଲ୍ୟୁଓ) ଜୟନ୍ତୀ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗୁରୁବାରଠାରୁ ହୋଇଥିବା ଏହି ଚଢ଼ାଉ ଓ ଯାଞ୍ଚ ପରେ ଜୟନ୍ତୀ ଏବଂ ପରିବାର ସଦସ୍ୟଙ୍କ ନାମରେ ଥିବା ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୪୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଜୟନ୍ତୀ ଓ ଦୁଇ ପୁଅଙ୍କ ନାମରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୬/୨୦୨୩) ରୁଜୁ ହୋଇଛି। ତେବେ ଗିରଫ ପରେ ଅଭିଯୁକ୍ତା ଜୟନ୍ତୀଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଛତୁଆ ଯୋଗାଣରେ ଜୟନ୍ତୀ ବିଭିନ୍ନ ଯୋଗାଣକାରୀ ସଂସ୍ଥାଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଚଳିତ ମାସ ୬ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ବଦଳି ହୋଇ ସାମାଜିକ ମଙ୍ଗଳ ଅଧିକାରିଣୀ (ଏସ୍‌ଡବ୍ଲ୍ୟୁଓ) ଭାବେ କାର୍ଯ୍ୟ କରୁଥିଲେ ଜୟନ୍ତୀ ତାଙ୍କ ପୂର୍ବ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଗୁରୁବାର ଭିଜିଲାନ୍ସ ଟିମ୍ ଜୟନ୍ତୀଙ୍କ ଘର ସମେତ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୧୧ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୩ଟି ବହୁ ମହଲା ବିଶିଷ୍ଟ କୋଠା, ୨ ଫ୍ଲାଟ୍ ଓ ୮ ପ୍ଲଟ୍ ଠାବ ହୋଇଥିଲା। ସେହିପରି ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି, ଗୋଟିଏ ଚାରିଚକିଆ ଯାନ, ୨ ବାଇକ୍, ୨.୧୧୨ କେଜି ରୁପା ଅଳଙ୍କାର ଓ ୭.୩୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏସବୁ ସମ୍ପତ୍ତି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ତେବେ ଛତୁଆ ଯୋଗାଣରେ ଦୁର୍ନୀତି କରି ଜୟନ୍ତୀ ଏସବୁ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେବେ ଏହି ମାମଲାରେ ଅଧିକ ତଦନ୍ତ କରି କୋର୍ଟରେ ବଳିଷ୍ଠ ଚାର୍ଜଶିଟ୍ ଦାଖଲ କରିବାକୁ ଭିଜିଲାନ୍ସ ଲକ୍ଷ୍ୟ ରଖିଛି।



**ଆଜିର ମନ୍ତବ୍ୟ**

"ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ପରଠାରୁ ଜମ୍ମୁ-କଶ୍ମୀରର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଛି। ଉପତ୍ୟକାର ଯୁବପିଢ଼ିଙ୍କ ହାତରେ ଆଜି ଟେକା ପରିବର୍ତ୍ତେ କଲମ ଓ ଲାପ୍‌ଟପ୍ ରହିଛି। **-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗରଜିଲା ମେଘ ବରଷେ ନାହିଁ**
**ବରଷେ ଧୂଳିଆ।**
**ଧୋବ ଧୋବଳିଆ ପୋଷଇ ନାହିଁ**
**ପୋଷଇ ମୂଳିଆ।।**

ମେଘ ଗର୍ଜନ କଲେ ବଡ଼ ବର୍ଷା ହୁଏ ନାହିଁ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ। କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡ଼ବଡ଼ିଆ କିଛି କରନ୍ତି ନାହିଁ । ସେମାନେ କେବଳ ମାତ୍ର ନାମଧାରୀ। ଚାଷୀ ମୂଳିଆ ଚାଷବାସ କରି ସଭିଙ୍କୁ ଆହାର ଯୋଗାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା କଥା ଗଲାଣି**
**କିଆଁ ଲାଗିଛି ହଣାହଣି ?**

ଯାହା ଘଟିଗଲାଣି ତାକୁ ଆଳ କରି ପରସ୍ପର ମଧ୍ୟରେ ହଣାହଣି, ମରାମରି ହେବାରେ ଲାଭ କିଛି ମିଳି ନ ଥାଏ। କଥାରେ ଅଛି, ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ତଥା ଅନ୍ୟକୁ ଦୋଷାରୋପ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଆଡ଼ପମଣ୍ଡପରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ଶୁକ୍ରବାର ଶ୍ରଦ୍ଧାଳୁମାନେ ଲମ୍ୱାଧାଡ଼ିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର)

# ସାରା ଓଡ଼ିଶାରେ ପହଞ୍ଚିଲା ମୌସୁମୀ

- **ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ**
- **୪ ଦିନ ପ୍ରବଳ ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୨୩।୬(ଅନିଲ ଦାସ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ସମ୍ପୂର୍ଣ୍ଣ ଓଡ଼ିଶାରେ ପହଞ୍ଚିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଶନିବାର କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ୨୫ ତାରିଖରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ବରଗଡ଼ ଓ ଝାରସୁଗୁଡ଼ାର କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, କଟକ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଓ ନୟାଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

୨୬ ତାରିଖରେ ଅନୁଗୋଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, କଟକ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୭ ତାରିଖରେ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ୨୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଗୋପାଳପୁରରେ ୨୪.୮ ମିଲିମିଟର, ହୀରାକୁଦ ୪୪.୨, ତାଳଚେର ୧୨, ଭବାନୀପାଟଣା ୧୨, କୋରାପୁଟ ୪୨.୫, ଫୁଲବାଣୀ ୩୯.୨, ମାଲକାନଗିରି ୪୯.୪, ଦାରିଙ୍ଗବାଡ଼ି ୧୬, ଛତ୍ରପୁର ୫୦.୪, ବୌଦ୍ଧ ୨୧, ପାରଳାଖେମୁଣ୍ଡି ୧୮.୮, ରାୟଗଡ଼ା ୧୬.୨, ଭଦ୍ରକ ୨୮.୩ ଏବଂ ଢେଙ୍କାନାଳରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଶାଶୁବୋହୂଙ୍କ ଜୀବନ ଗଲା

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ତାବତଇଲା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୋହୂ ପଦ୍ମିନୀ ମିର୍ଦ୍ଧା(୩୫) ଓ ଶାଶୁ ସତ ମିର୍ଦ୍ଧାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଗ୍ରାମ ତଥା ପାଖ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଯୁଯୁମୁରା ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସକାଳ ପ୍ରାୟ ୮ଟା ସମୟରେ ସତ ବଲ୍‌ବ ଜଳାଇବା ପାଇଁ ବାରିପଟେ ଥିବା ବିଦ୍ୟୁତ୍ ତାର ସହ ଅନ୍ୟ ତାର ସଂଯୋଗ କରିବାକୁ ଆସିଥିଲେ। ହେଲେ ହଠାତ୍ ବିଦ୍ୟୁତ୍ ତାରରେ ଲାଗିଯାଇ ଚିତ୍କାର କରିଥିଲେ। ଏହା ଶୁଣି ପାଖରେ ଥିବା ବୋହୂ ପଦ୍ମିନୀ ଦୌଡ଼ି ଆସି ଶାଶୁଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ମଧ୍ୟ ତାରରେ ଲଟକିଯାଇଥିଲେ। ଦୁର୍ଘଟଣା ପରେ ଉଭୟେ ଅଚେତ ହୋଇ ସେଠାରେ ପଡ଼ିଯାଇଥିଲେ। ଏହି ସମୟରେ ପାଖରେ ଥିବା ୨ବର୍ଷର ଶିଶୁକନ୍ୟା ଘର ବାହାରକୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ପରେ ପରିବାରବର୍ଗ ଆସି ଉଭୟଙ୍କୁ ଯୁଯୁମୁରା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ଭିମ୍‌ସାରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାମାନ୍ୟ ଅବହେଳା ପାଇଁ ୨ ଗୋଟି ଜୀବନ ଚାଲିଗଲା ବୋଲି ଆଲୋଚନା ହେଉଛି।

ପ୍ରଥମ ପୃଷ୍ଠାରୁ...

## ଅତିରିକ୍ତ ଉପଜିଲାପାଳଙ୍କ ...



ଅତିରିକ୍ତ ଉପଜିଲାପାଳଙ୍କ ଘରୁ ଜବତ ହୋଇଥିବା ଟଙ୍କା ।

- **ନବରଙ୍ଗପୁର, ଭୁବନେଶ୍ୱର, ଭଦ୍ରକର ୯ ସ୍ଥାନରେ ଚଢ଼ାଉ**
- **୫ ପ୍ଲଟ୍ , ବ୍ୟାଙ୍କ-ଜୀବନବୀମା ଜମା ୪୧ ଲକ୍ଷ, ପିଲାଙ୍କ ପଢ଼ାଖର୍ଚ୍ଚ ୮୭ ଲକ୍ଷ**
- **୨୦୧୮ରେ ୧ ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇଥିଲେ**
- **ନିଲମ୍ବିତ ପରେ ବି ପଦୋନ୍ନତି ପାଇଥିଲେ**

୨ ଲକ୍ଷ ୩୦ ହଜାର ୮୦୦ଟଙ୍କା, ବିପୁଳ ସୁନା ଓ କୋଟି କୋଟି ଟଙ୍କାର ସମ୍ପତ୍ତି ପାଇବା ପରେ ଅଧିକ ଖୋଳତାଡ଼ ଚଳାଇଛନ୍ତି। ତେବେ ୫ ବର୍ଷ ତଳେ ପ୍ରଶାନ୍ତ ବିଡିଓ ଥିବାବେଳେ ଲାଞ୍ଚ ନେଇ ଗିରଫ ହୋଇଥିଲେ। ଏବେ ସେ ପୁଣି ଭିଜିଲାନ୍ସ ଜାଲରେ ଧରାପଡ଼ିଥିବାରୁ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଭୁବନେଶ୍ୱର କାନନବିହାରସ୍ଥିତ ଘରୁ ନଗଦ ୨ କୋଟି ୧୩ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଓ ନବରଙ୍ଗପୁରସ୍ଥିତ ବାସଭବନରୁ ୮୮ ଲକ୍ଷ ୯୩ ହଜାର ୩୦୦ ଟଙ୍କା ମିଳିଛି। ଭୁବନେଶ୍ୱର ଘରୁ ମିଳିଥିବା ଟଙ୍କାକୁ ସେ ୬ଟି ପେଟି ଓ ବହି ଥାକରେ ଲୁଚାଇ ରଖିଥିଲେ। ଏସବୁ ଗଣିବାକୁ ଭିଜିଲାନ୍ସ ଟିମ୍‌କୁ ଟଙ୍କା ଗଣା ମେସିନ୍‌ର ଆବଶ୍ୟକତା ପଡ଼ିଥିଲା। ସେହିପରି କାନନବିହାରସ୍ଥିତ ୧୯୪୨ ବର୍ଗଫୁଟରେ ଥିବା ଦୁଇ ମହଲା କୋଠା, କଟକର- ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ୪ ପ୍ଲଟ୍ ଓ ନବରଙ୍ଗପୁରରେ ଗୋଟିଏ ବେନାମି ପ୍ଲଟ୍ ଠାବ ହୋଇଛି। ଅନ୍ୟପକ୍ଷରେ ବ୍ୟାଙ୍କ ଓ ଜୀବନବୀମା ଜମା ୪୧ ଲକ୍ଷ ଟଙ୍କା, ୩୭ ଲକ୍ଷ ଟଙ୍କାର ୨ଟି ଚାରିଚକିଆ ଯାନ ଓ ଗୋଟିଏ ଦୁଇଚକିଆ ଯାନ, ୨୧.୩୫ ଲକ୍ଷ ଟଙ୍କାର ସୁନା-ରୁପା ଅଳଙ୍କାର ଓ ଘରୋଇ ସାମଗ୍ରୀକୁ ସମ୍ପତ୍ତି ତାଲିକାରେ ଯୋଡିଛି ଭିଜିଲାନ୍ସ। ଅନ୍ୟପକ୍ଷରେ ପ୍ରଶାନ୍ତ ଏକାଧିକ ବେନାମୀ ଆକାଉଣ୍ଟରେ ଟଙ୍କା ମଧ୍ୟ ଜମା କରିଛନ୍ତି। ଏଥିମଧ୍ୟରୁ ଭୁବନେଶ୍ୱରସ୍ଥିତ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କରେ ୨୦୧୯ ମସିହାରୁ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ହୋଇଥିବା ପ୍ରମାଣ ମିଳିଛି। ଅନ୍ୟପକ୍ଷରେ ପ୍ରଶାନ୍ତ ତାଙ୍କ ଝିଅଙ୍କ ମେଡିକାଲ ପାଠ ଓ ପୁଅଙ୍କ ପାଠପଢ଼ାରେ ମଧ୍ୟ ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ନଗଦ ଟଙ୍କା ସମେତ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୮ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ଆକଳନ କରୁଛି। ତେବେ ବଡ଼ କଥା ହେଲା ଚଢ଼ାଉ ସମୟରେ କାନନବିହାରସ୍ଥିତ ଘରୁ କେହି ପଡ଼ୋଶୀଙ୍କ ଛାତକୁ କିଛି ଟଙ୍କା ପେଟି ଫୋପାଡ଼ି ଦେଇଥିବା କୁହାଯାଉଛି। ଚଢ଼ାଉ ଜାରି ରହିଥିବାବେଳେ ପ୍ରଶାନ୍ତଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାନ୍ତ ୧୯୯୬ ଜୁଲାଇ ୧ରେ ଓଏଏସ୍ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେ କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ବରଗଡ଼ରେ ତହସିଲଦାର ଓ ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରେ ବିଡିଓ ଭାବେ କାର୍ଯ୍ୟ କରିଥିଲେ। ୨୦୧୮ ନଭେମ୍ବର ୬ରେ ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ୍‌ର ବିଡିଓ ଥିବାବେଳେ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର (ପିଇଓ)ଙ୍କଠାରୁ ୧ ଲକ୍ଷ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ। ପରେ ସେ ଗିରଫ ହୋଇ ଜେଲ ମଧ୍ୟ ଯାଇଥିଲେ। ତେବେ ଏଥିପାଇଁ ତାଙ୍କୁ ୨୦୨୦ ଜାନୁୟାରୀ ୧୮ ପର୍ଯ୍ୟନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହି ନିଲମ୍ବନ ଉଠିବା ପରେ ପ୍ରଶାନ୍ତ ପଦୋନ୍ନତି ପାଇ ନବରଙ୍ଗପୁରର ଅତିରିକ୍ତ ଉପ-ଜିଲାପାଳ ଭାବେ କାର୍ଯ୍ୟ ଜାରି ରଖିଥିଲେ। ତେବେ ଥରେ ଦୁର୍ନୀତିର ପ୍ରମାଣ ମିଳିବା ପରେ ମଧ୍ୟ ପ୍ରଶାନ୍ତ କିପରି ପଦୋନ୍ନତି ପାଇଥିଲେ ବୋଲି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତେବେ ସେ ବାଲି, ଜମି ମାଫିଆ ଓ ଠିକାଦାରଙ୍କଠାରୁ ବିପୁଳ ପରିମାଣର ଲାଞ୍ଚ ନେଇ ସରକାରୀ ସମ୍ପତ୍ତି ହରିଲୁଟ୍ କରିବାକୁ ସୁଯୋଗ ଦେଉଥିଲେ ବୋଲି ଭିଜିଲାନ୍ସ ଜାଣିବା ପରେ ସେସବୁ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି। ତେବେ ଏହି ଚଢ଼ାଉରେ ଭିଜିଲାନ୍ସର ଦୁଇଜଣ ଅତିରିକ୍ତ ଏସ୍‌ପି, ୭ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ଆଜିଠୁ ମିଳିବ ମାଟ୍ରିକ ପ୍ରମାଣପତ୍ର

## ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏ ସେଣ୍ଟର

କଟକ,୨୩।୬(ସୁପ୍ରିୟା ପ୍ରିୟଦର୍ଶିନୀ)- ରାଜ୍ୟରେ ଚଳିତବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପ୍ରମାଣପତ୍ର ମିଳିବ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶନିବାର ଏହା ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଜିଲାରେ ବୋର୍ଡ ପକ୍ଷରୁ ଗୋଟିଏ ଲେଖାଏ ସେଣ୍ଟର କରାଯାଇଛି। ୨୪ ଏବଂ ୨୫ ତାରିଖ ଦୁଇଦିନ ମଧ୍ୟରେ ସ୍କୁଲଗୁଡିକର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କର ପ୍ରମାଣପତ୍ର ଉକ୍ତ ସେଣ୍ଟରରୁ ନେଇପାରିବେ। ଏହି କାର୍ଯ୍ୟର ତଦାରଖ କରିବାକୁ ବୋର୍ଡ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ କୁହାଯାଇଛି। ଯଦି ସାର୍ଟିଫିକେଟରେ କୌଣସି ତ୍ରୁଟିଥାଏ, ତାହେଲେ ଏହାକୁ ସଂଶୋଧନ କରାଯାଇପାରିବ। ଆସନ୍ତା ଜୁଲାଇ ୫ରୁ ୧୪ ତାରିଖ ମଧ୍ୟରେ ବୋର୍ଡ ଦ୍ୱାରା ସଂଶୋଧନ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଏବଂ ଦେୟ ଦାଖଲ କରି ସଂଶୋଧିତ ପ୍ରମାଣପତ୍ର ପାଇପାରିବେ ବୋଲି ସୂଚନା ମିଳିଛି।

## ଏକାଠି ଲଢ଼ିବେ ...

ପ୍ରଥମ ପୃଷ୍ଠାରୁ...

କରାଯିବ। ଆଗକୁ କିପରି ବଢ଼ିହେବ ସେନେଇ ନିଷ୍ପତ୍ତି ନିଆଯିବ। ପ୍ରତ୍ୟେକ ରାଜ୍ୟ ପାଇଁ ପୃଥକ୍ ଯୋଜନା କରିବାକୁ ପଡ଼ିବ। ଆମେ ମିଳିତ ଭାବେ କାର୍ଯ୍ୟ କରିବୁ ଏବଂ ଭାଜପାକୁ କେନ୍ଦ୍ରରୁ ହଟାଇଦେବୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ଆମ ଭିତରେ କେତେକ ମତଭେଦ ଥାଇପାରେ। କିନ୍ତୁ ଆମେ ନମନୀୟ ହୋଇ ଏକାଠି ଲଢ଼ିବୁ ଏବଂ ନିଜ ବିଚାରଧାରାକୁ ସୁରକ୍ଷା ଦେବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ କହିଥିଲେ, ପାଟନାରୁ ଆରମ୍ଭ ହୋଇଥିବା ପ୍ରଥମ ବୈଠକ ଜନ ଆନ୍ଦୋଳନର ରୂପ ନେବ। କେନ୍ଦ୍ରରେ ଏକଛତ୍ରବାଦୀ ଏନ୍‌ଡିଏ ସରକାର କ୍ଷମତାକୁ ଫେରିଲେ ଭବିଷ୍ୟତରେ ଆଉ ନିର୍ବାଚନ ହେବ ନାହିଁ। ଆମେ ସମସ୍ତେ ଏକ ହୋଇଛୁ ଏବଂ ଭାଜପା ବିରୋଧରେ ମିଳିତ ଭାବେ ଲଢ଼େଇ କରିବୁ। ଭାଜପା ଇତିହାସ ବଦଳାଇବାକୁ ଚାହୁଁଛି, କିନ୍ତୁ ଆମେ ଇତିହାସର ସୁରକ୍ଷା ସୁନିଶ୍ଚିତ କରିବୁ। ସେହିପରି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଥିଲେ, ଜୟପ୍ରକାଶ ନାରାୟଣ (ଜେପି) ଆନ୍ଦୋଳନ ଭଳି ବିରୋଧୀ ସାମ୍ମୁଖ୍ୟ ଜନସାଧାରଣଙ୍କ ଆଶୀର୍ବାଦ ପାଇବ। ଦେଶକୁ ବଞ୍ଚାଇବାକୁ ହେଲେ ମିଳିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ଏହା ହେଉଛି ପାଟନା ବୈଠକର ସ୍ପଷ୍ଟ ସନ୍ଦେଶ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନଙ୍କ ମତରେ ଏହି ଆରମ୍ଭ ଦେଶ ପାଇଁ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ସବୁ ନେତା ସକାରାତ୍ମକ ଚିନ୍ତା ନେଇ ଆଗକୁ ବଢ଼ିବେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ କହିଥିଲେ, ବିରୋଧୀ ମିଳିତ ଭାବେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବିରୋଧରେ ଲଢ଼େଇ କରନ୍ତୁ ବୋଲି ଦେଶବାସୀ ଚାହୁଁଛନ୍ତି। ଭାରତ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ଚନ୍ଦନକାଠ ବାଣ୍ଟୁଛନ୍ତି। ମୁଁ ଏବେ ସୁସ୍ଥ ଅଛି ଏବଂ ତାଙ୍କୁ ମୁକାବିଲା କରିପାରିବି। ଏହି ଅବସରରେ ଲାଲୁ ରାହୁଲଙ୍କୁ ମଜାରେ କହିଥିଲେ, ବିଳମ୍ବ ହୋଇନାହିଁ। ଏବେ ବି ସମୟ ଅଛି, ବାହା ହୋଇଯାଆନ୍ତୁ। ରାହୁଲ ଉତ୍ତର ରଖିଥିଲେ, ଆପଣ କହିଲେଣି ମାନେ ବିବାହ କରିବି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଥିଲେ, କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୧୭ ଦଳ 'କ୍ଷମତା ପାଇଁ ନୁହେଁ, ବରଂ ସିଦ୍ଧାନ୍ତକୁ ନେଇ' ଏକାଠି ହୋଇଛୁ। ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ନେତା ସୀତାରାମ ୟେଚୁରୀ ଭାଜପାର ୯ ବର୍ଷ ଶାସନ ଦେଶ ଓ ସମ୍ବିଧାନ ପାଇଁ ବିପର୍ଯ୍ୟୟ ସୃଷ୍ଟିକାରୀ ହୋଇଥିବା ଅଭିଯୋଗ ଆଣିଥିଲେ। ଆମେ ଗାନ୍ଧିଜୀଙ୍କ ଭାରତକୁ ଗୋଡ୍‌ସେଙ୍କ ଦେଶରେ ପରିଣତ ହେବାକୁ ଦେବୁନାହିଁ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ପ୍ରକାଶ କରିଥିଲେ। ବୈଠକରେ ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା-ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେ, ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେ, ପଞ୍ଜାବ ମୁଖ୍ୟମନ୍ତ୍ରୀ (ଏଏପି ନେତା) ଭଗୱନ୍ତ ମାନ୍, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ନେତା ଡି. ରାଜା ଏବଂ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଯୋଗଦେଇଥିଲେ। ଅନ୍ୟପକ୍ଷେ ୨ ଦିନିଆ ଜମ୍ମୁ ଗସ୍ତରେ ଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ପାଟନାରେ ଆଜି ଏକ ଫଟୋ ସେସନ୍ ଚାଲିଛି। ଯେତେ ଦଳ ଏକତ୍ରିତ ହେଲେ ମଧ୍ୟ ସେମାନେ କେବେହେଲେ ଏକାଠି ହୋଇପାରିବେ ନାହିଁ। ପ୍ରଧାନମନ୍ତ୍ରୀ ମୋଦି ୨୦୨୪ରେ ୩୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରି ପୁଣି ସରକାର ଗଢ଼ିବେ ଏବଂ ପୁନର୍ବାର ପ୍ରଧାନମନ୍ତ୍ରୀ ହେବେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ବିରୋଧୀ ମହାମେଳିକୁ 'ଅନେକ ମୁଣ୍ଡିଆଳ ଥିବା ସ୍ୱାର୍ଥପର ମେଣ୍ଟ' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହି ଦଳଗୁଡ଼ିକ ଯେତେବେଳେ ବି ଏକାଠି ହୁଅନ୍ତି ସେମାନେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣରେ ମାତି ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦିଅନ୍ତି। ଏଏପି ଆରମ୍ଭରୁ ବ୍ଲାକ୍‌ମେଲିଂ କରିବାରେ ଲାଗିଛି। ଏଥିରୁ ଏହି ଅପବିତ୍ର ମେଣ୍ଟର ଭବିଷ୍ୟତ ଜଳଜଳ ଦେଖାଯାଉଛି। ପ୍ରକାଶ ଯେ, ବର୍ତ୍ତମାନ ଲୋକ ସଭାରେ ୫୪୩ ଆସନ ମଧ୍ୟରୁ ଏହି ଦଳଗୁଡ଼ିକର ମିଳିତ ଆସନ ସଂଖ୍ୟା ୨୦୦ରୁ କମ୍। ୧୭ ଦଳର ନେତାମାନେ ୩୦୦ରୁ ଅଧିକ ଆସନ ଦଖଲ କରି ନିରଙ୍କୁଶ କ୍ଷମତା ଉପଭୋଗ କରୁଥିବା ଭାଜପା ବିରୋଧରେ ଗୋଟିଏ ଟେବୁଲରେ ଏକାଠି ହୋଇଛନ୍ତି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ୨୦୧୯ରେ ପ୍ରାୟ ୫୦ ଆସନରେ ବିଜୟୀ ହୋଇଥିଲା, ଯାହାକି ୨୦୧୪ ଲୋକ ସଭା ନିର୍ବାଚନର ୪୪ ତୁଳନାରେ ସାମାନ୍ୟ ଅଧିକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ଉଚ୍ଚପ୍ରଶଂସିତ ହେବେ। ଦୀର୍ଘଦିନରୁ ପରସ୍ପର ପଡ଼ୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିପାରେ। ପ୍ରିୟବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟାର ସୂଚନା ରହିଛି। ସ୍ଥଗିତ କାମକୁ କଷ୍ଟ ସ୍ୱୀକାର କରି ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି।

**ବୃଷ**
ବିଭିନ୍ନ ପ୍ରକାର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଖୁସି ହେବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କୁ ମିଠା କଥା ଦ୍ୱାରା ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ**
ଅସୁବିଧାବଶତଃ ଅତ୍ୟାବଶ୍ୟକ କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହିକଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ବନ୍ଧୁଙ୍କ ସହ ଆଳାପରେ ଅଧିକାଂଶ ସମୟ କଟାଇବେ। ଯାନବାହନ, ଜମିଜମା, ଗୃହସୀମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ**
କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ ଏବଂ କୃତକାର୍ଯ୍ୟ ମଧ୍ୟ ହେବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ**
ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କନ୍ୟା**
ଅତି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ପୂର୍ବ ଯୋଜନାନୁଯାୟୀ ଆତ୍ମୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା**
କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ବାଣିଜ୍ୟ, ପରିବହନ, ପ୍ଲଟିଂ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା**
ଆଜି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ। ପାରିବାରିକ ସମସ୍ୟା ସକାଶେ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ**
ଛୋଟ ଛୋଟ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର**
ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିପାରନ୍ତି। ବିଳମ୍ବରେ କାମଗୁଡ଼ିକ ସମ୍ପନ୍ନ ହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ପରିଜନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**
ଯେଉଁ କାମ ହାତକୁ ନେଇଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କରିବେ।

**ମୀନ**
ପାରିବାରିକ ସ୍ଥିତିରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରେ।

ଆଜି ହେରାପଞ୍ଚମୀ,ଆଷାଢ଼ ଶୁକ୍ଳ ଷଷ୍ଠୀ, ଶନିବାର, ଜୁନ୍ ୨୪ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୦ ଗତେ ଘ.୧୨।୧୫ ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୧ ଗତେ ଘ.୧୦।୧୦ ମଧ୍ୟେ ରାହୁକାଳ ।

# ଆପଣାର ମଣିଷ ଡା. ଜଗନ୍ନାଥ ମହାପାତ୍ର

**ଏକାଦଶାହ ଉପଲକ୍ଷେ**

ସମସ୍ତଙ୍କୁ ଶ୍ରଦ୍ଧା କରିବା, ସମସ୍ତଙ୍କୁ ଆପଣାପଣର ଡୋରିରେ ବାନ୍ଧି ରଖିବାରେ ସେ ଟିକେ ବି ଊଣା କରନ୍ତି ନାହିଁ। ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ହେଲେ ବି ଅହମିକା କେବେହେଲେ ତାଙ୍କୁ ଛୁଇଁପାରି ନ ଥିଲା। ସଂସ୍କୃତି ଓ ପରମ୍ପରାର ସେ ଜଣେ ପୂଜକ ଥିଲେ। ପରୋପକାର କରିବାରେ ଅସୀମ ଆନନ୍ଦ ପାଉଥିଲେ। 'ଅସୁବିଧାରେ ଲୋକଙ୍କ ପାଖରେ ଠିଆହେବା ଦୟା କରିବା ନୁହେଁ ବରଂ ସମାଜ ତୁମକୁ ଦେଇଥିବା ଦାନକୁ କିଛି ଶୁଝିବା' ବୋଲି ସେ ସବୁବେଳେ କହୁଥିଲେ। ସମସ୍ତଙ୍କ ପାଇଁ ଅତି ଆପଣାର ମଣିଷ ଥିଲେ ଡା.ଜଗନ୍ନାଥ ମହାପାତ୍ର।



ଡା.ଜଗନ୍ନାଥ ମହାପାତ୍ର

ସେବା ମନୋବୃତ୍ତି ତ ତାଙ୍କ ଭିତରେ ଜନ୍ମରୁ ଥିଲା, କିନ୍ତୁ ଏହାବାଦ ତାଙ୍କ ଭିତରେ ଅନେକ ପ୍ରତିଭା ଲୁଚି ରହିଥିଲା। ସେ ଜଣେ ଭଲ ଅଭିନେତା, କ୍ରୀଡ଼ାବିତ୍ ଏବଂ ତତ୍‌ସହିତ ଆଦର୍ଶ ରାଜନେତା ମଧ୍ୟ ଥିଲେ। ସଫଳ ସଙ୍ଗଠକ ଭାବେ ସେ ଶହୀଦ ନଗର ଦୁର୍ଗାପୂଜା ସମିତି ଭଳି ଅନେକ ସଙ୍ଗଠନ ସହିତ ଜଡ଼ିତ ଥିଲେ। ଜୀବନର ସଂଘର୍ଷକୁ ସାମ୍ନା କରିବାର କୌଶଳ ତାଙ୍କୁ ବେଶ୍ ଜଣାଥିଲା। ଜଣେ ଡାକ୍ତର ଭାବରେ ହେଉ, ସମାଜସେବୀ, ସଙ୍ଗଠକ କିମ୍ବା ରାଜନୀତିଜ୍ଞ ସବୁ କାର୍ଯ୍ୟକୁ ସେ ନିଷ୍ଠାର ସହ ନିର୍ବାହ କରୁଥିଲେ। ଭୁବନେଶ୍ୱର ମ୍ୟୁନିସିପାଲିଟିର ସେ ଶେଷ ଅଧ୍ୟକ୍ଷ ଥିଲେ। କାରଣ ତାଙ୍କ ପରେ ଏହା ମହାନଗର ନିଗମରେ ପରିଣତ ହେଲା ଏବଂ ଅଧ୍ୟକ୍ଷ ବଦଳରେ ମେୟରମାନେ ନିର୍ବାଚିତ ହେଲେ। ୧୯୯୯ ମହାବାତ୍ୟା ସମୟରେ ବାତ୍ୟାବିଧ୍ୱସ୍ତ ଭୁବନେଶ୍ୱରର ଦାୟିତ୍ୱ ନିର୍ବାହ କରିବା ତାଙ୍କ ପାଇଁ ବହୁତ କଷ୍ଟକର ଥିଲେ ମଧ୍ୟ ସେ ତାହାକୁ ସାହସିକ ପଦକ୍ଷେପ ନେଇ ସଫଳ ଭାବରେ ସାମ୍ନା କରିଥିଲେ। ଭୁବନେଶ୍ୱର ପାଇଁ ଅଧ୍ୟକ୍ଷ ଭାବରେ ସେ ଯଥାସମ୍ଭବ ଉନ୍ନୟନମୂଳକ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇପାରିଥିଲେ।

ପିଲା, ବଡ଼ ସମସ୍ତଙ୍କ ସହିତ ମିଶିଯିବାର ସ୍ୱଭାବ ଏବଂ ମଜାଳିଆ ମିଜାଜ ତାଙ୍କୁ ସମସ୍ତଙ୍କର ନିକଟତର କରିପାରିଥିଲା। ସେ ଜଣେ ସ୍ୱତନ୍ତ୍ର ମଣିଷ ଥିଲେ। ଆଜିକାଲିର ବସ୍ତୁବାଦୀ ଦୁନିଆରେ ତାଙ୍କ ଭଳି ମଣିଷ ମିଳିବା ଖୁବ୍ ବିରଳ। ଏମିତିରେ ଡାକ୍ତରମାନଙ୍କ କ୍ଷେତ୍ରରେ ଦିନ ହେଉ ବା ରାତି, ସେବା ହିଁ ପରମ ଧର୍ମ ଥାଏ। ମାତ୍ର ତା' ବାହାରକୁ ଯାଇ ସମାଜର ସେବା କରିବା ତାଙ୍କ ଭଳି ଜଣେ ବିରଳ ମଣିଷଙ୍କ କ୍ଷେତ୍ରରେ ହିଁ ଘଟିପାରେ। ପରିବାର, ଭାଇବନ୍ଧୁଙ୍କ କଥା ତ ସେ ବୁଝୁଥିଲେ, ତା' ସହିତ ଯିଏ ତାଙ୍କ ନିକଟରେ ପହଞ୍ଚି ଯାଉଥିଲେ ତାଙ୍କୁ ସେ ନିଜର କରି ନେଉଥିଲେ, ନିଜର ପରିବାର ସଦସ୍ୟ ଭଳି ଭାବୁଥିଲେ ଏବଂ ଯଥାସମ୍ଭବ ସାହାଯ୍ୟ କରୁଥିଲେ। ପରିବାର କଥା ପଛେ, ତାଙ୍କୁ ଭଲ ପାଉଥିବା ମଣିଷଟି କଥା ଆଗେ, ଏହା ଥିଲା ତାଙ୍କ ଜୀବନର ମନ୍ତ୍ର। ଏଥିପାଇଁ ତାଙ୍କୁ ଅନେକ ତ୍ୟାଗ କରିବାକୁ ପଡ଼ିଛି। ସେ କିନ୍ତୁ ଅବିଚଳିତ ଭାବରେ ନିଜ କାର୍ଯ୍ୟରୁ କେବେ କ୍ଷାନ୍ତ ହୋଇ ନାହାନ୍ତି। ଜଣେ ସଫଳ ଡାକ୍ତର ଭାବେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ଶହୀଦନଗରଠାରେ ନିଜର କ୍ଲିନିକ୍ କରି ଜୀବନର ଶେଷ ପର୍ଯ୍ୟନ୍ତ ରୋଗୀ ସେବାରେ ନିୟୋଜିତ ଥିଲେ। ତାଙ୍କ ଭଳି ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳ, କର୍ତ୍ତବ୍ୟପରାୟଣ ମଣିଷ ସମାଜରେ ଜନ୍ମନେବା ଖୁବ୍ ବିରଳ।

ଛାତ୍ର ଜୀବନରୁ ଡା. ମହାପାତ୍ରଙ୍କ ସହିତ ମୋର ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ଆମେ ଥିଲୁ ସମବୟସ୍କ ଏବଂ ମୁଁ ଯେତେବେଳେ ରେଭେନ୍‌ଶା କଲେଜରେ ପଢୁଥିଲି ସେ ସେତେବେଳେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ଥିଲେ। ମୁଁ ୧୯୬୪ ମସିହା ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ବେଳେ ସେ ଆମକୁ ବହୁ ଭାବରେ ସହଯୋଗ କରୁଥିଲେ। ଜଣେ ସାଥୀ ଭାବରେ, ଜଣେ ବନ୍ଧୁ ଭାବରେ ସେ ସବୁବେଳେ ମୋ ପାଇଁ ଖୁବ୍ ଆପଣାର ମଣିଷ ଥିଲେ। ରାଜନୈତିକ କାର୍ଯ୍ୟ ହେଉ କିମ୍ବା ସାମାଜିକ ସବୁବେଳେ ସେ ମୋ ସହିତ ସୁସମ୍ପର୍କ ରଖୁଥିଲେ ଏବଂ ପରାମର୍ଶ ଲୋଡୁଥିଲେ। ତାଙ୍କ ଧର୍ମପତ୍ନୀ ଏବଂ ପିଲାମାନଙ୍କର ମଧ୍ୟ ଆମ ପରିବାର ସହିତ ସୁସମ୍ପର୍କ ଆଜି ପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି।

ବିଧିର ବିଧାନ ବଡ଼ ବିଚିତ୍ର। କେତେବେଳେ କାହାକୁ କେଉଁଠି ନେଇ ଛିଡ଼ା କରିବ ତାହା ସେଇ ବିଧାତା ହିଁ ଜାଣେ। ଆଜି ସେଇ ବିଶ୍ୱନିୟନ୍ତାଙ୍କ ଡାକରାରେ ବନ୍ଧୁ ଡା. ଜଗନ୍ନାଥ ମହାପାତ୍ର ଆମମାନଙ୍କୁ ଛାଡ଼ି ପରପାରିକୁ ଗମନ କରିଛନ୍ତି, ଏହା ବିଶ୍ୱାସ ହେଉ ନ ଥିଲେ ମଧ୍ୟ ଚିର ସତ୍ୟ। ତାଙ୍କ ବିୟୋଗ ଫଳରେ ମୁଁ ମୋର ଜଣେ ପ୍ରିୟ ବନ୍ଧୁଙ୍କୁ ହରାଇଲି। ଏହା ମୋ ପାଇଁ ଏକ ବ୍ୟକ୍ତିଗତ କ୍ଷତି। ସମାଜ ପାଇଁ ସେ ଥିଲେ ଜଣେ ମଣି ସଦୃଶ, ତେଣୁ ସମାଜର ବହୁତ କ୍ଷତି ହେଲା। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି। ଆଗାମୀ ପିଢ଼ି ତାଙ୍କ କର୍ତ୍ତବ୍ୟ ପଥକୁ ଅନୁସରଣ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ ଆଗେଇ ଆସନ୍ତୁ ଏହା ହିଁ କାମନା କରୁଛି।

**– ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ, ଓଡ଼ିଶା**

# ଖୋଲିଲା ଏଜୁକେଶନାଲ ଇ-ଷ୍ଟୁଡିଓ

**ବାରିପଦା, ୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।।

**ରାଜ୍ୟରେ ପ୍ରଥମ**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟର ପ୍ରଥମ ଏଜୁକେଶନାଲ ଇ-ଷ୍ଟୁଡିଓର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଭାବବିନିମୟ କରିଥିଲେ। ଶିକ୍ଷଣ ପ୍ରକ୍ରିୟାକୁ ସମୟ ଉପଯୋଗୀ ତଥା ସହଜ, ସରଳ ଓ ସାବଲୀଳ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହାଦ୍ୱାରା ୫-ଟି ଦ୍ୱାରା ରୂପାନ୍ତରିତ ଜିଲାର ୫୮୧ ହାଇସ୍କୁଲ ସହିତ ୨୬ଟି ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ ୧୭୫୫ଟି ସ୍ମାର୍ଟ କ୍ଲାସରୁମ ମାଧ୍ୟମରେ ୭୮ହଜାର ୯୫୫ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିପାରିବେ। ସେହିପରି ପ୍ରାଥମିକ ସ୍ତରରେ ଥିବା ଜିଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସହିତ ୧୪୧ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୪୯ ବିଦ୍ୟାଳୟ ସଂଲଗ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଏହି ସେବା ସମ୍ପ୍ରସାରିତ କରାଯିବ। ଏଥିଲାଗି ରାଜ୍ୟ ସରକାର ୫୯୦ଟି ଟେଲିଭିଜନ ସେଟ୍ ଯୋଗାଇ ଦେଇଥିବା ସୂଚନା ମିଳିଛି।

ଏହି ଏଜୁକେଶନାଲ ଇ-ଷ୍ଟୁଡିଓ ଦ୍ୱାରା ବିଷୟଭିତ୍ତିକ ଜ୍ଞାନ, ଅଭିଜ୍ଞତା ଓ ଦକ୍ଷତା ହାସଲ ନିମନ୍ତେ ସମ୍ବଳ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜାତୀୟ ଶିକ୍ଷାନୀତି ଆଧାରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସୃଜନାତ୍ମକ ଶୈଳୀରେ ପ୍ରସାରଣ କରାଯିବ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ନିରବଚ୍ଛିନ୍ନ ଶିକ୍ଷାର ପ୍ରଚାର ଓ ପ୍ରସାର ଲାଗି ସହାୟ ହେବା ସହିତ ଏହା ଏକ ଯୁଗୋପଯୋଗୀ ପଦକ୍ଷେପ ବୋଲି ମନ୍ତ୍ରୀ ମାର୍ଣ୍ଡି କହିଛନ୍ତି। ଏହି ଷ୍ଟୁଡିଓର ସମସ୍ତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ମୟୂରଭଞ୍ଜ ନାମକ ୟୁଟ୍ୟୁବ ପୋର୍ଟାଲରେ ପ୍ରସାରଣ ହେବା ସହିତ ସବୁଦିନ ଲାଗି ରେକର୍ଡ ହୋଇରହିବ। ମୟୂରଭଞ୍ଜ ଜିଲା ପ୍ରଶାସନର ଏହି ଅଭିନବ ପଦକ୍ଷେପକୁ ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହିତ ସାରା ରାଜ୍ୟରେ ଏଭଳି ଇ-ଷ୍ଟୁଡିଓ ପ୍ରସ୍ତୁତ କରିବା ସକାଶେ ପଦକ୍ଷେପ ନେବା ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ଅଧିକାରୀ ତଥା ଜିଲା ଶିକ୍ଷାଧିକାରୀ ନବ ଚରଣ ଗିରି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଡିଏମ୍‌ଏଫ୍ ପାଣ୍ଠିରୁ ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଇ-ଷ୍ଟୁଡିଓ ନିର୍ମାଣ କରାଯାଇଛି।

# ବୃଦ୍ଧଙ୍କୁ ଦାନ୍ତରେ ଭୁସି ମାରିଦେଲା

**ସାତମାଇଲ, ୨୩।୬(ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡରେ ଗୋଠଛଡ଼ା ଦନ୍ତା ଆକ୍ରମଣଜନିତ ମୃତ୍ୟୁରେ ବ୍ରେକ୍ ଲାଗୁନାହିଁ। ବାଲିମୀ ଥାନା ମହାଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ମଗୁବେରେଣି ଗ୍ରାମରେ ଶୁକ୍ରବାର ଭୋର୍ ସମୟରେ ହାତୀ ଦାନ୍ତରେ ଭୁସି ଦଳିଦେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହେବ ରାଉତ (୭୮)। ଏହାକୁ ମିଶାଇ ଗତ ୨ ମାସ ମଧ୍ୟରେ ଜିଲାରେ ହାତୀ ଆକ୍ରମଣରେ ୧୩ ଜୀବନ ଗଲାଣି। ହାତୀ-ମଣିଷ ସଂଘର୍ଷ ରୋକିବାରେ ବନ ବିଭାଗ ଏକପ୍ରକାର ବିଫଳ ହୋଇପଡ଼ିଥିବାବେଳେ ଧନଜୀବନ ହାନି ବଢ଼ିବାରେ ଲାଗିଛି।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାହେବ ଭୋର୍ ସମୟରେ ଘର ନିକଟକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କ ଛାତିକୁ ଦାନ୍ତରେ ଭୁସି ଦେବା ସହ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଅଘଟଣ ପାଇଁ ମୃତକଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ବନ ବିଭାଗକୁ ଦାୟୀ କରିଛନ୍ତି। ସେମାନେ କହିଛନ୍ତି, ବନ ବିଭାଗ ହିଂସ୍ର ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବାରେ ବିଫଳ ହୋଇଛି। ହାତୀ ଜନବସତିରେ ପଶି ବିପୁଳ କ୍ଷୟକ୍ଷତି କରୁଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆଗକୁ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ସେଥିଲାଗି ବନ ବିଭାଗ ଦାୟୀ ରହିବ ବୋଲି ସାମାଜିକ କର୍ମୀ ହାପି ଗଡ଼ନାୟକ, ଚୈତନ୍ୟ ସାମଲ, ଗତିକୃଷ୍ଣ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ କହିଛନ୍ତି। ସୂଚନା ପାଇ ରେଞ୍ଜର ଲୋହିତ କୁମାର ରଥ ସଦଳବଳ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

**ବେତନଟୀ, ୨୩।୬(ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ବଡ଼ାମପୁର ସେକ୍ସନର ପଥର ଚାଟିଆ ଗ୍ରାମରେ ଶୁକ୍ରବାର ସକାଳେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚାମି ରାମ (୭୦)। ଘର ବାହାରେ ଶୋଇଥିବା ବେଳେ ହାତୀ ତାଙ୍କ ମୁଣ୍ଡକୁ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବେତନଟୀ ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।






# ଆଡ଼ପ ଅବଢ଼ା ପାଇଲେ ଭକ୍ତ

**ପୁରୀ, ୨୩।୬(ଅଜିତ୍ ମହାନ୍ତି)**



ରତ୍ନବେଦି ଛାଡ଼ି ଜନ୍ମବେଦିର ଆଡ଼ପ ମଣ୍ଡପରେ ଏବେ ବିରାଜମାନ କରିଛନ୍ତି ଦାରୁବିଗ୍ରହ। ଗୁରୁବାର ଆଡ଼ପମଣ୍ଡପକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବା ପରେ ଶୁକ୍ରବାର ସକାଳୁ ଅଧରପୋଛା ନୀତି ସମ୍ପନ୍ନ କରାଯାଇଥିଲା। ଏହାପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଲମ୍ୱାଧାଡ଼ିରେ ଦାରୁଦିଅଁଙ୍କ ଦର୍ଶନ କରିବା ସହ ପ୍ରଥମ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି।

ଶୁକ୍ରବାର ଶ୍ରୀବିଗ୍ରହମାନଙ୍କର ସକାଳଧୂପ ପରେ ଆଡ଼ପ ଅବଢ଼ା ବାହାରିଛି। ଦୀର୍ଘ ତିନିଦିନ ପରେ ମହାପ୍ରଭୁଙ୍କ ପାଖରେ ଅନ୍ନ ମହାପ୍ରସାଦ ଲାଗିହୋଇଛି। ଶଙ୍ଖୁଡ଼ି ମହାପ୍ରସାଦରେ ଘିଅ ଅନ୍ନ, କାନିକା, ଖେଚୁଡ଼ି, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲ୍ମା, ବେସର, ମହୁର, ଶାଗ ପ୍ରଭୃତି ଭୋଗ ଲାଗି କରାଯାଇଥିଲା। ଯେପରି ଭକ୍ତମାନେ ଶୃଙ୍ଖଳାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡ଼ପ ଅବଢା ଖାଇଲେ ଶହେ ଜନ୍ମର ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି।

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ପ୍ରଥମ ଦିନ ୧ଲକ୍ଷ ଲୋକଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଥିଲା। ତେବେ ପାଣିପାଗ ଓ ବନକଲାଗି ନୀତିକୁ ଦୃଷ୍ଟିକୁ ରଖି ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ଅବଢ଼ା ପ୍ରସ୍ତୁତ କରାଯାଇଛି। ଯଦି ଲୋକଙ୍କ ସଂଖ୍ୟା ଅଧିକ ରହିବ ତା'ହେଲେ ଅଧିକ ଅବଢ଼ା ରନ୍ଧାଯିବ। ଏଥର ମହାପ୍ରସାଦ ଦର ଅଧିକ ରଖାଯାଇନାହିଁ। ଯଦି କୌଣସି ଭକ୍ତ ଆନନ୍ଦ ବଜାରରେ ଦଲାଲଙ୍କ ଶିକାର ହୁଅନ୍ତି, ସେଥିପାଇଁ ନିଯୋଗ ଦାୟୀ ହେବନାହିଁ। ତେବେ ଆନନ୍ଦ ବଜାରରେ ଭକ୍ତ ହଇରାଣ ହେଲେ ତାଙ୍କୁ ୭୦୦୮୯୯୭୩୯ ନମ୍ବରରେ କଲ୍ କରି ଯୋଗାଯୋଗ କରିପାରିବେ।

# ୩ ରୋଗୀଙ୍କ ଚିକିତ୍ସା ଲାଗି ୩୦ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)**

ବାଲେଶ୍ୱର ଜିଲାର ୩ ଜଣ ମାଂସପେଶୀ ଜନିତ ରୋଗ ଡିଏମ୍‌ଡିରେ ପୀଡ଼ିତଙ୍କ ସକାଶେ ରାଜ୍ୟ ସରକାର ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେମାନେ ହେଲେ ଖନ୍ତାପଡାର କିରଣ କୁମାର ମଲିକ ଓ ସୁରଜ କୁମାର ମଲିକ ଏବଂ ସିମୁଳିଆର ବିଦ୍ୟାଂଶୁ ଦୀକ୍ଷିତ। ସେମାନଙ୍କ ଉତ୍ତମ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଅର୍ଥରାଶି ମଞ୍ଜୁର କରିଛନ୍ତି। ଉପରୋକ୍ତ ୩ ଜଣ ରୋଗୀ ପ୍ରତ୍ୟେକ ଏକକାଳୀନ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ପାଇବେ। ସୂଚନାଯୋଗ୍ୟ ଯେ, ଡିଏମ୍‌ଡି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client.
Walk In Interview – 26th June 23 to 30th June 23.
Call : Sanjay Kamble 8080678029 / Gulam Husain 9326724966".

ଆବଶ୍ୟକ
ପଦବୀ:ରାଜମିସ୍ତ୍ରୀ, ସେଣ୍ଟ୍ରିଙ୍ଗ ମିସ୍ତ୍ରୀ
ମାସିକ ଦରମା–୧୫,୦୦୦/– (including food)
ହେଲ୍ପର–ମାସିକ ଦରମା–୧୦,୦୦୦/– (including food) (ରହିବା ମାଗଣା)
ସ୍ଥାନ-ଅନୁଗୁଳ
କଳକାରଖାନାରେ ଶ୍ରମିକ ଯୋଗାଉଥିବା ବ୍ୟକ୍ତି ଯୋଗାଯୋଗ କରିବାକୁ ଅନୁରୋଧ ।
ଯୋଗାଯୋଗ:
୭୩୭୧୧୫୮୧୯୪/୭୭୩୫୫୭୨୫୫୦

URGENT REQUIRED
FOR BMS PROJECTS
Senior Accountant - 1 Post : 10-12 Yrs. Experience
Junior Accountant - 1 Post : 4-6 Yrs. Experience
Civil Engineer - 1 Post : 8-10 Yrs. Experience in (Road, Bridge & Building Work & Billing)
FOR BMS FULES
Sales Executive - 1 Post : Eligibility: 5-6 Yrs. Sales Experience, Computer Knowledge must.
Interest Candidate Please Send Their Resume in
bmsprojectsmkg@gmail.com, Contact No.: 7978913328
At: BMS Projects, Subhash Chowk, Malkangiri


# ଜଳଯୋଗାଣ ପ୍ରକଳ୍ପରେ ନିମ୍ନମାନର ପାଇପ୍

## ■ ସିପେଟ୍ ପରୀକ୍ଷା ରିପୋର୍ଟରୁ ସ୍ପଷ୍ଟ ■ ତୁରନ୍ତ ହଟାଇବାକୁ ଠିକାସଂସ୍ଥା ଏନ୍‌ସିସିକୁ ନିର୍ଦ୍ଦେଶ

**ଯାଜପୁର, ୨୩।୬ (ହର୍ଷବର୍ଦ୍ଧନ ବେହେରା)**

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କେତେକ ଜଳଯୋଗାଣ ପ୍ରକଳ୍ପ ପାଇଁ ପାଇପ୍ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ହାଇଦ୍ରାବାଦର ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ (ଏନ୍‌ସିସି) ଲିମିଟେଡ୍ ଦ୍ୱାରା କିଣାଯାଇଥିବା ପାଇପ୍ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିପେଟ୍) ଦ୍ୱାରା ପାଇପ୍‌ଗୁଡିକର ମାନ ଉପରେ ହୋଇଥିବା ପରୀକ୍ଷାରେ ଆଇଏସ୍-୪୯୮୪: ୨୦୧୬ ଅନୁଯାୟୀ ମାନଦଣ୍ଡ ପୂରଣ ହୋଇନାହିଁ। ତେଣୁ ସିପେଟ୍‌ର ପରୀକ୍ଷା ପ୍ରମାଣପତ୍ର ଅନୁସାରେ ଖାରଜ ହୋଇଥିବା ପାଇପ୍‌ଗୁଡିକୁ ତୁରନ୍ତ ହଟାଇ ଉପଯୁକ୍ତ ମାନର ନୂତନ ପାଇପ୍ ଯୋଗାଇବାକୁ ଭୁବନେଶ୍ୱର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍କଲର ଆଡିଶନାଲ ଚିଫ୍ ଇଞ୍ଜିନିୟର ଏନ୍‌ସିସିକୁ ନିର୍ଦ୍ଦେଶ (ପତ୍ରସଂଖ୍ୟା ୨୧୩୬/୨୨।୬।୨୦୨୩) ଦେଇଛନ୍ତି। ଏହାସହିତ ସେ ଏ ସଂକ୍ରାନ୍ତରେ ବିଭାଗୀୟ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ସୂଚିତ କରିଛନ୍ତି।

ରାଜ୍ୟ ସରକାର ସମସ୍ତ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଘୋଷଣା କରିଛନ୍ତି। ତେଣୁ ସରକାର ବିପୁଳ ରାଜସ୍ୱ ଖର୍ଚ୍ଚ କରି କେତେକ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ପ୍ରକଳ୍ପଗୁଡିକର ନିର୍ମାଣ କରୁଛନ୍ତି। ସେଥିରୁ ଏନ୍‌ସିସି ରାଜ୍ୟ ସରକାରଙ୍କୁ ଅନ୍ଧାରରେ ରଖି ଅତି ନିମ୍ନମାନର ପାଇପ୍ ବ୍ୟବହାର କରି ଅଧିକ ଲାଭ ଆଶାରେ ରହିଥିବା ଅଭିଯୋଗ ହେଉଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଭୁବନେଶ୍ୱର ଡିଭିଜନ ଅଧୀନରେ ଟାଙ୍ଗି ବ୍ଲକର ୧୭ ପଞ୍ଚାୟତ, ଭୁବନେଶ୍ୱର ବ୍ଲକର ୬ ପଞ୍ଚାୟତ, ବାଲିପାଟଣା ବ୍ଲକର ୯ ପଞ୍ଚାୟତ, ବାଲିଅନ୍ତା ବ୍ଲକର ୧୬ ପଞ୍ଚାୟତବାସୀଙ୍କ ପାଇଁ ୪ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏନ୍‌ସିସି ଦ୍ୱାରା ନିର୍ମାଣ ହେଉଛି। ଏହି ପ୍ରକଳ୍ପଗୁଡିକରୁ ସିପେଟ୍ କର୍ତ୍ତୃପକ୍ଷ ୭।୬।୨୦୨୩ରେ ୧୨ଟି ପାଇପ୍ ସାମଗ୍ରୀର ନମୁନା ସଂଗ୍ରହ କରି ମାନଦଣ୍ଡ ପରୀକ୍ଷା କରିଥିଲେ। ସେଥିରୁ ଉକ୍ତ ପାଇପ୍ ନମୁନା ଉପଯୁକ୍ତ ମାନଦଣ୍ଡ ପୂରଣ କରିପାରି ନ ଥିବା ଜଣାପଡ଼ିଛି। ଫଳରେ ପାଇପ୍‌ଗୁଡିକୁ ତୁରନ୍ତ ହଟାଇ ନୂତନ ପାଇପ୍ କିଣିବାକୁ ନିର୍ଦ୍ଦେଶ ହୋଇଛି। ଏହି କ୍ରମରେ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ୨୩୨.୭୫ କୋଟି ଟଙ୍କା ବ୍ୟୟରେ ଏନ୍‌ସିସି ଦ୍ୱାରା ନିର୍ମାଣାଧୀନ ୩ଟି ମେଗା ପ୍ରକଳ୍ପଗୁଡିକରେ ନିମ୍ନମାନର ପାଇପ୍ ବ୍ୟବହାର ହେଉଥିବା ସନ୍ଦେହ କରାଯାଇଛି। ତେଣୁ ଉକ୍ତ ପାଇପ୍‌ଗୁଡିକର ପୁନଃ ଉଚ୍ଚସ୍ତରୀୟ ଯାଞ୍ଚ କରାଯିବାକୁ ଦାବି ଉଠିଛି। ନଚେତ୍ ପ୍ରକଳ୍ପଗୁଡ଼ିକର ଦୀର୍ଘସ୍ଥାୟୀ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଏନ୍‌ସିସି ଦ୍ୱାରା ହୋଇଥିବା ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ବ୍ୟବହୃତ ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ୨୦୧୯ ଜୁଲାଇରେ ବିଭାଗୀୟ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ପରୀକ୍ଷା କରାଯାଇଥିଲା। ତାହାର ରିପୋର୍ଟରେ ଉକ୍ତ ଷ୍ଟିଲ୍ ସାମଗ୍ରୀ ବ୍ୟବହାର ଅନୁପଯୋଗୀ ବୋଲି ସୂଚିତ କରାଯାଇଥିଲା। ତଦନୁଯାୟୀ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ସମସ୍ତ ଷ୍ଟିଲ ସାମଗ୍ରୀକୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସାମଗ୍ରୀଗୁଡ଼ିକୁ ହଟା ନ ଯାଇ ଦ୍ୱିତୀୟ ଥର ପାଇଁ କଟକ ସେଣ୍ଟ୍ରାଲ ଲାବରେଟୋରି (ଆର ଆଣ୍ଡ ବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବରେଟୋରିରେ ପରୀକ୍ଷା କରାଯାଇଥିଲା। ଏହାର ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏଥିରେ ରଫାଦଫା କରାଯାଇଥିବା ସେହି ସମୟରେ ଅଭିଯୋଗ ଉଠିଥିଲା। ତେଣୁ ବର୍ତ୍ତମାନ ସିପେଟ୍‌ର ପରୀକ୍ଷା ରିପୋର୍ଟ ଆଧାରରେ ହୋଇଥିବା ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏନ୍‌ସିସିର ମୁଖ୍ୟ ପରିଚାଳକ ବି.ସି. ପାଲଙ୍କ ମତାମତ ନେବାକୁ ଶୁକ୍ରବାର ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।


WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Required young and enthusiastic individuals to join our dynamic media marketing team.
- Capable to aggressively chase sales targets
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Bachelor's degree in Marketing, Communications or Business Administration.
- Freshers are welcome to apply; previous internship or relevant coursework in marketing is a plus.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to :
recruitment@dharitri.com
Attractive salary commensurate with experience

# ପରିବର୍ତ୍ତନ ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତିନ ଅଗ୍ରୱାଲାଙ୍କୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ବିଏସ୍ଏଫ୍ ଏବଂ ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ମଧ୍ୟରେ ପ୍ରତିବର୍ଷ ଭଳି ଚଳିତ ଥର ହେଉଥିବା ୪ ଦିନିଆ ଦ୍ୱିପାକ୍ଷିକ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ନିଯୁକ୍ତି ଦିଆଯାଇଥିଲା। ସୂତ୍ରରୁ ପ୍ରକାଶ, ବର୍ତ୍ତମାନ ବିଏସ୍ଏଫ୍‌ର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବା ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ସୁଜୟ ଲାଲ ଥାଓସେନ ଆଲୋଚନାର ନେତୃତ୍ୱ ନେଇଥିଲେ। ଏହି ପଦକ୍ଷେପ ସୀମା ସୁରକ୍ଷା ଉପରେ ଥିବା ଭାରତର ଦୃଷ୍ଟିକୋଣରେ ଏକ ରଣନୀତିକ ପରିବର୍ତ୍ତନକୁ ସ୍ପଷ୍ଟ କରିଛି। ଏହାବ୍ୟତୀତ ଉକ୍ତ ପଦକ୍ଷେପ ପାକିସ୍ତାନ ଓ ବାଂଲାଦେଶ ସୀମାରେ ଭାରତ ସମ୍ମୁଖୀନ ହେଉଥିବା ଜଟିଳ ଆହ୍ୱାନଗୁଡ଼ିକର ସମାଧାନ କରିବା ଲାଗି ଏକ ନବୀକୃତ ପ୍ରତିବଦ୍ଧତାକୁ ସାମ୍ନାକୁ ଆଣିଛି। ଅଗ୍ରୱାଲାଙ୍କର ବ୍ୟାପକ ଅଭିଜ୍ଞତା, ନୂଆ ଦୃଷ୍ଟିକୋଣ ଓ ସୀମା ପରିଚାଳନା ଏବଂ ଅନୁପ୍ରବେଶ ରୋକିବାରେ ବିଶେଷ ଜ୍ଞାନ ଅଛି। ସେ ମଧ୍ୟ ତାଙ୍କ କ୍ୟାଡର ରାଜ୍ୟର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବା ବ୍ୟତୀତ ଗୃହ ମନ୍ତ୍ରଣାଳୟ କମାଣ୍ଡ ଅଧୀନରେ ଥିବା ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି)ରେ କାର୍ଯ୍ୟ କରିଛନ୍ତି। ଏବେକାର ଜଟିଳ ଭୂରାଜନୈତିକ ପରିବେଶରେ ଆମ ସୀମା ରକ୍ଷା କରିବାରେ ବିଏସ୍ଏଫ୍‌ର ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଦରକାର। ଗୋଇନ୍ଦା ସଂସ୍ଥା, ଲୋକାଲ ଲ ଏନ୍‌ଫୋର୍ସମେଣ୍ଟ ଏବଂ ଭାରତୀୟ ସେନାଙ୍କ ସହିତ ନିରବଚ୍ଛିନ୍ନ ସହଯୋଗ ଉପରେ ଏହା ନିର୍ଭର କରେ। ଭାଗିଦାରି ଗଢିବାରେ ଅଗ୍ରୱାଲାଙ୍କ ନେତୃତ୍ୱ ଓ ଦକ୍ଷତା ଏହି ସବୁ ସଂସ୍ଥାର ଶକ୍ତି ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେବ।

### ହିଂସା ପଥରେ ବାବୁ

ରାଜସ୍ଥାନରେ ଆଇଏଏସ୍ ଅଧିକାରୀ ଗିରଧର ଏବଂ ଆଇପିଏସ୍ ଅଧିକାରୀ ସୁଶୀଲ କୁମାର ବିଶ୍ନୋଇଙ୍କ ନିଲମ୍ବନ ପରେ ବିବାଦ ଆରମ୍ଭ ହୋଇଛି। ଏହି ଘଟଣାରେ ସିଭିଲ ସର୍ଭାଣ୍ଟଙ୍କ ଚୟନ ଓ ପ୍ରଶିକ୍ଷଣ ପଦ୍ଧତି ସମ୍ପର୍କରେ ଅନେକ ପ୍ରଶ୍ନ ଉଠିଛି। ମସୁରିସ୍ଥିତ ଏଲ୍‌ବିଏସ୍ ଏକାଡେମୀ ସିଭିଲ ସର୍ଭାଣ୍ଟ ପ୍ରଶିକ୍ଷାର୍ଥୀଙ୍କୁ କି ଶିକ୍ଷା ଦେଉଛି ଏବଂ ଏହା ୟୁପିଏସ୍‌ସି କିମ୍ବା ଟ୍ରେନିଂର ନୀତିରେ ଅଛି କି ନାହିଁ ତାହାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ୨୦୧୯ ବ୍ୟାଚ୍‌ର ଏହି ଦୁଇଜଣ ଅଧିକାରୀ ପୋଲିସଙ୍କ ଉପସ୍ଥିତିରେ ଆଜମେରରେ ହୋଟେଲ କର୍ମଚାରୀଙ୍କୁ ହକି ଷ୍ଟିକ୍‌ରେ ପିଟିବା ଘଟଣା ପରେ ଏହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ନିକଟରେ ଯୋଗ ଦେଇଥିବା ଏହି ଦୁଇ ଅଧିକାରୀ ସେମାନଙ୍କ କ୍ଷମତାର ଦୁରୁପଯୋଗ କରିବା ସହ ହିଂସାର ସାହାରା ନେବାର ଅଧିକାର କିଭଳି ପାଇଲେ ତାହା ହିଁ ବଡ଼ ପ୍ରଶ୍ନ। ସିଭିଲ ସର୍ଭିସରେ ଲଗାତର ନିରୀକ୍ଷଣ ଏବଂ ଉତ୍ତରଦାୟୀ ପ୍ରକ୍ରିୟାର ଆବଶ୍ୟକତାକୁ ଏହି ଅଧ୍ୟାୟ ସାମ୍ନାକୁ ଆଣିଛି। ଏଭଳି ଘଟଣା ଘଟିଲେ ସର୍ବଭାରତୀୟ ସର୍ଭିସର ଖ୍ୟାତିରେ କଳଙ୍କ ଲଗାଇବା ଏବଂ ବାବୁମାନଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସ ହରାଇବା ଲାଗି ବେଶି ସମୟ ଲାଗିବ ନାହିଁ। ଏହି ଦୁଇ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ବିଧିବଦ୍ଧ ଭାବେ ତଦନ୍ତ କରିବା ଦରକାର ଏବଂ କୌଣସି ଦୁର୍ବ୍ୟବହାର ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବି ନିଶ୍ଚିତ କରାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ଉଚିତ। ଏହା ସହ ଏଭଳି ଲଜ୍ଜାଜନକ ଘଟଣା ଯେଭଳି ପୁନରାବୃତ୍ତି ନ ଘଟେ ତାହା ନିଶ୍ଚିତ କରିବା ଦରକାର। ରାଜ୍ୟ ଭିଜିଲାନ୍ସ ବିଭାଗର ତଦନ୍ତ ଠିକ୍ ଦିଗରେ ଏକ ପଦକ୍ଷେପ ହେଲେ ବି ଏହା ସେତିକିରେ ସୀମିତ ରହିବା ଉଚିତ ନୁହେଁ।

### ତଦନ୍ତ ଭୟ

ଗୋଟିଏ ପରେ ଗୋଟିଏ ରାଜ୍ୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ବାଟ ବନ୍ଦ କରିବାରେ ଲାଗିଛନ୍ତି। ଏହି ଧାରାରେ ଏବେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ସହ ତାମିଲନାଡୁ ଯୋଗଦେଇଛି ଓ ରାଜ୍ୟରେ ଘଟଣାଗୁଡ଼ିକର ତଦନ୍ତ ପାଇଁ ସିବିଆଇକୁ ଦେଇଥିବା ସହମତିକୁ ପ୍ରତ୍ୟାହାର କରିନେଇଛି। ଫଳରେ ସିବିଆଇ ତାମିଲନାଡୁରେ ଏମ୍. କେ. ଷ୍ଟାଲିନଙ୍କ ବିନା ଅନୁମତିରେ କୌଣସି କେସ୍ ପଞ୍ଜୀକୃତ କରିବପାରିବ ନାହିଁ, ଚଢାଉ କରିପାରିବ ନାହିଁ କି ତାମିଲନାଡୁରେ କାର୍ଯ୍ୟରତ କେନ୍ଦ୍ର ସରକାର କର୍ମଚାରୀଙ୍କ ଉପରେ ତଦନ୍ତ କରିପାରିବ ନାହିଁ। ଏହି ନିଷ୍ପତ୍ତି ଶାସନ ଓ ଉତ୍ତରଦାୟିତ୍ୱ ଉପରେ ନିଆଯାଉଥିବା ପଦକ୍ଷେପର ପ୍ରେରଣା ଓ ନିହିତାର୍ଥକୁ ନେଇ ପ୍ରଶ୍ନ ଉଠାଇଛି। ଯଦିଓ ଡିଏମ୍‌କେ ସରକାରଙ୍କ ନିଷ୍ପତ୍ତି ସିବିଆଇର ତଦନ୍ତ କ୍ଷମତାକୁ ସୀମିତ କରିଛି ତଥାପି ଏହା କେନ୍ଦ୍ରୀୟ ଏଜେନ୍ସିକୁ ଦୂରେଇ ରଖିପାରିବ ନାହିଁ ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି। ଭବିଷ୍ୟତରେ ହେବାକୁ ଥିବା କେସ୍ ବା ମାମଲା କ୍ଷେତ୍ରରେ କେବଳ ଏଭଳି ସମ୍ମତି ପ୍ରତ୍ୟାହାର ଲାଗୁ ହେବ। ଯେଉଁ କେସ୍ ପଞ୍ଜୀକୃତ ହୋଇଗଲାଣି କିମ୍ବା ଯାହା ଉପରେ ତଦନ୍ତ ଚାଲିଛି, ସେ କ୍ଷେତ୍ରରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ। ସୂତ୍ରରୁ ପ୍ରକାଶ, ସୁପ୍ରିମ୍‌କୋର୍ଟ କିମ୍ବା ହାଇକୋର୍ଟରୁ ତଦନ୍ତ ପାଇଁ ନିର୍ଦ୍ଦେଶ ଥିଲେ ରାଜ୍ୟର ଅନୁମତି ଦରକାର ପଡ଼ିବ ନାହିଁ। ଅନ୍ୟସବୁ କେସ୍‌ରେ ହିଁ ସମ୍ମତି ପ୍ରତ୍ୟାହାର ଲାଗୁ ହେବ। ଅନ୍ୟ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଯଥା ରାଷ୍ଟ୍ରୀୟ ତଦନ୍ତ ସଂସ୍ଥା(ଏନ୍‌ଆଇଏ) କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦେଶରେ ଯେକୌଣସି ସ୍ଥାନରେ କୌଣସି ମାମଲାର ତଦନ୍ତ ଜାରି ରଖିପାରିବେ। ମୋଦି ସରକାର ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଅସୁବିଧାରେ ପକାଉଥିବାରୁ ଏହାକୁ ନେଇ ତାମିଲନାଡୁ ସରକାର ରାଜନୈତିକ ପ୍ରସଙ୍ଗ କରିପାରନ୍ତି ଓ ଏତିକି ହିଁ କରିପାରନ୍ତି। ତେବେ ସିବିଆଇ ବ୍ୟତୀତ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସ୍ୱେଚ୍ଛାଚାରୀ କାର୍ଯ୍ୟାନୁଷ୍ଠାନ ଭୟ ଲାଗି ରହିବ।

Email: dilipcherian@gmail.com

# ତୈଳର ନିରଙ୍କୁଶ ମହାଜନି



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଦିନଥିଲା ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସରକାର ଉପରେ ସବୁ ରୋଷ କଚାଡ଼ି ହୋଇ ପଡୁଥିଲା। ଏବେ ପେଟ୍ରୋଲ, ଡିଜେଲ ଦର କେତେ ବଢ଼ିଲା କି କମିଲା ତହିଁରେ କୁଆଡେ ସରକାରଙ୍କ କିଛି ଲେନା ନାହିଁ କି ଦେନା ନାହିଁ। ୨୩-୩-୨୦୨୩ ତାରିଖରେ ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ତୈଳ ଓ ରସାୟନ ମନ୍ତ୍ରୀ ରାମେଶ୍ୱର ତେଲି କହିଥିଲେ ଯେ, '୨୬-୬-୨୦୧୦ରୁ ଡିଜେଲ ଓ ୧୯-୧୦-୨୦୧୪ରୁ ପେଟ୍ରୋଲ ଦର ବଜାରଭିତ୍ତିକ ହୋଇସାରିଛି। ସେହି ତାରିଖଠାରୁ ବଜାରରେ ଅଶୋଧିତ ତୈଳ ଦର ଅନୁସାରେ ଇଣ୍ଡିଆନ ଅଏଲ କର୍ପୋରେଶନ, ବିପିସିଏଲ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଭଳି ସରକାରୀ ତୈଳ କମ୍ପାନୀଗୁଡ଼ିକ ମିଶି ପେଟ୍ରୋଲ-ଡିଜେଲ ଦର ନିର୍ଦ୍ଧାରଣ କରୁଛନ୍ତି ଏବଂ ୧୬-୦୬-୨୦୧୭ରୁ ସାରା ଦେଶରେ ପ୍ରତିଦିନ ତେଲ ଦର ବଦଳୁଛି।'ଏବେ ପ୍ରତିଦିନ ପେଟ୍ରୋଲ, ଡିଜେଲ ଦର ବଦଳୁଛି ବୋଲି କହିବା ପରେ ପରେ ମନ୍ତ୍ରୀ ପୁଣି କହିଥିଲେ ଯେ, ୦୬-୦୪-୨୦୨୨ରୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ଆଦୌ ବଢ଼ାଇ ନାହାନ୍ତି।'

ଇଏତ ବିପରୀତ କଥା! ଯଦି ନୀତି ଅଛି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅନୁସାରେ ଭାରତର କମ୍ପାନୀଗୁଡ଼ିକ ପ୍ରତିଦିନ ସେହି ଦିନ ପାଇଁ ପେଟ୍ରୋଲ, ଡିଜେଲ ଦର ନିର୍ଦ୍ଧାରଣ କରିବେ ତେବେ ୦୬-୦୪-୨୦୨୨ରୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ଆଦୌ ବଦଳାଇ ନାହାନ୍ତି କାହିଁକି? କ'ଣ ଏହି ସମୟରେ ଅନ୍ତର୍ଜାତୀୟ ବଜାର ଅଶୋଧିତ ପେଟ୍ରୋଲିୟମ ଦ୍ରବ୍ୟର ଦର ଆଦୌ କିଛି ବଦଳି ନାହିଁ? ବାସ୍ତବତା ହେଲା ଯେ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଅନେକ ବଦଳୁଥିଲା କହିଲେ ତାହା ସତ୍ୟର ଅପଳାପ ହିଁ ହେବ। ଏହି ସମୟରେ ତେଲ ଦର ହିମାଳୟର ଶିଖରକୁ ବି ଡେଇଁଛି ଆଉ ପ୍ରଶାନ୍ତ ମହାସାଗରର ଅତଳ ଗହୀରକୁ ବି ଖସିଛି। ୦୬-୦୪-୨୦୨୨ରୁ ସିନା ସରକାରୀ ତୈଳ କମ୍ପାନୀଗୁଡ଼ିକ ଦର ବୃଦ୍ଧି କରିନାହାନ୍ତି କିନ୍ତୁ ଭାରତରେ ପେଟ୍ରୋଲ ଡିଜେଲ ଦର ଅନ୍ତର୍ଜାତୀୟ ବଜାର ଦରଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ବା ଭାରତରେ ପେଟ୍ରୋଲ-ଡିଜେଲ ଦର ସରକାରଙ୍କ ଘୋଷିତ ନୀତିରୁ ହୁଡ଼ିବା ଘଟଣା ୦୬-୦୪-୨୦୨୨ରୁ ନୁହେଁ ଅନେକ ଆଗରୁ ସେମିତି ହେବା ଆରମ୍ଭ ହୋଇସାରିଥିଲା। ଅନ୍ତର୍ଜାତୀୟ ବଜାରରେ ତୈଳଦରଠାରୁ ଭାରତର ପେଟ୍ରୋଲ, ଡିଜେଲ ଦର ଅଲଗା ହେବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ୦୪-୧୧-୨୦୨୧ରୁ। କ୍ରମାଗତ ଭାବରେ ପେଟ୍ରୋଲ-ଡିଜେଲ ଦର ବଢ଼ିବାକୁ ନେଇ ସାଧାରଣରେ ଆକ୍ରୋଶ ବଢ଼ିବାରୁ କେନ୍ଦ୍ର ସରକାର ୦୪-୧୧-୨୦୨୧ ତାରିଖରେ ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କକୁ ହ୍ରାସ କରିଥିଲେ। ତାହା ପୂର୍ବରୁ ପ୍ରାୟ ପ୍ରତ୍ୟେକ ଦିନ ପେଟ୍ରୋଲ-ଡିଜେଲ ଦରରେ କିଛିକିଛି ପରିବର୍ତ୍ତନ ହେଉଥିଲା। ୦୪-୧୧-୨୦୨୧ରେ ଉତ୍ପାଦ ଶୁଳ୍କ ହ୍ରାସ ହେବା ଦିନଠାରୁ ଆରମ୍ଭ ହୋଇ ୧୯-୦୩-୨୦୨୨ ଯାଏ, ୧୩୫ ଦିନ ଧରି, ଦେଶରେ ପେଟ୍ରୋଲ, ଡିଜେଲ ଦରରେ କିଛି ପରିବର୍ତ୍ତନ ହେଲା ନାହିଁ। ୦୪-୧୧-୨୦୨୧ରେ ଭାରତ ସରକାର ଉତ୍ପାଦ ଶୁଳ୍କ ଘଟାଇବା ଦିନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ପ୍ରାକୃତିକ



ତୈଳର ଦର ବ୍ୟାରେଲ ପ୍ରତି ୮୨.୪୩ ଡଲାର ଥିଲା। ସେହିଦିନ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ୬୯ ଡଲାରକୁ ଖସିଥିଲା ଆଉ ୧୩୪ ଡଲାରର ଶିଖରକୁ ବି ଛୁଇଁଥିଲା। ଉତ୍ପାଦ ଶୁଳ୍କ ଘଟାଇବା ଦିନଠାରୁ ୨୪-୦୨-୨୦୨୨ ତାରିଖରେ ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ଯାଏ, ଅର୍ଥାତ ୮୦ ଦିନ ଧରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୮୨ ଡଲାରରୁ ପ୍ରାୟ କମ୍ ହିଁ ରହିଥିଲା। କିନ୍ତୁ ଭାରତରେ ପେଟ୍ରୋଲ, ଡିଜେଲ ଦାମ୍ କମି ନ ଥିଲା। ସେମିତି ରୁଷିଆ-ୟୁକ୍ରେନ ଯୁଦ୍ଧ କାରଣରୁ କିଛି ସପ୍ତାହ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ନିଆଁ ଲାଗିଥିବା ସତ୍ତ୍ୱେ ଭାରତରେ ପେଟ୍ରୋଲ-ଡିଜେଲ ଦାମ୍ ଉଁ କି ଚୁଁ ହୋଇ ନ ଥିଲା। ପ୍ରତିଦିନ ତୈଳ ଦର ବଦଳିବାର ନୀତିରେ କାହିଁକି ଓ କାହା ନିର୍ଦ୍ଦେଶରେ ତାଲା ପଡିଥିଲା? ଅଶୋଧିତ ତୈଳ ଦର କମ୍ ଥିବା ବେଳେ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଦର ନ ଖସାଇବାର ଔଦ୍ଧତ୍ୟ କଲେ କେମିତି? ଆଉ ଯେତେବେଳେ ରୁଷିଆ-ୟୁକ୍ରେନ ଯୁଦ୍ଧ କାରଣରୁ ୨୦୨୨ ଫେବୃୟାରୀର ମଧ୍ୟଭାଗରୁ ଅଶୋଧିତ ତୈଳ ଦର ବ୍ୟାରେଲ-ପ୍ରତି ୧୦୦ ଡଲାରରୁ ଅଧିକ ରହିବା ଆରମ୍ଭ ହୋଇ ୦୭-୦୩-୨୦୨୨ ତାରିଖରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୩୯ ଡଲାରର ଶୀର୍ଷକୁ ଛୁଇଁଥିଲେ ବି କାହିଁକି କ୍ଷତି ମୁଣ୍ଡାଉଥିଲେ?

ତୈଳ କମ୍ପାନୀଗୁଡ଼ିକ ୧୩୫ ଦିନ ଧରି ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନ କରିବାର କାରଣ ଖୋଜିବା ଅଦୌ ଜଟିଳ ନୁହେଁ। ଉତ୍ତରପ୍ରଦେଶ ଓ ପଞ୍ଜାବକୁ ମିଶାଇ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ୨୦୨୨ ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେଲା ଓ ନିର୍ବାଚନ ଫଳ ୧୦-୦୩-୨୦୨୨ରେ ପ୍ରକାଶ ପାଇଲା। ସରକାର ଗଢୁଗଢୁ ଆଉ ୫/୭ ଦିନ ଲାଗିଲା। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଦର ବଢ଼ାଇଲେ ୧୯-୦୩-୨୦୨୨ରେ। ୟୁକ୍ରେନ ଯୁଦ୍ଧ ପାଇଁ ସିନା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କିଛି ସପ୍ତାହ ପାଇଁ ଖୁବ୍ ବଢିଯାଇଥିଲା କିନ୍ତୁ ଆଜିକୁ ପ୍ରାୟ ୭ମାସ ହେଲାଣି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୮୨ ଡଲାରରୁ କମ ହିଁ ରହିଛି। ୦୪-୧୧-୨୦୨୧ରେ ଉତ୍ପାଦ ଶୁଳ୍କ ହ୍ରାସ ହେବା ଦିନ ଅଶୋଧିତ ତୈଳ ଦର ୮୨.୪ ଡଲାର ଥିଲା। କିନ୍ତୁ ପେଟ୍ରୋଲ, ଡିଜେଲ ଏହି ଗୋଟିଏ ଦରରେ ରହିଛି ଯେ ରହିଛି।

ଆହୁରି ବି ବଡ଼ କେଁ ଟେ ଅଛି। ଭାରତ ତାହାର ମୋଟ ତୈଳ ଆମଦାନୀର ମାତ୍ର ୫୮% ହିଁ ଖୋଲା ଅନ୍ତର୍ଜାତୀୟ ବଜାରରୁ କିଣୁଛି। ବାକିସବୁ କିଣୁଛି ୟୁକ୍ରେନ ଯୁଦ୍ଧ କାରଣରୁ ବିଶ୍ୱର ଅଧିକାଂଶ ଦେଶ ବାସନ୍ଦ କରିଥିବା ରୁଷିଆରୁ। ୦୪-୦୬-୨୦୨୩ ତାରିଖରେ 'ଟାଇମ୍ସ ଅଫ ଇଣ୍ଡିଆ'ରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତ ତାହାର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୨% ଏବେ ରୁଷିଆରୁ ଅତି ଶସ୍ତା ଦରରେ ଆମଦାନୀ କରୁଛି। ୨୦୨୩ ଏପ୍ରିଲରେ ଭାରତ ସାଉଦିଆରବରୁ ବ୍ୟାରେଲ ପ୍ରତି ୮୬.୯୬ ଡଲାର ଦରରେ ତୈଳ କିଣିଥିବା ବେଳେ ରୁଷିଆରୁ କିଣିଥିବା ତୈଳ ଦର ଥିଲା ମାତ୍ର ୬୮.୨ଡଲାର। ଆମଦାନୀର ଦର ଅନୁସାରେ ପେଟ୍ରୋଲ, ଡିଜେଲ ଦର ସ୍ଥିର କରିବାର ନୀତି ଥାଇ ବି ଏବଂ ରୁଷିଆରୁ ଅତି ଶସ୍ତାରେ ଆମଦାନୀ କରି ମଧ୍ୟ କାହିଁକି ପେଟ୍ରୋଲ,ଡିଜେଲ ଦର କମି ନାହିଁ ତାହା ବଡ଼ ତାଜ୍ଜୁବର ବିଷୟ।

୨୦୨୧-୨୨ ଆର୍ଥିକ ବର୍ଷରେ ଯେତେବେଳେ ଦର ପ୍ରତିଦିନ ବଦଳୁଥିଲା, ସେହିବର୍ଷ ଭାରତର ସର୍ବବୃହତ ତୈଳ କମ୍ପାନୀ 'ଇଣ୍ଡିଆନ ଅଏଲ କର୍ପୋରେଶନ' ପ୍ରତି ତିନିମାସରେ ହାରାହାରି ୬,୦୪୬ କୋଟି ଟଙ୍କା ଲେଖାଏଁ ଶୁଦ୍ଧ ଲାଭ କରିଥିଲା। କିନ୍ତୁ ୨୦୨୨-୨୩ ବର୍ଷର ଶେଷ ତିନି ମାସରେ ସେହି କମ୍ପାନୀ ୧୦,୦୫୯ କୋଟି ଟଙ୍କା ଲାଭ କରିଥିଲା। ସେହିଭଳି ଦ୍ୱିତୀୟ ବୃହତ୍ତମ କମ୍ପାନୀ 'ଭାରତ ପେଟ୍ରୋଲିୟମ କର୍ପୋରେଶନ'୨୦୨୧-୨୨ ମସିହାରେ ମୋଟ ୮,୭୮୯ କୋଟି ଟଙ୍କା ଶୁଦ୍ଧ ଲାଭ କରିଥିବା ବେଳେ ଦରକୁ ନିୟନ୍ତ୍ରିତ କରି ରଖାଯାଇଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ୧୪,୪୨୫ କୋଟି ଟଙ୍କାର ବିରାଟ ଲାଭ କରିଥିଲା। ଦିନ ଦ୍ୱିପହରରେ ତୈଳ କମ୍ପାନୀଗୁଡ଼ିକ ବୋଧହୁଏ ସରକାରଙ୍କ ପ୍ରଚ୍ଛନ୍ନ ଇଶାରାରେ ଲୋକଙ୍କୁ ଲୁଟି ଚାଲିଛନ୍ତି। ୨୩-୩-୨୦୨୩ରେ ଲୋକସଭାରେ କେନ୍ଦ୍ର ତୈଳ ଓ ରସାୟନ ମନ୍ତ୍ରୀ ରାମେଶ୍ୱର ତେଲି 'କମ୍ପାନୀମାନେ ଦର ଆଦୌ ବଢ଼ାଇ ନାହାନ୍ତି' ନ କହି 'ଦର ଆଦୌ କମାଇ ନାହାନ୍ତି' କହିବା ଉଚିତ ହୋଇଥାନ୍ତା। ଏବେ ଅନ୍ତର୍ଜାତୀୟ ବଜାରରେ ତୈଳଦର ଆହୁରି ଖସିଲାଣି। କିନ୍ତୁ ଭାରତରେ ତୈଳ ମହାଜନି ଅତି ସୁରୁଖୁରୁରେ ଚାଲିଛି। ପେଟ୍ରୋଲ-ଡିଜେଲ ଦରର ସିଧା ସମ୍ପର୍କ ଲୋକଙ୍କର କିଣିବା ଶକ୍ତି ଉପରେ ରହିଛି ଆଉ ମୁଦ୍ରାସ୍ଫୀତି ସହିତ ରହିଛି। ତୈଳ କମ୍ପାନୀଗୁଡ଼ିକ ମନମୁଖି କରି ଏବଂ ମହାଜନି ପ୍ରବୃତ୍ତି ରଖି ଯଦି ଦର ନ ଖସାଇବାର ଅପଚେଷ୍ଟା କରିଛନ୍ତି, ସରକାର ଚୁପ୍ ବସିଛନ୍ତି କାହିଁକି? ନା, ଖୋଦ ସରକାର ହିଁ ଏହି ତୈଳ ମହାଜନଙ୍କ ସର୍ଦ୍ଦାର?

# ଅସ୍ପୃଶ୍ୟତା ଏକ ସାମାଜିକ ପ୍ରତିବନ୍ଧକ



ଡ.ପରମାନନ୍ଦ ନାଏକ

ଆଜିର ଏହି ପରିବର୍ତ୍ତନଶୀଳ ସମାଜରେ ଅସ୍ପୃଶ୍ୟତା ଏକ ପ୍ରତିବନ୍ଧକ ହୋଇ ଠିଆହୋଇଛି। ଏହି ଆଧୁନିକ ସଭ୍ୟତାରେ ଜାତି ଓ ଉପ-ଜାତି ପ୍ରଥା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଅସ୍ପୃଶ୍ୟତା ନାମରେ ବିବେଚିତ। ଜାତିପ୍ରଥା କେବଳ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଦେଖାଯାଏ ତାହା ନୁହେଁ, ସହରାଞ୍ଚଳରେ ବସବାସ କରୁଥିବା ପାଠୋଇ ବ୍ୟକ୍ତିସମୂହ ମଧ୍ୟ ଏହାଦ୍ୱାରା ପ୍ରଭାବିତ। ଆଜିର ସଭ୍ୟ ସମାଜର ଶିକ୍ଷିତ ବର୍ଗଙ୍କ ଚିନ୍ତାଧାରାରେ ଏହା ଏବେ ମଧ୍ୟ ଜୀବନ୍ତ। ଏହି ଅସ୍ପୃଶ୍ୟତା ଦ୍ୱାରା ସମାଜରେ ରହୁଥିବା ଜାତିଭିତ୍ତିକ ଗୋଷ୍ଠୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି।ଏହି ଅସ୍ପୃଶ୍ୟତା କେତେକ ନିର୍ଦ୍ଦିଷ୍ଟ ଜାତିର ସଦସ୍ୟମାନଙ୍କ ଉପରେ ଲାଗୁ ହୋଇଥାଏ, ଯାହାକି ସଦସ୍ୟମାନଙ୍କ ଜନ୍ମ ଉପରେ ପର୍ଯ୍ୟବସିତ ଓ ବଂଶାନୁକ୍ରମିକ।ଏହି ବଂଶାନୁକ୍ରମିକ ଅସ୍ପୃଶ୍ୟତା ପ୍ରଥା, ଜାତି ଓ ଉପଜାତିଭିତ୍ତିକ ଭେଦଭାବକୁ ସୂଚିତ କରିଆସୁଛି।

ଭାରତର ଜାତିପ୍ରଥା ବୋଧହୁଏ ବିଶ୍ୱର ଏକ ପୁରାତନ ସାମାଜିକ ବର୍ଗୀକରଣ। ପୃଥିବୀର ଅନ୍ୟ କୌଣସିଠାରେ ଯେ ଭେଦଭାବ ନାହିଁ, ଭାବିବା ଭୁଲ୍, ମାତ୍ର ହିନ୍ଦୁ ସମାଜରେ ଯେଉଁ ଜାତିପ୍ରଥା ଦେଖାଯାଏ, ତାହା କେତେକ ନିର୍ଦ୍ଦିଷ୍ଟ ଲକ୍ଷଣ ଉପରେ ଆଧାରିତ। ଭାରତର ବିଭିନ୍ନ ସ୍ଥାନରେ ଅସ୍ପୃଶ୍ୟତା ଭିନ୍ନ ଭିନ୍ନ ରୂପ ଧାରଣ କରି ପ୍ରାଚୀନକାଳରୁ ଚାଲିଆସୁଛି। ଅସ୍ପୃଶ୍ୟତା ହେଉଛି ଭେଦଭାବର ଏକ ପ୍ରଥା, ଯାହା ଶୁଦ୍ଧତା ଏବଂ ପ୍ରଦୂଷଣର ଧାରଣ ଉପରେ ଆଧାରିତ। ଏହା ସାଧାରଣତଃ ଏକ ପ୍ରତିବନ୍ଧକ ଯଥା ସର୍ବସାଧାରଣ ସ୍ଥାନରେ ପୃଥକୀକରଣ ଏବଂ କର୍ମକ୍ଷେତ୍ରରେ ଭେଦଭାବ ଆକାରରେ ଦେଖାଯାଏ। ଏହାର ସୃଷ୍ଟି ଓ ବିକାଶ ଶହ ଶହ ବର୍ଷର ପ୍ରକ୍ରିୟା ମାଧ୍ୟମରେ ହୋଇଛି ଏହା ନିଃସନ୍ଦେହ। ଏହାର ଉତ୍ପତ୍ତି ମୂଳରେ ବିଭିନ୍ନ ଐତିହାସିକ, ନୃତତ୍ତ୍ୱବିତ୍, ସମାଜବିଜ୍ଞାନୀ ଓ ଦାର୍ଶନିକଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ତତ୍ତ୍ୱ ଜଡ଼ିତ। ସେଗୁଡ଼ିକ ହେଲା – ପୌରାଣିକ ତତ୍ତ୍ୱ, ବୃତ୍ତିଗତ ତତ୍ତ୍ୱ ଏବଂ ପ୍ରଜାତୀୟ ତତ୍ତ୍ୱ। ଅସ୍ପୃଶ୍ୟ ବ୍ୟକ୍ତିମାନେ ବିଭିନ୍ନ ସମୟରେ ବିଭିନ୍ନ ନାମ ଦ୍ୱାରା ପରିଚିତ ଯଥା : ବୈଦିକ କାଳରେ ଚଣ୍ଡାଳ, ମଧ୍ୟଯୁଗରେ ଅଛୁତ, ବ୍ରିଟିଶ ଶାସନ ସମୟରେ ଅବସାଦଗ୍ରସ୍ତ ଜାତି ଭାରତ ସ୍ୱାଧୀନତା ସମୟରେ ହରିଜନ ଏବଂ ପରେ ଦଳିତ ନାମରେ ନାମିତ। ଭାରତୀୟ ସମ୍ବିଧାନ ଏମାନଙ୍କୁ



ଅନୁସୂଚିତ ଜାତି ବୋଲି ନାମିତ କରିଛି। ଭାରତୀୟ ସମ୍ବିଧାନ ଏମାନଙ୍କର ସୁରକ୍ଷା ଓ ଉନ୍ନତି ନିମନ୍ତେ ବହୁ ପଦକ୍ଷେପ ନେଇଛି। ଭାରତୀୟ ସମ୍ବିଧାନ ସମସ୍ତ ଅନୁସୂଚିତ ଜାତି ପାଇଁ ସମାନତାର ସମ୍ମତି ଦେଇଛି ବିଭିନ୍ନ ଆଇନ ମାଧ୍ୟମରେ, ଯଥା ନାଗରିକ ଅଧିକାର ଅଧିନିୟମ-୧୯୫୫ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ ଅଧିନିୟମ, ୧୯୮୯)। ଭାରତୀୟ ସମ୍ବିଧାନର ଧାରା ୧୭ ଅସ୍ପୃଶ୍ୟତାକୁ ରଦ୍ଦ କରି ଏହା ଏକ ଦଣ୍ଡନୀୟ କାର୍ଯ୍ୟ ବୋଲି ଘୋଷଣା କରିଛି। ଆଜି ଅସ୍ପୃଶ୍ୟତାର ଦୃଶ୍ୟ ପ୍ରାଚୀନ ଭାରତଠାରୁ ଭିନ୍ନ। ଏଥିରୁ ଜଣାପଡୁଛି ଯେ ଭାରତର ସ୍ୱାଧୀନତା ୭୫ ବର୍ଷ ବିତିଗଲା, ତଥାପି ଭାରତରେ ଅସ୍ପୃଶ୍ୟତା ଚାଲିଆସୁଥିବା ଏକ ସାମାଜିକ ସମସ୍ୟା। ଏହା ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ ଯେ ଏକବିଂଶ ଶତାବ୍ଦୀର ମାନବସମାଜ ତଥାପି ଏହି ଅସ୍ପୃଶ୍ୟତା ଅଭ୍ୟାସ ଜାରି ରଖିଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୧ ମସିହାରେ ଅନୁସୂଚିତ ଜାତି ବିରୋଧରେ ଅତ୍ୟାଚାର କିମ୍ବା ଅପରାଧ ୧.୨% ବୃଦ୍ଧି ପାଇଛି। ଅନୁସୂଚିତ ଜାତି ବିରୋଧରେ ସର୍ବାଧିକ ଅତ୍ୟାଚାର ମାମଲା ରିପୋର୍ଟ କରୁଥିବା ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ ୨୫.୮୨%, ରାଜସ୍ଥାନ ୧୪.୭% ଏବଂ ମଧ୍ୟପ୍ରଦେଶ ୧୪.୧%। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୧ ମସିହାରେ ଅନୁସୂଚିତ ଜନଜାତିଙ୍କ ପ୍ରତି ଅତ୍ୟାଚର ୬.୪% ବୃଦ୍ଧିପାଇଛି। ମଧ୍ୟପ୍ରଦେଶରେ ସର୍ବାଧିକ ମାମଲା ୨୯.୮% ହୋଇଥିବା ବେଳେ ରାଜସ୍ଥାନ ୨୪% ଏବଂ ଓଡ଼ିଶା ୭.୬% ରିପୋର୍ଟ ହୋଇଛି। ଜାତି ଓ ଅସ୍ପୃଶ୍ୟତା ସବୁବେଳେ ନୃତତ୍ତ୍ୱ ବିଜ୍ଞାନର ଏକ ଅନୁସନ୍ଧାନ ରହିଆସିଛି। ଆମେରିକୀୟ ନୃତତ୍ତ୍ୱବିତ୍ ଫ୍ରା ବୋଆସ୍ ଏକ ସିଦ୍ଧାନ୍ତ ଦେଇଛନ୍ତି, ଯାହା ସାଂସ୍କୃତିକ ଆପେକ୍ଷିକତା, ଯେଉଁଠାରେ ସେ ସ୍ପଷ୍ଟ କରିଛନ୍ତି ଯେ, ପ୍ରତ୍ୟେକ ସଂସ୍କୃତିର ନିଜର ପରିଚୟ ଅଛି ଏବଂ ଅନ୍ୟ ସଂସ୍କୃତିର ମାନ ବ୍ୟବହାର କରି ଏହାକୁ ବିଚାର କରିବା ଉଚିତ ନୁହେଁ। ପ୍ରତ୍ୟେକ ସଂସ୍କୃତି ଅନନ୍ୟ, କୌଣସି ସଂସ୍କୃତି ଉନ୍ନତ ଏବଂ ନିମ୍ନ ନୁହେଁ। ଠିକ୍ ପଦକ୍ଷେପ ଓ ସଚେତନତା ଦ୍ୱାରା ଅସ୍ପୃଶ୍ୟତା ଦୂର କରାଯାଇପାରିବ। ଆମେ ସମସ୍ତେ ମିଳିମିଶି ଏକ ଅନ୍ତର୍ଭୁକ୍ତ ସମାଜ ଗଠନ କରିବା ଆବଶ୍ୟକ, ଯେଉଁଠି ସମସ୍ତଙ୍କୁ ସମ୍ମାନର ସହ ଗ୍ରହଣ କରାଯିବା ଉଚିତ।

**ସହକାରୀ ଅଧ୍ୟାପକ,
ନୃତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ : ୯୪୩୮୫୫୯୦୮୨**

## ଏଇ ଭାରତରେ

କୋଲ୍ଡ ଷ୍ଟୋରଗୁଡ଼ିକରେ କୃଷକ ଓ ଦୋକାନୀମାନଙ୍କୁ ଫଳ, ପନିପରିବା ରଖିବା ଲାଗି ଅଧିକ ବ୍ୟୟ କରିବାକୁ ପଡୁଛି। ଏହି ବ୍ୟୟ ହ୍ରାସ କରିବା ସହ ଫଳ ଓ ପନିପରିବା ବେଶି ଦିନ ତାଜା ରଖିବା ଲାଗି ଚେନ୍ନାଇର ଦୀପକ ରାଜମୋହନ ଓ ବିଜୟ ଆନନ୍ଦ ଗ୍ରୀନ୍‌ପଣ୍ଡ ଲିମ୍ବସ କମ୍ପାନୀ ଖୋଲି ଫ୍ରିଜ୍ ତିଆରି କରୁଛନ୍ତି। ଏହି ଫ୍ରିଜ୍ କୃଷକମାନଙ୍କ ପାଇଁ ଯେତିକି ଆବଶ୍ୟକ ହେଉଛି ଗ୍ରାହକମାନଙ୍କ ପାଇଁ ଏହାର ଆବଶ୍ୟକତା ରହିଛି। ଦୀପକ ଜଣେ ଫୁଡ୍ ସାଇନ୍ସ ଇଞ୍ଜିନିୟର। କିଛି ଦିନ ପାଇଁ ଆମେରିକାରେ ଚାକିରି କରିଥିଲେ। ୨୦୧୯ରେ ସେ ଭାରତକୁ ଫେରିବା ପରେ ଖାଦ୍ୟ ନଷ୍ଟ ରୋକିବା ଲାଗି ଏହି ପ୍ରକାର ଫ୍ରିଜ୍ ନିର୍ମାଣ କରିବା ଆରମ୍ଭ କରିଥିଲେ। ଫ୍ରିଜ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଟେକ୍ନିକରେ ତିଆରି ହୋଇଛି। ଏଥିରେ ଫଳ ଓ ପରିବା ୧୨ ଦିନ ଯାଏ ରହିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୯୮

- ମହାରାଷ୍ଟ୍ରରେ ରାଜ୍ୟସଭା ଦ୍ୱିବାର୍ଷିକ ନିର୍ବାଚନରେ ଦଳର ମନୋନୀତ ପ୍ରାର୍ଥୀଙ୍କ ବିରୁଦ୍ଧରେ କାର୍ଯ୍ୟ କରିବା ଯୋଗୁ କଂଗ୍ରେସ ସାଂସଦ ପ୍ରଫୁଲ ପଟେଲ ଓ ବିଧାୟକ ସତୀଶ ଚତୁର୍ବେଦୀଙ୍କୁ କାରଣ ଦର୍ଶାଅ ନୋଟିସ।
- ହିମାଚଳ ପ୍ରଦେଶର କୁଲୁ ନିକଟବର୍ତ୍ତୀ ରାମଶୀଳାଠାରେ ବେଆସ ନଦୀ ମଧ୍ୟକୁ ଏକ ପର୍ଯ୍ୟଟନ ବସ ଖସି ୫୩ ଜଣଙ୍କ ମୃତ୍ୟୁ।
- ଦେଶରେ ସମକାମୀ ଯୌନ ସମ୍ବନ୍ଧ ପାଇଁ ଆଇନଗତ ବୟସ ସୀମାକୁ ୧୬ ବର୍ଷକୁ କମାଇ ଦେବା ପାଇଁ ବ୍ରିଟିଶ ହାଉସ ଅଫ୍ କମନ୍ସରେ ଆଗତ ଏକ ପ୍ରସ୍ତାବ ଗୃହତରେ ଅନୁମୋଦିତ।

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର,
ହେବାକୁ ତୁମରି ଅଘର୍ୟ
ଏ ଜୀବନ ରତ୍ନ ଅଭିସାର।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | 1 | | |
| 9 | | | 5 | | 6 | | | 4 |
| 6 | | 7 | | | | | 2 | |
| | 1 | | 3 | 8 | | | | 2 |
| | 9 | 6 | | 7 | | | | |
| | | 4 | | | | | 8 | |
| | | | | 5 | | | | |
| | | 2 | 6 | 3 | | 4 | | 5 |
| | | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 4 | 3 | 2 | 9 | 6 | 7 | 1 |
| 2 | 6 | 7 | 8 | 1 | 4 | 9 | 3 | 5 |
| 1 | 9 | 3 | 5 | 7 | 6 | 2 | 8 | 4 |
| 6 | 1 | 8 | 2 | 9 | 5 | 3 | 4 | 7 |
| 4 | 2 | 5 | 7 | 8 | 3 | 1 | 9 | 6 |
| 7 | 3 | 9 | 4 | 6 | 1 | 5 | 2 | 8 |
| 5 | 4 | 2 | 1 | 3 | 8 | 7 | 6 | 9 |
| 9 | 7 | 1 | 6 | 4 | 2 | 8 | 5 | 3 |
| 3 | 8 | 6 | 9 | 5 | 7 | 4 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବରିଷ୍ଠଙ୍କୁ ଭତ୍ତା ଦିଆଯାଉ

ମହାଶୟ,

ଆମ ରାଜ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ପାଇଁ ଭାଗବତ ଟୁଙ୍ଗି ବହୁ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। ପ୍ରତି ସନ୍ଧ୍ୟାରେ ଗ୍ରାମବାସୀମାନେ ଭାଗବତ ପାଠ କରିବା ସାଙ୍ଗେ ସାଙ୍ଗେ ବିଭିନ୍ନ ଧାର୍ମିକ ବିଷୟ ଆଲୋଚନା କରନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଏବେ ପ୍ରାୟ ଅଧିକାଂଶ ଭାଗବତ ଟୁଙ୍ଗି ବିଲୟ ଅବସ୍ଥାକୁ ଆସିଲାଣି। ଏଥିପାଇଁ ରାଜ୍ୟ ସରକାର ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିପାଇଁ ଆବଶ୍ୟକ ଟଙ୍କା ଥିଲେ ମଧ୍ୟ କେତେକ ବ୍ଲକ ଅଧିକାରୀଙ୍କ ଉଦାସୀନତାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ରାଜ୍ୟ ସଂସ୍କୃତି ବିଭାଗ ବିଡିଓଙ୍କ ଆକାଉଣ୍ଟକୁ ଅନୁଦାନ ପ୍ରେରଣ କରିଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ପ୍ରତିବର୍ଷ ଅନୁଦାନ ରାଶି ସରକାର ମଞ୍ଜୁର କରୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହୋଇ ପଡିରହିଛି। ଯାଜପୁର ଜିଲାରେ ଶହ ଶହ ଭାଗବତ ଟୁଙ୍ଗି ନିଜସ୍ୱ ଜମି ଓ ଅର୍ଥରେ ପରିଚାଳିତ ହୋଇଆସୁଅଛି। କିନ୍ତୁ ଆର୍ଥିକ ପ୍ରୋତ୍ସାହନ ଅଭାବରୁ ସାହି ସାହିରେ ଥିବା ଭାଗବତ ଟୁଙ୍ଗି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି। ସରକାରଙ୍କ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ସଚିବ ଗୁରୁତ୍ୱାରୋପ କରି କାର୍ଯ୍ୟ କରୁଛନ୍ତି। ଅଥଚ ଉକ୍ତ ଯୋଜନା ୮ ବର୍ଷ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟର ସବୁ ବ୍ଲକରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବଡ଼ଚଣା ବ୍ଲକରେ ଦୁଇ ଶହରୁ ଅଧିକ ଭାଗବତ ଟୁଙ୍ଗି ଥିଲେ ମଧ୍ୟ ମାତ୍ର ୨୦ଟି ଭାଗବତ ଟୁଙ୍ଗିରେ ଏହା କାର୍ଯ୍ୟକାରୀ ହୋଇଥିବାର ଜଣାଯାଇଛି। ପ୍ରତି ଭାଗବତ ଟୁଙ୍ଗିକୁ ଭାଗବତ ପୁସ୍ତକ ସମେତ ଧାର୍ମିକ ପୁସ୍ତକ ଓ ମାଇକ୍ ପ୍ରଦାନ କରାଗଲେ ବରିଷ୍ଠ ନାଗରିକ ଓ ଧର୍ମପରାୟଣ ବ୍ୟକ୍ତିମାନେ ଉପକୃତ ହେବେ। ଗ୍ରାମରେ ଶାନ୍ତି ଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ଭାଗବତ ଟୁଙ୍ଗିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୫-ଟି ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**-ନିର୍ମଳ ଚନ୍ଦ୍ର ସାମଲ,
ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନବୋଦୟ ପ୍ରବେଶିକା ପରୀକ୍ଷାରେ ତାପସ ସାହୁ ଉତ୍ତୀର୍ଣ୍ଣ

**କର୍ଲାମୁଣ୍ଡା, ୨୩।୬ (ପ୍ରଦୀପ ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ତାପସ ସାହୁ ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ପ୍ରଚାର ହେବା ପରେ ଶିଶୁ ମନ୍ଦିରରେ ଖୁସିର ଲହରୀ ଖେଳିଯାଇଛି। ତାପସ ହେଉଛନ୍ତି କର୍ଲାମୁଣ୍ଡା (ଡୁକେରମାଲ) ଗ୍ରାମର ମୀନ କେତନସାହୁ ଓ ଚନ୍ଦ୍ରକାନ୍ତି ସାହୁଙ୍କ ଏକ ମାତ୍ର ପୁତ୍ର। ତାଙ୍କର ସଫଳତା ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।

### ଫକୋଟପଡା ରାସ୍ତା ଶୋଚନୀୟ

**ଖଡ଼ିଆଳ, ୨୩।୬ (ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡିଆଳ ବ୍ଲକ ଗଡରାମୁଣ୍ଡା ପଞ୍ଚାୟତ ଫୋକଟପଡା ଖଡିଆଳ ଏନ୍ଏସିକୁ ଲାଗି ରହିଛି। ଏନ୍ଏସିକୁ ଲାଗିବା ଦ୍ୱାରା ଫୋକଟପଡା ମଧ ସହରିକରଣ ହେବା ସହିତ ସହ ଘର ତିଆରି ହେଉଛି। ବର୍ତମାନ ଫୋକଟପଡା ସହରି ପରିବେଶ ମଧରେ ରହିଥିବା ବେଳେ ପଡାର ଚାରିପଟେ ରାସ୍ତା ଶୋଚନୀୟ ହୋଇପଡିଛି। ଗାୟତ୍ରୀ ମନ୍ଦିରଠାରୁ ବିଦ୍ୟୁତ୍ ଷ୍ଟକଚର ପର୍ଯ୍ୟନ୍ତ ରାସ୍ତାରେ ବର୍ଷା ହେବା ଦ୍ୱାରା ଏକ ଫୁଟ ଦୁର୍ଗନ୍ଧ ପାଣି ଭରି ରହିଛି। ଫଳରେ ଯାତାୟାତରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଗଡ୍ରାମୁଣ୍ଡା ପଞ୍ଚାୟତ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଅତିଶୀଘ୍ର ପଦକ୍ଷେପ ନେବା ପାଇଁ ପଡାବାସୀ ଦାବି କରିଛନ୍ତି। ଏ ବିଷୟରେ ବିଡିଓ ବିରସେନ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଅତିଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ବିଦ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା



**ଖଡ଼ିଆଳ, ୨୩।୬ (ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଜିଲାର ଏକ ପ୍ରମୁଖ ବିଦ୍ୟାଳୟ। ହେଲେ ଏହି ବିଦ୍ୟାଳୟର ମୁଖ୍ୟ ଦ୍ୱାରା ସାମ୍ନାରେ କୁଢ଼ କୁଢ଼ ଆବର୍ଜନା ଦୀର୍ଘ ଦିନ ଧରି ପଡିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଗତ ଦିନରେ ଗ୍ରୀଷ୍ମ ଛୁଟି ରହିଥିବାରୁ ବିଦ୍ୟାଳୟ ବନ୍ଦ ରହିଥିଲା। ଫଳରେ ସମ୍ମୁଖ ପାର୍ଶ୍ୱରେ ଯେତେ ଦୂଷିତ ପରିବେଶ ଥିଲେ ମଧ କେହି ପ୍ରଶ୍ନ କରୁ ନ ଥିଲେ। ବର୍ତ୍ତମାନ ବିଦ୍ୟାଳୟ ଖୋଲି ସାରିଛି। ଫଳରେ ସହର ତଥା ଗ୍ରାମାଞ୍ଚଳର ଶହ ଶହ ଛାତ୍ରୀଛାତ୍ର ବିଦ୍ୟାଳୟକୁ ପଢିବାକୁ ଆସି ଅସ୍ୱାସ୍ଥ୍ୟ କର ପରିବେଶର ଶିକାର ହେଉଛନ୍ତି। ଫଳରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ଗଦା ହୋଇ ରହିଥିବା ଆବର୍ଜନାକୁ ସଫା କରିବାକୁ ଦୃଷ୍ଟି ଦାବି ହେଉଛି।

# ବିଭିନ୍ନ ପ୍ରକଳ୍ପର ତଦାରଖ, ସମୀକ୍ଷା

**ଭବାନୀପାଟଣା, ୨୩।୬ (ଉତ୍ତମ କୁମାର ଦାଶ)**



ମସିଗାଁ ବାଗଡିସର ପୋଲ ପରିଦର୍ଶନ କରୁଛନ୍ତି।

**ଡବ୍ଲ୍ୟୁଓଡିସି ଅଧକ୍ଷଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ**

ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ ତ୍ରିପାଠୀ ୨ ଦିନିଆ କଳାହାଣ୍ଡି ଗସ୍ତରେ ଆସିଥିଲେ। ଶୁକ୍ରବାର ଦ୍ୱିତୀୟ ଦିନରେ ସେ ଜିଲାର ଭବାନୀପାଟଣା ବ୍ଲକ ସମେତ ଥୁଆମୂଳ ରାମପୁର, ଜୟପାଟଣା ବ୍ଲକସ୍ଥିତ ମୁଖୀଗୁଡା ଓ ଧର୍ମଗଡ ଆଦି ଗସ୍ତ କରି ବିଭିନ୍ନ ପ୍ରକଳ୍ପର ତଦାରଖ କରିଛନ୍ତି। ଭବାନୀପାଟଣା ସହରର ମତ୍ସ୍ୟ କାର୍ଯ୍ୟାଳୟ ଓ ବିମଳା କନଭେଣ୍ଟ ନିକଟସ୍ଥ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ଜାଖମ ଇକୋ ଟୁରିଷ୍ଟ କମ୍ପ୍ଲେକ୍ସ, କାନିଗୁମା କଫି ପ୍ଲାଣ୍ଟେଶନ, ଥୁଆମୂଳ ରାମପୁରର କଫି ନର୍ସରୀ ପରିଦର୍ଶନ ସହ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ପରାମର୍ଶ ଦେଇଥିଲେ। ଥୁଆମୂଳ ରାମପୁରସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିର କାର୍ଯ୍ୟ ଅଗ୍ରଗତି, ବିକାଶ ଓ ଏହାର ଅଧିକ ପରିସୀମା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଥୁଆମୂଳ ରାମପୁରର ପର୍ଯ୍ୟଟନ ଆକର୍ଷଣ 'ହେଲୋ ପଏଣ୍ଟ' ସହ ଇନ୍ଦ୍ରାବତୀ ଜଳଭଣ୍ଡାର ପରିଦର୍ଶନ କରିଥିଲେ। ସେହିପରି ଧର୍ମଗଡସ୍ଥିତ ଟାଉନହଲର ପୁନରୁଦ୍ଧାର କାର୍ଯ୍ୟ, ସିଆଳିକାନୀ କଟା ବନ୍ଧ ପରିଦର୍ଶନ ସହ ଧର୍ମଗଡ ଆହାର ରୋଷେଇ କେନ୍ଦ୍ର ଉଦଘାଟନ କରିଥିଲେ। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମସିଗାଁ ବାଗଡିସାର ପୋଲ କାର୍ଯ୍ୟ ଅଗ୍ରଗତି ପରିଦର୍ଶନ କରିଥିଲେ। ଏହି ସମୟରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଜିଲାପାଳ କଳାହାଣ୍ଡି ପି. ଅନେୱଷା ରେଡ୍ଡୀ, ସିଡିଓ ଜିଲା ପରିଷଦ ସଚିନ ପାୱାର, ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଡବ୍ଲ୍ୟୁଓଡିସି ସଦସ୍ୟ ଅବିନାଶ ଠାକୁର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଗୁରୁବାର ସନ୍ଧ୍ୟାରେ ସେ ଭବାନୀପାଟଣାରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଗଦେଇ ଜିଲାର ଶିଳ୍ପ, କୃଷି ଭିତ୍ତିକ ଶିଳ୍ପର ସ୍ଥାପନ ଓ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ କିଭଳି ଆଖି ଦୃଶିଆ ଅଗ୍ରସର ହୋଇପାରିବ ତା ଉପରେ କୃଷି, ପଶୁ ସମ୍ପଦ, ଉଦ୍ୟାନ, ମତ୍ସ୍ୟ, ଶିଳ୍ପ ବିଭାଗର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ଅଜିତ ମିଶ୍ର, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ, ଡବ୍ଲ୍ୟୁଓଡିସି ଟେକନିକାଲ ପରାମର୍ଶଦାତା ସୁନୀଲ ନାୟକ, ଡିଡି ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଖୋଳି ଦେବାରୁ ଯାତାୟାତ ବାଧାପ୍ରାପ୍ତ

**କୋକସରା, ୨୩।୬ (ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ପଞ୍ଚାୟତ ଚିଲିଗୁଡାରୁ ଓଲମାକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ନିର୍ମାଣ ରାସ୍ତା ଶୁକ୍ରବାର ସକାଳେ ଚିଲିଗୁଡା ଗ୍ରାମର ଜଣେ ଲୋକ ରାସ୍ତା କଡ଼ରେ ପାଣି ଜମୁଥିବାରୁ ଖୋଳି ଦେଇଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତା ଦେଇ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ପଡିଛି। ସୂଚନାମତେ ଚିଲିଗୁଡା ଗ୍ରାମର ଜଣେ ଲୋକ ଘର ଆଗରେ ବର୍ଷା ଓ ଡ୍ରେନର ମଇଳା ପାଣି ଜମା ହେଉଥିବା ବେଳେ ଡ୍ରେନ ସଫା ନ ଥିବାରୁ ପାଣି ନିଷ୍କାସନ ହୋଇ ପାରୁ ନ ଥିଲା। ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁ ଘର ସମ୍ମୁଖରେ ଡ୍ରେନର ମଇଳା ପାଣି ଜମା ହେବାରୁ ରାସ୍ତା ଖୋଳି ଦେଇଥିବା ଜଣାପଡିଛି। ଏ ନେଇ ଗ୍ରାମବାସୀ କୋକସରା ସରପଞ୍ଚ ଓ ରାସ୍ତା ନିର୍ମାଣକାରୀ ସଂସ୍ଥା ଆରଡି ବିଭାଗକୁ ଖବର ଦେଇଥିଲେ। ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଗାଁ ଲୋକଙ୍କ ସହ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ଜଣାପଡିଛି। ରାସ୍ତା ଖୋଳି ଦେଇଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ରାସ୍ତା ମରାମତି କରିବାକୁ ଚିଲିଗୁଡା ଗ୍ରାମବାସୀ ଦାବି କରିଛନ୍ତି।



କଂକ୍ରିଟ ରାସ୍ତାକୁ ଖୋଳି ଦିଆଯାଇଛି।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ମିଳିତ ଉଦ୍ୟମ ଆବଶ୍ୟକତା



ଏନ୍ଏସିର ସଦଭାବନା ସଭା ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମ।

**କେସିଙ୍ଗା, ୨୩।୬ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ସଦଭାବନା ସଭାଗୃହଠାରେ ଶିଶୁମାନଙ୍କ ମୌଳିକ ଅଧିକାର ସହ ସାମାଜିକ, ଆର୍ଥିକ ସମସ୍ୟା ଦୂରୀକରଣ, ଶ୍ରମିକ ନିରାକରଣ ଓ ଥାଇଥାନ ପାଇଁ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଡିଟ ଏକସନ, ୟୁନିସେଫ ଓ ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ ବୈଠକରେ ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ ସଭା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର କୁମାର ମହାପାତ୍ର, ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଧୁ, ସିଡିପିଓ ସୁଷମା ମିଶ୍ର, ପ୍ରୋଗ୍ରାମ ମେନେଜର ସରୋଜ କୁମାର ବାରିକ, ପୂର୍ବତନ ନଗରପାଳ ରାମ କୁମାର ଜୈନ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ନୂତନ ଏକ୍ସନ ପ୍ଲାନ ପ୍ରସ୍ତୁତ କରିବା ସହ ଶିଶୁ ଶ୍ରମିକଙ୍କୁ କୌଣସି କାମରେ ନିୟୋଜିତ ନ କରିବା, ଶିକ୍ଷା ଦାନ ପ୍ରଦାନ କରିବା ସହ ଦାରିଦ୍ର୍ୟ ଦୂରୀକରଣ ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବା, ତଳସ୍ତରରୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ ତାଲିକା ପ୍ରସ୍ତୁତ କରିବା, ଅନାଥ ଶିଶୁ, ଯୌନ ପୀଡ଼ିତ ଶିଶୁ, ରାସ୍ତା ବୁଲୁଥିବା ଶିଶୁ ଏବଂ କ୍ରଶର, ଫାକ୍ଟୋରିରେ କାମ କରୁଥିବା ଶିଶୁ, କେମିକାଲ ଫାକ୍ଟୋରିରେ କାମ କରୁଥିବା ଶିଶୁ, ଗ୍ୟାରେଜରେ କାମ କରୁଥିବା ଶିଶୁଙ୍କୁ ଚିହ୍ନଟ କରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିବା ପାଇଁ ଅଧିକାରୀଗଣ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ରମାକାନ୍ତ ଜେନା, ମଞ୍ଜୁ ମାଝି, ପ୍ରେରଣା ନାଏକ, କବିତା ମାଝି, ପ୍ରକାଶ ବନଛୋର, ଶମ୍ଭୁ ଗୌଡ଼, ଭୁପିନ୍ଦର ଘିଭେଲା, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। କେସିଙ୍ଗା ସହରକୁ ଆସନ୍ତା ଏକ ବର୍ଷ ମଧ୍ୟରେ ଶିଶୁ ଶ୍ରମିକ ମୁକ୍ତ ସହର କରାଯିବ ବୋଲି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅତିଶୀଘ୍ର ଏନ୍ଏସି ଦ୍ୱାରା ଏକ ଟାସ୍କ ଫୋର୍ସ ଗଠନ କରିବା ପାଇଁ ଘୋଷଣା କରି ଶିଶୁ ଶ୍ରମିକ ପ୍ରଥା ରୋକିବା ପାଇଁ ନଗରପାଳ ନୃପରାଜ ଯାଦବ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯେଉଁମାନେ ଶିଶୁ ଶ୍ରମିକଙ୍କୁ ହୋଟେଲ, ଢ଼ାବା, ବ୍ୟବସାୟ ପ୍ରତିଷ୍ଠାନରେ ଲଗାଇଛନ୍ତି, ଧରା ପଡିଲେ ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇ ନ ସହିତ ୬ ମାସରୁ ୨ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହେବ ବୋଲି ଅତିଥିମାନେ ଚେତାଇ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ହିଁ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ।

# ସ୍ପିଡ୍ ବ୍ରେକର ସ୍ଥାପନ ପାଇଁ ଦାବି

**ଖଡ଼ିଆଳ, ୨୩।୬ (ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡିଆଳ ୩୫୩ ନମ୍ବର ଜାତୀୟ ରାଜପଥ ଚଲାନପଡା ରାମନାଥ ଉଚ୍ଚ ବିଦ୍ୟାପୀଠ ଓ ଚଲାନପଡା ଏମଇ ସ୍କୁଲ ରହିଛି। ଜାତୀୟ ରାଜପଥ ହୋଇଥିବାରୁ ପ୍ରତିଦିନ ସହ ସହ ଭାରିଜାନ ସାଙ୍ଗକୁ ହଜାର ହଜାର କାର ଓ ମୋଟରସାଇକେଲ ଯାତାୟାତ କରୁଛି। ଏହି ୩୫୩ ନମ୍ବର ଜାତୀୟ ରାଜପଥକୁ ଲାଗି ହାଇସ୍କୁଲ ଓ ଏମଇ ସ୍କୁଲ ରହିଥିବାରୁ ଶହ ଶହ ଛାତ୍ରୀଛାତ୍ର ଜାତୀୟ ରାଜପଥ ଡେଇଁ ଯାତାୟତ କରୁଛନ୍ତି। ଗାଡିଗୁଡିକ ଅତ୍ୟଧିକ ଦ୍ରୁତ ବେଗରେ ଯାତାୟାତ କରୁଥିବାରୁ ଛାତ୍ରୀଛାତ୍ର ଜୀବନ ପ୍ରତି ବିପଦ ରହିଛି। ଗତ ଏକ ବର୍ଷ ମଧରେ ୨ଜଣ ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହୋଇସାରିଛନ୍ତି। କେତେବେଳେ ଛାତ୍ରୀଛାତ୍ରଙ୍କ ଜୀବନ ଚାଲିଯାଇ ପାରେ। ଏହାକୁ ଦୃଷ୍ଟିରେ ରଖି ୨ଟି ବିଦ୍ୟାଳୟ ମଧ ସ୍ଥଳରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସ୍ପିଡ ବ୍ରେକର ସ୍ଥାପନ ଜରୁରୀ ହୋଇପଡିଛି। ଏ ବିଷୟରେ ଦୁଇ ଗୋଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ବାରମ୍ବାର ଜାତୀୟ ରାଜପଥ ବିଭାଗକୁ ସ୍ପିଡ ବ୍ରେକର ସ୍ଥାପନ ପାଇଁ ଦାବି କରିଛନ୍ତି। ଜାତୀୟ ରାଜପଥ ବିଭାଗ ଶୁଣୁ ନ ଥିବା ଅଭିଯୋଗ ହୋଇଛି।

# ରାଜ୍ୟ ବୟନ ଶିଳ୍ପ ବିଭାଗ ଉପଦେଷ୍ଟାଙ୍କ ଖଡିଆଳ ନିର୍ବାଚନମଣ୍ଡଳୀ ଗସ୍ତ

**ଖଡ଼ିଆଳ, ୨୩।୬ (ସୁଜିତ୍ ପ୍ରଧାନ)**

ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ଉପଦେଷ୍ଟା ସୌଭାଗ୍ୟ ରଞ୍ଜନ ନାଏକ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି। ବୁଣାକାର ଶୋସାଇଟି କର୍ମକର୍ତ୍ତାମାନଙ୍କୁ ସାକ୍ଷାତ କରି ତାଙ୍କ ସହିତ ତାଙ୍କର ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆଲୋଚନା କରିଥିଲେ। ରାଜ୍ୟ ସରକାର କରିଥିବା ତାଙ୍କ ପାଇଁ ବିଭିନ୍ନ ଲାଭଦାୟକ ଓ ସ୍ୱାବଲମ୍ବନ ଯୋଜନା ବିଷୟରେ ତାଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ବୁଣାକାରଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବିଷେଶ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ କିପରି ଭାବେ ବୁଣାକାର ତାଲିମ ପ୍ରାପ୍ତ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ଏହି ଅଭିଯାନରେ ସାମିଲ କରିପାରିବେ ସରକାର ତାଙ୍କ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଗସ୍ତ ସମୟରେ ସେ ରିଷଗାଁ ଦର୍ଲିପଡାର ଗଣପତି ସୋସାଇଟି ତୁକୁଲା ମାଲପଡାର ପୁଷ୍ପାଞ୍ଜଳି ସୋସାଇଟି ଓ ଭୁଲିଆସିକୁଆଁର ପ୍ରେମସାଇ ଶୋସାଇଟି କାରୁକାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ବୁଣାକାରମାନଙ୍କ ଭିତ୍ତିଭୂମି ଉପରେ ଆଲୋଚନା କାର୍ଯ୍ୟକ୍ରମରେ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜୋନ ୬ ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ଜୋନ ୪ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ସହକାରି ବୟନ ଶିଳ୍ପ ନିର୍ଦ୍ଦେଶକ ହୃଷିକେଷ ମହାଲି, ଉପ ସହକାରୀ ନିବନ୍ଧକ ସମିତି ସମୂହ ଅଧିକାରୀ ରଘୁନାଥ ପୁଜାରୀ, ବୟନ ତ୍ୱତାବଧାରକ ଅଧିକାରୀ ବିକ୍ରମ କାନ୍ଧେର, ଯୁଧିଷ୍ଠିର ମେହେର, ତ୍ରିଲୋଚନ ପ୍ରଧାନୀ, ମକରନ୍ଦ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।



ରାଜ୍ୟ ବୟନ ଶିଳ୍ପ ବିଭାଗ ଉପଦେଷ୍ଟାଙ୍କ ସହ ଅନ୍ୟମାନେ।

# ଜୁନାଗଡ଼ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଜୁନାଗଡ଼, ୨୩।୬ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଓକିଲ ସଂଘ ପକ୍ଷରୁ ଜୁନାଗଡ଼ରେ ନିୟମିତ ସବରେଜିଷ୍ଟ୍ରାର ନିଯୁକ୍ତି ସହ କାର୍ଯ୍ୟାଳୟ ନିର୍ମାଣ ଓ ଅତିରିକ୍ତ ତହସିଲଦାର ନିଯୁକ୍ତି ଦାବି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଓକିଲ ସଂଘ ସଭାପତି ଅଶୋକ ପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା। ଏଥିରେ ଜୁନାଗଡ଼ ଅଞ୍ଚଳର ୩୪ ପଞ୍ଚାୟତ ଜନସାଧାରଣଙ୍କ ପାଇଁ କେବଳ ସପ୍ତାହକୁ ଗୋଟିଏ ଦିନ ଏଠାରେ ରେଜିଷ୍ଟ୍ରି କାର୍ଯ୍ୟ କରାଯାଉଛି, ଏଣୁ ଏଠାରେ ନିୟମିତ ରେଜିଷ୍ଟ୍ରି କାର୍ଯ୍ୟ କରାଯିବା ସହ ତୁରନ୍ତ ସବରେଜିଷ୍ଟ୍ରି କାର୍ଯ୍ୟାଳୟ ନିର୍ମାଣକରାଯାଉ। ଏଥିସହ ଜୁନାଗଡ଼ ଏକ ବଡ ତହସିଲ ହୋଇଥିବାରୁ ତୁରନ୍ତ ଜଣେ ଅତିରିକ୍ତ ତହସିଲଦାର ନିଯୁକ୍ତି କରିବାକୁ ମଧ ଦାବି କରିଛନ୍ତି। ତେବେ ଦାବି ତୁରନ୍ତ ପୂରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ହିମାଂଶୁ ବରାଡ଼, ଉପସଭାପତି ରମେଶ ନାଏକ ଓ ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଓକିଲ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଜିଲାପାଳଙ୍କ ଅଫିସ୍ ଆଗରେ ଆଉଟସୋର୍ସିଂଙ୍କ ଧାରଣା

**ଭବାନୀପାଟଣା, ୨୩।୬ (ଉତ୍ତମ କୁମାର ଦାଶ)**

ରାଜ୍ୟର ସରକାରୀ ଅଫିସରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର କଳାହାଣ୍ଡି ଜିଲାପାଳଙ୍କ ଅଫିସ ଆଗରେ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ସ୍ଥାନୀୟ ପୁରୁଣାପଡା ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସଂଘ ଶତାଧିକ କର୍ମକର୍ତ୍ତା ଜିଲାପାଳ ଅଫିସକୁ ଆସିଥିଲେ। ପରେ ସେଠାରେ ଧାରଣା ଦେବା ସହ ଉଦବୋଧନ ଦେଇ ନିଜ ଦାବି ଉପସ୍ଥାପନ କରିଥିଲେ। ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି, କାର୍ଯ୍ୟକ୍ଷେତ୍ରରେ ଚାକିରିର ସୁରକ୍ଷା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବଜାର ଦର ବୃଦ୍ଧି ଅନୁପାତରେ ଦରମା ପ୍ରଦାନ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ମହିଳା କର୍ମଚାରୀଙ୍କୁ ପ୍ରଦାନ ଆଦି ଦାବି ସେମାନେ କରିଛନ୍ତି। ଏହି ଦାବି ସମୂହ ନେଇ ସଂଘର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ଏହି ସମୟରେ ସଂଘର ଜିଲା ସଭାପତି ସୁଜିତ ବିଶ୍ୱାଳ, ସମ୍ପାଦକ ବିନୟ କୁମାର ପାତ୍ର, ଆବାହକ ଅବକାଶ ଠାକୁର, କୋଷାଧ୍ୟକ୍ଷ କୈଳାସ ବାଣୁଆ, ସଦସ୍ୟ ଆଶୁତୋଷ ଷଡ଼ଙ୍ଗୀ, ହିମାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଉଟସୋର୍ସିଂଙ୍କ ଧାରଣା।

# କାମ କରି ପାଉଣା ପାଇନାହାନ୍ତି ଶ୍ରମିକ

**ନୂଆପଡା, ୨୩।୬ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାଲିପାଟିଠାରୁ ଡ୍ୟାମ ରାସ୍ତା ନିର୍ମାଣର ଏକ ବର୍ଷ ବିତି ଯାଇଛି। ହେଲେ ଆଜି ଯାଏ ଶ୍ରମିକମାନେ ପାଉଣା ପାଇ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ଯେ କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ନାମ ଫଳକ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଏଠାରେ ନାମ ଫଳକ ମଧ୍ୟ ଅର୍ଦ୍ଧ ନିର୍ମିତ ଭାବେ ରହିଥିବାରୁ କେଉଁ କାର୍ଯ୍ୟ ଓ କେତେ ଅଟକଳ ଜଣା ପଡିନାହିଁ। ପ୍ରାପ୍ତ ସୂଚନା ଅନୁସାରେ ୨୦୨୨ ନଭେମ୍ବର ମାସରେ ବାଲିପାଟିଠାରୁ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ସାହାଜଟ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତାରେ ମାଟି କାମ ହୋଇଥିଲା। ରାସ୍ତା ନିର୍ମାଣର ୮ ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ କି ଶ୍ରମିକମାନଙ୍କ ପାଉଣା ମିଳି ନାହିଁ। ଏ ସମ୍ପର୍କରେ ଶ୍ରମିକମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦେଉଛନ୍ତି। ହେଲେ ଠିକ ସମୟରେ ପାଉଣା ମିଳୁ ନ ଥିବାରୁ ବାଧ୍ୟ ହୋଇ ଦାଦନ ଯିବାକୁ ପଡୁଛି। ଦାଦନ ଗଲେ ମଧ୍ୟ ମାଲିକଙ୍କ ନିର୍ଯାତନା ସହି ହେଉନାହିଁ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଧଜରାମ କୈବର୍ତ, କୁମୁରା ମାଝି, ରିଖିରାମ କୈବର୍ତ, ମୋହିତ ରାମ ଅହିର, ଘନଶ୍ୟାମ ଅହିର, ପୁନୁରାମ ମାଝି, ସାଧୁରାମ ମାଝି, ହରି ମାଝି, ତ୍ରିନାଥ ମାଝି, ଡମ୍ବରୁ ମାଝି, ଦୀପାଞ୍ଜଳି ମାଝି, ରାଜୁ ମାଝି, ଭାଗରଥି ମାଝି, ସୋବିନ ମାଝି, ଯୁଗେ ମାଝି, ନନ୍ଦ ମାଝି, ରୁଦ୍ର ମାଝି, ତିକେରାମ ମାଝି, ଟଙ୍କଧର ମାଝି, ଚନ୍ଦ୍ରାବତୀ ମାଝି ପ୍ରମୁଖ କାର୍ଯ୍ୟ କରି ଆଜି ପର୍ଯ୍ୟନ୍ତ ପାଉଣା ପାଇ ନାହାନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ରଥଙ୍କୁ ପଚାରିବାରୁ କିଛି ଲୋକଙ୍କ ପାଉଣା ମିଳି ଯାଇଥିବା ବେଳେ ପାଉଣା ମିଳି ନ ଥିବା ଲୋକଙ୍କ ଆକାଉଣ୍ଟ ଭୁଲ ଥିବାରୁ ପାଉଣା ମିଳ ନାହିଁ ବୋଲି କହିଛନ୍ତି।



ଅର୍ଦ୍ଧ ନିର୍ମିତ ନାମଫଳକ।

# ଭାରତୀୟ କିସାନ ସଂଘ ପକ୍ଷରୁ ବିକ୍ଷୋଭ

ବୌଦ୍ଧ,୨୩।୬(ଅଜିତ କୁମାର ବାରିକ)

ଭାରତୀୟ କିସାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ଜିଲାରେ ମରୁଡିର ସ୍ଥାୟୀ ପ୍ରତିକାର ଓ ଜଳସଚେନର ସୁବିଧା ନିମନ୍ତେ ମହାନଦୀର ଶାଖାନଦୀଗୁଡିକରେ ଛୋଟ ଛୋଟ ଡ୍ୟାମ ନିର୍ମାଣ ପାଇଁ ଦାବି କରାଯାଇଛି। ଶୁକ୍ରବାର ଦିନ କିସାନ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସ୍ଥାନୀୟ ରାମଲୀଳା ପଡିଆଠାରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଦେଇଥିଲା। ଦୀର୍ଘ ସମୟ ଧରି ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ପ୍ରତିବର୍ଷ ମହାନଦୀର ଉପନଦୀ ସାଲୁଙ୍ଗୀ, ତେଲ, ବାଘ, ଖଡଙ୍ଗ ଆଦିରେ ପ୍ରବଳ ପାଣି ଆସିବା ଦ୍ୱାରା ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏହି ଉପନଦୀଗୁଡିକରେ ଜଳଭଣ୍ଡାର ନିର୍ମାଣ କରାଗଲେ ବନ୍ୟା ଦାଉରୁ ରକ୍ଷା ପାଇବା ସହିତ ଚାଷୀମାନେ ବର୍ଷ ତମାମ ଚାଷ କରିବା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଜଳସେଚନର ସୁବିଧା ପାଇପାରେ। ତେଣୁ କିସାନ ସଂଘ ପକ୍ଷରୁ ମହାନଦୀର ତଳମୁଣ୍ଡରେ ବଡ ଡ୍ୟାମ ନିର୍ମାଣ ପରିବର୍ତ୍ତେ ସାଲୁଙ୍ଗୀ ନଦୀର ଗୁରୁଜୀମୁଣ୍ଡା, ଖଡଙ୍ଗ ନଦୀର ସାଡାଙ୍ଗ ଓ ତେଲ ନଦୀର ଗଉଡତୋଳାଠାରେ ଛୋଟ ଛୋଟ ଡ୍ୟାମ ନିର୍ମାଣ କରି ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଟିକରପଡା ପଞ୍ଚାୟତର ସତୀଘାଟଠାରେ ବ୍ୟାରେଜ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ହୋଇଥିବା ବେଳେ କିସାନ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇ ସତୀଘାଟ ବଦଳରେ ତାହାର ଉପର ମୁଣ୍ଡରେ ଗୁରୁଜୀମୁଣ୍ଡାଠାରେ ଡ୍ୟାମ ନିର୍ମାଣ କରାଯାଇ ଚାଷୀଙ୍କ ପାଇଁ ସ୍ଥାୟୀ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଛି। ଯଦି ସରକାର ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କିସାନ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ମର୍ମରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ ଜଳସଂପଦ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ କିସାନ ସଂଘର ରାଜ୍ୟ ସହସମ୍ପାଦକ ବିଶିକେଶନ ପ୍ରଧାନ, ଉପଦେଷ୍ଟା ନବୀନ ପ୍ରଧାନ, ଦୃତିବାହାନ କମ୍ପ, ଶ୍ରୀକାନ୍ତ ମିଶ୍ର,ଦାଶରଥୀ ବାରିକ,ସୁଧାଂଶୁ ଡାଙ୍ଗ, ଶମ୍ଭୁ ପ୍ରଧାନ, ଲବ ପ୍ରଧାନ, କୃଷ୍ଣଚନ୍ଦ୍ର ବାରିକ, ଭୋଳାଗିରୀ ସାହ. ତ୍ରିପୁର ମହାକୁଡ, କୈଳାଶଚନ୍ଦ୍ର ମହାକୁଡ, ବୈକୁଣ୍ଠ ପ୍ରଧାନ, କୁନା ମାହାର, ନବୀନ ହୋତା, ବିକ୍ରମ ପ୍ରଧାନ, ତରଣୀ ମେହେରଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗୁରୁଜିମୁଣ୍ଡା ଓ ସାଡାଙ୍ଗ ଡ୍ୟାମ୍ ନିର୍ମାଣ ଦାବି

# ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ସୋନପୁର,୨୩।୬(ମୃତ୍ୟୁଞ୍ଜୟ ଶତପଥୀ)

ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ୧୧ ଦଫା ଦାବି ନେଇ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜିଲାର ଶତାଧିକ ଆଉଟ ସୋର୍ସିଂ କର୍ମଚାରୀ ସମୂହ ଛୁଟି ନେଇ ଧାରଣାରେ ସାମିଲ ହୋଇଥିଲେ। ସ୍ଥାୟୀ ନିଯୁକ୍ତି, ଚାକିରି ନିରାପତ୍ତା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଠିକ୍ ସମୟରେ ଦରମା ପ୍ରଦାନ ଓ ଦରମା ବୃଦ୍ଧି ଭଳି ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା । ରାଜସ୍ୱ, ବନ ବିଭାଗ, ଯୋଗାଣ ବିଭାଗ, ପଞ୍ଚାୟତିରାଜ, ଶ୍ରମ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ସମବାୟ ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀମାନେ ଧାରଣା ଦେଇଥିଲେ। ଶ୍ରମିକ ନେତା ଗୋବିନ୍ଦ ମହାରଣା ଓ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ଆନ୍ଦୋଳନ ସ୍ଥଳରେ ପହଞ୍ଚି ନିଜର ସମର୍ଥନ ଜଣାଇଥିଲେ। ୧୫ରୁ ୨୦ ବର୍ଷ ଧରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟ ସୋର୍ସିଂ କର୍ମଚାରୀଙ୍କ ନାର୍ଯ୍ୟ ଦାବି ଗୁଡିକ ରାଜ୍ୟ ସରକାର ଯଥାଶୀଘ୍ର ପୂରଣ କରିବାକୁ ମହାରଣା ଓ ବେଦ୍‌ବାକ ଦାବି କରିଥିଲେ। ଏହି ଅବସରରେ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ଆସନ୍ତା ୭ ଦିନ ଭିତରେ ଦାବି ପୂରଣ ନ ହେଲେ କର୍ମଚାରୀମାନେ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର ଜିଲା ସଭାପତି ନରହରି ମହାପାତ୍ର, ଉପସଭାପତି ରବିନାରାୟଣ ଟଣ୍ଡକାର, ବିକାଶ କୁମାର ସାହୁ, ରାମ ମେହେର, ପ୍ରଭାସିନୀ ସାହାଣୀ, ତ୍ରିଲୋଚନ ବାରିକ, ରାକେଶ ମିଶ୍ର ଓ ଲୋକନାଥ ସୁରୁଜାଲ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ସୁବର୍ଣ୍ଣପୁରରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା

# ଶାଶୁ ହତ୍ୟାକାରୀ ଜ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୨୩।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଶୁକ୍ରବାର ଦିନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଜ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବାଉଁଶୁଣୀ ଥାନା ତେନ୍ତୁଳିପାଲି ଗ୍ରାମର ସାନୁଜ ଖଟୁଆ ଉକ୍ତ ଥାନା ଅନ୍ତର୍ଗତ ଗୁଡପଡା ଗ୍ରାମର ବେଟିଖାଇ ସାହୁଙ୍କ ଝିଅ ସୂର୍ଯ୍ୟକାନ୍ତି ଖଟୁଆଙ୍କୁ ବିବାହ କରିଥିଲେ। ୧୯।୧।୨୦ ତାରିଖରେ ସ୍ୱାମୀ ସାନୁଜ ସ୍ତ୍ରୀ ସୂର୍ଯ୍ୟକାନ୍ତିଙ୍କୁ ମାଡ ମାରିବାରୁ ସୂର୍ଯ୍ୟକାନ୍ତି ଗଜରାଜପୁରରେ ରହୁଥିବା ଭଉଣୀ ସୁରୁବୁଡୀ ସାହୁଙ୍କ ଘରକୁ ପଳାଇ ଆସିଥିଲେ । ଭଉଣୀ ଘରେ ମାଆ ବେଟିଖାଇ ରହୁଥିଲେ। ପୁଣି ୨୦।୧।୨୦ରେ ସାନୁଜ ଗଜରାଜପୁର ଗ୍ରାମକୁ ଆସି ସ୍ତ୍ରୀଙ୍କୁ ପିଟାମରା କରିବା ସହ ଶାଶୁ ବେଟିଖାଇଙ୍କୁ ପଥରରେ ଛେଚି ମାରି ଦେଇଥିଲେ। ଏନେଇ ସ୍ତ୍ରୀ ସୂର୍ଯ୍ୟକାନ୍ତି ସେହିଦିନ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବାଉଁଶୁଣୀ ଥାନା ପକ୍ଷରୁ ନଂ ୧୦/୨୦ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ପୋଲିସ ଏହି ଘଟଣାରେ ସ୍ୱାମୀ ସାନୁଜଙ୍କୁ ୨୨।୧।୨୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାଟି ପରବର୍ତ୍ତୀ ସମୟରେ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ ୩୨/୨୦ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୭ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଶୁକ୍ରବାର ଅଭିଯୁକ୍ତ ଜ୍ୱାଇଁ ସାନୁଜଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ ।

## ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର

ବିନିକା,୨୩ ।୬(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଶ୍ରୀଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର ଶ୍ରୀଜଗନ୍ନାଥ ମତ୍ସ୍ୟ ଓ ବଳଭଦ୍ର କଚ୍ଛପ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଠାକୁରଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ଭଜନ, କୀର୍ତ୍ତନ ସାଙ୍ଗକୁ ସନ୍ଧ୍ୟା ଆଳତୀ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଠାକୁର ଦର୍ଶନ କରିବାରେ ଶ୍ରଦ୍ଧାଳୁଙ୍କ କୌଣସି ପ୍ରକାର ଅସୁବିଧା ନ ହେବା ପାଇଁ ପୋଲିସ ମୁତୟନ ହୋଇଥିଲା ।



ବିନିକାରେ ମତ୍ସ୍ୟ ଓ କଚ୍ଛପ ଅବତାରରେ ଶ୍ରୀଜୀଉ।

## ସଂକ୍ଷେପରେ

### ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୩।୬(ଅଜିତ କୁମାର ବାରିକ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ ଭାବରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରିବା ଦାବିରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବୌଦ୍ଧ ଜିଲା ପକ୍ଷରୁ ଶୁକ୍ରବାର ଦିନ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂଗ୍ରହାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପରେ ମହାସଂଘ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ମହାସଂଘ ପକ୍ଷରୁ ଦିଆଯାଇଥିବା ୧୦ ଦଫା ଦାବିପତ୍ରରେ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇ ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଯିବା ସହିତ ତୁରନ୍ତ ସରକାର ସେମାନଙ୍କୁ ନିୟମିତ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ଆଉଟସୋର୍ସିଂ ସଂସ୍ଥାଗୁଡିକ ଦ୍ୱାରା ବଭିନ୍ନ ପ୍ରକାର ଶୋଷଣର ଶିକାର ହେଉଥିବା ତଥା ମିଳୁଥିବା ସୁବିଧା ସୁଯୋଗ ପର୍ଯ୍ୟାପ୍ତ ନ ଥିବା ଅଭିଯୋଗ କରାଯାଇଛି। ତେଣୁ ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ନାର୍ଯ୍ୟା ଦାବିକୁ ଗୁରୁତର ସହ ବିଚାର କରି ସେମାନଙ୍କୁ ତୁରନ୍ତ ନିୟମିତ କରିବାକୁ ଦାବି କରାଯାଇଛି ।

### ଡାକ୍ତରଖାନା ପରିସରରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ



ଅମରପାଲି,୨୩।୬(ପୀତାମ୍ବର ସାହୁ): ଶୁକ୍ରବାର ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପରିସରରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା,ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଲାମଣି ଭୋଇ ଏବଂ ଥାନାଧିକାରୀ ଯୋଗେଶ୍ୱରୀ ଭୋଇଙ୍କ ଉପସ୍ଥିତିରେ ଜବରଦଖଲ ହୋଇଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି । ପ୍ରକାଶ ଯେ, ଉକ୍ତ ସ୍ଥାନରେ କ୍ୟାମ୍ପସ ମେଡିକାଲ ଷ୍ଟୋର ଥିବା ବେଳେ ମେଡିକାଲ ଷ୍ଟୋର ବନ୍ଦ ପରେ ସେହି ସ୍ଥାନକୁ ଏକ ଠିକାସଂସ୍ଥା ନିଜ କବଜାରେ ରଖି ଜିନିଷପତ୍ର ରଖିବା ସହିତ କେତେଜଣ କର୍ମଚାରୀ ରହୁଥିଲେ । ଦୁଇ ମାସ ପୂର୍ବରୁ ଜବରଦଖଲ ହଟାଇବା ପାଇଁ ନୋଟିସ ହୋଇଥିଲା । ପ୍ରଶାସନ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରିଛି।

# 'ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'



ଘିଚାପାଲି ମେଟାକାନି ଛକରେ ଭାଜପାର ଲାଭାର୍ଥି ସମ୍ମିଳନୀରେ ଏମ୍‌ପି ଓ ଅନ୍ୟମାନେ।

ଅମରପାଲି,୨୩।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତର ଘିଚାପାଲି ମେଟାକାନି ଛକ ନିକଟରେ ଭାଜପାର ଲାଭାର୍ଥି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରଜପୁର ଓ ସୁବଳୟା ମଣ୍ଡଳର ଭାଜପା କର୍ମକର୍ତ୍ତା ଓ ଭାଜପା ସମର୍ଥିତ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। କେନ୍ଦ୍ର ସରକାରର ନଅ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଭାଜପା ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଲାଭାର୍ଥି ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଜପା କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। ସେ ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ନଅ ବର୍ଷର ଶାସନ ମଧ୍ୟରେ ବିଭିନ୍ନ ଜନହିତକର ଯୋଜନା ଉପରେ ବିଶଦ ଭାବରେ ବୁଝାଇଥିଲେ। ଏହାସହିତ ଉକ୍ତ ଯୋଜନାଗୁଡିକ ସମ୍ପର୍କରେ ତଳସ୍ତରରେ ସାଧାରଣ ଲୋକଙ୍କୁ ବୁଝାଇବାକୁ କର୍ମୀମାନଙ୍କୁ କହିଥିଲେ। ଏହାସହିତ କର୍ମୀମାନଙ୍କୁ ବୁଥ ସ୍ତରକୁ ଯାଇ ସଙ୍ଗଠନ କିଭଳି ଭାବରେ ସୁଦୃଢ କରାଯିବ ସେଥିପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର,ପୂର୍ବତନ ଜିଲା ପରିଷଦ ଅଧକ୍ଷା ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଉଷା କୁମାରୀ, ବୀରମହାରାଜପୁରର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଆନନ୍ଦ ବାରିକ,ରାଜ୍ୟ କାର୍ଯ୍ୟକାରିଣୀ ତଥା ଭାଜପା ବିଧାୟକ ପ୍ରାର୍ଥୀ ଇଂ.ରଘୁନାଥ ଜଗଦଲା, ଜିଲା ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଜିଲା ଭାଜପା ଉପସଭାନେତ୍ରୀ ନଳିନୀ ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ଭୋଇ, ଉପସଭାପତି ଭୁଲାଶଙ୍କର ବାଘ, ଅଶୋକ ସାହୁ ବକ୍ତବ୍ୟ ରଖିଥିଲେ । ଇଂ .ଆଶ୍ରୟ ମହାନନ୍ଦ, ରାଧାଚରଣ ମେହେର, ସୁମନ୍ତ ଜଗଦଲା, ଲକ୍ଷିନ୍ଦ୍ର ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ବୀରମହାରାଜପୁର ଓ ସୁବଳୟା ମଣ୍ଡଳର ଶତାଧିକ ଭାଜପା କର୍ମକର୍ତ୍ତା,ସଦସ୍ୟ ଓ ଭାଜପା ସମର୍ଥକ ଯୋଗଦେଇ ଥିଲେ। ଶେଷରେ ଶିବନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ମଣ୍ଡଳସ୍ତରୀୟ ଲାଭାର୍ଥୀ ସମ୍ମିଳନୀ

# ଖବରଦାତାଙ୍କୁ ଆକ୍ରମଣ ଘଟଣା: ଦାବିପତ୍ର ପ୍ରଦାନ

ବିନିକା,୨୩।୬(ରାମ ଗୋପାଳ ବାଘ)

ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ କାର୍ଯ୍ୟରତ ଥିବା ସାମ୍ବାଦିକ ଚିତ୍ତରଞ୍ଜନ ଓ ଚନ୍ଦ୍ରଶେଖର ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ତରଫରୁ ନିନ୍ଦା କରାଯାଇଛି। ଏଥିସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ନିକଟରେ ଖବରଦାତା ଦଧିବାମନ ନାୟକଙ୍କ ନେତୃତ୍ୱରେ ବିନିକା ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଥାନାକୁ ଆସି ଥାନାଧିକାରୀଙ୍କ ଅନୁପସ୍ଥିତିରେ ଏଏସଆଇ ସୁନ୍ଦରମଣି ମାଝିଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

# ପୁଣି ଚମକିଲେ ସୁବର୍ଣ୍ଣପୁରର ୪ କ୍ରୀଡ଼ା ପ୍ରତିଭା

ସୋନପୁର,୨୩।୬(ମୃତ୍ୟୁଞ୍ଜୟ ଶତପଥୀ)



ଲିପ୍‌ସା ପଧାନ



ମହେନ୍ଦ୍ର ଥାପ୍ପା



ପ୍ରୀତିମୟୀ ଭୁକ୍ତା



ଦୟାନିଧି ମୁଣ୍ଡା

ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଚାଲିଥିବା ୬୯ ତମ ଓଡିଶା ରାଜ୍ୟ କ୍ରୀଡା ଚାମ୍ପିୟନଶିପ୍‌ରେ ସୁବର୍ଣ୍ଣପୁର ଜିଲାକୁ ପୁଣି ସଫଳତା ମିଳିଛି। ଗୁରୁବାର ଜିଲାର ଯୁବ କ୍ରୀଡାବିତ୍ ଉମେଶ ବେହେରାଙ୍କୁ ୧୬ ବର୍ଷରୁ କମ୍ ଉଚ୍ଚ ଡିଆଁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ଶୁକ୍ରବାର ପୁଣି ଜିଲାର ୪ କ୍ରୀଡା ପ୍ରତିଭାଙ୍କୁ ସଫଳତା ମିଳିଛି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ୬୦୦ ମିଟର ଦୌଡରେ ଲିପ୍‌ସା ପଧାନଙ୍କୁ କାଂସ୍ୟ ପଦକ ମିଳିଛି। ଲିପ୍‌ସାଙ୍କ ଘର ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଅଞ୍ଚଳରେ। ସେହିପରି ୨୩ ବର୍ଷରୁ କମ୍ ପୁରୁଷ ବର୍ଗ ୮୦୦ମିଟର ଦୌଡରେ ତରଭା ଅଞ୍ଚଳର ମହେନ୍ଦ୍ର ଥାପ୍ପାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୧୬ ବର୍ଷରୁ କମ୍ ବାଳିକା ବର୍ଗ ୨୦୦୦ମିଟର ଦୌଡରେ ବୀରମହାରାଜପୁର ସଂଗ୍ରାମପୁର ଅଞ୍ଚଳର ପ୍ରୀତିମୟୀ ଭୁକ୍ତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୨୦ ବର୍ଷରୁ କମ୍ ୮୦୦ମିଟର ଦୌଡ ପୁରୁଷ ବିଭାଗରେ ସୋନପୁରର ଦୟାନିଧି ମୁଣ୍ଡାଙ୍କୁ ରୌପ୍ୟ ପଦକ ମିଳିଛି। ଉମେଶ, ଲିପ୍‌ସା, ମହେନ୍ଦ୍ର ଓ ପ୍ରୀତିମୟୀ ସୋନପୁର ଇନ୍‌ଫିନିଟିରେ କ୍ରୀଡା ଅଭ୍ୟାସ କରି ଆସୁଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାରେ ଚୟନ ହେଲା ପରେ ଏହି କ୍ରୀଡାବିତ୍‌ଙ୍କୁ ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ରାଜ୍ୟ କ୍ରୀଡା ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ପଠା ଯାଇଥିଲା। କ୍ରୀଡାବିତ୍‌ଙ୍କ ଏହି ପ୍ରଦର୍ଶନ ପାଇଁ ଜିଲା କ୍ରୀଡା ସଂଘ ଓ ସୋନପୁର ଇନ୍‌ଫିନିଟି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ଓଡିଶା ରାଜ୍ୟ କ୍ରୀଡ଼ା ଚାମ୍ପିୟନଶିପ୍



ଶୁକ୍ରବାର ବୀରମହାରାଜପୁର ବ୍ଲକ ଲୁଡୁରପଙ୍କରେ ଜଗନ୍ନାଥଙ୍କ ବରାହ ବେଶ।



ସୋନପୁର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ବାମନ ଓ ପର୍ଶୁରାମ ବେଶରେ ଶ୍ରଦ୍ଧାଳୁଙ୍କୁ ଶୁକ୍ରବାର ଦର୍ଶନ ଦେଉଛନ୍ତି।



ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଶ୍ରୀଜଗନ୍ନାଥ ବାମନ ବେଶରେ ଶୁକ୍ରବାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

**ଜେସିବି ଚାଳକ ମହାସଂଘର ପ୍ରତିଷ୍ଠା ଦିବସ**

**ସମ୍ବଲପୁର,(ବି.ଶଙ୍କର):** ପଶ୍ଚିମ ଓଡ଼ିଶା ଜେସିବି ଚାଳକ ମହାସଂଘର ପ୍ରତିଷ୍ଠା ଦିବସ ନାରୀସେବା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ମହାସଂଘର ସଭ୍ୟମାନେ ରକ୍ତଦାନ କରି ଆବଶ୍ୟକତା ପୂରଣ କରିବାକୁ ପ୍ରୟାସ କରିଥିଲେ। ଏଥିରେ ସମ୍ବଲପୁର ମହାନଗର ନିଗମ କମିଶନର ଓ ପୋଲିସ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଅତିଥି ଭାବରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜେସିବି ଚାଳକ ମହାସଂଘ ଉପଦେଷ୍ଟା ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରେଢ଼ାଖୋଲ,୨୩।୬(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର କୁଟାସିଙ୍ଗା ଗ୍ରାମ ନିକଟ ଜଙ୍ଗଲର ଏକ ମହୁଲ ଗଛରୁ ପୋଲିସ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସେହି ଗ୍ରାମର ବାପୁନ ପ୍ରଧାନ(୨୬)। ପୋଲିସ ମୃତଦେହ ଜବତ କରି ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୩) ରୁଜୁ ହୋଇଛି। ସୂଚନାମତେ ବାପୁନ ଡ୍ରାଇଭର ଭାବେ କାମ କରି ବାହାରେ ରହୁଥିବାବେଳେ ବୁଧବାର ଘରକୁ ଆସିଥିଲେ। ତେବେ ଗୁରୁବାର ରାତି ଖାଇସାରି ଘରେ ଶୋଇଥିଲେ ହେଁ ସକାଳେ ସେ ଘରେ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘର ପଛପଟରେ ଥିବା ଜଙ୍ଗଲରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ବେଆଇନ ଚାଲାଣ କାଟିବା ଅଭିଯୋଗ କଲେ ଟ୍ରାକ୍ଟର ମାଲିକ

**କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ବ୍ଲକ ବାଉରୀଗୋଡାର ଟ୍ରାକ୍ଟର ମାଲିକ ଲିପୁନ ଚାନ୍ଦ ସାହୁ ତାଙ୍କ ଟ୍ରାକ୍ଟରର ବେଆଇନ ଚାଲାଣ କଟିଥିବା ନେଇ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖରେ ତାଙ୍କ ଟ୍ରାକ୍ଟର (ନଂ.ଓଡି୧୫କେ ୭୩୦୩) ଘରେ ଥିବାବେଳେ ୧୪୦କି.ମି. ଦୂର ବରଗଡ ଜିଲା ଟୋଲ ଗେଟରେ ୫ହଜାର ଟଙ୍କାର ଚାଲାଣ କଟିଥିବା ସାହୁ ଅଭିଯୋଗ କରିଛନ୍ତି। ଟ୍ରାକ୍ଟରଟି ତାଙ୍କ ମା' ରଜନୀ ସାହୁଙ୍କ ନାମରେ ରହିଥିବା ବେଳେ ଘରେ ଥାଇ ମଧ ଟ୍ରାକ୍ଟରର ଏଭଳି ଫାଇନ କଟିବା ତାଙ୍କୁ ଚକିତ କରିଥିବା କହିଛନ୍ତି। ଏହାର ତଦନ୍ତ କରି ତାଙ୍କୁ ଫାଇନମୁକ୍ତ କରିବାକୁ ସେ ଗୁହାରି କରିବା ସହ ତାଙ୍କ ଟ୍ରାକ୍ଟର ନମ୍ବରରେ ଅନ୍ୟ କେହି ଜାଲିଆତି କରି ଟ୍ରାକ୍ଟର ଚଳାଉଥିବା ସନ୍ଦେହ କରି ସେ ତଦନ୍ତ ଦାବି କରିଛନ୍ତି।

### ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଧାରଣା

**ସମ୍ବଲପୁର,୨୩।୬(ବି.ଶଙ୍କର):** ବିଭିନ୍ନ ଦାବି ନେଇ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଯଥାଶୀଘ୍ର ସରକାର କର୍ମଚାରୀଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା ଆଦି ଦାବି ପୂରଣ କରିବାକୁ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ୧୦ଟାରେ ମହାସଂଘ କର୍ମକର୍ତ୍ତା ଗଙ୍ଗାଧର ମେହେର କଲେଜଠାରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ନବୀନ ନିବାସ ଘେରାଉ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ପ୍ରେମାନନ୍ଦ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ରିଜ୍ ତଳୁ ନବଜାତ ଶିଶୁପୁତ୍ର ଉଦ୍ଧାର

**କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ପଞ୍ଚାୟତର କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥ ବାଦିମାଲ ବ୍ରିଜ ତଳୁ ଶୁକ୍ରବାର ଏକ ନବଜାତ ଶିଶୁ ପୁତ୍ରକୁ ଉଦ୍ଧାର କରି ଗ୍ରାମବାସୀ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ ବାଦିମାଲ ଗ୍ରାମର ଜଣେ ବ୍ୟକ୍ତି ସାଇକେଲରେ ଘରକୁ ଫେରୁଥିବା ସମୟରେ କାନ୍ଦ ଶୁଣି ବ୍ରିଜ ତଳେ ନବଜାତ ଶିଶୁ ପୁତ୍ରକୁ ଦେଖିଥିଲେ। ତାଙ୍କଠାରୁ ଖବର ପାଇ ଗ୍ରାମବାସୀ ପହଞ୍ଚି ଶିଶୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଶିଶୁର ଅବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାଯାଇଛି। ଖବର ପାଇ କୁଚିଣ୍ଡା ଚାଇଲ୍ଡ ଲାଇନ କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ଶିଶୁର ସ୍ୱାସ୍ଥ୍ୟାବସ୍ଥା ବାବଦରେ ଡାକ୍ତରଙ୍କ ସହ ଆଲୋଚନା କରି ଥଇଥାନ ପାଇଁ ଉଦ୍ୟମ କରିଛନ୍ତି। ତେବେ ଅଧିକ ଚିକିତ୍ସା ଆବଶ୍ୟକ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଶିଶୁକୁ ଡାକ୍ତରଖାନାରେ ରଖା ଯାଇଛି। କିଭଳି ପରିସ୍ଥିତିରେ ଶିଶୁଟି ଏଠାକୁ ଆସିଲା ତାହା ଜଣାପଡି ନାହିଁ।

# ନିଶା, ବେଆଇନ ପାର୍କିଂ ଉପରେ ନଜର

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

### ଧରପଗଡ଼ ଜୋର୍, ପ୍ରମୁଖ ଛକରେ ସିସିଟିଭି



ଜିଲାପାଳଙ୍କ ଅଫିସରେ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ।

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାପାଳଙ୍କ ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଟେକ୍‌ମ୍ୟାନେଜର ନିତିନ କୁମାର ଗୁପ୍ତା, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ଲେଙ୍କା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲିଧର ବେହେରା, ଜୁନିୟର ଏମ୍‌ଭିଆଇ ଧରଣୀଧର ଦେହୁରି, ଡିଏସ୍‌ପି ଟ୍ରାଫିକ ନରେନ୍ଦ୍ର କୁମାର ଷଡ଼ଙ୍ଗୀ, ସେକ୍ରେଟାରୀ ସାର୍କ ଏନ୍‌ଜିଓ ଅଶୋକ କୁମାର ପାଣିଗ୍ରାହୀ, ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ଟିପିଡବ୍ଲ୍ୟୁଓଡିଏଲ୍‌ର ଉମ୍ବରୁଧର ଓଝା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ବିନା ହେଲମେଟ୍‌ରେ ବାଇକ୍ ଚାଳନା, ଟ୍ରାଫିକ ନିୟମ ନ ମାନିବା, ବେଆଇନ ପାର୍କିଂ, ନିଶା ସେବନ କରି ଗାଡ଼ି ଚଳାଇବା ଉପରେ ତୀକ୍ଷ୍ଣ ନଜର ରଖିବା ସହ ଅବମାନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତା ପାର୍ଶ୍ୱରେ ସାଙ୍କେତିକ ସୂଚନା ଫଳକ ଲଗାଇବା, ଜାତୀୟ ରାଜପଥ ୫୫ କଡରେ ଥିବା ମଦନାବତୀ ସ୍କୁଲ ସମ୍ମୁଖ ଓ ଅନ୍ୟ ରାସ୍ତା କଡ଼ରେ ଥିବା ସ୍କୁଲ ସମ୍ମୁଖରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୋଲିସ, ଅବକାରୀ, ପରିବହନ ବିଭାଗର ମିଳିତ ଚଢାଉ, ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ, ଧନକଉଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ହମ୍ପ ନିର୍ମାଣ, ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସିସି କ୍ୟାମେରା ଲଗାଇବା, ବଡ଼ରମା ଘାଟି ରାସ୍ତାରେ ସାଇଡ୍ ୱାଲ ନିର୍ମାଣ ସହ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ୨୦୨୨ ଜାନୁଆରୀ ୧ରୁ ୩୧ ଡିସେମ୍ବର ୨୦୨୨ ମଧ୍ୟରେ ମୋଟ ୫୧୯ ଦୁର୍ଘଟଣା ଘଟିଥିଲା। ୨୨୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୭୭ଜଣ ଆହତ ହୋଇଥିଲେ। ୨୦୨୩ ଜାନୁଆରୀ ୧ରୁ ମେ ୩୧ ମଧ୍ୟରେ ୧୭୫ ଦୁର୍ଘଟଣା ଘଟିଛି। ଏଥିରେ ୧୪୧ଜଣ ଆହତ ହୋଇଥିବାବେଳେ ୮୩ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ ବର୍ଷରେ ୧୯୪୪ ଜଣ ଓ ୨୦୨୩ ଜୁନ ୨୦ ପର୍ଯ୍ୟନ୍ତ ୧୩୪୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ଚାରମାଲ, ଯୁଯୁମୁରା, ମାନେଶ୍ୱର, ଭୋଜପୁରୀ, ଲଇଡା, ପିସି ବ୍ରିଜ, ବରେଇପାଲି, ଜମନକିରା ବାଇପାସ୍, ଖିଣ୍ଡା, ଲପଙ୍ଗା ଛକ ପାଖରେ ସିସି କ୍ୟାମେରା ଲଗାଇବା ପାଇଁ ବୈଠକରେ ସ୍ଥିର ହୋଇଥିଲା।

# ସମ୍ବଲପୁର ରିଂରୋଡ୍ କାମ ଶୀଘ୍ର

## ଟେଣ୍ଡରର ବୈଷୟିକ ଯାଞ୍ଚ ପ୍ରଥମ ପର୍ଯ୍ୟାୟରେ ଶେଷ

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଜାତୀୟ ରାଜପଥରେ ଗମନାଗମନ ସୁବିଧା ପାଇଁ ରିଂରୋଡ୍ ନିର୍ମାଣ କରାଯିବ। ପ୍ରାୟ ୨ବର୍ଷ ପୂର୍ବରୁ ଭାରତମାଳା ଯୋଜନାରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ଟେଣ୍ଡରର ପ୍ରଥମ ପର୍ଯ୍ୟାୟ ବୈଷୟିକ ସ୍ତରରେ ଯାଞ୍ଚ ଶେଷ ହୋଇଛି। ଜୁଲାଇରେ ଶେଷ ପର୍ଯ୍ୟାୟ ଯାଞ୍ଚ ପରେ କମ୍ପାନୀ ସହିତ ଚୁକ୍ତି କରି କାମ ଆରମ୍ଭ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାଓ କହିଛନ୍ତି, ଜମି ଅଧିଗ୍ରହଣ କାମ ଶେଷ ପର୍ଯ୍ୟାୟରେ ରହିଛି। ଜମି ଚିହ୍ନଟ କାମ ଶେଷ ହୋଇଥିବାବେଳେ ସମ୍ପତ୍ତିର ମୂଲ୍ୟାୟନ କାମ କିଛି ବାକି ରହିଛି। ଜମିମାଲିକଙ୍କୁ ଟଙ୍କା ଦେଇ ୮୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇଗଲେ ବିଭାଗ କାମ ଆରମ୍ଭ କରିବ। ପ୍ରାୟ ୩୭. ୮୨୦ କି.ମି. ରାସ୍ତା ପାଇଁ ୯୪୭ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ। ବୈଷୟିକ ଯାଞ୍ଚ କମିଟିକୁ ରିପୋର୍ଟ ଦିଆଯାଇଛି। କମିଟି ଅନୁମୋଦନ ପାଇବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଯଦି ଯୋଜନା ଅନୁସାରେ ସବୁକିଛି ଠିକ୍ ଚାଲେ ପ୍ରକଳ୍ପ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୧୭୦ ହେକ୍ଟର ଘରୋଇ ଜମି ଓ ୧୨୦ ହେକ୍ଟର ସରକାରୀ ଜମି ଅଧିଗ୍ରହଣ ହେବ। ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଛି। ୧୯ ଗାଁର ଜମି ଅଧିଗ୍ରହଣ କରାଯାଇଛି। ପ୍ରସ୍ତାବିତ ରିଂ ରୋଡ୍ ଗୋଶାଳାର ଜାତୀୟ ରାଜପଥ ୫୩ରୁ ଆରମ୍ଭ ହୋଇ ସମ୍ବଲପୁର ସହର ସୀମାନ୍ତରେ ଥିବା ରାନିଖିଣ୍ଡା ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରିବ। ସମ୍ବଲପୁର ସହରକୁ ଭାରିଯାନ, ଜାତୀୟ ରାଜପଥ ଚଳପ୍ରଚଳ ମାଲ ପରିବହନ କରୁଥିବା ଗାଡି ଆଉ ପ୍ରବେଶ କରିବା ଆବଶ୍ୟକ ପଡିବ ନାହିଁ।

# ଅଗଷ୍ଟ ୧୦ରୁ ୧୯ ସାମୂହିକ ଔଷଧ ସେବନ




ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ଜିଲା ଟାସ୍କଫୋର୍ସ କମିଟି ବୈଠକ

### ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ପ୍ରତିକାର

**ସମ୍ବଲପୁର,୨୩।୬ (ଶୁଭାଶିଷ ପାଢ଼ୀ)**

ଜିଲା ସ୍ୱାସ୍ଥ୍ୟ ସମିତି ସମ୍ବଲପୁର ପକ୍ଷରୁ ଜିଲା ଟାସ୍କଫୋର୍ସ ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡେଙ୍ଗୁ ଓ ମ୍ୟାଲେରିଆ ବିରୋଧୀ ଅଭିଯାନକୁ ବ୍ୟାପକ କରିବା ପାଇଁ ଆଲୋଚନା ହୋଇଥିଲା। ଜନସାଧାରଣଙ୍କୁ ସଚେତନ କରିବା ସହ ସହ ପରୀକ୍ଷା, ଚିକିତ୍ସା ଓ ଚିହ୍ନଟ ପ୍ରକ୍ରିୟାକୁ ଫୋକସ କରି କାର୍ଯ୍ୟ କରିବାକୁ ଜିଲାପାଳ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୬ରେ ମ୍ୟାଲେରିଆ କେସ୍ ୧୨୦୪୬ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୭ରେ ୫୧୧୯, ୨୦୧୮ରେ ୩୧୯, ୨୦୧୯ରେ ୧୩୩, ୨୦୨୦ରେ ୨୦୪, ୨୦୨୧ରେ ୧୨୦,୨୦୨୨ରେ ୮୨ ଓ ୨୦୨୩ ମେ ମାସ ପର୍ଯ୍ୟନ୍ତ ୨ଜଣ ଚିହ୍ନଟ ହେଇଛନ୍ତି। ୨୦୧୬ ପରେ କୌଣସି ମ୍ୟାଲେରିଆ ରୋଗୀଙ୍କ ମୃତ୍ୟୁଘଟି ନାହିଁ। ସେହିପରି ଡେଙ୍ଗୁରେ ୨୦୨୧ରେ ୬୨୨ ଜଣଙ୍କ ଟେଷ୍ଟ କରାଯାଇଥିବା ବେଳେ ୧୪ ଜଣଙ୍କ ପଜିଟିଭ ବାହାରିଥିଲା। ୨୦୨୨ରେ ୧୧୭୯ ଟେଷ୍ଟ ମଧ୍ୟରେ ୬ ପଜିଟିଭ ଓ ୨୦୨୩ରେ ୨୬୭ ଟେଷ୍ଟ ମଧ୍ୟରେ ପଜିଟିଭ ଶୂନ ରହିଛି। ପଜିଟିଭ ବାହାରିଥିବା ସମସ୍ତ ଡେଙ୍ଗୁ ରୋଗୀଙ୍କୁ ସାମୂହିକ ଔଷଧ ସେବନ ପାଇଁ ସଚେତନ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସମସ୍ତେ ଯେପରି ସାମିଲ ହେବେ ସେ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଡାକ୍ତର ମୌସୁମୀ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଉପସ୍ଥିତ ଥିଲେ।

## ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଦାବି ପତ୍ର

**ଦେବଗଡ଼,୨୩।୬ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଆଉଟ ସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ୧୦ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଉକ୍ତ ଦାବି ପତ୍ର ଗ୍ରହଣ କରିଛନ୍ତି। ସରକାର ଆଉଟ ସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାସହ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ତଥା ବିଭିନ୍ନ ଦାବି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ଦାବି ପତ୍ର ପ୍ରଦାନବେଳେ ସଂଘ ସଭାପତି ହେମନ୍ତ ନାୟକ, ଉପସଭାପତି ପୁଷ୍ପାଞ୍ଜଳୀ ଦାଶ, ସମ୍ପାଦକ ଦିବ୍ୟଶଙ୍କର ଗିରି, କୋଷାଧ୍ୟକ୍ଷ ବ୍ୟୋମକେଶ ଶତପଥୀ, ଉପଦେଷ୍ଟା କମଳିନୀ ରଥ, କଲ୍ୟାଣ କିଶୋର କର, ସୁବାସ ସ୍ୱାଇଁ, ସୁବ୍ରତ ସାହୁ, ଶିଶିର କୁମାର ରଞ୍ଜିତଙ୍କ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ଆଉଟ ସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

# ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଦାବିପତ୍ର ଗ୍ରହଣ କରୁଛନ୍ତି ସହକାରୀ ଜିଲାପାଳ।

**କୁଚିଣ୍ଡା,୨୩।୬(ବିରଞ୍ଚି ଦର୍ଶୀ)**

ପୁରୀ ରଥଯାତ୍ରାରେ କାର୍ଯ୍ୟରତ ଦୁଇଜଣ ଖବରଦାତାଙ୍କୁ ମାଡ଼ ମାରିବା ଘଟଣାକୁ କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇ ସେମାନଙ୍କ ଗିରଫ ଦାବି କରାଯାଇଛି। ଏହି ମର୍ମରେ ଶୁକ୍ରବାର ସଂଘ ସଭାପତି ବିରଞ୍ଚିନାରାୟଣ ଦର୍ଶୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ପୁରୀ ରଥଯାତ୍ରାରେ ଖବରଦାତା ଚିତ୍ତରଞ୍ଜନ ମହାନ୍ତି ଓ ଚନ୍ଦ୍ର ଶେଖର ପାତ୍ର ଖବର ସଂଗ୍ରହ କରୁଥିବା ସମୟରେ ଦୁଇ ସେବାୟତ ସେମାନଙ୍କୁ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିନାହିଁ। ତେଣୁ ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହାଛଡା ସରକାର ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରି ସୁରକ୍ଷା ପ୍ରଦାନ ପାଇଁ ଏଥିରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, କୁଚିଣ୍ଡା ସଂଘ ସାଧାରଣ ସମ୍ପାଦକ ତନୟ ମହାପାତ୍ର, ସଦସ୍ୟ ସଞ୍ଜୟ ମିଶ୍ର, ଦୀନେଶ ନନ୍ଦ, ଶୁଶିଳ କର, ପ୍ରକାଶ ଚନ୍ଦ୍ର ଶର୍ମା, ତପନ ଦାଶ, ଅଦିତ ପଣ୍ଡା, ଲିପୁନ ଚାନ୍ଦ ସାହୁ, ମନିଷ ତିୱାରୀ, ଅମୂଲ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ।



ଶୁକ୍ରବାର ସମ୍ବଲପୁର ନନ୍ଦପଡ଼ା ବରିହାଠାକୁରଙ୍କ ମତ୍ସ୍ୟ ଓ କଚ୍ଛପ ବେଶ।



ମହାନ୍ତିପଡ଼ା ଦଧିବାମନ ଠାକୁରଙ୍କ ମତ୍ସ୍ୟ ବେଶ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ସମ୍ବଲପୁର,୨୩।୬(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଧୁବେନଛାପଲଠାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଉପସଭାପତି ଜେ.ପି. ସିଂ, ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ, ସହକାରୀ ଉପାଧ୍ୟକ୍ଷ ମିହିର ମିଶ୍ର, ପ୍ରଶାସନିକ ଅଧିକାରୀ ଡେନିସ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜେନେରାଲ ମ୍ୟାନେଜର ସୀତାରାମ ବିର୍ଟିଆ, ଗୀତା ଜୟନ୍ତୀ କମିଟି ସଭାପତି ତଥା ଥେଲକୋଲାଇର ସରପଞ୍ଚ ଅବନ୍ତୀ ନାୟକ ଉପସ୍ଥିତ ଥିଲେ। ଏହି କମ୍ୟୁନିଟି ସେଣ୍ଟରରେ ସ୍ଥାନୀୟ ଲୋକମାନେ ଏକତ୍ରିତ ହୋଇ କାର୍ଯ୍ୟକ୍ରମ କରିପାରିବେ। ବରିଷ୍ଠ ନାଗରିକ ମନୋରଞ୍ଜନ ଓ ଗୋଷ୍ଠୀ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିପାରିବେ। ସେହିପରି ଗୌନ୍ତିଆପଡାଠାରେ ମଧ୍ୟ ଏକ କମ୍ୟୁନିଟି ସେଣ୍ଟରର ନବୀକରଣ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

# ମହିଳା ଜନସଂଘର୍ଷ ସମିତିର ଆନ୍ଦୋଳନ



ଜିଲାପାଳ ଅଫିସ ଆଗରେ ବିକ୍ଷୋଭ କରୁଛନ୍ତି ମହିଳା ସଂଗଠନ କର୍ମକର୍ତ୍ତା।

**ସମ୍ବଲପୁର,୨୩।୬(ବି.ଶଙ୍କର)**

ସମ୍ବଲପୁର ମହିଳା ସଂଗ୍ରାମ ସମିତି ଓ ମହିଳା ଜନ ସଂଘର୍ଷ ସମିତି ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶୁକ୍ରବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଗାଇବା, ବାଦ୍ ପଡିଥିବା ସମସ୍ତ ପରିବାରକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ଦାବି କରାଯାଇଛି। ଶୋଭାଯାତ୍ରାରେ ସଂଗଠନର ସଭ୍ୟାସଭ୍ୟ ସାମିଲ ହୋଇଥିଲେ। ମହିଳା ଜନସଂଘର୍ଷ ସମିତି ସଭ୍ୟ ପରଦେଶୀ ମିର୍ଦ୍ଧା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକଙ୍କ ଜୀବନଧାରା ଉନ୍ନତ କରୁଛି ଆଦିତ୍ୟ ଆଲୁମିନିୟମ

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢ଼ୀ)**

ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଜନସାଧାରଣଙ୍କ ଜୀବନ ଉପରେ ଗୁଣାତ୍ମକ ପ୍ରଭାବ ପକାଇବା ସକାଶେ ବର୍ଷ ବର୍ଷ ଧରି କାମ କରିଆସୁଛି। ବିଗତ ୧୦ବର୍ଷ ମଧ୍ୟରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ୬ ଗ୍ରାମପଞ୍ଚାୟତର ୪୦ଟି ଗ୍ରାମରେ ୫୦ ହଜାରରୁ ଅଧିକ ଗ୍ରାମବାସୀଙ୍କ ଉନ୍ନତ ଜୀବନଯାପନ ନିମନ୍ତେ କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଆଦିତ୍ୟ ଆଲୁମିନିୟମ ୟୁନିଟ୍ ହେଡ୍ ସମୀର ନାୟକ କହିଛନ୍ତି, କମ୍ପାନୀ ରାସ୍ତା, ଓଭରବ୍ରିଜ୍ ସାଙ୍ଗକୁ ଗୋଷ୍ଠୀ କେନ୍ଦ୍ର ଓ କୀର୍ତ୍ତନ ମଣ୍ଡପ ନିର୍ମାଣ କରିଛି। ଏହାଛଡ଼ା ପୋଖରୀ ଖନନ, ମନ୍ଦିର ଓ ଅନ୍ୟ ଉପାସନା ସ୍ଥଳର ପୁନରୁଦ୍ଧାର, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦେଇଆସୁଛି। ସାମାଜିକ ଭିତ୍ତିଭୂମି ଜୀବନଧାରଣ ମାନରେ ବହୁବିଧ ଉନ୍ନତି ଆଣିଛି। ଅପରପକ୍ଷେ ମହିଳାଙ୍କ ବିରୋଧରେ ଅପରାଧ ହ୍ରାସ କରିବା, ଦୁର୍ଘଟଣା ସର୍ବନିମ୍ନ ସ୍ତରକୁ ଆଣିବା ଦିଗରେ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି। ବୋମାଲୋଇ ଗ୍ରାମପଞ୍ଚାୟତ ଧୋରାପାଣି ଗ୍ରାମର ଗୋପାଳକୃଷ୍ଣ ପଣ୍ଡା କହନ୍ତି, ବହୁବର୍ଷ ଧରି ଆମେ ବେନ୍ଦୁଜୋର ନାଳ ଅତିକ୍ରମ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲୁ। ଏହି ନାଳ ଉପରେ ସେତୁ ନିର୍ମାଣ ହୋଇଥିବାରୁ ଯାତାୟାତରେ ସହାୟକ ହେଉଛି। କମ୍ପାନୀ ପକ୍ଷରୁ କତରବଗା ମନ୍ଦିର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ସ୍ଥାନୀୟ ସରପଞ୍ଚ ନୀଳାମ୍ବର ରୋହିଦାସ ପ୍ରଶଂସା କରିଛନ୍ତି। ସେହିପରି ଘିଚାମୁରା ପଞ୍ଚାୟତ ସରପଞ୍ଚ ରାଜୀବ କିଷାନ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ସହ ନିରାପଦ ପାନୀୟ ଜଳଯୋଗାଣ, ପୋଖରୀ ପୁନରୁଦ୍ଧାର ଓ ଖନନ, ସୌର ଆଲୋକ ସ୍ଥାପନ ଏବଂ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ଆଦି ନିମନ୍ତେ ଆଦିତ୍ୟ ବିର୍ଲା ଗ୍ରୁପ୍ ସିଏସ୍‌ଆର୍ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ରେଙ୍ଗାଲି ବ୍ଲକ ଉନ୍ନୟନ ଅଧିକାରୀ କେ.ସି. ଦଳପତି କହିଥିଲେ, ଆଦିତ୍ୟ ଆଲୁମିନିୟମ ତାହାର ପରିପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ସଡ଼କ, କଲଭର୍ଟ, ଗୋଷ୍ଠୀ କେନ୍ଦ୍ର ସ୍ଥାପନ ଏବଂ ସୌରଶକ୍ତିଚାଳିତ ଆଲୋକ ସ୍ଥାପନ ଆଦି ଜରିଆରେ ଲୋକଙ୍କ ଜୀବନଯାପନକୁ ସହଜ କରି ଗଢ଼ିତୋଳୁଛି। ରେଙ୍ଗାଲିର ବିକାଶ କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ ଅବଦାନ ରଖିବା ସହିତ ଜନସାଧାରଣଙ୍କ ଜୀବନ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଉଛି। ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୧୨୮ ଗ୍ରାମର ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରିଛି।



ରେଙ୍ଗାଲି ଅଞ୍ଚଳରେ କମ୍ପାନୀ ଦ୍ୱାରା ନିର୍ମିତ ପ୍ରକଳ୍ପ।

## ସଂକ୍ଷେପରେ

### ଲୋକ ଉନ୍ନତି ସଙ୍ଗଠନ ବ୍ୟାନରରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର, ୨୩।୬ (ବୀରେନ୍ଦ୍ର କୁମାର ଝାଙ୍କର): ଲୋକ ଉନ୍ନତି ସଙ୍ଗଠନ ବ୍ୟାନରରେ ବଲାଙ୍ଗୀର ଜିଲାର ୧୦ଟି ବ୍ଲକ୍‌ର ଶତାଧିକ ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ମହିଳା ଓ ପୁରୁଷ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏବଂ ସମସ୍ତ ପିଇବା ପାଣି ଉତ୍ସକୁ ମରାମତି କରିବା, ସମସ୍ତ ଯୋଗ୍ୟ ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଗାଇ ଦେବା, ବାଦ୍ ପଡିଥିବା ସମସ୍ତ ପରିବାରକୁ ବିଜୁଳି ସଂଯୋଗ, ସମସ୍ତ ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା ସହାୟତା ଯୋଗାଇ ଦେବା ସହ ଅନ୍ୟାନ୍ୟ ଦାବି ପୂରଣ କରିବାକୁ ଦାବି କରିଥିଲେ। ଟିଟିଲାଗଡର ମମତା ପାଣିଗ୍ରାହୀ କହିଥିଲେ ଯେ, କେବଳ ପ୍ରତିଶ୍ରୁତି ଛଡା କୌଣସି ସୁବିଧା ଗରିବ ଲୋକଙ୍କୁ ମିଳୁନାହିଁ। ଖପ୍ରାଖୋଲ ବ୍ଲକ୍ ଘଘରା ଗାଁର କୌଶଲ୍ୟା ତାଣ୍ଡି କହିଥିଲେ ଯେ, ଖରାଦିନରେ ପାଣି ମୁନ୍ଦାଏ ଗାଁରେ ମିଳୁନାହିଁ। ଏ ସମସ୍ୟା ତୁରନ୍ତ ସମାଧାନ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ।

### ଆକ୍ସନ କମିଟି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଓ

ବଲାଙ୍ଗୀର, ୨୩।୬ (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶୁକ୍ରବାର ସହରର ବିଭିନ୍ନ ରାଜନୈତିକ ଏବଂ ସାମାଜିକ ସଙ୍ଗଠନ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଓ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରେ ଅତିଷ୍ଠ ବଲାଙ୍ଗୀର ସହରରେ ମେଣ୍ଟେନାନ୍ସ ନାମରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ ଏବେ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ପ୍ରତିବାଦ କରାଯାଇ ଟାଟା ପାୱାରର ପେଲେସଲାଇନ ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଗଣଧାରଣାରେ ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ଅଶୋକ ମିଶ୍ର, ଚକ୍ରପାଣି ଦାସ, ସୈନିକ ସଂଘ ସାଧାରଣ ସମ୍ପାଦକ ପ୍ରତାପ ରଥ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଅସିତ, ଭାଜପା ନେତା ପିତାମ୍ବର ଖମାରୀ, ଗିରିଶ ସିଂଦେଓ, ବୁଲୁ ସିଂଦେଓ, ଯୁବନେତା ବିନୋଦ କାଳସାଏ, ସନ୍ତୋଷ ସାହୁ, ଗିଲୁ ରଥ, ଅପ୍ରମିତ ପରିଚ୍ଛା, ରବି ଖମାରୀ, ପ୍ରତାପ ତ୍ରିପାଠୀ, ସଞ୍ଜୟ ସାହୁ, ରାଜେନ୍ଦ୍ର ସେଠି, ସୁନୀଲ ମିଶ୍ର, ପ୍ରଦୀପ ସାହୁ, ରଶ୍ମିରେଖା ଦାନୀ, ବନଶ୍ରୀ ଆଚାର୍ଯ୍ୟ, ମହେଶ୍ୱରୀ ସଙ୍ଗଠନ ସଭାପତି ଅଙ୍କୁଶ ପାଣ୍ଡିଆ, ଶୋଭନ ଅଗ୍ରୱାଲ, ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଗୋବିନ୍ଦ ଶତପଥି, ରବୀନ୍ଦ୍ର ପ୍ରଧାନ, ପଶ୍ଚିମ ଓଡିଶା ଯୁବାମଞ୍ଚର ବୀରେନ୍ଦ୍ର ପାଣ୍ଡେ, ସ୍କାଇଲ ଫର୍ ଅଲ ର ସଞ୍ଜୀବ ସାହୁ, ସୁଧାଂଶୁ ମିଶ୍ର, ଉପସଭାପତି ମୁନା ପଟ୍ଟନାୟକ ଉପସ୍ଥିତ ଥିଲେ। ନିର୍ବାହୀ ଯନ୍ତ୍ରୀ ସୁବ୍ରତ ସେଠୀ ଦାବିପତ୍ର ଗ୍ରହଣ କରିଥିଲେ।

# ଆଉଟ୍‌ସୋର୍ସିଂ ପ୍ରଥା ଉଚ୍ଛେଦ କର

ବଲାଙ୍ଗୀର, ୨୩।୬ (ବୀରେନ୍ଦ୍ର କୁମାର ଝାଙ୍କର)




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଜିଲାପାଳ ଅଫିସ ଘେରିଲା ଆଉଟସୋର୍ସିଂ ସଂଘ**

- କର୍ମଚାରୀଙ୍କୁ ଶୋଷଣ କରି ବିକାଶ ସମ୍ଭବ ନୁହେଁ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର

ରାଜ୍ୟ ସରକାରୀ ଆଉଟସୋର୍ସିଂ ମହାସଂଘ ଆହ୍ୱାନକ୍ରମେ ବଲାଙ୍ଗୀର ଜିଲା ଆଉଟସୋର୍ସିଂ ସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସଂଘ ଉପଦେଷ୍ଟା ହେମନ୍ତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଜିଲାର ୧୪ଟି ବ୍ଲକରୁ ପ୍ରାୟ ୭ ଶହ ଆଉଟସୋର୍ସିଂ କର୍ମଚାରୀ ସାମିଲ ହୋଇଥିଲେ। ସ୍ଥାନୀୟ ଯାଦବ ଭବନରୁ ସଂଘର ଶତାଧିକ କର୍ମଚାରୀ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ।

ଉପଦେଷ୍ଟା ପଣ୍ଡା କହିଥିଲେ ଯେ, ପ୍ରାୟ ଏକବର୍ଷ ତଳେ ରାଜ୍ୟରୁ ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରାଗଲା ଓ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଗଲା ବୋଲି ଘୋଷଣା କରାଯାଇଥିଲା। ସେତେବେଳେ ଦେଶର ବିଭିନ୍ନ ରାଜ୍ୟରେ ରାଜ୍ୟ ସରକାରଙ୍କ ଏଭଳି ଘୋଷଣା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କଲେନାହିଁ। ରାଜ୍ୟ ସରକାରଙ୍କ ଏହି ଘୋଷଣା ଦଶନ୍ଧିର ମହାଠକେଇ ଥିଲା ବୋଲି ପଣ୍ଡା କହିଥିଲେ। ନିଜ କର୍ମଚାରୀଙ୍କୁ ଶୋଷଣ କରି ବିକାଶ ସମ୍ଭବ ନୁହଁ ବୋଲି ସେ କହିଥିଲେ। ଧାରଣା ସ୍ଥଳରେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ହୋଇ ଆସୁଥିବା ଶୋଷଣର ବିକଳ ଚିତ୍ର ଉପସ୍ଥାପନ କରାଯାଇଥିଲା। ଏହି ବ୍ୟବସ୍ଥାକୁ ତୁରନ୍ତ ହଟାଇ ଦେବାକୁ ଦାବି କରିଥିଲେ। ସରକାରଙ୍କ ବିଭିନ୍ନ ବିଭାଗରେ ଦୀର୍ଘ ଦଶନ୍ଧି ଧରି କାମ କରି ଆସୁଥିବା ଜିଲାର ବିଭିନ୍ନ ବ୍ଲକରୁ ଶହ ଶହ କର୍ମଚାରୀ ନିଜ କାମ ସମ୍ପୂର୍ଣ୍ଣ ବନ୍ଦ କରି ଧାରଣାରେ ବସିଥିଲେ। ସ୍ୱଳ୍ପ ଦରମା, ଦୀର୍ଘ କାର୍ଯ୍ୟ ନିର୍ଘଣ୍ଟ, ଚାକିରି ଜନିତ ଅସୁରକ୍ଷା ତଥା ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ଅଧିକାରୀ ଓ ନିଯୁକ୍ତି ପ୍ରଦାନ କରିଥିବା ମଧ୍ୟସ୍ଥି ସଂସ୍ଥା ଦ୍ୱାରା ଯାବତୀୟ ଶୋଷଣର ଶିକାର ହୋଇ ଆସୁଛନ୍ତି। ଏହି କୁପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ସ୍ଥାୟୀ ଚାକିରି, ବହିଷ୍କୃତ ସମସ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି, ମାତୃତ୍ୱକାଳୀନ ଛୁଟି ପ୍ରଦାନ ଦାବି ପୂରଣ କରିବାକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ରାଜେଶ ଝାଙ୍କର, ସମ୍ପାଦକ ଚଞ୍ଚଳ ମିଶ୍ର, ଦିଲୀପ ସାହୁ, ପୂର୍ଣ୍ଣବାସୀ ବଗର୍ତ୍ତି, ବବିତା ପୁରୋହିତ ଓ ଅଭିଲାଷ ମିଶ୍ରଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରୋଜ ମିଶ୍ର, ମନୋଜ ବେହେରା, ସତ୍ୟାନନ୍ଦ ସେଠ, ଆଶୁତୋଷ ବେହେରା, ଅଭିଲାଷ ମିଶ୍ର, ଲକ୍ଷ୍ମଣ ସାହୁ, ରଶ୍ମିରଞ୍ଜନ ହୋତା, ଜ୍ୟୋତି ପ୍ରକାଶ ବାବୁ, ଶୁକଦେବ ନାୟକ, ଖୁସିରାମ ସାହୁ, ବିକାଶ ସେଲମା, ରେହିତସ୍ୟ ପଣ୍ଡା, ମୋତିଲାଲ ରାଜପୁତ, ସଞ୍ଜିବ କୁମାର ପ୍ରଧାନ, ରାମାନନ୍ଦ ବେହେରା, ଗୋବର୍ଦ୍ଧନ ବାଗ, ସଂଗ୍ରାମ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

କେସିଙ୍ଗା, ୨୩।୬ (ତୁମେଶ୍ୱର ସାହୁ)

- ଆଗାମୀ ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତି
- ବାଲସି ସମିତି ସଭ୍ୟାଙ୍କ ବିଜେଡିରେ ଯୋଗଦାନ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ମଶାଣିବନ୍ଧ ଗ୍ରାମ ଶୈବପୀଠରେ ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବାଲସି ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ଠାକୁର ସାହୁଙ୍କ ସଭାପତିତ୍ୱରେ ଆସନ୍ତା ନିର୍ବାଚନ ପାଇଁ କିପରି ସମସ୍ତେ ଏକତ୍ରିତ ହୋଇ ବିଜେଡିକୁ ବିଜୟ କରିବେ ସେ ବିଷୟ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବାଲସି ଗ୍ରାମପଞ୍ଚାୟତ ବୁଢ଼ୀପଦର, ରେଙ୍ଗାଲି, ବାଲସି, ମଶାଣିବନ୍ଧ, କଛାରପଦର, ଧୁଙ୍ଗିଆମୁଣ୍ଡା, କୋକୋଡ଼ମାଲ ଆଦି ଗ୍ରାମରେ ପାନୀୟଜଳ, ରାସ୍ତାଘାଟ, ଠିକା କାମରେ ଅନିୟମିତତା, ବାଲସି ପଞ୍ଚାୟତରେ ଠିକ ଭାବେ ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। କର୍ମୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ନୀତିରେ ଅନୁପ୍ରାଣିତ ହୋଇ ବାଲସି ପଞ୍ଚାୟତ ସ୍ୱାଧୀନ ପ୍ରାର୍ଥୀନୀ ସମିତି ସଭ୍ୟା ଦୀପ୍ତି କୁମାରଙ୍କ ସହ ଶତାଧିକ ସ୍ୱାଧୀନ ପ୍ରାର୍ଥୀ ବିଜେଡ଼ି ସାମିଲ ହୋଇଥିଲେ। ବିଜେଡି ଜିଲା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବ୍ଲକ ସଭାପତି ପୁରୁଷୋତ୍ତମ ମହଲା ପ୍ରମୁଖ ସ୍ୱାଗତ ଜଣାଇ ସମ୍ବର୍ଦ୍ଧିତ କରିଥିଲେ।



ବିଜେଡିରେ ମିଶିଥିବା ସ୍ୱାଧୀନ ପ୍ରାର୍ଥୀ ଓ ଅନ୍ୟମାନେ।

# ବ୍ଲକ ଅଫିସ ଘେରିଲେ ଆଦିବାସୀ



ବ୍ଲକ ଅଫିସକୁ ବିକ୍ଷୋଭ ପାଇଁ ଆଦିବାସୀମାନେ ଯାଉଛନ୍ତି।

ମୁରିବାହାଲ, ୨୩।୬ (ଶ୍ରୀବତ୍ସ ବେହେରା)

**ବିଡିଓଙ୍କୁ ୧୬ ଦଫା ଦାବିପତ୍ର ପ୍ରଦାନ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ତରଫରୁ ୧୬ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଏହି ଅବସରରେ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ଘିମାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ସଙ୍ଗଠକ ଥବିର ପୂଝାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ ଉପରେ ଦିନକୁ ଦିନ ବଢୁଥିବା ଅତ୍ୟାଚାରକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝି, ଟିଟିଲାଗଡ଼ ନଗର ସଭାପତି ନିତ୍ୟା ମାଝି, ତୁରେକେଲା ବ୍ଲକ ସଭାପତି ଖେଳନ୍ତି ସମରଥ, ବଙ୍ଗୋମୁଣ୍ଡା ବୁଡୁକା ପ୍ରଗଣା କନ୍ଧ ସମାଜ ସଭାପତି ଚକ୍ର ଯାନୀ, ଦେବସିଂ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ହକ୍ ହାସଲ ପାଇଁ ଆଦିବାସୀମାନେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ଆଦିବାସୀ ନେତାମାନେ କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ଦଫା ସମ୍ବଳିତ ଦାବିପତ୍ର ବିଡିଓ ପୂର୍ଣ୍ଣନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ କୃଷି ବିଭାଗ ତରଫରୁ ହେଉଥିବା କ୍ରପ କଟିଙ୍ଗରେ ଅନିୟମିତତା, ଜଙ୍ଗଲ ବିଭାଗ ତରଫରୁ ହେଉଥିବା ବୃକ୍ଷ ରୋପଣରେ ଦୃନୀତି, ଫଳ ବଗିଚା ଓ ପିଆଜ ଗୋଦାମ ଉଚିତ ହିତାଧିକାରୀଙ୍କୁ ପ୍ରଦାନ, ଫାର୍ମ ପଣ୍ଡରେ ଅନିୟମିତତା, ମୁରିବାହାଲ ତହସିଲଦାରଙ୍କ କାର୍ଯ୍ୟାଳୟରେ ଜାତିଗତ, ବାସସ୍ଥାନ ଓ ଆୟକର ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ, ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ଆଦି ଦାବି ଅନ୍ତର୍ଭୁକ୍ତ। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ଉପଦେଷ୍ଟା ନକୁଳ ମାଝି, ଈଶ୍ୱର ଭୋଇ, କୈଳାସ ପ୍ରାଧନୀ, ପୁରୁନ ମାଝିଙ୍କ ନେତୃତ୍ୱରେ ପତରଙ୍ଗି ମାଝି, ମୀରା ଭୋଇ, ଲକ୍ଷ୍ମୀ ମାଝି, ବିଶ୍ୱାମିତ୍ର ଭୋଇ, ଅଶୋକ କୁମାର ଭୋଇ, ସରସ୍ୱତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏଥି ପୂର୍ବରୁ ଆଦିବାସୀ କଲ୍ୟାଣ ଭବନରୁ ଆଦିବାସୀମାନେ ମୁରିବାହାଲ ନଗର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖକୁ ଯାଇଥିଲେ।

### ପ୍ରଦୀପ୍ତଙ୍କ ଭାଷଣ ବେଳେ ଦଳୀୟ କର୍ମୀଙ୍କ କରତାଳି

ଭବାନୀପାଟଣା, ୨୩।୬ (ଉତ୍ତମ କୁମାର ଦାଶ)

କରୋନାରେ ପୀଡିତ ହୋଇ ଦୀର୍ଘ ୨୬ ମାସର ପରେ ସୁସ୍ଥ ହୋଇ ଶେଷରେ ନିଜ ମାଟି କଳାହାଣ୍ଡିକୁ ଫେରିଛନ୍ତି ଭବାନୀପାଟଣା ସଦର ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ଶୁକ୍ରବାର ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମରେ ଅନୁଷ୍ଠିତ ଭାଜପାର ମହାଜନ ସମ୍ପର୍କ ଅଭିଯାନରେ ସେ ଯୋଗଦେଇଥିଲେ। ଦୀର୍ଘ ୨୬ ମାସ ପରେ ଦଳୀୟ କର୍ମକର୍ତ୍ତା ତଥା ଉପସ୍ଥିତ ଜନସାଧାରଣ ତାଙ୍କ ପ୍ରିୟ ନେତା ତଥା ବିଧାୟକଙ୍କୁ ଦେଖି ବେଶ ଉତ୍ସାହିତ ହୋଇଥିଲେ। ଏପରିକି ସଭା ଶେଷରେ ଧନ୍ୟବାଦ ଭାଷଣ ଦେବା ପାଇଁ ମାଇକ ଆଗକୁ ସେ ଯାଇଥିବା ସମୟରେ ଲୋକଙ୍କ ଜୋରରେ କରତାଳି ଓ ପ୍ରଦୀପ୍ତ ନାଏକ ଜିନ୍ଦାବାଦ ନାରାରେ ଅଞ୍ଚଳ କମ୍ପି ଉଠିଥିଲା। ଏହି ସମୟରେ ସଭାରେ ଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଲୋକଙ୍କ ଏହି ଉତ୍ସାହକୁ ଦେଖି ବେଶ ଖୁସି ହୋଇଥିଲେ। ପରେ ବିଧାୟକ ନାଏକ ଭାଷଣ ଦେଇ ସଭା ସାଙ୍ଗ କରିଥିଲେ।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟନ

କୋକସରା, ୨୩।୬ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଆମପାଣି, ବଡ଼ପୋ କାଉଡୋଳା ଓ ଗମ୍ଭାରୀଗୁଡା ପଞ୍ଚାୟତଠାରେ ମଧୁବାବୁ ପେନସନ ଯୋଜନାରେ ସାମିଲ ନୂତନ ହିତାଧିକାରୀଙ୍କୁ ଶୁକ୍ରବାର ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୋଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ବିଡିଓ ଉତ୍ତମ କୁମାର ବାଗ ଯୋଗଦେଇଥିଲେ। ଆମପାଣି ପଞ୍ଚାୟତଠାରେ ୭୧ଜଣଙ୍କୁ ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, କାଉଡୋଳାଠାରେ ୫୪ଜଣଙ୍କୁ ସରପଞ୍ଚ ଦେବିସିଂ ତାଣ୍ଡି, ସମିତି ସଭ୍ୟା ବୈଦେହୀ ବେଶ୍ରା ଓ ବଡ଼ପୋଠାରେ ୮୯ଜଣଙ୍କୁ ସରପଞ୍ଚ ଯମୁନା ନାଏକ ଓ ଗମ୍ଭାରୀଗୁଡା ପଞ୍ଚାୟତଠାରେ ୨୭ଜଣଙ୍କୁ ସରପଞ୍ଚ ଇଶରାମ ସୁନାନୀ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ। ମଧୁବାବୁ ପେନସନ ଯୋଜନାରେ ସାମିଲ ହେବାପରେ ହିତାଧିକାରୀଙ୍କମାନେ ବ୍ଲକ ପ୍ରଶାସନ, ବିଧାୟକ ଓ ବ୍ଲକ ଉପାଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ।




ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଉଛି।

# ମୁଣ୍ଡ ନୁଆଁଇଲା ବିଭାଗ, ଠିକାସଂସ୍ଥା

ଲୋଇସିଂହା, ୨୩।୬ (ସୁଶାନ୍ତ ବାରିକ)

**ଚାଷୀଙ୍କ କ୍ଷେତରେ ଖନନ ହେଲା ଗଭୀର ନଳକୂପ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଣ୍ଡକିଟାଲ ଗ୍ରାମର କେତେକ ଚାଷୀଙ୍କ ଗଭୀର ନଳକୂପ ଖନନ ପାଇଁ ଉଠାଜଳ ସେଚନ ବିଭାଗ ପକ୍ଷରୁ ଖନନ ଗାଡି ବୁଧବାର ପଠା ଯାଇଥିଲା। ହେଲେ ଜଣେ ମାତ୍ର ଚାଷୀଙ୍କ କ୍ଷେତରେ ଖନନ କରାଯାଇଥିଲା। ପାଣି ନ ବାହାରିବାରୁ ବିଭାଗୀୟ ଯନ୍ତ୍ରୀ ଗାଡିକୁ ଗାଁରୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଖନନ ଗାଡି ଫେରି ଯାଉଥିବା ଜାଣି ଚାଷୀମାନେ ରାସ୍ତାରେ ରାତିସାରା ବସି ଗାଡିକୁ ଅଟକାଇ ଥିଲେ। ଗୁରୁବାର ବିଭାଗୀୟ ଯନ୍ତ୍ରୀ ଏବଂ ଖନନ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ମାଲିକ ସେଠାରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ବର୍ଷ ନଳକୂପ ଖନନ କରାଯିବ ବୋଲି ସେମାନେ ଏକ ରାଜିନାମ ଲେଖିଥିଲେ। ଏହି ରାଜିନାମ ପରେ ମଧ୍ୟ ଚାଷୀ ନ ଛୋଡବନ୍ଧା ହୋଇଥିଲେ। ଗାଡି ଆସିଛିମାନେ ଖନନ କରିବାକୁ ଜିଦ୍ ଧରିଥିଲେ। ଏହାପରେ ବିଭାଗ ଏବଂ ଠିକାସଂସ୍ଥା ଚାଷୀଙ୍କ ଆଗରେ ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଥିଲେ। ଶୁକ୍ରବାର ସୁଦ୍ଧା ୫ଟି ଗଭୀର ନଳକୂପ ଖନନ କରାଯାଇଥିବା ଚାଷୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୦ ମସିହାରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଗୋଷ୍ଠୀ ନଳକୂପ ଖନନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଣ ଜଳସେଚିତ ଝରଣୀପାଲି ପଞ୍ଚାୟତ ଅନ୍ତର୍ଗତ ପଣ୍ଡଟିଟାଲ ଗ୍ରାମର ୧୧ ଜଣ ଚାଷୀ ଆବେଦନ କରି ଆବଶ୍ୟକ ଟଙ୍କା ପୈଠ କରିଥିଲେ। କ୍ଷେତରେ ନଳ କୂପ ହେଲେ ଉପକୃତ ହେବେ ବୋଲି ସେମାନେ ଆଶା ରଖିଥିଲେ। ହେଲେ ସେହି ବର୍ଷଠାରୁ ଉଠାଜଳ ସେଚନ ବିଭାଗ ଚାଷୀଙ୍କୁ ଭୁଆଁ ବୁଲାଇ ଆସୁଥିଲା। ଚାଷୀମାନେ ବିଭାଗ ନିକଟରେ ବହୁବାର ଦାବି କରି ନିରାଶ ହୋଇ ପଡିଥିଲେ। ଶେଷରେ ବୁଧବାର ବିଭାଗ ପକ୍ଷରୁ ଖନନ ଗାଡି ଗାଁକୁ ପଠାଯାଇଥିଲା। ଜଣେ ଚାଷୀଙ୍କ ଜମିରେ ଖନନ କରି ପାଣି ନ ବାହାରିବାରୁ ଗାଡି ଫେରିଯିବାକୁ ନେଇ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।



ପଣ୍ଡକିଟାଲ ଗ୍ରାମର ଜଣେ ଚାଷୀଙ୍କ କ୍ଷେତରେ ଗଭୀର ନଳକୂପ ଖନନ କରାଯାଉଛି।

# ସହାୟତା ଟଙ୍କାରେ ଘର ମରାମତି

ଲୋଇସିଂହା, ୨୩।୬ (ସୁଶାନ୍ତ ବାରିକ)

**ପାଇଖାନାରେ ବୃଦ୍ଧା ଫୁଲ ଆଶ୍ରୟ ନେବା ଘଟଣା**

- ଘର ମିଳୁ ନ ମିଳୁ ନିଜଘରେ ସ୍ୱାଭିମାନର ସହ ବଞ୍ଚିବି କହିଲେ ଫୁଲ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟପୋଲି ଗ୍ରାମର ଫୁଲ ମୁଦୁଲି(୭୭)ଙ୍କ ଘରନାହିଁ। ଆବାସ ଯୋଜନାରେ ସେ ଯୋଗ୍ୟ ବିବେଚିତ ହେଉନାହାନ୍ତି। ସ୍ୱଚ୍ଛ ଭାରତ ପାଇଖାନାରେ ସେ ଆଶ୍ରୟ ନେଇଛନ୍ତି। ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପରେ ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ରେଡକ୍ରସରୁ ୫ ହଜାର ଟଙ୍କା ତାଙ୍କୁ ସହାୟତା ମିଳିଛି। ସହାୟତା ଟଙ୍କାକୁ କାର୍ଯ୍ୟରେ ଲଗାଉଛନ୍ତି ଫୁଲ। ସମ୍ପର୍କୀୟଙ୍କ ସହାୟତାରେ ଭାଙ୍ଗି ଯାଇଥିବା ମାଟି ଘରକୁ ଏବେ ସେ ମରାମତି କରୁଛନ୍ତି।

ସ୍ୱାମୀ ଏବଂ ଦୁଇପୁଅଙ୍କ ମୃତ୍ୟୁ ପରେ ଫୁଲ ଏକୁଟିଆ ହୋଇଯାଇଛନ୍ତି। ବର୍ଷାରେ ମାଟିଘର ଭାଙ୍ଗିଗଲା। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମରାମତି କରିବାକୁ ଅସମର୍ଥ ହେଲେ। ୨୦୨୧ରୁ ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନରେ ଆଶ୍ରୟ ନେଇଛନ୍ତି ଫୁଲ। ଏହା ଲୋକଲୋଚନକୁ ଆସିବା ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇଥିଲା। ବୃଦ୍ଧାଙ୍କୁ ଉଦ୍ଧାର କରି ଏକ ଆଶ୍ରମରେ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା।



ମରାମତି ହେଉଥିବା ଘର ନିକଟରେ ବୃଦ୍ଧା ଫୁଲ।

ହେଲେ ସେ ଆଶ୍ରମକୁ ଯିବାକୁ ମନା କରି ଦେଇଥିଲେ। ବିଧବା ଭତ୍ତା ବାବଦକୁ ୫ଶହ ଟଙ୍କା ଏବଂ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ୩୫କେଜି ଚାଉଳ ସେବେଠୁ ଦିଆଯାଉଛି। ସେତେବେଳର ଏହି ଘଟଣାକୁ ଆଧାର କରି ରାଜ୍ୟ ଆଇନସେବା ପ୍ରାଧିକରଣ ସହ ସମ୍ପାଦକ ରୁଦ୍ରପ୍ରକାଶ ନାୟକ ବଲାଙ୍ଗୀର ଜିଲା ସମ୍ପାଦକଙ୍କୁ ପତ୍ର ଲେଖି ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଫୁଲଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ବୃଦ୍ଧାଙ୍କ ସହ ଯୋଗାଯୋଗ କରାଯାଇଥିଲା। ନ୍ୟାୟାଳୟ ହସ୍ତକ୍ଷେପ ପରେ ଘର ପାଇବା ଆଶାସୃଷ୍ଟି ହୋଇଥିଲା। ହେଲେ ୨୦୨୩ ଜାନୁୟାରୀରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ତାଲିକାରେ ତାଙ୍କ ନାମ ନ ଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଥିଲା। ଏହାକୁ ନେଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ସ୍ୱଜାଳି ମହାନ୍ତି ଚିନ୍ତାବ୍ୟକ୍ତ କରିଥିଲେ। ତହସିଲଦାର ସଂଘମିତ୍ରା କାଲୋ, ଏବିଡିଓ ବିଜୟ କୁମାର ହୋତା ଓ ସରପଞ୍ଚ ବିଜୁଳି ପଧାନ ପ୍ରମୁଖଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। କ ଫର୍ମ ଆବେଦନ କରୁ ନ ଥିବାରୁ ଫୁଲଙ୍କୁ ଘର ମିଳିବାରେ ସମସ୍ୟା ହେଉଥିବା କହିଥିଲେ। ଜିଲାପାଳ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ଯେ କୌଣସି ପରିସ୍ଥିତିରେ ଆବାସ ଯୋଜନାରେ ଘର ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ଅଧିକାରୀ ସେତେବେଳେ କହିଥିଲେ। ଅନ୍ୟପକ୍ଷରେ ଅଧ୍ୟକ୍ଷା ମହାନ୍ତି ଏବଂ ଅଧିକାରୀଙ୍କ ବହୁ ବୁଝାସୁଝା ପରେ ମଧ୍ୟ ଫୁଲ ବୃଦ୍ଧାଶ୍ରମକୁ ଯିବାକୁ ମନା କରି ଦେଇଥିଲେ। ଗାଁକୁ ଫେରି ଯାଇ ପୁଣି ପାଇଖାନାରେ ଆଶ୍ରୟ ନେଇଥିଲେ। ଗତ ମାର୍ଚ୍ଚ ମାସରେ ଜିଲାପାଳ ଫୁଲଙ୍କୁ ରେଡକ୍ରସରୁ ସହାୟତା ଦେଇଛନ୍ତି। ଏତିକି ସହାୟତାରେ ଘର ମରାମତି ଅସମ୍ଭବ। ତେଣୁ ସମ୍ପର୍କୀୟଙ୍କୁ ସହାୟତା ମାଗି ମରାମତି କରୁଥିବା ଫୁଲ କହିଛନ୍ତି। ପକ୍କାଘର ମିଳୁ ନ ମିଳୁ ଏଇ ଘରେ ବଞ୍ଚିଥିବା ଯାଏ ସ୍ୱାଭିମାନ ଏବଂ ସମ୍ମାନର ସହ ବଞ୍ଚିବି ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ଭେଟିଲା ଓକିଲ ସଂଘ

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲାପାଳଙ୍କ ସହିତ ଜିଲା ଓକିଲ ସଂଘ ପ୍ରତିନିଧିଙ୍କ ଆଲୋଚନା।

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ ଦେଇ ଅମ୍ବାପାଲି ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ଜୋର୍ ଧରିଛି । ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ ସହିତ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ଆଲୋଚନା କରିଥିଲେ। ମେଜର ନକ୍ସାରେ ସୀମା ଚିହ୍ନଟକୁ ଲୋକେ ବିରୋଧ କରୁଥିବାବେଳେ ତାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ରାସ୍ତାକୁ ହମିଦ୍ କିମ୍ବା ପୁରୁଣା ରାଜପଥ ନକ୍ସା ଆଧାରରେ ମାପଚୁପ ସହ ଜବରଦଖଲ ଉଚ୍ଛେଦ କରି ସହରରେ ଶାନ୍ତି ବଜାୟ ରଖିବା ଦିଗରେ ପଦକ୍ଷେପ ନେବାକୁ ସଂଘ ଦାବି କରିଛି । ପ୍ରକାଶ ଯେ, ବରଗଡ଼ ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକ, ଜିରା ବ୍ରିଜ ଦେଇ ଅମ୍ବାପାଲିକୁ ଏକଦା ଜାତୀୟ ରାଜପଥ ସଂଯୋଗ କରିଥିଲା। ସେତେବେଳେ ରାଜପଥ ମାନ୍ୟତା ପାଇଥିବା ରାସ୍ତା ଅସ୍ତିତ୍ୱ ହରାଇ ଏବେ ସଙ୍କୁଚିତ ହୋଇ ପଡ଼ିଛି। ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି, ଟ୍ରାଫିକ ସମସ୍ୟା ପାଇଁ ରାସ୍ତା ପ୍ରଶସ୍ତୀକରଣର ଆବଶ୍ୟକତା ଥିବାବେଳେ ସଙ୍କୁଚିତ ହୋଇ ପଡ଼ିଥିବା ଏହି ରାସ୍ତା ସହରର ସୌନ୍ଦର୍ଯ୍ୟକରଣରେ ବାଧକ ସାଜିଛି।

**ଜୋର୍ ଧରୁଛି ରାସ୍ତା ଜବରଦଖଲ ଉଚ୍ଛେଦ ଦାବି**

ରାସ୍ତାରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗି ରହୁଛି ଏବଂ ଯାତାୟାତ କରୁଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଲୋକଙ୍କ ପାଇଁ ରାସ୍ତାଟି ଅସୁରକ୍ଷିତ ହୋଇ ପଡ଼ିଛି। ରାସ୍ତା ଉପରେ ଅନେକ ମାଲବାହୀ ଗାଡ଼ି ଛିଡ଼ା ହେଉଥିବାବେଳେ ରୋଗୀଙ୍କୁ ନେଉଥିବା ଆମ୍ବୁଲାନ୍ସ ମଧ୍ୟ ରାସ୍ତା ଅତିକ୍ରମ କରିବା କଷ୍ଟସାଧ୍ୟ ହୋଇ ପଡ଼ୁଛି ।

ଅପରପକ୍ଷେ ନୂଆ ଜିରା ବ୍ରିଜ ନିର୍ମାଣ ଶେଷ ହୋଇଥିବାବେଳେ ଲୋକାର୍ପଣ କେବଳ ବାକି ରହିଛି। ତେବେ ନୂଆବ୍ରିଜ ଲୋକାର୍ପଣ ହେଲେ ଆହୁରି ଅଧିକ ମାଲବାହୀ ଗାଡ଼ି ସମେତ ଅନ୍ୟ ଯାନବାହନ ଚଳାଚଳ ବୃଦ୍ଧି ପାଇବ। ଫଳରେ ଜିରା ବ୍ରିଜ ଲୋକାର୍ପଣ ପୂର୍ବରୁ ଲେଙ୍ଗୁ ମିଶ୍ର ଛକଠାରୁ ଅମ୍ବାପାଲି ପର୍ଯ୍ୟନ୍ତ ରାସ୍ତା ଜବରଦଖଲକାରୀଙ୍କୁ ହଟାଇବାକୁ ଦାବି ହୋଇଛି । ଏହି ଦାବି ନେଇ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ଅନ୍ୟ ସଙ୍ଗଠନ ଗୁଡ଼ିକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଗୁରୁବାର ବିଭାଗୀୟ ଅଧିକାରୀମାନେ ମେଜର ନକ୍ସା ଧରି ସୀମା ଚିହ୍ନଟ କରୁଥିଲେ ଏବଂ ତାକୁ ଲୋକେ ବିରୋଧ କରିଥିଲେ । ଲୋକେ ମେଜର ନକ୍ସାରେ ମାପଚୁପକୁ ନାପସନ୍ଦ କରୁଥିବାବେଳେ ତାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାରୁ ମେଜର କିମ୍ବା ପୁରୁଣା ଜାତୀୟ ରାଜପଥ ନକ୍ସା ଅନୁଯାୟୀ ରାସ୍ତାର ସୀମା ଚିହ୍ନଟ ସହିତ ଜବରଦଖଲକାରୀଙ୍କୁ ହଟାଇବାକୁ ଓକିଲ ସଂଘ ଦାବି କରିଛି। ଏହି ଦାବିକୁ ଗୁରୁତ୍ୱର ସହ ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିବା ଓକିଲ ସଂଘର ପ୍ରତିନିଧିମାନେ କହିଛନ୍ତି। ସଂଘ ସଭାପତି ଭୀଷ୍ମଦେବ ସରାପଙ୍କ ନେତୃତ୍ୱରେ ଉପସଭାପତି ସୁଶୀଲ ଶତପଥୀ, ସମ୍ପାଦକ ଉତ୍ତର କୁମାର ସାହୁ, ସହ ସମ୍ପାଦକ ଶୁକଦେବ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଅନନ୍ତ ଶୟନ ପାଢ଼ୀ, ରମେଶ ପତି, ଆଶିଷ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

## ସଂକ୍ଷେପରେ

### ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

**ପଦ୍ମପୁର, ୨୩।୬ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁରରେ ନୂତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବରେ ବିନାୟକ ମିଶ୍ର ଯୋଗ ଦେଇଛନ୍ତି। ଯୋଗଦାନ ପରେ ମିଶ୍ର ଉପଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ବର୍ତ୍ତମାନ ପଦ୍ମପୁର ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ରୂପେ ଦାୟିତ୍ୱ ତୁଲାଉଥିବା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାର ନିର୍ମଳ ଧରୁଆଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ଦିନ ଧରି ଏହି ପଦବୀଟି ଖାଲି ରହିଥିଲା। ମିଶ୍ର ଏହି ପଦବୀରେ ଯୋଗଦେବା ପରେ ଯେଉଁଭଳି ଲୋକଙ୍କ ପାଖରେ ଉପଯୁକ୍ତ ଭାବରେ ଓ ଉଚିତ ସମୟରେ ସରକାରୀ ସୂଚନା ସବୁ ପହଞ୍ଚି ପାରିବ ସେ ଦିଗରେ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି। ଉପଖଣ୍ଡର ସାମ୍ବାଦିକ ମାନଙ୍କ ସହ ସମନ୍ୱୟ ରକ୍ଷାକରି ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ସବୁ କାର୍ଯ୍ୟ ସମ୍ପନ୍ନ କରିବେ ବୋଲି ମତ ରଖିଛନ୍ତି।

### ଝାରବନ୍ଧରେ ନୂତନ ବିଇଓ



**ଝାରବନ୍ଧ,୨୩।୬(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଭାବେ ଶୁକ୍ରବାର ଶୁଭମ କୁମାର ପତି ଯୋଗଦାନ କରିଛନ୍ତି। ଭାରପ୍ରାପ୍ତ ବିଇଓ ଚୂଡ଼ାମଣି ବାରିକଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟ କୁମାର ସାହୁ, ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କାଠମାଣ୍ଡୁ ଅଭିମୁଖେ ପଦ୍ମଶ୍ରୀ ହଳଧର ନାଗ



**ପଦ୍ମପୁର, ୨୩।୬ (ପ୍ରଦୀପ୍ତ ଦାଶ):** ନେପାଳର ରାଜଧାନୀ କାଠମାଣ୍ଡୁ ସହରରେ ଆଗାମୀ ୨୪ରେ ବିଶ୍ୱର ପ୍ରତିଷ୍ଠିତ କବିମାନଙ୍କ କବିତାର ଏକ ସଂକଳନର ଉନ୍ମୋଚନ ଉତ୍ସବରେ ପଦ୍ମଶ୍ରୀ ଲୋକକବି ହଳଧର ନାଗ ତାଙ୍କ କବିତା ଆବୃତ୍ତି ନିମନ୍ତେ ନିମନ୍ତ୍ରିତ ହୋଇଛନ୍ତି। ଏହି ଉତ୍ସବରେ ନାଟ୍ୟକାର କେଶରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବେ। ତେଣୁ ଉଭୟ ପ୍ରତିଭା ରାୟପୁର ବିମାନ ବନ୍ଦରରୁ ନେପାଳ ଅଭିମୁଖେ ଯାତ୍ରା କରିଛନ୍ତି। ବିଶ୍ୱର ବିଭିନ୍ନ ଭାଷାରୁ ଅନୁଦିତ ଏ କବିତା ସଂକଳନର ରୋଚକ ଶୀର୍ଷକ ହେଲା ମେଡନେସ -ଏନ ଏନଥୋଲୋଜି ଅଫ ୱାର୍ଡ ପୋଏଟ୍ରି ପଦ୍ମଶ୍ରୀଙ୍କ କବିତା 'ନାନା ପାଗଲ'ର ଇଂରାଜୀ ରୂପାନ୍ତର କରିଛନ୍ତି ଅଧାପକ ମାନଭଞ୍ଜନ ପାଣିଗ୍ରାହୀ। ପୁସ୍ତକ ଉନ୍ମୋଚନ ବ୍ୟତୀତ କବି ଓ କଳାକାରମାନଙ୍କ ସହିତ ଆଲୋଚନାଚକ୍ର, ସାକ୍ଷାତକାରର କାର୍ଯ୍ୟକ୍ରମ ରହିଥିବା ସୂଚନା ପ୍ରଦାନ କରିଛନ୍ତି ନାଟ୍ୟକାର ପ୍ରଧାନ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ପଦ୍ମପୁର, ୨୩।୬ (ପ୍ରଦୀପ୍ତ ଦାଶ):** ପଦ୍ମପୁରର ବରିଷ୍ଠ ସାମ୍ବାଦିକ ଲାଲ ବିହାରୀ



ମିଶ୍ରଙ୍କ ସାନ ଭାଇ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ମିଶ୍ରଙ୍କ (୬୯) ନିଜ ଜନ୍ମସ୍ଥାନ ଝେଙ୍ଗନାଡିହି ବାସଭବନରେ ପରଲୋକ ହୋଇଯାଇଛି। ବିୟୋଗ ଖବରପାଇ ଶତାଧିକ ବ୍ୟକ୍ତି ଶେଷ ଦର୍ଶନ ପାଇଁ ବାସଭବନକୁ ଯାଇଥିଲେ। ସେ ଜଣେ ଧର୍ମପରାୟଣ, ସରଳ, ଛାତ୍ର ବତ୍ସଲ୍ୟ, ପରୋପକାରୀ, ଆଦର୍ଶ ଶିକ୍ଷକ ଥିଲେ। ମୃତ୍ୟୁ ପରେ ତାଙ୍କ ପଛରେ ସହଧର୍ମିଣୀ ଦମୟନ୍ତୀ, ପୁଅ ସଞ୍ଜୟ, ଚିନ୍ମୟ, ଅମୀୟ, ଦୁଇ ବୋହୂ ଓ ନାତିନାତୁଣୀଙ୍କୁ ଛାଡିଯାଇଛନ୍ତି। ତାଙ୍କର ନିଜସ୍ୱ ଜମିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ।

# ରିଂ ରୋଡ୍ ପାଇଁ ୩୯କୋଟିର ଟେଣ୍ଡର

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିରା ନଦୀ କୂଳରେ ସ୍ଥାନୀୟ ସାଇ ମନ୍ଦିରରୁ ରୁହୁଣିଆ ବ୍ରିଜ ପର୍ଯ୍ୟନ୍ତ ହେବାକୁ ଥିବା ବହୁ ପ୍ରତୀକ୍ଷିତ ରିଂ ରୋଡ୍ ପାଇଁ ଶୁକ୍ରବାର ୩୯କୋଟି ଟଙ୍କାର ଟେଣ୍ଡର ହୋଇଥିବା ସୂଚନା ମିଳିଛି। ଉକ୍ତ ରିଂ ରୋଡ୍ ନିର୍ମାଣ ପାଇଁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛିମାସ ତଳେ ଏହାର ସର୍ଭେକ୍ଷଣ ସରିଥିଲା। ଏହି ପ୍ରକଳ୍ପର ଟେଣ୍ଡର ପ୍ରକାଶ ପାଇବାରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ରିଂ ରୋଡ୍ ନିର୍ମାଣ ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ଯୋଗୁ ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବରଗଡ଼ର ବିକାଶ ପ୍ରକ୍ରିୟାରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେଲା ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି । ଏଥିପାଇଁ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ପୌର ପରିଷଦର ସମସ୍ତ କାଉନସିଲରବୃନ୍ଦ ମଧ୍ୟ ମୁଖ୍ୟମନ୍ତ୍ରୀ ଏବଂ ବରଗଡ଼ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିକାଶରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ବିକାଶ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି ।

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଅବକାଶ ଅନ୍ତେ ଛାତ୍ରୀଛାତ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ସ୍କୁଲ ପରିସରକୁ ପାଛୋଟି ନେଇଥିଲେ। ଏହି ବର୍ଣ୍ଣାଢ଼୍ୟ ପରିବେଶରେ ଛାତ୍ରୀଛାତ୍ରଙ୍କ ମନରେ ନୂତନ ଉତ୍ସାହ, ଉଦ୍ଦୀପନା ଖେଳିଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଘୋଷଯାତ୍ରାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ମାମଲା**

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)



ବରଗଡ଼ ସାମ୍ବାଦିକ ସଂଘର ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ପୁରୀରେ ମହାପ୍ରଭୁଙ୍କ ଘୋଷଯାତ୍ରାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କିଛି ସେବାୟତଙ୍କ ଆକ୍ରମଣ ଅଭିଯୋଗକୁ ନେଇ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ସାମ୍ବାଦିକ ସଂଘ ଏବଂ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫD ବରଗଡ଼ (ଜାବ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପୁରୀରେ ଘୋଷଯାତ୍ରା ଚାଲିଥିବାବେଳେ କାର୍ଯ୍ୟରତ ଦୁଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି କିଛି ସେବାୟତ ଦୁର୍ବ୍ୟବହାର ପ୍ରଦର୍ଶନ ସହିତ ମାଡ଼ ମାରିଥିଲେ। ଫଳରେ ଏହି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି ବାରମ୍ବାର ରାଜ୍ୟର ବିଭିନ୍ନ ସ୍ଥାନରେ କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ହେଉଥିବା ଯୋଗୁ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି ହୋଇଛି। ଏହା ସହିତ ସାମ୍ବାଦିକ ବୀମାରାଶିକୁ ୨ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ମଧ୍ୟ ଦାବି କରାଯାଇଛି । ବରଗଡ଼ ସାମ୍ବାଦିକ ସଂଘ ସଭାପତି ବିରେନ୍ଦ୍ର ପ୍ରଧାନ ଏବଂ ଜାବ୍‌ର ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ଉଭୟ ସଂଘର ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଜିଲାପାଳଙ୍କ ଅଫିସକୁ ଯାଇଥିଲେ ।

# କାମ କରି ପାଉଣା ପାଇନାହାନ୍ତି ଶ୍ରମିକ

ନୂଆପଡା,୨୩।୬ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାଲିପାଟିଠାରୁ ଡ୍ୟାମ ରାସ୍ତା ନିର୍ମାଣର ଏକ ବର୍ଷ ବିତି ଯାଇଛି। ହେଲେ ଆଜି ଯାଏ ଶ୍ରମିକମାନେ ପାଉଣା ପାଇ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ଯେ କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ନାମ ଫଳକ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଏଠାରେ ନାମ ଫଳକ ମଧ୍ୟ ଅର୍ଦ୍ଧ ନିର୍ମିତ ଭାବେ ରହିଥିବାରୁ କେଉଁ କାର୍ଯ୍ୟ ଓ କେତେ ଅଟକଳ ଜଣା ପଡିନାହିଁ। ପ୍ରାପ୍ତ ସୂଚନା ଅନୁସାରେ ୨୦୨୨ ନଭେମ୍ବର ମାସରେ ବାଲିପାଟିଠାରୁ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ସାହାଜଟ ପର୍ଯ୍ୟନ୍ତ ପ୍ରାୟ ଦେଢ କିଲୋମିଟର ରାସ୍ତାରେ ମାଟି କାମ ହୋଇଥିଲା। ରାସ୍ତା ନିର୍ମାଣର ୮ ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ କି ଶ୍ରମିକମାନଙ୍କ ପାଉଣା ମିଳି ନାହିଁ। ଏ ସମ୍ପର୍କରେ ଶ୍ରମିକମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦେଉଛନ୍ତି। ହେଲେ ଠିକ ସମୟରେ ପାଉଣା ମିଳୁ ନ ଥିବାରୁ ବାଧ୍ୟ ହୋଇ ଦାଦନ ଯିବାକୁ ପଡୁଛ। ଦାଦନ ଗଲେ ମଧ୍ୟ ମାଲିକଙ୍କ ନିର୍ଯାତନା ସହି ହେଉନାହିଁ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଧଜରାମ କୈବର୍ତ୍ତ, କୁମୁରା ମାଝି, ରିଖିରାମ କୈବର୍ତ୍ତ, ମୋହିତ ରାମ ଅହିର, ଘନଶ୍ୟାମ ଅହିର, ପୁନୁରାମ ମାଝି, ସାଧୁରାମ ମାଝି, ହରି ମାଝି, ତ୍ରିନାଥ ମାଝି, ଉମ୍ବରୁ ମାଝି, ଭାଗରଥି ମାଝି, ସୋବିନ ମାଝି, ଯୁଗେ ମାଝି, ନନ୍ଦ ମାଝି, ରୁଦ୍ର ମାଝି, ତିକେରାମ ମାଝି, ଟଙ୍କଧର ମାଝି, ଚନ୍ଦ୍ରାବତୀ ମାଝି ପ୍ରମୁଖ କାର୍ଯ୍ୟ କରି ଆଜି ପର୍ଯ୍ୟନ୍ତ ପାଉଣା ପାଇ ନାହାନ୍ତି।

# ବୁକୁରାମୁଣ୍ଡା ନୂତନ ପାକ୍ସର ସାଧାରଣ ସଭା, ଶପଥ ଗ୍ରହଣ



ବୁକୁରାମୁଣ୍ଡା ସେବା ସମିତିର ଶପଥ ଗ୍ରହଣ ଉତ୍ସବ।

ପାଇକମାଳ, ୨୩।୬ (ବଡ଼ ଶତପଥି)

ବରଗଡ ଜିଲା ପାଇକମାଳ ବୁକୁରାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ଏକ ସାଧାରଣ ସଭା ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଚାଷୀ ନେତା ରମେଶ ମହାପାତ୍ର, ସମ୍ମାନିତ ଅତିଥି ସରପଞ୍ଚ ଅନିତା ଭୋଇ ଏବଂ ରାଜ ବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ ଯୋଗଦାନ କରି ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ବିଷୟରେ ବର୍ଣ୍ଣନା କରିଥିଲେ। ସଭାରେ ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ ଆନୁଷ୍ଠାନିକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହାର ସୁପରିଚାଳନା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତି ଲିଃର ସଙ୍ଗଠକ ଧନେଶ୍ୱର ଭୋଇ, ମୁଖ୍ୟ ଉଦ୍ୟୋକ୍ତା ଚନ୍ଦନ ବାରିକ ଏବଂ ସମସ୍ତ ପନ୍ଦର ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମବାୟ ସମିତିର ସମସ୍ତ ବିଧିବଦ୍ଧ କାଗଜପତ୍ର ବୁକୁରାମୁଣ୍ଡାଠାରେ ସମ୍ପାଦନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଚାଷୀନେତା ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ସମସ୍ତ ଚାଷୀ ଆଗାମୀ ଦିନରେ କୃଷି ସମବାୟ ସମିତି ଲିଃକୁ ଏକ ଅଗ୍ରଣୀ ସଂସ୍ଥାରେ ଗଢି ତୋଳିବାକୁ ସଂକଳ୍ପ ନେଇଥିଲେ। ଶେଷରେ ବୁକୁରାମୁଣ୍ଡା ବୀର ସାବରକର କ୍ଲବ ସମ୍ପାଦକ ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁଙ୍କ ବିକାଶ, ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟମାନେ ।

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଓ ବରଗଡ଼ ବ୍ଲକର ୨୭ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ପତଙ୍ଗ ଅନୁଷ୍ଠାନ ତରଫରୁ ଦ୍ୱିଦିବସୀୟ ଅଣଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଟଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୈନନ୍ଦିନ ଜୀବନରେ ଶୈଶବ ଶିକ୍ଷାର ଗୁରୁତ୍ୱ, ଶିଶୁର ବିକାଶ ଉପରେ ଆଲୋଚନା ହୋଇଥିଲା। ସେହିପରି ଶିଶୁମାନଙ୍କର ବିକାଶ, ଦକ୍ଷତା ବୃଦ୍ଧି କିଭଳି ହୋଇପାରିବ, ସେ ନେଇ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଅଙ୍ଗନୱାଡ଼ି କର୍ମୀମାନେ ଏହି ସବୁ ପ୍ରକ୍ରିୟା ଉପରେ ସେମାନଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ। ପତଙ୍ଗ ଅନୁଷ୍ଠାନର ସଦସ୍ୟା, ସଦସ୍ୟବୃନ୍ଦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଙ୍ଗନୱାଡ଼ି ସୁପରଭାଇଜର ସୁଜ୍ଞାନୀ ସାହୁ, ରଶ୍ମୀ ଥପା, ରାଜକୁମାରୀ ମେହେର ପ୍ରମୁଖ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

# ୨୪ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତରେ ମଧୁବାବୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ସଦର ଥାନା ଆଇଆଇସି ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନର ଶୁଭାରମ୍ଭ କରିଥିଲେ। ସମିତି ସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ନାଏବ ସରପଞ୍ଚ ଲଙ୍କେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ, ଜିଆର୍‌ଏସ୍ କିରଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୪ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ମଧୁବାବୁ ପେନସନ ବଣ୍ଟନର ଶୁଭାରମ୍ଭ କରୁଛନ୍ତି ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଅଣଦେଖା

ବରଗଡ଼,୨୩।୬(ପ୍ରେମାନନ୍ଦ ଖମାରୀ)



ଜିଲାପାଳଙ୍କ ଅଫିସ ଆଗରେ ଆଉଟ୍‌ସୋର୍ସିଂ କର୍ମଚାରୀ ଧାରଣା ଦେଇଛନ୍ତି ।

- ଜିଲାପାଳଙ୍କ ଅଫିସ ଆଗରେ ଧାରଣା
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାଜ୍ୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ବରଗଡ଼ ଜିଲା ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ପରେ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ରାଜ୍ୟ ସରକାରଙ୍କ ଅଧୀନରେ ଆଉଟସୋର୍ସିଂ କର୍ମଚାରୀମାନେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ମାତ୍ର ବେତନ ପ୍ରଦାନଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରକାରୀ ସୁବିଧା କ୍ଷେତ୍ରରେ ସେମାନଙ୍କୁ ଅବହେଳା କରାଯାଉଛି। ଫଳରେ ପରିବାର ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡୁଛି ବୋଲି ଆଉଟସୋର୍ସିଂ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଆଉଟ୍‌ସୋର୍ସିଂ ବ୍ୟବସ୍ଥାକୁ ଉଚ୍ଛେଦ ସହିତ ସ୍ଥାୟୀ ନିଯୁକ୍ତି ପାଇଁ ସଂଘ ବାରମ୍ବାର ଦାବି କରିଆସିଛି। କିନ୍ତୁ ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରି ନ ଥିବା ଅଭିଯୋଗ କରି ଆଉଟସୋର୍ସିଂ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସେଠାରେ ସଂଘର କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ଆଉଟ୍‌ସୋର୍ସିଂ ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି, କାର୍ଯ୍ୟକ୍ଷେତ୍ରରେ ଚାକିରି ସୁରକ୍ଷା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବଜାର ଦର ଅନୁପାତରେ ଦରମା ପ୍ରଦାନ, ମହିଳା କର୍ମଚାରୀଙ୍କୁ ମାତୃତ୍ୱକାଳୀନ ଛୁଟି ପ୍ରଦାନ, ଇପିଏଫ, ଇଏସ୍‌ଆଇ ଠିକ୍ ଭାବେ ପୈଠ କରିବା, ବରିଷ୍ଠତା ଓ ଦକ୍ଷତା ଭିତ୍ତିରେ ପଦୋନ୍ନତି ଦେବାକୁ ଦାବି କରିଥିଲେ। ଏହି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଂଘ ସଭାପତି ସୁଶାନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ରାକେଶ ଶତପଥୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିବାବେଳେ ସମାଜସେବୀ ପାଣ୍ଡବ କର୍ଣ୍ଣ ଧାରଣାସ୍ଥଳକୁ ପହଞ୍ଚି ଉଦ୍‌ବୋଧନ ଦେଇଥିଲେ।




## ସଂକ୍ଷେପରେ

### ଷ୍ଟିଲସିଟିରେ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା

ରାଉରକେଲା,୨୩।୬(ଦିନେଶ ମିଶ୍ର): ରାଉରକେଲାରେ ଏଲଜିବିଟି ପକ୍ଷରୁ ଶୁକ୍ରବାର ରେନବୋ ସ୍ୱାଭିମାନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ କିନ୍ନର ମା' ୱେଲଫେୟାର ଟ୍ରଷ୍ଟ, ଓଡିଶା ରେନବୋ କଲେକ୍‌ଟିଭ ଓ ସାଥୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଏଲଜିବିଟି ଗୋଷ୍ଠୀ ସଦସ୍ୟଙ୍କ ସହ ସରକାରୀ କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପଦଯାତ୍ରା ପାୱାରହାଉସ ରୋଡ ଛକରୁ ବାହାରି ରାଉରକେଲା ମେନରୋଡ ହୋଇ ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରେ ପହଞ୍ଚିଥିଲା। ଏଲଜିବିଟି ମାନଙ୍କୁ କିଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିହେବ। ସମାଜରେ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ପାଇବେ। ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ବଞ୍ଚିବେ ସେଥିପାଇଁ ଏହି ପଦଯାତ୍ରା ମାଧ୍ୟମରେ ସଚେତନତା କରାଯାଇଥିଲା। ଜୟା ତ୍ରିପାଠୀ, ପ୍ରିନ୍ସେସ୍, ବିଶ୍ୱଜିତ ରାଉତ, ସାଥୀ ଏନ୍‌ଜିଓର ଶର୍ମିଷ୍ଠା ଦାସ, ଅଞ୍ଜଳି, ସୋନାଲି, ପିଙ୍କି, ଗୀତା, ପୂଜା କିନ୍ନର ପ୍ରମୁଖ ସହଯୋଗ କରିଥିଲେ। ସାଥୀର ସହ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଇଣ୍ଟରନ୍ୟାଶନାଲ କରାଟେରେ ବିଚାରକ ଦାୟିତ୍ୱ ତୁଲାଇଲେ ରାଜୀବ

ରାଉରକେଲା,୨୩।୬(ଦିନେଶ ମିଶ୍ର): ନୂଆଦିଲ୍ଲୀ ସ୍ଥିତ ତାଲକୋଟାରା ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଇଣ୍ଟରନ୍ୟାଶନାଲ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲାରୁ ବିଚାରକ ଭାବେ ରାଜୀବ ସିଂ ଦାୟିତ୍ୱ ତୁଲାଇଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଭାରତ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ଇରାନରୁ ପ୍ରାୟ ୧୨ଶହ କରାଟେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଶ୍ୱ କରାଟେ ଫେଡେରେଶନର ଟେକ୍‌ନିକାଲ କମିଟି ସଦସ୍ୟ ହାଂଶୀ ଭରତ ଶର୍ମା ଓ ସେଇକୋ-କାଇ କରାଟେ ଡୋ ଇଣ୍ଟରନ୍ୟାଶନାଲର ଟେକ୍‌ନିକାଲ ସେକ୍ରେଟାରୀ ଭିକି କୁମାର ଯାଦବଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରେ ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ମୁଖ୍ୟ ପ୍ରଶିକ୍ଷକ ତଥା ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ଏସିଆ କରାଟେ ଜଜ୍ ରାଜୀବ କୁମାର ସିଂ ବିଚାରକ ଭାବେ ଦାୟିତ୍ୱ ତୁଲାଇ ସହର ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପାଣି ପାଇଁ ଡହଳବିକଳ

ରାଉରକେଲା,୨୩।୬(ସଙ୍ଗୀତା ଜେନା)



ଖରିଆବାହାଲ ବସ୍ତିକୁ ଅଟୋ ଯୋଗେ ପାଣି ଅଣାଯାଉଛି।

**ଅବହେଳିତ ଖରିଆବାହାଲ ବସ୍ତି**

- ପାଣି କିଣି ଚଳୁଛନ୍ତି ଭିନ୍ନକ୍ଷମ
- କାମରେ ଆସୁନି ନଳକୂପ
- ୧୦ କିମି ଦୂରରୁ ପାଣି ସଂଗ୍ରହ
- ନିର୍ବାଚନ ବେଳେ ମିଳୁଛି ଆଶ୍ୱାସନା

ରାଉରକେଲା ଇସ୍ପାତ କାରଖାନା ଶିଳ୍ପାଞ୍ଚଳ ତଥା ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅଧୀନ ସେକ୍ଟର-୧ ଖରିଆବାହାଲ ବସ୍ତିରେ ପାଣି ସମସ୍ୟା ଉତ୍କଟ ହୋଇଛି। ଖରାଦିନ ଆରମ୍ଭ ହେଲେ ପାଣି ପାଇଁ ବସ୍ତିବାସିନ୍ଦା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ସେକ୍ଟର-୧ ଖରିଆବାହାଲ ବସ୍ତିର ଜନସଂଖ୍ୟା ପ୍ରାୟ ୭ ହଜାର। ଏହି ବସ୍ତି ଅଞ୍ଚଳ ଆର୍‌ଏମ୍‌ସି କି ପଞ୍ଚାୟତ ଅଧୀନରେ ଯାଉନାହିଁ। ଫଳରେ ବସ୍ତିକୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ମିଳିପାରୁନାହିଁ। ବସ୍ତିବାସୀଙ୍କର କେବଳ ଭୋଟ୍‌ଦାନ ଅଧିକାର ଥିବାବେଳେ ସେମାନେ ସବୁକ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅବହେଳିତ ଅବସ୍ଥାରେ ରହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବସ୍ତିରେ ନଳକୂପ ଖନନ କରାଯାଇଥିଲା। ବର୍ତ୍ତମାନ ସେହି ନଳକୂପରୁ ପାଣି ବାହାରୁନାହିଁ। ବସ୍ତିରେ ଥିବା କୂଅ ଶୁଖିଲା ପଡିଛି। ଏଭଳି ସ୍ଥିତିରେ ୧୦କିମି ଦୂର ଏକ ଟ୍ୟାପ୍‌ରୁ ବସ୍ତିବାସୀ ଦୈନିକ ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ବସ୍ତିରେ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଅଶୋକ ଦାସ କୁହନ୍ତି, ବାହାରୁ ଅଟୋ ଯୋଗେ ପାଣି ସଂଗ୍ରହ କରିବାକୁ ପଡୁଛି। ପାଣି ପାଇଁ କାମକୁ ଯାଇପାରୁନାହୁଁ। ଘରକୁ ସଂଯୋଗ ହୋଇଥିବା ପାଇପ୍ ଜଳଯୋଗାଣ କାର୍ଯ୍ୟକାରୀ ହେଉନି। ଜଣେ ଭିନ୍ନକ୍ଷମ ମହିଳା ଦୁଃଖିନୀ ବାର୍ଲା କୁହନ୍ତି, ବସ୍ତିରେ ପାଣି ସମସ୍ୟା ସବୁଦିନିଆ। ଲୋକେ ନଦୀ, ନାଳ ଓ କମ୍ପାନୀ କ୍ୱାର୍ଟର ଗୁଡ଼ିକରୁ ମାଗିଯାଚି ପାଣି ଆଣୁଛନ୍ତି। କିନ୍ତୁ ମୋତେ ଖରାମାସରେ ପାଣି କିଣିବାକୁ ପଡୁଛି।



ଅଶୋକ ଦାସ



ସହଦେବ ଲାକ୍ରା



ସୋମବାରୀ ହେମ୍ବ୍ରମ

ସହଦେବ ଲାକ୍ରା କହିଛନ୍ତି, ନିର୍ବାଚନ ସମୟରେ ଏଠାରେ ରାଜନେତାଙ୍କ ପାଦ ପଡ଼େ। ଭିନ୍ନ ଭିନ୍ନ ଦଳର ରାଜନେତାଙ୍କୁ ଗୁହାରି କରାଯାଇଛି ହେଲେ ସମସ୍ୟାର ସମାଧାନ ହୋଇନି। କେବଳ ଆଶ୍ୱାସନା ମିଳୁଛି। ବସ୍ତିରେ ଦୈନିକ ଭାବେ ପାଣି ପାଇଁ ଗଣ୍ଡଗୋଳର ସୂତ୍ରପାତ ହେଉଛି। ଏପରିକି ଥାନାର ଦ୍ୱାରସ୍ଥ ହେବାକୁ ମଧ୍ୟ ପଡୁଛି। ଅନୁରୂପ ଭାବେ ସୁଷମା ଦାସ, ସୋମବାରୀ ହେମ୍ବ୍ରମ, ରଶ୍ମି ଦାସ, ମହାଦେବ ଲାକ୍ରା, ଫୁଲକି ଦାସ, ମନିତା ଭଗତ, ମଧୁ ଦାସ ପ୍ରମୁଖ ଅନୁରୂପ ଅଭିଯୋଗ କରିଛନ୍ତି। ଖରିଆବାହାଲ ବସ୍ତିର କିଛି ଅଞ୍ଚଳକୁ ବେଳେବେଳେ ଆରଏସପି ପକ୍ଷରୁ ପାନୀୟ ଜଳଯୋଗାଣ କରାଯାଉଛି। ହେଲେ ଆମ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ ବୋଲି ସେମାନେ କହିଥିଲେ। ଏ ନେଇ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଶାନ୍ତ ସେଠୀ କୁହନ୍ତି, ପାଣି ଯୋଗାଣ ପାଇଁ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କୁ ପାଣି ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରାୟ ୧ମାସ ତଳେ ପାଣି ପାଇଁ ଆର୍‌ଏସ୍‌ପି ସହରସେବା ବିଭାଗ ଘେରାଉ କରାଯାଇଥିଲା। ତେବେ ବସ୍ତିବାସୀଙ୍କ ଅଧିକାର ପାଇଁ ପୁନଃ ଲଢ଼େଇ କରାଯିବ। ଆରଏସପି କର୍ତ୍ତୃପକ୍ଷଙ୍କୁ ସମାଧାନ ପାଇଁ କୁହାଯିବ ବୋଲି ସେଠୀ କହିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୧୩୧୦୨୫ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ରିସିଭ ନକରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

### ଅପହୃତ ଯୁବକ ଛତିଶଗଡରୁ ଉଦ୍ଧାର, ୫ ଗିରଫ

ରାଉରକେଲା,୨୩।୬(ଦିନେଶ ମିଶ୍ର)

ଜୟବାଲାଜୀ ସ୍ପଞ୍ଜ ଆଇରନରେ ଫିଟର କରୁଥିବା ଜଣେ କର୍ମଚାରୀଙ୍କୁ ଅପହରଣ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡର ତ୍ରିନାଥ ଗୁପ୍ତା(୩୮), ସୁଧାରାମ ବିଶିବର(୩୨), ପିତୃ ଭୂମିଜ(୪୧), ଶଙ୍କର ସାଥୀ(୩୪) ଏବଂ ଶଙ୍କର ଭଗତ(୩୫)। ସେହିପରି ଅପହୃତ ଫିଟରଙ୍କୁ ପୋଲିସ ଛତିଶଗଡ଼ରୁ ଉଦ୍ଧାର କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଦେବବ୍ୟାସ ଅଞ୍ଚଳର ରତ୍ନାକର ମଲ୍ଲିକ ଜୟବାଲାଜୀ ସ୍ପଞ୍ଜ ଆଇରନ କାରଖାନାରେ ଫିଟର କାମ କରନ୍ତି। ଗତ ୨୧ ତାରିଖରେ ସେ କାରଖାନାକୁ ଯାଉଥିବାବେଳେ ଅଭିଯୁକ୍ତମାନେ ଏକ ଭ୍ୟାନରେ ଆସି ତାଙ୍କୁ ରାସ୍ତାରୁ ଉଠାଇ ନେଇଥିଲେ। ସନ୍ଧ୍ୟାରେ ରତ୍ନାକର ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ତାଙ୍କ ପତ୍ତା ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୪।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ନିଖୋଜ ରତ୍ନାକରଙ୍କ ଫୋନ ଟ୍ରାକିଂ କରି ଛତିଶଗଡ ରାଜ୍ୟ ରାୟଗଡରୁ ତାଙ୍କୁ ଉଦ୍ଧାର କରିଥିଲା।

## ଉଷା ସର୍ଭେ କରି ମିଳିନି ପ୍ରାପ୍ୟ

**ଆର୍‌ଏମ୍‌ସିରେ ଫେରାଦ୍, ଥାନାରେ ଲିଖିତ ଅଭିଯୋଗ**

ରାଉରକେଲା,୨୩।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଉଷା ସର୍ଭେ କାର୍ଯ୍ୟରେ ନିୟୋଜିତ ୧୫ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ୨ମାସର ପ୍ରାପ୍ୟ ରାଶି ମିଳିନାହିଁ। ଫଳରେ ସେମାନେ ଶୁକ୍ରବାର ଆର୍‌ଏମ୍‌ସିରେ ଫେରାଦ ହେବା ସହ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଉକ୍ତ ଯୁବତୀ ଯୁବକଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ କରିଥିବା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଥାନାକୁ ଡାକି ପଚରାଉଚୁରା କରୁଥିବା ସୂଚନା ମିଳିଛି।

ବସ୍ତି ଲୋକମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ରାଉରକେଲା ମହାନଗର ନିଗମ ଅଧୀନ ବସ୍ତି ଅଞ୍ଚଳମାନଙ୍କରେ ଉଷା ସର୍ଭେ କରାଯାଉଛି। ଉକ୍ତ ସର୍ଭେ କାର୍ଯ୍ୟ ପାଇଁ ଏକ ଘରୋଇ ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ସହରାଞ୍ଚଳର ୧୫ଜଣ ଶିକ୍ଷିତ ଯୁବତୀ ଯୁବକଙ୍କୁ ମାସିକ ବେତନ ଆଧାରରେ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଯୁବତୀ ଯୁବକମାନେ ସର୍ଭେ କାର୍ଯ୍ୟ କରୁଥିବା ବେଳେ ଏଯାଏ ସେମାନଙ୍କ ୨ ମାସର ପ୍ରାପ୍ୟରାଶି ମିଳିନାହିଁ। ଉକ୍ତ ସଂସ୍ଥାକୁ ଫୋନ କଲେ କେହି ରିସିଭ କରୁନାହାନ୍ତି କି ମେସେଜ୍‌ର ରିପ୍ଲାଏ ମଧ୍ୟ ଦେଉନାହାନ୍ତି। ଏପରିକି ଯୁବତୀ ଯୁବକମାନଙ୍କୁ ସେମାନଙ୍କ ନିଯୁକ୍ତି ପ୍ରମାଣପତ୍ର ଓ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇ ନ ଥିବା ଓଡିଶା ସୁରକ୍ଷା ସେବା ସଂଘର ରାଉରକେଲା ଶାଖା ସଭାପତି ନବୀନ ଗୁପ୍ତା ଓ ପ୍ରାପ୍ୟରାଶିରୁ ବଞ୍ଚିତ ଯୁବକ ରଶ୍ମି ରଞ୍ଜନ ନାୟକ, ରାଜ ବରୁଆ, ବିଶ୍ୱଜିତ ସାହୁ, କେଶବ ରାଓ ଏବଂ ସୌରଭ ମହାତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



ଆର୍‌ଏମ୍‌ସି ସମ୍ମୁଖରେ ପ୍ରାପ୍ୟରାଶିରୁ ବଞ୍ଚିତ ଯୁବକମାନେ।

### ଆମକୁ ଗ୍ରାମପଞ୍ଚାୟତରେ ସାମିଲ କର

**ଲୁଆକେରା ଗ୍ରାମବାସୀଙ୍କ ଦାବି**

ରାଉରକେଲା,୨୩।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ରଶାସନ ପକ୍ଷରୁ ଲୁଆକେରା ଗ୍ରାମର କମ୍ୟୁନିଟି କେନ୍ଦ୍ରରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଉପଜିଲାପାଳ ଅଭିମନ୍ୟୁ ମାଝୀ, ରଘୁନାଥପାଲି ବିଧାୟକ ସୁବ୍ରତ ତରେଇ, ରାଉରକେଲା ତହସିଲଦାର ଶ୍ରୀମତୀ ଚାନ୍ଦନୀ ଓ ଅତିରିକ୍ତ ତହସିଲଦାର ବବିତା ମୁର୍ମୁଙ୍କ ସମେତ ଲୁଆକେରା ଗ୍ରାମବାସୀ ଯୋଗ ଦେଇଥିଲେ। ସେମାନେ ଲୁଆକେରା ଗାଁ ଲୋକଙ୍କ ସହିତ ସେମାନଙ୍କ ହକ୍ ଓ ମୌଳିକ ଅଧିକାର ବିଷୟରେ ୩ ଘଣ୍ଟା ଧରି ଆଲୋଚନା କରିଥିଲେ। ବୈଠକରେ ଲୁଆକେରା ଗ୍ରାମକୁ କୌଣସି ଗ୍ରାମପଞ୍ଚାୟତରେ ସାମିଲ କରିବାକୁ ଲୋକମାନେ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଲୁଆକେରା ଗ୍ରାମବାସୀଙ୍କ ଦାବିକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ଏବଂ ସରକାରଙ୍କ ନିଷ୍ପତ୍ତି କ୍ରମେ ଲୁଆକେରା ଗ୍ରାମ କେଉଁ ଗ୍ରାମପଞ୍ଚାୟତରେ ସାମିଲ ହେବ ତାହା ଘୋଷଣା ହେବ ବୋଲି ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଲୁଆକେରା ଗ୍ରାମ ରାଉରକେଲା ମହାନଗର ନିଗମ କିମ୍ବା କୌଣସି ପଞ୍ଚାୟତରେ ସାମିଲ ହୋଇ ନ ଥିବାରୁ ଏଠାକାର ଲୋକେ ଭୋଟ୍‌ଦାନରୁ ବଞ୍ଚିତ ହେଉଛନ୍ତି। ସେହିପରି ଗ୍ରାମବାସୀଙ୍କୁ ସରକାରୀ ସୁବିଧା ସୁଯୋଗ ଅପହଞ୍ଚ ହୋଇପଡିଛି। ଫଳରେ ସେମାନେ ଦୀର୍ଘଦିନ ହେଲା କୌଣସି ଗ୍ରାମପଞ୍ଚାୟତରେ ସାମିଲ ହେବାକୁ ଦାବି କରି ଆସୁଛନ୍ତି।

## ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଋଣ ମେଳା

ରାଉରକେଲା,୨୩।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଅର୍ବାନ କୋ ଅପେରେଟିଭ ବ୍ୟାଙ୍କ ତରଫରୁ ସହରର ବିଭିନ୍ନ ସ୍ଥାନରେ ଋଣ ମେଳା ଚାଲିଛି। ଏହି କ୍ରମରେ ଶୁକ୍ରବାର ଛେଣ୍ଡ ପେଟ୍ରୋଲ ପମ୍ପ ପାଖରେ ଋଣ ମେଳା ଆୟୋଜିତ ହୋଇଥିଲା। ମେଳାରେ ୧କୋଟି ୩୧ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଥିବା ବେଳେ ଋଣ ଗ୍ରହୀତାମାନଙ୍କ ପାଖରୁ ୩ଲକ୍ଷ ୨୬ହଜାର ୪୩୩ ଟଙ୍କା ଆଦାୟ ହୋଇଥିଲା। ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ପକ୍ଷରୁ ଆୟୋଜିତ ମେଳାରେ ବ୍ୟାଙ୍କ ସଭାପତି ଦିଲ୍ଲୀପ କୁମାର ମହାପାତ୍ର, ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ସ୍ମିତା ନାୟକ, ପୂର୍ଣ୍ଣିମା କେରକେଟା, ଶଙ୍କର ଜେନା, ପାନପୋଷ ମଣ୍ଡଳର ଏଆର୍‌ସିଏସ୍ ବିକାଶ କୁମାର ସାମନ୍ତ, ସିଇଓ ରବିନ୍ଦ୍ର କୁମାର ମିଶ୍ର, ବିଜୟଲକ୍ଷ୍ମୀ ପରିଡା, ସୁନୀଲ କୁମାର ରାଉତ, ସୁକାନ୍ତ କୁମାର ବସନ୍ତରାୟ, ସୁରେଶ ଚନ୍ଦ୍ର କିଷାନ ପ୍ରମୁଖ ମେଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ୨୧ତାରିଖରେ ରାଉରକେଲା ସହରର କୋଏଲ ନଗର ସ୍ଥିତ ସି ବ୍ଲକ ଉଦ୍ୟାନ ପରିସରରେ ଋଣମେଳାର ଶୁଭାରମ୍ଭ ହୋଇଥିଲା। ବ୍ୟାଙ୍କର ଜଣେ ପୁରାତନ ଗ୍ରାହକଙ୍କୁ ଗାଡ଼ି ଋଣ ବାବଦ ୧୩ ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ଦୁଇଜଣ ଗ୍ରାହକଙ୍କୁ ୫ଲକ୍ଷ ୮୧ହଜାର ମିଆଦୀ ଋଣ ପ୍ରଦାନ କରାଯିବା ସହ କ୍ୟାମ୍ପ ମାଧ୍ୟମରେ ଅନାଦେୟ ଋଣ କିସ୍ତି ପୈଠ କରିବାର ସୁଯୋଗ ପ୍ରଦାନ କରାଯାଇଥିଲା। ମେଳାରେ ୧୪ଜଣ ଋଣ ଗ୍ରହୀତାଙ୍କଠାରୁ ୯ଲକ୍ଷ ୪୨ହଜାର ଟଙ୍କା ନଗଦ ଆଦାୟ ହୋଇଥିଲା ଓ ୪ଜଣଙ୍କ ପାଖରୁ ଚେକ୍ ଆକାରରେ ୬୨ହଜାର ଟଙ୍କା ଆଦାୟ ହୋଇଥିଲା।




ଛେଣ୍ଡରେ ଜଣେ ବ୍ୟାଙ୍କ ଗ୍ରାହକଙ୍କୁ ଋଣ ପ୍ରଦାନ କରାଯାଉଛି।

## ଛେଣ୍ଡ ବିଦ୍ୟୁତ୍ କଲୋନୀବାସୀଙ୍କ ଅବସ୍ଥା ଦୟନୀୟ

ରାଉରକେଲା, ୨୩।୬(ସଙ୍ଗୀତା ଜେନା)

**ଆର୍‌ଏମ୍‌ସିରେ ଫେରାଦ ହେବ କଂଗ୍ରେସ**

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ଛେଣ୍ଡ କଲୋନୀର ବିଦ୍ୟୁତ୍ ବସ୍ତିବାସୀ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ। ସେମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ବୋଲି ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ଅଭିଯୋଗ କରିଛନ୍ତି।

ସେନାପତି ଦଳୀୟ କର୍ମୀମାନଙ୍କ ସହ ଦୁଇଦିନ ଧରି ଏହି ବସ୍ତି ଅଞ୍ଚଳ ବୁଲି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ଗରିବ ଶ୍ରମିକ ଶ୍ରେଣୀର ପରିବାର ବସବାସ କରୁଥିବା ଏହି ବସ୍ତିରେ ପକ୍କା ରାସ୍ତା ନାହିଁ। ଡ୍ରେନ ନ ଥିବାରୁ ନର୍ଦ୍ଦମା ଜଳ ବସ୍ତିବାସୀଙ୍କ ଘର ସମ୍ମୁଖ ଓ ରାସ୍ତାରେ ପ୍ରବାହିତ ହେଉଛି। ସମଗ୍ର ବସ୍ତି ଅଞ୍ଚଳକୁ ପାଇପ୍ ଜଳଯୋଗାଣ ବ୍ୟବସ୍ଥା କରାଯାଇନାହିଁ। ଯେଉଁ ସ୍ଥାନରେ ଏହି ବ୍ୟବସ୍ଥା ଅଛି, ସେଠାରେ ଠିକ୍ ଭାବେ ପାଣି ଆସୁ ନ ଥିବା ବସ୍ତିବାସୀ ଅଭିଯୋଗ କରିଛନ୍ତି। ବସ୍ତିରେ ଥିବା ୨ଟି ନଳକୂଅରୁ ଗୋଟିଏ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଛି। କିଛି ଲୋକ ଖୋଲା କୂଅ ଖୋଳି ଏହାର ପାଣି ବ୍ୟବହାର କରୁଥିବା ସେନାପତି କହିଛନ୍ତି। ବିଦ୍ୟୁତ୍ ଅଫିସ୍ ପଛପଟେ ଥିଲେ ମଧ୍ୟ ବସ୍ତିରେ ଆବଶ୍ୟକ ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଗୋଷ୍ଠୀ ଶୌଚାଳୟର ଅବସ୍ଥା ଶୋଚନୀୟ। ବସ୍ତିର କିଛି ଲୋକଙ୍କୁ ରାସନ କାର୍ଡ ମିଳି ନ ଥିବା ବେଳେ ଆଉ କିଛି ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ବାବଦ ସମ୍ପୂର୍ଣ୍ଣ ଅର୍ଥରାଶି ମିଳିନାହିଁ। ଏହି ସମସ୍ୟାଗୁଡିକୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେନାପତି କହିଛନ୍ତି। ଛେଣ୍ଡ ବ୍ଲକ କଂଗ୍ରେସ ସଭାପତି ବିଜୟ ଆପଟ, ପିସିସି ସଭ୍ୟ ସବୀର ହୁସେନ, ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ୱାର୍ଡ କଂଗ୍ରେସ ସଭାପତି ବସନ୍ତ ସାମଲ, ସ୍ଥାନୀୟ କଂଗ୍ରେସ ନେତା ସୁବଳ ବାସୁରୀ, ବେଣୁଧର ସେଠୀ, ଦେବେନ୍ଦ୍ର ବାରିକ, ଏମ୍‌ଡି ନିଜାମ, ନାରୀନେତ୍ରୀ ବନଲତା ବେହେରା, ଶ୍ୟାମ ସାଗର, ଅନନ୍ତ କୁମାର, ଆକାଶ ବଘାର, ରିଙ୍କୁ ସିଂହ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ବୁଲେଟ୍ ଚୋରି, ଥାନାରେ ଅଭିଯୋଗ

ରାଉରକେଲା,୨୩।୬(ଦିନେଶ ମିଶ୍ର)

ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରୁ ବୁଲେଟ୍ ଚୋରି ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜଗଦା ଅଞ୍ଚଳର ସରୋଜ କୁମାର ସାହୁ ଶୁକ୍ରବାର ସକାଳ ସମୟରେ ଘର ଦୁଆର ମୁହଁରେ ତାଙ୍କ ବୁଲେଟ ରଖିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବୁଲେଟକୁ ଚୋରି କରିନେଇଥିଲେ।




ରାଉରକେଲା ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରମାନେ ସ୍କୁଲ ପରିସରକୁ ପ୍ରବେଶ କରୁଛନ୍ତି। (ଫଟୋ: ବିବେକ)

## ଝାଉଁଳି ଗଲାଣି ଦାମିକିଆ ଗଛ

ରାଉରକେଲା,୨୩।୬(ବିପ୍ଳବ ରଞ୍ଜନ ଦାଶ)

ପୁରୁଷ ହକି ବିଶ୍ୱକପ୍ ସମୟରେ ରାଉରକେଲା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ ବିଭିନ୍ନ ଛକରେ ଦାମିକିଆ ଗଛ ଲଗାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ସେହି ଗଛସବୁ ଝାଉଁଳି ଯାଇଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁସାରେ, ହକି ବିଶ୍ୱ କପ୍ ପୂର୍ବରୁ ରାଉରକେଲା ସହରର ମୁଖ୍ୟରାସ୍ତା ମାନଙ୍କରେ କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଚିତ୍ରବିଚିତ୍ର ସହ ଅନେକ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ଏଥିସହ ସହରର ମୁଖ୍ୟରାସ୍ତା ଡିଭାଇଡରକୁଡିକୁ ସବୁଜ ସୁନ୍ଦର କରିବା ପାଇଁ କଟକର ଏକ ସଂସ୍ଥା ଦ୍ୱାରା ଶହ ଶହ ଦାମିକିଆ ଫକ୍ସ ଟେଲ ପାମ୍ ବୃକ୍ଷ ରୋପଣ କରାଗଲା। ସହରର ଛେଣ୍ଡ ଛକରୁ ବିଏସଏନ୍‌ଏଲ ଛକ, ବିଜୁ ପଟ୍ଟନାୟକ ଛକ ରାସ୍ତା, ଉଦିତନଗର ଛକରୁ ପାନପୋଷ ଛକ, ବିଶ୍ରା ଛକ୍‌ରୁ ହକି ଛକ ଏବଂ ସିଭିଲ ଟାଉନଶିପ୍ ରାସ୍ତାରୁ ବ୍ରାଞ୍ଚ ରୋଡରେ ଏହି ବୃକ୍ଷ ଲଗାଯାଇଥିଲା। କିଛି ମାସ ଧରି ବୃକ୍ଷ ଗୁଡିକର ଖୁବ୍ ଯତ୍ନ ନିଆଗଲା। ମାତ୍ର ହକି ବିଶ୍ୱକପ୍ ପରେ ଯତ୍ନ ଅଭାବରୁ ଦାମକିଆ ବୃକ୍ଷଗୁଡିକ ଝାଉଁଳି ଗଲାଣି। କିଛି ସ୍ଥାନରେ ପାଣି ଅଭାବରୁ ବୃକ୍ଷଗୁଡିକ ମରିବାକୁ ବସିଲାଣି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆରଏମସି ପକ୍ଷରୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ,



ଛେଣ୍ଡ ବିଜୁ ପଟ୍ଟନାୟକ ଛକ ମୁଖ୍ୟରାସ୍ତା ଡିଭାଇଡରରେ ପାମ୍ ବୃକ୍ଷ ଝାଉଁଳି ଗଲାଣି।

**ରକ୍ଷଣାବେକ୍ଷଣା ଅଭାବ**

ସହରର ମୁଖ୍ୟ ରାସ୍ତାରେ ଲଗାଯାଇଥିବା ଫକ୍ସ ଟେଲ ପାମ୍ ବୃକ୍ଷଗୁଡିକର ଠିକ୍‌ଭାବେ ରକ୍ଷଣାବେକ୍ଷଣ ସହ ଯତ୍ନ ନିଆଯାଉଛି। ଏଥିସହ ଆବଶ୍ୟକ ମୁତାବକ ପାଣି ସିଞ୍ଚନ ମଧ୍ୟ କରାଯାଉଛି। ମାତ୍ର ପରିବେଶଗତ ସମସ୍ୟା ଯୋଗୁ ସହରର କେତେକ ମୁଖ୍ୟ ରାସ୍ତା ଡିଭାଇଡରରେ ଗଛଗୁଡିକ ଝାଉଁଳି ପଡୁଥିବା ସେ କହିଥିଲେ। ଏ ସମ୍ପର୍କରେ ଛେଣ୍ଡ ଅଞ୍ଚଳର ପରିବେଶପ୍ରେମୀ ଜ୍ୟୋତିରଞ୍ଜନ ପଧାନ କହିଛନ୍ତି, ପୁରୁଷ ହକି ବିଶ୍ୱକପ ସମୟରେ ଆରଏମସି ପକ୍ଷରୁ ଛେଣ୍ଡ ଛକରୁ ବିଜୁ ପଟ୍ଟନାୟକ ଛକ ରାସ୍ତାରେ ବହୁ ଦାମିକିଆ ବୃକ୍ଷ ରୋପଣ ହୋଇଥିଲା। ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ବୃକ୍ଷମାନ ମରିବାକୁ ବସିଲାଣି।

## ସଂକ୍ଷେପରେ

### ସାପ କାମୁଡାରେ ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

**କନ୍ଧମାଳ,୨୩।୬(ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ଗୌରିବେଙ୍ଗସ ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସାପ କାମୁଡାରେ ଦୁଇ ସଂପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରକାଶ ଯେ, ଗୌରିବେଙ୍ଗସ ଗ୍ରାମର ସୌରିନ୍ଦ୍ରୀ ନାଏକ (୧୯) ଓ ଝରଣା ଭୋଇ ( ୧୮ ) ସଂପର୍କୀୟ ଭଉଣୀ ଅଟନ୍ତି । ପରିବାର ଲୋକ ପୁଟାଖେତ ଗ୍ରାମ ନିକଟରେ ଥିବା କେନ୍ଦୁପତ୍ର ଫଡିରେ କାମ ସାରି ଖାଇପିଇ ରାତିରେ ଶୋଇ ଯାଇଥିଲେ। ଶୋଇଥିବା ସମୟରେ ଦୁଇଜଣଙ୍କୁ ସାପ କାମୁଡି ଦେଇଥିଲା । ପରିବାର ଲୋକ ଉଭୟଙ୍କୁ କନ୍ଧମାଳ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

**ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଘଟଣା**

**ସୋନପୁର,୨୩।୬(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କପାସିରା ଗାଁର ସମ୍ରାଟ ପ୍ରଧାନଙ୍କ ୧ ମାସର ଶିଶୁ ପୁତ୍ରଙ୍କ ଚିକିତ୍ସାରେ ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସୁବର୍ଣ୍ଣପୁର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକୁ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାର ୧ ଘଣ୍ଟା ପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇ ପଡିଥିଲା। ଡାକ୍ତର ଶିଶୁକୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସରେ ଶିଶୁକୁ ବୁର୍ଲା ନିଆଯାଉଥିଲା ବେଳେ ଉଲୁଣ୍ଡା ନିକଟରେ ଶିଶୁ ଗୁରୁତର ହୋଇ ପଡିଥିଲା। ମା’ ବାପା ଶିଶୁକୁ ଉଲୁଣ୍ଡା ଡାକ୍ତରଖାନା ନେଇଥିଲେ। ତେବେ ଦାୟିତ୍ୱରେ ଥିବା ଡାକ୍ତର ଶିଶୁକୁ ଚିକିତ୍ସା କଲେନି କି ମୃତ ଘୋଷଣା କଲେନାହିଁ। ଓଲଟି ସୁବର୍ଣ୍ଣପୁର ଡାକ୍ତରଖାନାକୁ ଯିବା ପାଇଁ ପରାମର୍ଶ ଦେଲେ। ପରିବାରବର୍ଗ ଉଲୁଣ୍ଡାରୁ ପୁଣି ସୁବର୍ଣ୍ଣପୁର ଫେରିଥିଲେ। ତେବେ ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର ମଧ ଶିଶୁଙ୍କ ପରିବାରବର୍ଗଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରି ନ ଥିବା ଅଭିଯୋଗ ହୋଇଥିଲା। ଏପରି କି ମୃତ ଶିଶୁକୁ ଧରି ମା’ କୁନି ପ୍ରଧାନ, ବାପା ସମ୍ରାଟ ଓ ଜେଜେମା ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ଘଟଣା ଜାଣିବା ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସୁବର୍ଣ୍ଣପୁର ଜିଲା ତରଭାର ମାନବାଧିକାର କର୍ମୀ ଶ୍ରୀକୁମାର ମହାନ୍ତ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମେ ୩୦ ତାରିଖରେ ଏହି ମାମଲା ରେଜିଷ୍ଟ୍ରି ହୋଇଥିଲା। ଜାତୀୟ ମାନବାଧିକାର କମିଶନ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ୮ ସପ୍ତାହ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ପ୍ରଦାନ କରିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପୀଡିତ ପରିବାରକୁ ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି।

# ଝାଡ଼ଖଣ୍ଡରୁ ସାଇବର ଠକ ଗିରଫ

ବଲାଙ୍ଗୀର, ୨୩।୬
(ବୀରେନ୍ଦ୍ର କୁମାର ଝାଙ୍କର)

ଝାଡ଼ଖଣ୍ଡର ଦର୍‌ପା ଗ୍ରାମରୁ ଜଣେ ସାଇବର ଠକଙ୍କୁ ବଲାଙ୍ଗୀର ସାଇବର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଦେଓଘର ଜିଲା ସାରଥ୍ ଥାନା ଅନ୍ତର୍ଗତ ଦର୍‌ପା ଗାଁର ରୋହିତ ଠାକୁର (୨୪)। ଶୁକ୍ରବାର ସ୍ଥାନୀୟ ସାଇବର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ସଦର ଏସ୍‌ଡିପିଓ ତୋଫାନ ବାଗ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପାଚେର ଗ୍ରାମର ଗଣେଶ ପଧାନ ସାଇବର ଠକେଇର ଶିକାର ହୋଇଥିଲେ। ଏନେଇ ସେ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ବଲାଙ୍ଗୀର ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀ ପଧାନ ଫେସ୍‌ବୁକ୍ ଦେଖି ସ୍କାଏକାର୍ଟରୁ ତିନୋଟି ପାଣିଟ୍ୟାପ୍ ଅର୍ଡର କରିଥିଲେ। ପାଣିଟ୍ୟାପ୍ ଆସିବା ପରେ ତାଙ୍କ ସ୍ତ୍ରୀଙ୍କର ଏହା ପସନ୍ଦ ହୋଇ ନ ଥିଲା। ଫଳରେ ସେ ତାହା ଫେରସ୍ତ କରିବାକୁ ଚାହିଁଥିଲେ। କମ୍ପାନୀର କଷ୍ଟମର କେୟାର ନମ୍ବର ଖୋଜିବା ବେଳେ ଏକ ଜାଲ ନମ୍ବର ପାଇଥିଲେ। ସେହି ନମ୍ବରକୁ କଲ୍ କରିବାରୁ ତାଙ୍କୁ ଆଉ ଏକ ଯୋଗାଯୋଗ ନମ୍ବର ଦିଆଯାଇଥିଲା। ସେହି ନମ୍ବରରେ ଗଣେଶ ଯୋଗାଯୋଗ କରିବା ପରେ ତାଙ୍କୁ ଏକ ଗୁଗୁଲ୍ ଲିଙ୍କ ଦେଇ କ୍ଲିକ୍ କରିବାକୁ କୁହାଯାଇଥିଲା। ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କୁ ୟୁପିଆଇ କୋଡ଼ ଓ ପିନ୍ ନମ୍ବର ଦେବାକୁ ଅପ୍‌ସନ୍ ଆସିବା ପରେ ସେ କିଛି ସମସ୍ୟା ହୋଇପାରେ ବୋଲି ଅନୁଭବ କରି ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟକୁ ସମସ୍ତ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ। ଏହାପରେ ତାଙ୍କୁ ଏକ ରିମୋଟ ଆପ୍ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଥିଲା। ଏହା ଡାଉନ୍‌ଲୋଡ୍ କରୁ କରୁ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଯାଇଥିଲା। ଯେହେତୁ ଗଣେଶ ପଧାନଙ୍କ ଏସ୍‌ବିଆଇ ଆକାଉଣ୍ଟ ଓ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟରେ ସମାନ ମୋବାଇଲ୍ ନମ୍ବର ଲିଙ୍କ୍ ଥିଲା, ସେଥିପାଇଁ ସାଇବର ଠକ ତାଙ୍କ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟରୁ ୯୯ ହଜାର ୮ ଶହ ୮୯ ଟଙ୍କା ଉଠାଇ ନେବାରେ ସଫଳ ହୋଇଥିଲେ। ଏହି ଘଟଣା ସମ୍ପର୍କରେ ସେ ଗତ ୨ ତାରିଖ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ପରେ ଏସ୍‌ପି ରିଷିକେଶ ଖିଲାରୀଙ୍କ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ସାଇବର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡ ଯାଇ ମୋବାଇଲ୍ ନମ୍ବର ଟ୍ରେସ୍ କରିବା ସହ ଦେଓଘର ଜିଲା ସାରଥ୍ ଥାନା ଅନ୍ତର୍ଗତ ଦର୍‌ପା ଗାଁରୁ ଅଭିଯୁକ୍ତ ଠାକୁରଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ୪ଟି ଅବ୍ୟବହୃତ ସିମ୍ କାର୍ଡ, ଗୋଟିଏ ୧୬ ଜିବି ସ୍କାନ୍‌ଡିକ୍ସ ମେମୋରି କାର୍ଡ ମଧ୍ୟ ଜବତ୍ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସାଇବର ଥାନା ଆଇଆଇସି ଭାରତୀ ନାଏକ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ଗିରଫ ସାଇବର ଠକ ସହ ଏସ୍‌ଡିପିଓ ତୋଫାନ ବାଗ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ମୋବାଇଲ ନମ୍ବର ଜାଣିବା ପରେ ଉଠାଇ ନେଇଥିଲେ ୯୯ ହଜାର ଟଙ୍କା**

# ସୁସ୍ଥ ହେଲେ, ଜିଲାପାଳଙ୍କୁ ଭେଟିଲେ କମଳ


କମଳ ବରିହା ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଉଛନ୍ତି।

ବଲାଙ୍ଗୀର, ୨୩।୬
(ବୀରେନ୍ଦ୍ର କୁମାର ଝାଙ୍କର)

- ଧରିତ୍ରୀରେ ଖବର ପ୍ରକାଶନ ପରେ ହୋଇଥିଲା ଅସ୍ତ୍ରୋପଚାର
- ଜିଲାପାଳଙ୍କ ହସ୍ତକ୍ଷେପ ପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିଲା ସୁଫଳ
- ଦୃଢ଼ ସଂକଳ୍ପିତ ହେବାକୁ କମଳଙ୍କୁ ପରାମର୍ଶ ଦେଲେ ଜିଲାପାଳ ଚଞ୍ଚଳ ରାଣା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଘୁନସର ଗ୍ରାମପଞ୍ଚାୟତର ଉପାନ୍ତ ସାନବାଞ୍ଜିପାଲି ଗ୍ରାମର ପ୍ରଥମ ମାଟ୍ରିକୁଲେଟ୍ ଓ ପ୍ରଥମ ଗ୍ରାଜୁଏଟ୍ ମେଧାବୀ ଆଦିବାସୀ ଯୁବକ କମଳ ବରିହା (୩୦) ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଶୁକ୍ରବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ଜିଲାପାଳ ଚଞ୍ଚଳ ରାଣାଙ୍କୁ ପୁଷ୍ପଗୁଚ୍ଛ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅସୁସ୍ଥତାରୁ ସୁସ୍ଥ ହେବା ଦିଗରେ ତାଙ୍କୁ ବିଶେଷ ସହଯୋଗ କରିଥିବାରୁ ସେ ଜିଲାପାଳ ରାଣାଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ବୋଲି କହିବା ସହ କମଳ ଜିଲାପାଳ ରାଣା, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ନୂଆ ଜୀବନ ପାଇଲେ ବୋଲି କହିଥିଲେ। ତାଙ୍କ ଅସୁସ୍ଥତାକୁ ନେଇ ଠିକଣା ସମୟରେ ଖବର ପ୍ରକାଶନ କରିବା ପରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା ବୋଲି କହି ଧରିତ୍ରୀକୁ ବିଶେଷ କୃତଜ୍ଞତା ଜଣାଇଥିଲେ। ଜିଲାପାଳ ରାଣା ମେଧାବୀ ଛାତ୍ର କମଳଙ୍କୁ ଲକ୍ଷ୍ୟ କ’ଣ ଅଛି ବୋଲି ପଚାରିଥିଲେ। ସେ ଓପିଏସ୍‌ସି ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି କହିବାରୁ ଖୁସି ହୋଇ ଆବଶ୍ୟକ ପାଠ ବହି କିଣିବାକୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଦୃଢ଼ ସଂକଳ୍ପିତ ହେବାକୁ କମଳଙ୍କୁ ଜିଲାପାଳ ରାଣା ସୁପରାମର୍ଶ ଦେଇଥିଲେ।

ଗତ ୨୦୨୧ ଅକ୍ଟୋବର ମାସରେ କମଳ ବରିହା ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଜ୍ୱର ହେବା ସହ ପେଟ ଫୁଲି ଯାଇଥିଲା। ତାଙ୍କର ମଳଦ୍ୱାର ହଠାତ୍ ବନ୍ଦ ହୋଇଯିବାରୁ ତାଙ୍କୁ ଅସ୍ତ୍ରୋପଚାର ପାଇଁ ବୁର୍ଲା ଭିମସାର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତିନିଥର ଅସ୍ତ୍ରୋପଚାର କରାଯାଇ ପେଟରେ ବିକଳ୍ପ ପାଇପ ଲଗାଯାଇଥିଲା। ଏହାସତ୍ତ୍ୱେ କମଳ ସୁସ୍ଥ ହୋଇ ନ ଥିଲେ ଓ ତାଙ୍କ ଶରୀର କ୍ଷୀଣ ହୋଇଯାଇଥିଲା। ସେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। କମଳଙ୍କ ଅବସ୍ଥା ଦେଖି ନିହାତି ଗରିବ ଶ୍ରେଣୀର ତାଙ୍କ ମାତାପିତା ଭାଙ୍ଗି ପଡିବା ସହ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଧାରଉଧାର କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସାରିଥିଲେ। ବଡ ହସ୍ପିଟାଲରେ ଚତୁର୍ଥ ଥର ଅସ୍ତ୍ରୋପଚାର ନ କଲେ କମଳଙ୍କ ଅବସ୍ଥା ସାଂଘାତିକ ହେବା ଭୟ ଥିଲେ ମଧ ଟଙ୍କା ଅଭାବରୁ କିଛିବି କରିପାରୁ ନ ଥିଲେ। ଏନେଇ ଧରିତ୍ରୀରେ ଗତ ୨୦୨୨ ଏପ୍ରିଲ ୨୦ ତାରିଖରେ ତିନିଥର ଅସ୍ତ୍ରୋପଚାର ପରେ ବି କମଳ ଅସୁସ୍ଥ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶନ ପରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସିଧାସଳଖ ହସ୍ତକ୍ଷେପ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କମଳ ବରିହାଙ୍କ ଉଚ୍ଚତର ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲା ସଂଯୋଜକ ସୁବ୍ରତ କୁମାର ସାହୁ ଗୁରୁତର ଅସୁସ୍ଥ କମଳଙ୍କୁ ବିଶାଖାପାଟଣା ଠାରେ ଥିବା ମେଡିକଭର ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଅସ୍ତ୍ରୋପଚାର ପରେ କମଳଙ୍କ ପେଟରୁ ପାଇପ ହଟାଯାଇଥିଲା ଓ ସେ ସୁସ୍ଥ ହୋଇଥିଲେ। କମଳଙ୍କ ଚିକିତ୍ସା ପାଇଁ ଆନୁସଙ୍ଗିକ ସହାୟତା କରିଥିବା ଖପ୍ରାଖୋଲର ସ୍ୱେଚ୍ଛାସେବୀ ବିଜୟ ମଲ୍ଲିକ, ରାଜେଶ ଝାଙ୍କର ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲା ସଂଯୋଜକ ସୁବ୍ରତ ସାହୁଙ୍କୁ ମଧ କମଳ ଧନ୍ୟବାଦ ଜଣାଇଛନ୍ତି।

# ଅବ୍ୟବସ୍ଥାରେ କୁସପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର

ଲାଠୋର, ୨୩।୬(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧିନ କୁସପାଲି ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧରେ ଗତି କରୁଛି। ୧୦ବର୍ଷ ତଳେ ସ୍ଥାପିତ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦେବା କଥା। ହେଲେ କେନ୍ଦ୍ରରେ କେବଳ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତ ଅଛନ୍ତି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା କୁସପାଲି, ନକଟାବାହାଲ, ହଲନଭଟା, ଗୁର୍ଜିଭଟା, ଭାଲୁକୁନା, ଡେବ୍ରିଆମୁଣ୍ଡା, ଗଇନ୍ଦିମାଲ, ଖର୍ଲି ଆଦି ଗ୍ରାମର ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହିଛନ୍ତି। ଅପରପକ୍ଷରେ କେନ୍ଦ୍ରର ଗୃହ ନିର୍ମାଣ ଅଧପନ୍ତରିଆ ହୋଇ ପଡିଛି। ଶୌଚାଳୟ କାମ ସରି ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ମଧ ନାହିଁ। ଏହି ପରିସ୍ଥିତିରେ ସେଠାରେ ଲାଗି ଥିବା ପଙ୍ଖା ଓ ଅନ୍ୟାନ୍ୟ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଗଲାଣି। ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଏଯାବତ ପାଣିର ବ୍ୟବସ୍ଥା ହୋଇ ପାରିନାହିଁ। ଏହି ସବୁ କାରଣରୁ ଏଠାକୁ ଆସୁଥିବା ସ୍ୱାସ୍ଥ୍ୟକର୍ମୀମାନେ କେନ୍ଦ୍ରରେ ନ ରହି ବାହାରେ ରହି ଯିବା ଆସିବା କରୁଛନ୍ତି। ଦିନ ବେଳା ଯେନତେଣ କାମ ଚଳି ଯାଉଥିବା ବେଳେ ରାତି ବେଳା ଲୋକ କୌଣସି ରୋଗରେ ଆକ୍ରାନ୍ତ ହେଲେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ନ ପାଇ ତୁରେକେଲା, କଣ୍ଟାବାଞ୍ଜି ଆଦି ହସ୍ପିଟାଲକୁ ଗୁରୁତର ଅବସ୍ଥାରେ ଯାଉଛନ୍ତି। କେନ୍ଦ୍ରଗୃହକୁ ବ୍ୟବହାର ଉପଯୋଗୀ କରି ଏଠାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ରହିବା ପାଇଁ ଦୀର୍ଘବର୍ଷରୁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏନେଇ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ରିହାନ୍ତ ମେହେରଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ହେଲା ପରେ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରି ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।


କୁସପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର।

- ସ୍ଥାପନର ୧୦ବର୍ଷ ବିତିଲା
- ବିଦ୍ୟୁତ୍ ଯୋଗାଣ ହୋଇନି
- ଚୋରି ହୋଇଗଲାଣି ଫ୍ୟାନ, ଅନ୍ୟ ବିଦ୍ୟୁତ୍ ସାମଗ୍ରୀ
- ପାଣି ଯୋଗାଣ ବ୍ୟବସ୍ଥା ନାହିଁ

### ବରାହ ଓ ନୃସିଂହ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି

ବୌଦ୍ଧ,୨୩।୬( ଅଜିତ କୁମାର ବାରିକ)

ଶୁକ୍ରବାର ଗୁଣ୍ଡିଚା ମନ୍ଦିରରେ ତୃତୀୟ ଦିବସରେ ବରାହ ଓ ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ସକାଳୁ ଠାକୁରମାନଙ୍କ ନୀତିକାନ୍ତି ସମାପନ ପରେ ମଧାହ୍ନ ଭୋଗ ଲାଗି ହୋଇଥିଲା। ପରମ୍ପରା ଅନୁଯାୟୀ ବ୍ରାହ୍ମଣ ସେବକମାନେ ପ୍ରସାଦ ସେବନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପରେ ବେଶକାରୀ ସେବକମାନେ ତିନି ଠାକୁରଙ୍କୁ ବରାହ ଓ ନୃସିଂହ ବେଶରେ ସଜ୍ଜିତ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରମାନଙ୍କ ମନଲୋଭା ବେଶକୁ ଦର୍ଶନ କରିଥିଲେ ।

### ବିନିକାରେ ନୂତନ ବିଇଓଙ୍କ ଯୋଗଦାନ

ବିନିକା,୨୩।୬( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲାର ବିନିକାରେ ଗୁରବାର ନୂତନ ଭାବେ ବିଇଓ ଲକ୍ଷ୍ମଣ ମିଶ୍ର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଓଇଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବିନିକାରେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଛି। ମିଶ୍ର ତାଙ୍କର ପ୍ରତିକ୍ରିୟାରେ ଶିକ୍ଷାର ଉନ୍ନତି ପାଇଁ ନିଶ୍ଚିତ ଭାବରେ କାମ କରିବି ବୋଲି କହିଛନ୍ତ। ତାଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷକ ସଂଗଠନ କର୍ମକର୍ତ୍ତା ସ୍ୱାଗତ କରିଥିଲେ ।

### ପୋଖରୀରେ ବୁଡି ଜଣେ ମୃତ

**ଦେଓଗାଁ,୨୩।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୈଳାସ ଘିଭେଲା (୫୫)। ଶୁକ୍ରବାର ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ପାଣିକୁ ଖସିଯାଇଥିଲେ। ସେଠାରେ ଗାଧୋଉଥିବା କେତେକ ବ୍ୟକ୍ତି ମୃତକଙ୍କ ପରିବାର ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମବିଭାଗ ତାଙ୍କୁ ପାଣିରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ଦେଓଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମୋ ଜାଗା କହି ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଯୁବକ

ଭବାନୀପାଟଣା,୨୩।୬
(ଉତ୍ତମ କୁମାର ଦାଶ)

**୨ ଘଣ୍ଟା ଶିକ୍ଷାଦାନ ବନ୍ଦ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ପଞ୍ଚାୟତ ବାଣ୍ଡିବସୁଲ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ମୋ ଜାଗାରେ ସ୍କୁଲ ଥିବା କହି ଗ୍ରାମର ଜଣେ ଯୁବକ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ପୂର୍ବାହ୍ନ ୧୦ ଟାରୁ ୧୨ଟା ଯାଏଁ ସ୍କୁଲକୁ ଯାଇ ନ ପାରି ଫାଟକ ଆଗରେ ଅପେକ୍ଷା କରି ରହିଥିଲେ। ଖବର ପାଇ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ପହଞ୍ଚି ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଜଣାଇଥିଲେ। ଫଳରେ ସରପଞ୍ଚ ଓ ସମିତିସଭ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଶିକ୍ଷା ବିଭାଗ ଅଧିକାରୀ ଓ ପୋଲିସକୁ ଏହା ସମ୍ପର୍କରେ ଜଣାଇଥିଲେ। ପରେ ଶିକ୍ଷା ବିଭାଗ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ତାଲା ପକାଇଥିବା ଯୁବକ ଲବ ନିଆଲଙ୍କୁ ଡକାଯାଇ ସ୍କୁଲ ଫାଟକ ତାଲା ଖୋଲାଯାଇଥିଲା। ଏହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ତାଲା ମାରିଥିବା ସମ୍ପୃକ୍ତ ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।



ସ୍କୁଲ ଫାଟକ ଆଗରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ।

# ଉପାନ୍ତ ଇଲାକାରେ ଡିଜିଟାଲ ବ୍ୟବସ୍ଥା ଅପହଞ୍ଚ

ଲାଞ୍ଜିଗଡ଼,୨୩।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ କମ୍ପାନୀର ଟାୱାର ଅଛି କିନ୍ତୁ ଇଣ୍ଟରନେଟ ଚାଲୁନାହିଁ। କେନ୍ଦ୍ର ସରକାର ରାଜ୍ୟରେ ନେଟୱାର୍କ ଯୋଗାଇ ଦେଉଥିବା ସହ ଦେଶକୁ ଡିଜିଟାଲରେ ପରିଣତ କରୁଛନ୍ତି। କିନ୍ତୁ ଏବେ ବି ଅନେକ ଅପହଞ୍ଚ ଉପାନ୍ତ ଇଲାକାରେ ଅଛି ଯାହାକି ପହଞ୍ଚି ପାରିନାହିଁ ସରକାରଙ୍କ ସେହି ଡିଜିଟାଲ ବ୍ୟବସ୍ଥା। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅପହଞ୍ଚ ଉପାନ୍ତ ଅଞ୍ଚଳରେ ଅନେକଗୁଡ଼ିଏ ସ୍ଥାନରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଟାୱାର ସ୍ଥାପନ କରାଯାଇଛି ଏବଂ ଜନସାଧାରଣଙ୍କ ପାଇଁ ଫୋନ କଲର ସୁବିଧା ମଧ ଯୋଗାଇ ଦେଇଛନ୍ତି। କିନ୍ତୁ ଯେ କୌଣସି କାର୍ଯ୍ୟ ପାଇଁ ମଧ ଇଣ୍ଟେରନେଟର ଦରକାର ପଡୁଥିବାବେଳେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଇଣ୍ଟରନେଟର ସୁବିଧାରୁ ବଞ୍ଚିତ ନେଇ ଅଭିଯୋଗ କରୁଛନ୍ତି ଅଞ୍ଚଳବାସୀ। ଆଜିର ଯୁଗରେ ଇଣ୍ଟରନେଟ ବିନା କୌଣସି କାର୍ଯ୍ୟ ହେବା ଅସମ୍ଭବ। ପିଲାଙ୍କ ପାଠପଢ଼ା ହେଉ ବା ଯେ କୌଣସି ଗୋଟିଏ ସନ୍ଦେଶ ପାଇବାକୁ ହେଲେ ଇଣ୍ଟେର ନେଟର ଦରକାର ପଡ଼ିଥାଏ। ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳରେ ଇଣ୍ଟର ନେଟର ବ୍ୟବସ୍ଥା ନ ଥିବା ଯୋଗୁ ଅଞ୍ଚଳବାସୀ ତଥା, ଛାତ୍ରୀଛାତ୍ର, ଶିକ୍ଷକ ତଥା ଆନେକ ଲୋକ ବା ଯୁବପିଢ଼ିମାନେ ନିଜ ଗାଁରୁ କିଏ ୮ କିଲୋମିଟର ତ କିଏ ୧୦ କିଲୋମିଟର ଦୂରକୁ ଯାଇ ଇଣ୍ଟରନେଟର ବ୍ୟବହାର କରୁଛନ୍ତି। ସେହି ଇଣ୍ଟରନେଟ ପଏଣ୍ଟଗୁଡ଼ିକରେ ସକାଳୁ ସାନ୍ଧ୍ୟ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ମଧ ଦେଖିବାକୁ ମିଳିଥାଏ। ତେବେ ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ଅଞ୍ଚଳରେ ପ୍ରତ୍ୟେକ ସ୍ଥାନରେ ଟାୱାର ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କେଉଁଠି ମାସ ମାସ ଧରି ବିତିଯାଉଥିଲେ ମଧ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏହା ଟେଣ୍ଡର ବା ନେଟୱର୍କ ଦାୟିତ୍ୱରେ ଥିବା ଠିକାଦାରଙ୍କ ଅବହେଳା ଯୋଗୁ ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପଟେ ବେନଗାଁ, ଲାଖବାହାଲୀ, ପାହାଡ଼ ପଦର, କନ୍ଧବୋରିରେ ଟାୱାର ଖୁଣ୍ଟ କାର୍ଯ୍ୟ ଶେଷ ପରେ ଟାୱାର ଯୋଗାଇ ଛଅ ମାସ ହେଉଥିଲେ ମଧ ଏ ପର୍ଯ୍ୟନ୍ତ ଇଣ୍ଟରନେଟର ସୁବିଧା ଯୋଗାଇ ଦିଆଯାଉ ନାହିଁ। ତେଣୁ ଯେଉଁ ଯେଉଁ ସ୍ଥାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଟାୱାରରୁ ଯଥା ସମ୍ଭବ ଇଣ୍ଟରନେଟର ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଏକ ଟାୱାର ଅଛି।


ଇଣ୍ଟରନେଟ ପଏଣ୍ଟଗୁଡ଼ିକରେ ଲୋକଙ୍କ ଭିଡ଼।

**ଲାଞ୍ଜିଗଡ଼ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ**

- ଟାୱାର ଅଛି, ଇଣ୍ଟର ନେଟ ଚାଲୁନାହିଁ
- ଇଣ୍ଟର ନେଟ ପାଇଁ ଅଞ୍ଚଳବାସୀଙ୍କ ଦାବି

## ସଂକ୍ଷେପରେ

### ହୋଟେଲ ରୁମ୍‌ରୁ ବ୍ୟାଙ୍କ ଅଧିକାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଦେବଗଡ଼:୨୩।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ ସିଏସସି ମ୍ୟାନେଜରଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରୁ ଜବତ କରାଯାଇଛି। ମୃତଙ୍କ ହେଲେ ସମ୍ବଲପୁର ଅଇଁଠାପାଲି ଅଞ୍ଚଳର ସୁବାସ ଚନ୍ଦ୍ର ଅଗ୍ରୱାଲ। ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୁବାସ ଗତ ୧୯ ତାରିଖରେ ନୂତନଭାବେ ଦେବଗଡ଼ ଷ୍ଟେଟ ବ୍ୟାଙ୍କରେ ଯୋଗ ଦେଇଥିଲେ। ସେ ସ୍ଥାନୀୟ ହୋଟେଲ ରୁମ୍ ନମ୍ବର ୭୦୩ରେ ରହୁଥିଲେ। ଗୁରୁବାର ରାତିରେ ସେ କାମ ସାରି ହୋଟେଲକୁ ଫେରିଥିଲେ। ଶୁକ୍ରବାର ତାଙ୍କ ପରିବାର ଲୋକ ଅନେକ ଥର ଫୋନ କରିଥିଲେ ମଧ ସେ ଫୋନ ଉଠାଇନଥିଲେ। ଫଳରେ ତାଙ୍କ ଭାଇ ହୋଟେଲକୁ ଯାଇଥିଲେ। ହେଲେ ତାଙ୍କ ରୁମ୍ ଭିତରୁ ବନ୍ଦ ରହିଥିଲା। ପରେ କବାଟ ଭାଙ୍ଗିବା ପରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଅସ୍ପଷ୍ଟ ରହିଛି।

### ବଜ୍ରପାତରେ ୨ ବଳଦ, ଗୋଟିଏ ଗାଈ ମୃତ

**ଲହୁଣୀପଡ଼ା,୨୩।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ବଡ଼ ପୁରୁଣାପଣି ପଞ୍ଚାୟତ ଜୀବିକା ପୋଷ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ୨ବଳଦ ଓ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଅନ୍ୟ ଗାଈଗୋରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ଲହୁଣୀପଡ଼ା ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ବଜ୍ରପାତ ହୋଇଥିଲା। ଫଳରେ ଉକ୍ତ ଗ୍ରାମର ସୁରେଶ କିଷାନ, ଦେବିଲାଲ କିଷାନଙ୍କ ଗୋଟାଏ ଲେଖାଏଁ ବଳଦ ଏବଂ ମିନତୀ କିଷାନଙ୍କ ଗୋଟିଏ ଗାଈର ମୃତ୍ୟୁ ଘଟିଛି।

### କୋଇଡ଼ାରେ ଯୋଗଦେଲେ ନୂତନ ବିଡ଼ିଓ

**ଟେନ୍‌ସା,୨୩।୬(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକରେ ନୂତନ



ବିଡିଓଭାବେ ରଶ୍ମିରେଖା ପାତ୍ର ଗୁରୁବାର ଯୋଗଦେଇଛନ୍ତି। ଭାରପ୍ରାପ୍ତ ବିଡିଓ ତଥା କୋଇଡା ତହସିଲଦାର ଡି.ଏସ୍ ଶୁଭଦର୍ଶୀ ଯୋଶୀ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବ୍ଲକ ଅଧକ୍ଷ, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ଜିଲା ପରିଷଦ(ଖ) ଓ ସିପିଆଇଏମ୍‌ର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ମିଳିମିଶି କାମ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଡିଓ ରଶ୍ମିରେଖା କହିଛନ୍ତି।

### ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଦେବଗଡ଼,୨୩।୬( ଶଶାଙ୍କ ଶେଖର ଝାଙ୍କର):** ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଦ୍ୱିତୀୟ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରୀଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଡଭୋକେଟ ବିଭୂତି ଗଙ୍ଗଦେବ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ସୁଜିତ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ନିକଟରେ ଅନୁଷ୍ଠିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶ୍ରୁତୀ ସଙ୍ଗୀତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ଅଭିଭାବକ ମୁଖ୍ୟ ଅତିଥିଙ୍କ ଠାରୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷଠାରୁ ବିଦ୍ୟାଳୟର ୧୦ମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ବର୍ଦ୍ଧିତ କରାଯାଉଛି।

# ଉତ୍ଥାପନ ସମସ୍ୟାର ହେଉନି ସମାଧାନ

**ଜନ ଆରୋଗ୍ୟ ସମିତି ବୈଠକ**

ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ)




ଜନ ଆରୋଗ୍ୟ ସମିତି ବୈଠକରେ ଉପସ୍ଥିତ ଅଧିକାରୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ଓ ଜରଙ୍ଗଲୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ ବର୍ଷରେ ବହୁବାର ହେଉଛି। ହେଲେ ବୈଠକରେ ଉତ୍ଥାପନ ହେଉଥିବା ସମସ୍ୟାର ସମାଧାନ ଓ ଆବଶ୍ୟକତା ପୂରଣ କରାଯାଉନାହିଁ। ପୂର୍ବ ବୈଠକରେ ହୋଇଥିବା ଦାବିଗୁଡ଼ିକ ପୁଣି ଗୁରୁବାର ବରଙ୍ଗାକଛାର ଡାକ୍ତରଖାନାରେ ଅନୁଷ୍ଠିତ ଜନ ଆରୋଗ୍ୟ ସମିତି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଡିଓ କ୍ଷମାନିଧି ଭୋଇ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କୋଲୋ, ଡା. ସସ୍ମିତା ପଟେଲ, ଡା. ଲିଙ୍ଗରାଜ ବୈତାଇ, ବିପିଏମ ଅରୁଣ କୁମାର ବେହେରା, ଫାର୍ମାସିଷ୍ଟ ପୁଷ୍ପକ ପ୍ରଧାନ ଓ ଯାଞ୍ଚ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଡାକ୍ତରଖାନା କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ, ପାଣି ଓ ବିଦ୍ୟୁତ୍ ସମସ୍ୟାର ଦୂରୀକରଣ ପାଇଁ କର୍ମଚାରୀମାନେ ଜଣାଇଥିଲେ। ସେହିପରି ଗୁରୁବାର ଜରଙ୍ଗଲୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଜନ ଆରୋଗ୍ୟ ସମିତି ବୈଠକରେ ଡ. କଲ୍ୟାଣୀ ଡନସନା, ଡ. ପୁରୋହିତ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବିପିଏମ୍ ଅରୁଣ କୁମାର ବେହେରା, ଫାର୍ମାସିଷ୍ଟ ରଜତ କୁମାର୍ ସାହୁ, ଏଲ୍‌ଏଚଭି ସୁଶୀଲା ଏକ୍କା, ଷ୍ଟାଫ୍ ନର୍ସ ଅନୁପମା ତିର୍କୀ, ମାନିନୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ମେନକା କାଲୋ, ଜରଙ୍ଗଲୋଇ ଗ୍ରାମର ଦିଲୀପ ସେନାପତି ଯୋଗଦେଇ ବିଭିନ୍ନ ଆବଶ୍ୟକତା ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ଡାକ୍ତରଖାନା ପରିସରରେ ମିଟିଂ ହଲ୍ ନିର୍ମାଣ, ଔଷଧ ରଖିବା ପାଇଁ ଗୋଦାମ ଗୃହ ନିର୍ମାଣ ଓ ଯୋଗ ସ୍ଥଳରେ ଛାଉଣି ନିର୍ମାଣ କରିବାକୁ କର୍ମଚାରୀମାନେ ଜଣାଇଥିଲେ। ପୂର୍ବରୁ ହୋଇଥିବା ଦାବିଗୁଡ଼ିକ ମଧ୍ୟରୁ ପବ୍ଲିକ ଟଏଲେଟ୍ ନିର୍ମାଣ ଚାଲିଥିବା ଡ. ଡନସନା ସୂଚନା ଦେଇଥିଲେ। ବୈଠକରେ ଜରଙ୍ଗଲୋଇ ଗ୍ରାମର ଦିଲୀପ ସେନାପତି ଡାକ୍ତରଖାନାର କେତେକ କର୍ମଚାରୀ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ କରିଥିଲେ। ତେବେ ଏହିସବୁ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇବେ ବୋଲି ଜିଲା ପରିଷଦ ସଭ୍ୟ ପ୍ରଧାନ ବୈଠକରେ କହିଥିଲେ।

# ମହିଳା ସଂଗ୍ରାମ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ମହିଳା ସଂଗ୍ରାମ ସମିତି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ସୁନ୍ଦରଗଡ଼,୨୩।୬(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ମହିଳା ସଂଗ୍ରାମ ସମିତି, ଓଡ଼ିଶା ଶ୍ରମଜୀବୀ ମଞ୍ଚ ପକ୍ଷରୁ ବିଭିନ୍ନ ସମସ୍ୟାର ଦାବି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ପୁରୁଷ ଏକ ଶୋଭଯାତ୍ରାରେ ସହର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ପରିବାରକୁ ସ୍ୱଚ୍ଛ ପାନୀୟ ଜଳଯୋଗାଣ, ପିଇବା ପାଣି ଉତ୍ସ ଗୁଡ଼ିକର ମରାମତି, ଯୋଗ୍ୟ ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର, ଯୋଗ୍ୟ ବୃଦ୍ଧାବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ ଓ ଭତ୍ତା ପରିମାଣ ୨୦୦୦ଟଙ୍କା ପ୍ରଦାନ, ଯୋଗ୍ୟ ପରିବାରଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ଓ ଗ୍ରାମଗୁଡ଼ିକୁ ସାମୂହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଘରଡ଼ିହ ପଟ୍ଟା ପ୍ରଦାନ, ସମସ୍ତ ଚାଷ ଜମିକୁ ଜଳସେଚନର ସୁବିଧା, ଉଠା ଜଳସେଚନ ପଏଣ୍ଟ ଗୁଡ଼ିକର ମରାମତି, ୧୫୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବାରୁ ଜନବସତି ଗୁଡ଼ିକରେ ମିନୀ ଅଙ୍ଗନୱାଡି ନିର୍ମାଣ, ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ, ଶିକ୍ଷା ଭିତ୍ତିଭୂମିର ବିକାଶ ଆଦି ବିଭିନ୍ନ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

### ଜମି ବିବାଦ, ଯୁବକଙ୍କୁ ହାଣିଲେ ଦମ୍ପତି

ରିଆମାଳ,୨୩।୬ (ନିରଞ୍ଜନ ବେହେରା)

ରିଆମାଳ ଥାନା ଅର୍ଜୁନଝରୀ ଗ୍ରାମରେ ସରକାରୀ ଜମି ବିବାଦକୁ ନେଇ ଜଣେ ଯୁବକଙ୍କୁ ସ୍ୱାମୀ ସ୍ତ୍ରୀ ଟାଙ୍ଗିଆରେ ହାଣି ଦେଇଛନ୍ତି। ଫଳରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଚୁନା ମାଟିଆରୀ(୨୭)। ଦମ୍ପତି ହେଲେ ବୁଦ୍ଧିଆ ସୋହେଲା(୪୮) ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ସୋହେଲା(୪୦)। ଏନେଇ ରିଆମାଳ ଥାନାରେ ଏତଲା ଦେବାପରେ ପୋଲିସ ଉଭୟଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଥାନାଅଧିକାରୀ ଇନଚାର୍ଜ ଏସଆଇ ଦେବାନନ୍ଦ ନାୟକଙ୍କ ସୂଚନା ଅନୁସାରେ, ଚୁନା ସରକାରୀ ଜମିରେ ଗୁରୁବାର ସକାଳେ ଟ୍ରାକ୍ଟର ଯୋଗେ ଧାନ ବୁଣୁଥିଲେ। ଏହା ଦେଖି ସେହିଗ୍ରାମର ବୁଦ୍ଧିଆ ଏବଂ ତାଙ୍କ ସ୍ତ୍ରୀ ସଂଯୁକ୍ତା ଜମିକୁ ଆସି ଏକ ଟାଙ୍ଗିଆରେ ଚୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚୁନାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ପରିବାର ଲୋକେ ତୁରନ୍ତ ନିକଟସ୍ଥ ଛତାବର ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ମୁଣ୍ଡର ଉଭୟ ପାଖ, ଆଖିତଳ ଓ ନାକ ଉପରେ କ୍ଷତ ସୃଷ୍ଟି ହୋଇଛି। ବର୍ତ୍ତମାନ ସେ ଚିକିତ୍ସିତ ଅଛନ୍ତି।

### ପଥର ଆସିଲା, କାର୍ଯ୍ୟାନୁଷ୍ଠାନ ହେଲାନି

**ତହସିଲ ଅଫିସ୍ ପରିସରରୁ ଜବତ ପଥର ବୋହିନେବା ଘଟଣା**

**ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଜବତ ପଥର ଗୁଡ଼ିକୁ ଜଣେ ବ୍ୟବସାୟୀ ଗତ ରବିବାର ଶ୍ରମିକ ଲଗାଇ ବୋହିନେଇଥିଲେ। ଛୁଟିଦିନ ଥିବାରୁ କାର୍ଯ୍ୟାଳୟରେ କେହି ନ ଥିବାର ସୁଯୋଗ ପାଇ ସଂପୃକ୍ତ ବ୍ୟବସାୟୀ ଜବତ ପଥର ନେଇଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏ ନେଇ ସେତେବେଳେ ତହସିଲଦାର ସରୋଜ କୁମାର ପୃଷେଟଙ୍କୁ ପଚାରିବାରୁ, ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ପୁଣିଥରେ ତହସିଲଦାର ପୃଷେଟଙ୍କୁ ପଚାରିବାରୁ, ପ୍ରଥମେ ସେ କେହି ନେଇ ନ ଥିଲେ ବୋଲି କହିଥିଲେ, ଏବଂ ପରେ ପଥରଗଡ଼ିକୁ ଅଫିସ ପରିସରରେ ରଖିଦେଇଥିବା କହିଥିଲେ। ପଥର କିଏ ନେଇଥିଲା ଓ କାର୍ଯ୍ୟାନୁଷ୍ଠାନ କ'ଣ ନିଆଗଲା ବୋଲି ପ୍ରଶ୍ନ କରିବାରୁ ଉତ୍ତର ନ ଦେଇ ସେ ନୀରବ ରହିଥିଲେ।

# ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ପାଇଁ ଦାବି

କୁଆଁରମୁଣ୍ଡା,୨୩।୬(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଶିଳ୍ପାଞ୍ଚଳରେ ଛୋଟବଡ଼ ଏକାଧିକ କଳକାରଖାନା ଗଢ଼ି ଉଠିଛି। ହେଲେ ଉକ୍ତ କଳକାରଖାନାରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ମିଳୁଛି। ମାତ୍ର କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଅନେକ ବେକାର ଯୁବତୀ ଯୁବକଙ୍କୁ ଏହି କାରଖାନାଗୁଡ଼ିକରେ ନିଯୁକ୍ତି ସୁଯୋଗ ମିଳୁନାହିଁ । ଫଳରେ ଅନେକ ବେକାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ତଥା ଅନେକ ଶିକ୍ଷିତ ବେକାର ଅଂଶ ଗ୍ରହଣ କରିଥିଲେ। ନାଗରିକ କମିଟି ଆବାହକ ରାଜେଶ କେର୍କେଟା ବୈଠକର ଆଭିମୁଖ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ସିହ୍ନା, ବାଂଛାନିଧି ସାହୁ, ଦିନେଶ ଚୌଧୁରୀ, ସନାତନ ସିଂ, କିଶୋର ସାମଲ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆସନ୍ତା ୨୬ରେ କୁଆଁରମୁଣ୍ଡା ବ୍ଲକରେ ସୁନ୍ଦରଗଡ଼ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବେକାର ଯୁବତୀଯୁବକଙ୍କୁ କିଭଳି ସ୍ଥାନୀୟ କଳ କାରଖାନାରେ ନିଯୁକ୍ତିର ବନ୍ଦୋବସ୍ତ କରାଯାଇପାରିବ ସେ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଯାଇଛି। ଅନୁରୂପଭାବେ ଜିଲାପାଳଙ୍କଠାରୁ ଯଦି ଏ ନେଇ କୌଣସି ସଫଳ ସିଦ୍ଧାନ୍ତ ନ ମିଳେ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନାଗରିକ କମିଟି ବାଧ ହେବ ବୋଲି ସୂଚାଇ ଦିଆଯାଇଛି।

# ସାରନଗରୀ ମୁଖ୍ୟ ନାଳ ଅବସ୍ଥା ଶୋଚନୀୟ



ପୋତି ହୋଇଥିବା ସାରନଗରୀ ମୁଖ୍ୟ ନାଳ।

ଲାଠିକଟା,୨୩।୬(ରାମେଶ୍ୱର ଖାଡ଼ଙ୍ଗା)

ସାରନଗରୀ ମୁଖ୍ୟ ନାଳ ଦୀର୍ଘ ଦିନ ହେବ ସଫା ହୋଇ ନଥିବାରୁ ଏବେ ଏହା ପୁରା ପୋତି ହୋଇଯିବା ଉପରେ। ଏହି ଅଞ୍ଚଳର ଯେତେ ଘର, ବସ୍ତି ଓ ଦୋକାନର ଅପରିଷ୍କାର ପାଣି ଡ୍ରେନେଜ୍ ପାଇଁ ଏହି ମୁଖ୍ୟ ନାଳ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏବେ ଏହାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଆଗକୁ ବର୍ଷା ଦିନ ଆସୁ ଥିବାରୁ ଚିନ୍ତାରେ ସାରନଗରୀ ବାସୀ। ୫ ବର୍ଷ ତଳେ ସ୍ଥିତି ଭୟାବହ ହୋଇଥିଲା। ରାସ୍ତା ଉପରେ ପାଣି ଚାଲିଥିଲା। ଫଳରେ ଅନେକ ଦୋକାନ ଘରେ ପାଣି ପଶିଯିବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ବିଶେଷ କରି ପୋଲ ଯାଗାଦେଇ ଅନେକ ପାଇପ୍ ଓ କେବୁଲ୍ ଲାଇନ୍ ଯାଇ ଥିବାରୁ ଏଠାରେ ପାଣି ନିଷ୍କାସନ ସମସ୍ୟା ହୋଇଥାଏ। ସ୍ଥାନୀୟ ବାସିନ୍ଦା ଆତ୍ୟାନନ୍ଦ ବର୍ଦ୍ଧନଙ୍କ କହିବା ଅନୁସାରେ, ଦିନ ଥାଉ ଥାଉ ଏହି ମୁଖ୍ୟ ନାଳ ସଫା ହେବା ଜରରୀ। ଆଗକୁ ବଡ଼ ବର୍ଷା, ତେଣୁ ଛୋଟ ନାଳ ସହ ଏ ବଡ଼ ନାଳ ମଧ ସଫା ହେବା ଆବଶ୍ୟକ। ଯଦି ନ ହୁଏ ତେବେ ପରିସ୍ଥିତି ଭୟାବହ ହୋଇ ପାରେ। ସେହିପରି ଅନ୍ୟ ଜଣେ ବାସିନ୍ଦା ଦିନ ବନ୍ଧୁ ବେହେରା କହିବା ଅନୁସାରେ, ଯଦି ଏହା ବର୍ଷା ପୂର୍ବରୁ ସଫା ନ ହୁଏ ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ବାହାରେ ହେବ। ତେଣୁ ଏହା ଯଥା ଶୀଘ୍ର ହେବା ଦରକାର। ଏ ନେଇ ସ୍ଥାନୀୟ ଉଚ୍ଚ ଅଧିକରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବର୍ଷା ଆରମ୍ଭ ପୂର୍ବରୁ ଏଥିରେ ସଫେଇ ପାଇଁ ଦାବି ହେଇଛି।

# ଜିଲାପାଳଙ୍କୁ ଦାବି ଜଣାଇଲେ ବିଜେଡି ପ୍ରତିନିଧି ମଣ୍ଡଳୀ

ସୁନ୍ଦରଗଡ଼,୨୩।୬(ଜୟନାରାୟଣ ମେଣ୍ଡୁଲି)



ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସୁନ୍ଦରଗଡ଼ରେ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ପରାଗ ହର୍ଷଗାଭାଲିଙ୍କୁ ଭେଟି ଜନହିତକର କାର୍ଯ୍ୟ ପାଇଁ ଦାବି କରିବା ସହିତ ଏକ ଦାବିପତ୍ର ଦେଇ ତାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଜିଲାରେ ଶବଦାହ ପାଇଁ ୩୦ କୁଇଣ୍ଟାଲ କାଠ ସବୁବେଳେ ସଂରକ୍ଷିତ ରଖିବାକୁ ଦାବି କରାଯାଇଥିଲା। ସାଙ୍ଗେ ସାଙ୍ଗେ ଜିଲାପାଳ ଡିଏଫଓ ଏବଂ କାଠ କର୍ପୋରେସନକୁ ଫୋନ କରି କାଠ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କାଠ ଗୋଦାମ ପାଇଁ ଚିହ୍ନଟ ହୋଇଥିବା ରିଜର୍ଭ ଖେଳପଡ଼ିଆ ପାଖରେ ଥିବା ଜାଗାକୁ ପରିବର୍ତ୍ତନ କରି ରାଣିବଗିଚା ମଦଭାଟି ପାଖ ରାସ୍ତାର ବାମ ଓ ଡାହାଣ ଉଭୟ ପାଖରେ ଖାଲିଥିବା ସରକାରୀ ଜାଗାକୁ ଚିହ୍ନଟ କଲେ ଲୋକଙ୍କ ସୁବିଧା ହେବ ବୋଲି ଦାବି କରାଯାଇଥିଲା। ତତ୍‌କ୍ଷଣାତ ସଦର ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବାକୁ କହିଥିଲେ। ଜିଲା ସରକାରୀ ଡାକ୍ତରଖାନାର ମହିଳା ଏବଂ ପୁରୁଷ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପିଇବା ପାଣି ପାଇଁ କେବଳ ଗୋଟିଏ ଲେଖାଏଁ ଆକ୍ୱାଗାର୍ଡ ଲାଗିଥିବାରୁ ଲୋକେ ପାଣି ପାଇଁ ଲମ୍ବା ଲାଇନ ଲଗାଇବା ସହ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ହେଲେ ଆବଶ୍ୟକ ମୁତାବକ ପାଣି ପାଉ ନ ଥିବା ଅଭିଯୋଗ ଉପରେ ଜିଲାପାଳ ଆଉ ୨ ଟି ଆକ୍ୱାଗାର୍ଡ ଲଗାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ସୁମନ୍ତ ସାହୁ, କାଉନସିଲର ଅନିଲ ମହାପାତ୍ର, ଗୋପ ମହାନ୍ତି,ଏମ୍.ଡି କଲିମ ଉପସ୍ଥିତ ଥିଲେ।

# ଗଣୁଆ ଜେଏସ୍‌ଡବ୍ଲ୍ୟୁ ଖଣି ସମ୍ମୁଖରେ ବିକ୍ଷୋଭ



ଟେନ୍‌ସା,୨୩।୬(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ସେକ୍ଟରର ଗଣୁଆ ଜେଏସଡବ୍ଲ୍ୟୁ ଖଣି ସମ୍ମୁଖରେ ଗ୍ରାମବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଖଣି ପରିବହନ ସେବାକୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରିଦେଇଛନ୍ତି। ୯ ଦଫା ଦାବି ନେଇ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶୁକ୍ରବାର ଆନ୍ଦୋଳନ ୩ ଦିନରେ ପହଞ୍ଚିଛି। ଜିଲା ପ୍ରଶାସନ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଯୋଗରେ ନୀରୋଗ ମନ୍ତ୍ର

**ଟେନ୍‌ସା,୨୩।୬(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲ୍ଲା ଟେନ୍‌ସା ସୋସିଆଲ ସେଣ୍ଟର ପରିସରରେ ୯ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କୋଚ ଯୁଧିଷ୍ଠିର କୁଲୁସୁରୀ (ବିଜୟ ସାର୍)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତଥା ସେଲ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଭାକାର୍ଯ୍ୟ ହୋଇଥିଲା। ଏଥିରେ ବରସୁଆଁ ଲୌହ ଖଣିର ବିଦ୍ୟୁତ୍ ବିଭାଗ ମୁଖ୍ୟ ଏସ୍. ୟୁ ଲସ୍କର, ଖଣି ଯନ୍ତ୍ରୀ ସୁନନ୍ଦ ପରିଡ଼ା, ସିଏସଆର ମୁଖ୍ୟ ଅମିୟ ରାଉତ, ପ୍ରଶାସନ ଓ କାର୍ମିକ ବିଭାଗର ସୃଜନ ହାଁସଦା, ତାଳଡିହ ଲୌହ ଖଣିର ଅଧିକାରୀ ଘନଶ୍ୟାମ ପଲେଇ, କେ.ସି ରାଉତ, ଆଲୋକ କୁମାର ମହାପାତ୍ର, ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ। କୃପାସିନ୍ଧୁ ସାହୁ ଓ କ୍ରୀଷ୍ଣା ଦୁବେ ମଞ୍ଚ ପରିଚାଳନା କରିଥିଲେ। କୋଚ ବିଜୟ ସାର ଯୋଗ ମାଧମରେ କିପରି ଆମେ ନିରୋଗ ରହିପାରିବା ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଇସ୍ପାତ ହାଇସ୍କୁଲ ପରିସରରେ ଫିଟନେସ୍ ୱାରିଅର ଗ୍ରୁପ- ଟେନସା ଦ୍ୱାରା ବିଭିନ୍ନ ଯୋଗ କୌଶଳ ପ୍ରଦର୍ଶନ କରାଯାଇଥିଲା।




# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ

ସୁନ୍ଦରଗଡ଼/ଲହୁଣୀପଡ଼ା,୨୩।୬
(ଜୟନାରାୟଣ ମେଣ୍ଡୁଲି/ ଦାଶରଥି ପଣ୍ଡା)



ବଳିଦାନ ଦିବସ ଅବସରରେ ଉପସ୍ଥିତ ବିଧାୟକ ଓ କାର୍ଯ୍ୟକର୍ତ୍ତା।

ଭାଜପା ଓ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ଜନ ସଂଘର ପ୍ରତିଷ୍ଠାତା ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବଳିଦାନ ଦିବସରେ ଅତିଥିଭାବେ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥିଭାବେ ବିଧାୟିକା କୁସୁମ ଟେଟେ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ଭେଷଜ ରଥ, ଜିଲା ସ୍ୱଚ୍ଛଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର ପ୍ରମୁଖ ଯୋଗଦେଇ ଡ. ମୁଖର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଅମୀର କୁମାର ନାଏକ, ଜିଲା ସମ୍ପାଦକ ଆଶିଷ ପଟେଲ, ପୂର୍ବତନ ନଗର ମଣ୍ଡଳ ସଭାପତି ଅଶୋକ ସାହୁ, ଧ୍ରୁବଚରଣ କାଲୋ, ଉମେଶ ପଟେଲ, ଯୁବନେତା ରାଜ ଭଟାଚାର୍ଯ୍ୟ, ସୁଶୀଳ ଗୁପ୍ତା ଉପସ୍ଥିତ ଥିଲେ। ସେହିପରି ଅନୁରୂପଭାବେ ରାଜଗାଙ୍ଗପୁର ଏବଂ ତଳସରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳ, ପଞ୍ଚାୟତ ଏବଂ ବୁଥ୍ ସ୍ତରରେ ବଳିଦାନ ଦିବସ ପାଳନ କରାଯାଇଥିଲା। ସେହିପରି ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟ ପରିସରେ ସ୍ୱର୍ଗତ ମୁଖାର୍ଜୀଙ୍କ ବଳିଦାନ ଦିବସ ଭାଜପା, ବଣାଇଁ ସାଙ୍ଗଠନିକ ଜିଲା ପକ୍ଷରୁ ପାଳିତ ହୋଇଯାଇଛି। ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ସ୍ୱର୍ଗତ ମୁଖାର୍ଜୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ମହାନ ଆଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଅନିଲ କୁମାର ବାର୍ଲା, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ଜିଲା ଉପ ସଭାପତି ବାସୁଦେବ ସାହୁ, ଜିଲା ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଜିଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଡ଼େଇ, ଜିଲା ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ସାହୁ, ଯୁବନେତା ଭିକି ବ୍ରହ୍ମ ଓ ଡିଲେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ଖୁଣ୍ଟଗାଁ ମଣ୍ଡଳରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦଳର ବରିଷ୍ଠ ନେତା ମନୋଜ ପ୍ରଧାନ ଯୋଗ ଦେଇଥିଲେ। ଜିଲା ସଭାପତି ଅନିଲ କୁମାର ବାର୍ଲା, ଉପ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍. ଡି ମୋଇମ, ଜିଲା କୃଷକ ମୋର୍ଚ୍ଚା ସଭାପତି ଯୁଗୋଳ କିଶୋର ମାହାନ୍ତ, ଲଳିତ ମୋହନ ପ୍ରଧାନ, ଭାଗ୍ୟ ପାତ୍ର, ମଧୁ ପାତ୍ର, ଲୋକନାଥ ବାରିକ, ସରପଞ୍ଚ ବିଜୟ ସିଂ ମୁଣ୍ଡା ସମେତ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟକୁ କିଏ ଚଳାଉଛି: ନଡ୍ଡା

## ଭବାନୀପାଟଣାରେ ଭାଜପାର ମହାଜନସମ୍ପର୍କ ଅଭିଯାନ

■ ମୋଦିଙ୍କୁ ପ୍ରଶଂସା କଲେ କଂଗ୍ରେସକୁ କଷ୍ଟ ହୁଏ
■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ମିଳୁନି


ଭାଜପାର ମହାଜନସମ୍ପର୍କ ଅଭିଯାନରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳୀୟ ନେତୃବୃନ୍ଦ।

ଭବାନୀପାଟଣା,୨୩।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଶୁକ୍ରବାର ଭାଜପାର ମହାଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେଲିକପ୍ଟରରେ ପହଞ୍ଚି ପ୍ରଥମେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିଥିଲେ। ପରେ ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ ମହାଜନସମ୍ପର୍କ ଅଭିଯାନରେ ଯୋଗଦେଇଥିଲେ। ସେଠାରେ ନଡ୍ଡା ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ଓ ବିଜେଡି ଉପରେ ବର୍ଷିଥିଲେ।

ଓଡ଼ିଶାରେ ୨୩ ବର୍ଷ ହେଲା ନବୀନ ସରକାର ଚାଲିଛି, ହେଲେ ଓଡ଼ିଶା ସବୁଠାରୁ ପଛୁଆ। ଏହା ଏବେ ଗରିବ ରାଜ୍ୟ ଭାବେ ପରିଚିତ ହେଉଛି। ଓଡ଼ିଶାର ୩.୫ କୋଟି ଲୋକଙ୍କୁ ମୋଦି ରାଶନ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଘୋଟାଲା ହେଉଛି। ଯୋଗ୍ୟଙ୍କୁ ମିଳୁନି, ଅଯୋଗ୍ୟଙ୍କୁ ମିଳୁଛି। ଏହାର ତଦନ୍ତ ହେବା କଥା। ଗିରିରାଜ ସିଂହଙ୍କୁ କହିବି ତଦନ୍ତ କରିବା ପାଇଁ, ଦୁଧ କା ଦୁଧ ପାଣି କା ପାଣି ହେବ। ଯେଉଁମାନେ ଭ୍ରଷ୍ଟାଚାର କରିଛନ୍ତି ସେମାନଙ୍କୁ ଜେଲ ପଠାଯିବ। ନବୀନ ପଟ୍ଟନାୟକ ଚାହୁଁନାହାନ୍ତି ଆୟୁଷ୍ମାନ ଯୋଜନାରେ ଓଡ଼ିଶା ଲୋକଙ୍କୁ ସୁବିଧା ମିଳୁ। ଓଡ଼ିଶାରେ ସମସ୍ତ ରେଳ ଟ୍ରାକ ବିଦ୍ୟୁତୀକରଣ ହୋଇଛି। ଭୁବନେଶ୍ୱର, କଟକ, ପୁରୀରେ ଷ୍ଟେଶନ ଉନ୍ନତୀକରଣ ହୋଇଛି। ରାଜ୍ୟରେ ୭ଟି ମେଡିକାଲ କଲେଜ ହୋଇଛି। ୩ଟି କାର୍ଯ୍ୟକାରୀ ହୋଇଛି, ୪ଟି ଖୁବ୍‌ଶୀଘ୍ର ହେବ। କଳାହାଣ୍ଡିରେ ମଧ୍ୟ ମେଡିକାଲ କଲେଜ ହୋଇଛି। ମୁଣ୍ଡ ପିଛା ଆୟରେ ଓଡ଼ିଶା କମ୍, ଚାଷୀଙ୍କ ଆମଦାନୀରେ ବି ଓଡ଼ିଶା କମ୍, ମହିଳା ଶୋଷଣର ଶିକାର ହେଉଛନ୍ତି। ଭ୍ରଷ୍ଟାଚାରର ସରକାର ଚାଲିଛି, ୫୦ ପ୍ରତିଶତ କମିଶନରେ ଚାଲିଛି। ନବୀନ ପଟ୍ଟନାୟକ କହିଥିଲେ, ସବୁ ବ୍ଲକରେ ଶୀତଳ ଭଣ୍ଡାର ହେବ, ହୋଇଛି କି ବୋଲି ପ୍ରଶ୍ନ ପଚାରିଥିଲେ। ରାଜ୍ୟକୁ ଚଳାଉଛି କିଏ ନେତା ନା ଅଧିକାରୀ। ରାଜ୍ୟରେ ନବୀନ ବାବୁ ସରକାରରେ ଭ୍ରଷ୍ଟାଚାର ଚାଲିଛି। ବିଜେଡି ଏମ୍‌ପି ଓ ବିଧାୟକଙ୍କ କଥା କେହି ଶୁଣୁନାହାନ୍ତି। ନବୀନ ପଟ୍ଟନାୟକ ଅଧିକାରୀଙ୍କ ହାତରେ ପୂରା ଶାସନକୁ ଟେକି ଦେଇଛନ୍ତି ବୋଲି ନଡ୍ଡା କହିଥିଲେ।

ସମାନ ଭାବେ କଂଗ୍ରେସ ଉପରେ ମଧ୍ୟ ସେ ବର୍ଷିଥିଲେ। ନଡ୍ଡା କହିଥିଲେ ମୋଦିଙ୍କୁ ପ୍ରଶଂସା କଲେ କଂଗ୍ରେସକୁ କଷ୍ଟ ହୁଏ। ଶୁକ୍ରବାର ପାଟନାରେ କଂଗ୍ରେସ ସହ କିଛି ବିରୋଧୀ ଏକାଠି ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କ ଜେଜେ ମା' ଲାଲୁ, ନୀତୀଶଙ୍କୁ ଜେଲରେ ଠୁଙ୍କିଥିଲେ। ଆଜି ସେହିମାନେ ରାହୁଲଙ୍କ ସହ ସେଠାରେ ଏକାଠି ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଏକ ନୂଆ ଦିଶା ଦେଇଛନ୍ତି। ତାଙ୍କ ନେତୃତ୍ୱକୁ ସାରା ବିଶ୍ୱ ମାନୁଛି, ନୋବେଲ ବିଜେତା ପଲ୍ ରୋମର ବି ମୋଦୀଙ୍କ ପ୍ରଶଂସାରେ ଶତମୁଖ। ଖାଲି ସେତିକି ନୁହେଁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ବସ୍' କହି ସମ୍ବୋଧନ କରୁଛନ୍ତି, ଏକଥାକୁ କଂଗ୍ରେସ ହଜମ କରିପାରୁନାହିଁ। କଂଗ୍ରେସ ନେତା ମୋଦିଙ୍କୁ ସାପ, ବିଛା କହିବାକୁ ବି ପଛାଉନାହାନ୍ତି। କିନ୍ତୁ ଏକଥା ସେମାନେ ଭୁଲିଯାଉଛନ୍ତି, ଦେଶର ୧୪୦ କୋଟି ଜନତା ମୋଦିଜୀଙ୍କ ସହିତ ଅଛନ୍ତି ବୋଲି କହିଥିଲେ। ଏହାସହ ଉପସ୍ଥିତ ଜନତାଙ୍କ ଆଗରେ ମୋଦି ସରକାରଙ୍କ ୯ ବର୍ଷ ସଫଳତାର ଗୁଣଗାନ କରିଥିଲେ। ଏଥିରେ ୯ ବର୍ଷରେ ୧୮ ଲକ୍ଷ କୋଟି ଟଙ୍କା ରେଳ, ଜାତୀୟ ରାଜପଥ ଭଳି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଖର୍ଚ୍ଚ ହୋଇଛି। ସମୟ ଆସିଗଲାଣି ଆଗାମୀ ଦିନରେ ଦିଲ୍ଲୀରେ ଭାଜପା ସରକାର ହେବ ଓ ଓଡ଼ିଶାରେ ମଧ୍ୟ ସରକାର ଗଢ଼ିବ ବୋଲି କହିଥିଲେ। ଆରମ୍ଭରେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଜୟ ଜଗନ୍ନାଥ କହି ନଡ୍ଡା ନିଜ ଭାଷଣ ଆରମ୍ଭ କରିଥିଲେ। ସଭାରେ ନଡ୍ଡାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ପ୍ରଭାରୀ ଡି.ପୁରୁନ୍ଦେଶ୍ୱରୀ, ରାଜ୍ୟ ସଭାପତି ମନମୋହନ ସାମଲ,ଏମପି ଜୁଏଲ ଓରାମ, ସଙ୍ଗୀତା ସିଂହଦେଓ, ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସେଠାରୁ ଟାଉନ ହଲକୁ ଯାଇ ଦଳିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ। ଏହି ସମୟରେ ସେ ସଙ୍ଗଠନକୁ ମଜଭୁତ କରିବା, ମୋଦିଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଉପରେ ଦଳୀୟ କର୍ମୀଙ୍କୁ ବାର୍ତ୍ତା ଦେଇଥିଲେ। ସାଧାରଣ ନିର୍ବାଚନ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ନଡ୍ଡାଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି

### ସଡ଼କପଥରେ ଝାରସୁଗୁଡ଼ା ବିମାନବନ୍ଦର ଫେରିଲେ

**ସମ୍ବଲପୁର,୨୩।୬(ଶୁଭାଶିଷ ପାଢୀ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୁଇଦିନିଆ ଓଡ଼ଶା ଗସ୍ତରେ ଆସିଥିଲେ। ଗୁରୁବାର ସମ୍ବଲପୁର ଓ ଝାସୁଗୁଡ଼ାରେ ତାଙ୍କର କାର୍ଯ୍ୟକ୍ରମ ରହିଥିଲା। ଶୁକ୍ରବାର ବୁର୍ଲା ଏମ୍‌ସିଏଲ୍ ଗେଷ୍ଟହାଉସରୁ ବାହାରି ହେଲିକପ୍ଟର ଯୋଗେ ସେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ତେଣୁ ସେ ସଡକ ପଥରେ ଭବାନୀପାଟଣାରୁ ଝାରସୁଗୁଡା ବିମାନବନ୍ଦରକୁ ଆସିଥିଲେ। ୨୯୦ କି.ମି. ରାସ୍ତା ଅତିକ୍ରମ କରିବାକୁ ପ୍ରାୟ ୬ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା। ରାତି ପ୍ରାୟ ସାଢେ ୯ଟାରେ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ହେଲିକପ୍ଟର ଉଡାଣ କରିପାରି ନ ଥିଲା ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ରାଷ୍ଟ୍ରୀୟ ଅଧକ୍ଷ ନଡ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଡକ ପଥରେ ଏତେ ସମୟ ଯିବା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଚିନ୍ତାରେ ପଡିଯାଇଥିଲା। ଧର୍ମେନ୍ଦ୍ର ଝାରସୁଗୁଡ଼ାରୁ ଟ୍ରେନ୍ ଯୋଗେ ତାଳଚେର ଯାଇଥିଲେ।

## ନଡ୍ଡାଙ୍କ ନିଜ ରାଜ୍ୟ ହିମାଚଳ ପ୍ରଦେଶର ସରକାର ଏବେ କଂଗ୍ରେସ ହାତରେ: ପିସିସି ସଭାପତି

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ଼ାଙ୍କ ଓଡ଼ିଶା ଗସ୍ତ ଅବସରରେ ଦେଇଥିବା ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନଡ଼ାଙ୍କ ଗସ୍ତ ରାଜ୍ୟବାସୀଙ୍କ ଉପରେ ପ୍ରଭାବ ପକାଇବ ନାହିଁ। ଭାଜପାର କେନ୍ଦ୍ରୀୟ ନେତୃତ୍ୱ ପୂର୍ବରୁ ଓଡ଼ିଶାକୁ ଦଖଲ କରିବା ପାଇଁ ବହୁ ଆସ୍ଫାଳନ କରିଥିଲେ। ମାତ୍ର ତାହା ଫଳବତୀ ହୋଇନାହିଁ। ପୂର୍ବରୁ ୧୨୦ ସିଟ୍ ଦଖଲ କରିବା ପାଇଁ ଯେଉଁ ବାହୁସ୍ଫୋଟ ମାରିଥିଲେ ତାହା ସମ୍ଭବ ହେଲାନାହିଁ। ଦେଶବାସୀ ଅନୁଭବ କରିଛନ୍ତି, ଭାଜପାର ପ୍ରତିଶ୍ରୁତି ପାଣିରଗାର ଭଳି। ନଡ଼ାଙ୍କ ପାଦତଳେ ଆଉ ମାଟି ନାହିଁ। ତାଙ୍କର ନିଜ ରାଜ୍ୟ ହିମାଚଳ ପ୍ରଦେଶର ସରକାର ବର୍ତ୍ତମାନ କଂଗ୍ରେସ ହାତରେ। ଆଉ ତାଙ୍କ ନେତୃତ୍ୱରେ ହୋଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ମଧ୍ୟ ସେ ଧରାଶାୟୀ ହୋଇଛନ୍ତି। ନଡ଼ା ଏକ ରାଷ୍ଟ୍ରୀୟ ଦଳର ସଭାପତି ହୋଇ ନିଜର ପଦମର୍ଯ୍ୟାଦା ଓ ଶାଳୀନତାକୁ ଭୁଲିଯାଉଛନ୍ତି। କଂଗ୍ରେସ ସମ୍ପର୍କରେ ସେ ଯେଉଁ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ତାଙ୍କ ବ୍ୟକ୍ତିତ୍ୱର ଅବକ୍ଷୟ ହୋଇଛି। ଏଠାରେ ଭାଜପା ଓ ବିଜେଡି ଭାଗୁଆଳ ଭାବେ ୯ ବର୍ଷ ଶାସନ କରିଥିଲେ। ଏବେ ମଧ୍ୟ ସବୁ ନୀତିନିଷ୍ପତ୍ତିରେ ଉଭୟ ଦଳ ଏକ ଅଛନ୍ତି। ସାଧାରଣ ଜନତାଙ୍କୁ ଭୁଆଁ ବୁଲାଇବା ପାଇଁ ଭେଳିକି କରାଯାଉଛି ବୋଲି ଶରତ କହିଛନ୍ତି।

## ହତାଶ କର୍ମୀଙ୍କୁ ଉତ୍ସାହିତ କରୁଛନ୍ତି ନଡ୍ଡା: ବିଜେଡି

ଭୁବନେଶ୍ୱର,୨୩।୬(ଅନିଲ ଦାସ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଶୁକ୍ରବାର କଳାହାଣ୍ଡିଠାରେ ଆୟୋଜିତ ଦଳୀୟ ସଭାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାର ଜବାବରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଯେଉଁ ଭାଷଣ ଦେଇଛନ୍ତି ତାହା କେବଳ ହତାଶ ହୋଇପଡ଼ିଥିବା ଓଡ଼ିଶାର ଭାଜପା ନେତା ଓ କ୍ୟାଡରମାନଙ୍କୁ ଉତ୍ସାହିତ କରିବା ମୂଳ ଲକ୍ଷ୍ୟ। ଗତ ଉପନିର୍ବାଚନରେ ବିଜୁ ଜନତା ଦଳଠାରୁ ହାରିବା ସହିତ ୨୦୨୨ ଜିଲା ପରିଷଦ ନିର୍ବାଚନରେ ୩୦ଟି ଜିଲାରେ ଭାଜପା ପରାଜୟ ବରଣ କରିଛି। ଏହା ଭଲ ହୋଇଥାନ୍ତା ଯଦି ରାଷ୍ଟ୍ରୀୟ ଅଧ୍ୟକ୍ଷ କେନ୍ଦ୍ରରେ ଭାଜପା ସରକାର କେବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ପ୍ରତି ବ୍ୟକ୍ତିଙ୍କ ପାଇଁ ୫ କିଲୋଗ୍ରାମ ଚାଉଳ ଯୋଗାଇବା ଆରମ୍ଭ କରିବେ, ଯାହାକୁ କେନ୍ଦ୍ର ସରକାର ବନ୍ଦ କରିଛନ୍ତି ଓ ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଭାବରେ ନାମିତ କରିଛନ୍ତି। ଦିଲ୍ଲୀରେ ଓଡ଼ିଶା ଭାଜପା ନେତାଙ୍କ ଷଡ଼ଯନ୍ତ୍ର ଯୋଗୁ ଓଡ଼ିଶାକୁ ମିଳିବାକୁ ଥିବା ୭ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ଘରକୁ କିଭଳି ଅଟକାଇ ଦିଆଯାଇଥିଲା ସେ ବିଷୟରେ ସୂଚନା ଦେଇଥିଲେ ଭଲ ହୋଇଥାଆନ୍ତା ବୋଲି ସସ୍ମିତ କହିଛନ୍ତି।

ଏଥିସହ ଓଡ଼ିଶା ଭାଜପା ନେତାମାନେ ଯଦି ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଷୟରେ ଠିକ୍ ଭାବରେ ସୂଚନା ଦେଇଥାନ୍ତେ, ତେବେ ସେ ଏହାକୁ ନିଶ୍ଚିତ ଭାବେ ପ୍ରଶଂସା କରିଥାନ୍ତେ। କାରଣ ବିଏସ୍‌କେୱାଇରେ ମହିଳାମାନଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି, ଯାହା ଆୟୁଷ୍ମାନ ଯୋଜନାରେ ପ୍ରଦାନ କରାଯାଇଥିବା ଅର୍ଥର ୨ ଗୁଣ। ଓଡ଼ିଶାର ୪.୫ କୋଟି ଲୋକ କ୍ରମାଗତ ୫ ଥର ପାଇଁ ଏବଂ ୨୩ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇ ଆସୁଛନ୍ତି। କାରଣ ମୁଖ୍ୟମନ୍ତ୍ରୀ ସେମାନଙ୍କ ସେବା କରନ୍ତି ଏବଂ ସେମାନେ ମଧ୍ୟ ତାଙ୍କୁ ଭଲ ପାଆନ୍ତି। ସେବା ଏବଂ ଶାସନ ନ କରିବାରେ ବିଶ୍ୱାସ ରଖୁଥିବା ଲୋକମାନେ ଏହା ଠିକଣା ଭାବେ ବୁଝିଛନ୍ତି ବୋଲି ସସ୍ମିତ କହିଛନ୍ତି।

## ଅଫିସର ସୀମା ଭିତରେ ରୁହନ୍ତୁ, ନ ହେଲେ କଂଗ୍ରେସ ଶିଖାଇଦେବ: ଶରତ

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଯାହା ଖବର ମିଳୁଛି ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିଭିନ୍ନ ଜିଲା ବୁଲି ସରକାରୀ ସଭା ସମିତିରେ ବିଭିନ୍ନ ଯୋଜନାର ଘୋଷଣା ସହ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପ୍ରତିଶ୍ରୁତି ଦେଉଛନ୍ତି ; ଯାହା ସାମ୍ବିଧାନିକ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି କରିବା କଥା। ମାତ୍ର ୫-ଟି ସଚିବ ନିର୍ବାଚିତ ପ୍ରତିନିଧିମାନଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼େଇ ନେଉଛନ୍ତି। ରାଜ୍ୟର ସଚେତନ ନାଗରିକ ଏହାକୁ ନାପସନ୍ଦ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ବିଡିଓ, ତହସିଲଦାର, ଜିଲାପାଳ ବା ସଚିବ ହୋଇପାରନ୍ତି, ହେଲେ ସମସ୍ତେ ନିଜ ନିଜ ସୀମା ଭିତରେ ରହି କାର୍ଯ୍ୟ ନିର୍ବାହ କରିବା କଥା। ୫-ଟି ସଚିବଙ୍କୁ ଯେତିକି କ୍ଷମତା ଦିଆଯାଇଛି ସେ ତା'ଠାରୁ ଅଧିକ ବ୍ୟବହାର କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ବିପଦ। ମୁଖ୍ୟମନ୍ତ୍ରୀ ୫-ଟି ସଚିବଙ୍କୁ ଏଭଳି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କି ନାହିଁ ତାହା ପ୍ରକାଶ କରନ୍ତୁ। ଅଫିସରମାନେ ନିଜ ସୀମା ଭିତରେ ରୁହନ୍ତୁ, ନଚେତ୍ କଂଗ୍ରେସ ତାଙ୍କୁ ସୀମା ଭିତରେ ରହି କାର୍ଯ୍ୟ କରିବା ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶିଖାଇଦେବ ବୋଲି କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

## ଉପା ସରକାର ୧୨ ଲକ୍ଷ କୋଟି ଟଙ୍କା ଦୁର୍ନୀତିରେ ସମ୍ପୃକ୍ତ ଥିଲେ: ଶାହା

ଜମ୍ମୁ, ୨୩।୬

ଦେଶରୁ ଦୁର୍ନୀତି ହଟାଇବାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏକ ଶକ୍ତ ମୂଳଦୁଆ ପକାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଜମ୍ମୁରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ୧୨ ଲକ୍ଷ କୋଟି ଟଙ୍କା ଦୁର୍ନୀତିରେ ସମ୍ପୃକ୍ତ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ବ୍ୟତୀତ ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ମଧ୍ୟ ଶାହା ସମାଲୋଚନା କରିଥିଲେ। ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଯୋଗୁ ୪୨ ହଜାର ଲୋକଙ୍କ ଜୀବନ ଯାଇଛି। ଏଥିପାଇଁ କିଏ ଦାୟୀ ବୋଲି ବରିଷ୍ଠ ଭାଜପା ନେତା ଏନ୍‌ସି ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଏବଂ ପିଡିପି ନେତ୍ରୀ ମେହବୁବା ମୁଫ୍ତିଙ୍କୁ ପ୍ରଶ୍ନ କରିଛନ୍ତି। ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ନୂଆ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ ୭୦ ପ୍ରତିଶତ ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ କରାଯାଇଛି। ଜମ୍ମୁ-କଶ୍ମୀର ଏବେ ପ୍ରଗତିର ରାସ୍ତାରେ ଯାତ୍ରା ଆରମ୍ଭ କରିଛି ବୋଲି ଶାହା କହିଛନ୍ତି। ଉପା ସରକାରର ୧୦ ବର୍ଷ ଶାସନରେ ୭,୩୨୭ ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ ଏନ୍‌ଡିଏ ସରକାରଙ୍କ ୯ ବର୍ଷ ମଧ୍ୟରେ ୨,୩୫୦ ଆତଙ୍କବାଦ ଘଟଣା ଘଟିଛି। ଉପା ସରକାର ବେଳେ ୨୦୦୪ରୁ ୨୦୧୪ ମଧ୍ୟରେ ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀରରେ ୨,୦୫୬ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ଏନ୍‌ଡିଏ ସରକାର ଅମଳରେ ଏହି ସଂଖ୍ୟା ୩୭୭କୁ ହ୍ରାସ ପାଇଛି। ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ ବିଚ୍ଛିନ୍ନତାବାଦୀଙ୍କ ବନ୍ଦ ଡାକରା ୩୨କୁ କମିଥିବାବେଳେ ଟେକାଫିଙ୍ଗା ଘଟଣାରେ ୯୦ ପ୍ରତିଶତ ହ୍ରାସ ଘଟିଛି। ଜମ୍ମୁ-କଶ୍ମୀର ସ୍ଥିତିରେ ଉନ୍ନତି ଦେଖାଦେଇଛି ଏବଂ ସମାଜର ସବୁ ବର୍ଗର ଲୋକେ ସେମାନଙ୍କ ଅଧିକାର ଓ ନ୍ୟାୟ ପାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## କଂଗ୍ରେସରେ ଗୋପାଳ ମହାନ୍ତି

ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିର ଲିଗାଲ ସେଲ୍ ବିଭାଗର ମୁଖ୍ୟ ଦିଗ୍‌ଦର୍ଶକ ତଥା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଶୁକ୍ରବାର କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପାଳ କହିଛନ୍ତି, ୧୯୭୭ରୁ ଜନତା ଦଳ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିଆସୁଥିଲି। ଏବେ ସେ ଅନୁଭବ କରୁଛି, ବିଜେଡି ଏକ ରାଜନୈତିକ ଦଳ ହୋଇ ନାହିଁ ବରଂ ଏକ କର୍ପୋରେଟ୍ ବଡି ଭାବେ କାର୍ଯ୍ୟ କରୁଛି। ତେଣୁ ନିଜ ସ୍ୱାଭିମାନ ରକ୍ଷାକରିବା ପାଇଁ ସେ ବିଜେଡି ଛାଡ଼ିଛନ୍ତି। କଂଗ୍ରେସର ନୀତି, ଆଦର୍ଶ, ଜାତୀୟ ଏକତା ଏବଂ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ବିଶେଷ ଭାବେ ମୋତେ ପ୍ରଭାବିତ କରିଛି ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି, ଗୋପାଳଙ୍କ ଯୋଗଦାନ କଂଗ୍ରେସ ସଙ୍ଗଠନକୁ ସମୃଦ୍ଧ କରିବ। ଏହି ଅବସରରେ ଦଳର ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଫୁର୍‌ସତ



## ଅଲିବାଗ୍‌ରେ ୧.୫ ଏକର ଜମି କିଣିଲେ ସୁହାନା

ମୁମ୍ବାଇ: ବଲିଉଡ୍ ବାଦ୍‌ଶାହ ଶାହାରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଜୋୟା ଅଖତରଙ୍କ ସହ ଫିଲ୍ମ 'ଦି ଆର୍ଚିଜ୍' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ସେ ମଧ୍ୟ ବଲିଉଡ୍ ଷ୍ଟାର୍‌ଙ୍କ ଭଳି ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ଚାଷ ପାଇଁ ମୁମ୍ବାଇର ଅଲିବାଗ୍‌ରେ ୧.୫ ଏକର ଜମିକୁ ୧୨ କୋଟି ୯୧ ଲକ୍ଷ ଟଙ୍କାରେ କିଣିଛନ୍ତି। ସେଥିମଧ୍ୟରୁ ୨୨୧୮ ବର୍ଗ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ଚାଲିଛି। ସେ ଏଥିପାଇଁ ଜୁନ୍ ୧ରେ ପଞ୍ଜୀକରଣ କରିଥିଲେ। ସୁହାନା ମଧ୍ୟ ୭୭ ଲକ୍ଷ ୪୬ ହଜାର ଟଙ୍କା ଷ୍ଟାମ୍ପ ଡ୍ୟୁଟି ଜମା କରିଛନ୍ତି। ଏହି ଜମି ଅଞ୍ଜଳି, ରେଖା ଏବଂ ପ୍ରିୟା ୩ ଭଉଣୀଙ୍କଠାରୁ କିଣାଯାଇଛି। ଏହା ପୂର୍ବରୁ ଅଲିବାଗ୍‌ରେ ଶାହାରୁଖ୍‌ଙ୍କ ମଧ୍ୟ ସମ୍ପତ୍ତି ରହିଛି। ତେବେ ପ୍ରଶଂସକ ଦୀର୍ଘ ସମୟ ଧରି ସୁହାନାଙ୍କ ବଲିଉଡ୍ ଡେବ୍ୟୁକୁ ଅପେକ୍ଷାକରି ରହିଛନ୍ତି, ଯାହା ଶୀଘ୍ର ସରିବାକୁ ଯାଉଛି। ଫିଲ୍ମ 'ଦି ଆର୍ଚିଜ୍' ଖୁବ୍‌ଶୀଘ୍ର ଓଟିଟି ପ୍ଲାଟ୍‌ଫର୍ମରେ ନଭେମ୍ବରରେ ରିଲିଜ୍ ହେବାକୁ ଯାଉଛି। ଏହାପୂର୍ବରୁ ସୁହାନା ଏକ ବ୍ୟୁଟି ପ୍ରଡକ୍ଟ 'ମେବଲିନ୍'ର ଆମ୍ବାସାଡାର ମଧ୍ୟ ହୋଇଥିଲେ।

## ରାଇନାଙ୍କ ରେଷ୍ଟୁରାଣ୍ଟ




**ଆମଷ୍ଟରଡାମ୍:** ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଲରାଉଣ୍ଡର ସୁରେଶ ରାଇନା ନିକଟରେ ତାଙ୍କ ରୁଚିକୁ ପୂରଣ କରିଥିବା କହିଛନ୍ତି। ସେ ନେଦରଲାଣ୍ଡର ରାଜଧାନୀ ଆମଷ୍ଟରଡାମ୍‌ରେ ତାଙ୍କର ଏକ ଭାରତୀୟ ରେଷ୍ଟୁରାଣ୍ଟ ଖୋଲିଛନ୍ତି। ସେ ବର୍ଷ ବର୍ଷ ଧରି ଖାଦ୍ୟ ପ୍ରତି ଥିବା ତାଙ୍କ ଭଲପାଇବା ଦେଖାଇ ଆସିଥିଲେ। ଏବେ ସେ ତାଙ୍କର ଏହି ରୁଚି ଏବଂ ଭାରତର ଅନେକ ସ୍ୱାଦକୁ ୟୁରୋପର ହୃଦୟକୁ ଆଣିବା ମିଶନରେ ଥିବା କହିଛନ୍ତି। ତାଙ୍କର ଏହି ମିଶନରେ ସମସ୍ତେ ଯୋଗଦେବା ସହ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ସେ କହିଛନ୍ତି। ସେ ଯେତେବେଳେ ସ୍ତ୍ରୀ ପ୍ରିୟଙ୍କାଙ୍କ ସହ ଆମଷ୍ଟରଡାମ୍‌ରେ ବ୍ୟାଙ୍କ ଚାକିରି କରୁଥିଲେ, ସେତେବେଳୁ ସେ ଏହି ସହରର ନିୟମିତ ପରିଦର୍ଶକ ଥିଲେ। ନିକଟରେ ରାଇନା ସ୍ତ୍ରୀ ପ୍ରିୟଙ୍କାଙ୍କ ଜନ୍ମଦିନ ପାଳନ କରିବା ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ। ପୂର୍ବତନ ଭାରତୀୟ କ୍ରିକେଟ ଦଳର ସଦସ୍ୟ ତଥା ବର୍ତ୍ତମାନ ଆମ ଆଦ୍‌ମୀ ପାର୍ଟିର ନେତା ହରଭଜନ୍ ସିଂ ଆମଷ୍ଟରଡାମ୍‌ରେ ଥିବା ଏହି ନୂଆ ରେଷ୍ଟୁରାଣ୍ଟରେ ରାଇନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେବେ ରାଇନା ୨୦୧୧ କ୍ରିକେଟ ବିଶ୍ୱକପ୍ ଏବଂ ୨୦୧୩ ଆଇସିସି ଚାମ୍ପିୟନଶିପ୍ ଟ୍ରଫି ଜିତିଥିଲେ। ଆଇସିସି ପୁରୁଷ ଟି-୨୦ରେ ରାଇନା ପ୍ରଥମ ଭାରତୀୟ ଭାବେ ଶତକ ହାସଲ କରିଥିଲେ। ସେ ୧୫ ଅଗଷ୍ଟ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ପ୍ଲାଟ୍‌ଫର୍ମରୁ ଅବସର ଘୋଷଣା କରିଥିଲେ।

## ଘୋଡ଼ାକୁ ଧୂମପାନ



**ଡେରାଡୁନ୍:** ଏକ ଘୋଡ଼ାକୁ ୨ ଜଣ ବ୍ୟକ୍ତି ଜୋର ଜବରଦସ୍ତ ଧୂମପାନ କରାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଘଟଣା ଦେଖିବାକୁ ମିଳିଛି ଉତ୍ତରାଖଣ୍ଡର କେଦାରନାଥ ମନ୍ଦିରକୁ ଯିବା ରାସ୍ତାରେ। ଗୁରୁବାର ଏହି ଭିଡିଓ ଭାଇରାଲ ହେବା ପରେ ଉତ୍ତରାଖଣ୍ଡ ପୋଲିସ ଏନେଇ ତତ୍ପରତା ଦେଖାଇ ଉକ୍ତ ୨ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଥିବା କହିଛି। କେଦାରନାଥ ଯାତ୍ରାରେ ଯାଉଥିବା କେହି ଜଣେ ଭକ୍ତ ଏହି ଭିଡିଓ କଏଦ କରି ସୋସିଆଲ ମିଡିଆରେ ଛାଡ଼ିଥିବା ଜଣାପଡିଛି। ଏହି ଘଟଣା ଲୋକଙ୍କ ମନରେ ବହୁ ଆଘାତ ଦେଇଛି। ପ୍ରାଣୀଙ୍କ ପ୍ରତି ନିର୍ଦ୍ଦୟତାର ପ୍ରମାଣ ସ୍ୱରୂପ ଏହି ଭିଡିଓ ମାଧ୍ୟମରେ ସାମ୍ନାକୁ ଆସିଛି। ଭିଡିଓରେ ୨ ଜଣ ବ୍ୟକ୍ତି ଏକ ଘୋଡ଼ାର ପାଟିରେ ଜବରଦସ୍ତ ଏକ ଗଞ୍ଜେଇ ଚିଲମ ଦେଉଛନ୍ତି। ଏଥିସହ ତା' ନାକ ବନ୍ଦକରି କିଛି ସମୟ ପରେ କାଢୁଛନ୍ତି। ଏହାପରେ ଘୋଡ଼ାଟିର ନାକରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି।



## ୫.୭ କୋଟିର ଘଣ୍ଟା ନେକ୍‌ଲେସ



ୱାଶିଂଟନ: ଅନ୍ତର୍ଜାତୀୟ ଗୀତିକାର ରିହାନା ଅନେକ ସମୟରେ ତାଙ୍କ ଜୀବନଧାରଣକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ପ୍ୟାରିସ୍‌ରେ ଆୟୋଜିତ ହେଉଥିବା ଫ୍ୟାଶନ ଶୋ' ଲୁଇସ୍ ଭୁଇଟନ୍ ମେନ୍ସ ସ୍ପ୍ରିଙ୍ଗ ୨୦୨୪ ଶୋ'ରେ ତାଙ୍କ ବନ୍ଧୁ ଏ.ପି. ରକିଙ୍କ ସହ ଯୋଗଦେଇଥିଲେ। ସେ ବେକରେ ପିନ୍ଧିଥିବା ନେକ୍‌ଲେସ୍‌କୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସେ ପିନ୍ଧିଥିବା ନେକ୍‌ଲେସରେ ଏକ ଘଣ୍ଟା ଥିବା ଦୃଶ୍ୟମାନ ହେଉଛି। ସେହି ଘଣ୍ଟାର ମୂଲ୍ୟ ୫.୭ କୋଟି ବୋଲି ଜଣାପଡିଛି। ଫ୍ୟାଶନ ସପ୍ତାହରେ ରିହାନାଙ୍କ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସେ ପିନ୍ଧିଥିବା ଘଣ୍ଟାରେ ୩୦ କ୍ୟାରଟ୍ ସୁନା ଫ୍ଲାଇଂ ଟୁର୍ବିଲନକୁ ୩୩୯ ଧଳା ଡାଇମଣ୍ଡ ସହ ସଜାଯାଇଥିଲା।

# ସୂର୍ଯ୍ୟାସ୍ତର ଆଭାରେ ମାମା

ବିଶେଷ ଗଦ୍ୟ



ମଣୀନ୍ଦ୍ର କୁମାର ମେହେର

ନିଜକୁ ଲାଗୁଛି ରବୀନ୍ଦ୍ରନାଥଙ୍କ ଚିତ୍ରିତ ଚରିତ୍ର କାବୁଲିୱାଲା ପରି। ତା'ର ତ ମିନି ସହିତ ସାକ୍ଷାତ୍ ସମ୍ଭବ ହୋଇଥିଲା ବାହାଘରବେଳେ। ମୋ' କ୍ଷେତ୍ରରେ ନାହିଁ ସେତିକି ବି ସମ୍ଭାବନା।

ବିଶ୍ୱବିଦ୍ୟାଳୟର ଯେଉଁ ପ୍ରକୋଷ୍ଠରେ ମୁଁ ରହେ କାର୍ଯ୍ୟରତ, ତାହାର ପାଖକୁ ଲାଗି ରହିଛି ମୋର ସାନଭଉଣୀ ସଦୃଶା ହେମଲତା ମାଡାମ୍‌ଙ୍କ କୋଠରି। ସେଇଠୁ ହିଁ ବାହାରି ଆସେ ଯେଉଁ ଟିକି ପରୀଟି, ତା'ର ଆତ୍ମୀୟତା ବର୍ଣ୍ଣନା କରିବାର କ୍ଷମତା ନାହିଁ ମୋର। ପ୍ରଥମେ ପ୍ରଥମେ ହେଉଥିଲା ସାମାନ୍ୟ ସଙ୍କୁଚିତ। ମାମା ମାମା ବୋଲି ସ୍ନେହରେ ଡାକିଲେ ଏକଲୟରେ ଅନାଇଲା ମୋତେ ଧୀରେ ଧୀରେ। ଆଶ୍ଚର୍ଯ୍ୟର କଥା ଯେ, ଅତି ଅଳ୍ପଦିନ ମଧ୍ୟରେ ମୋତେ ସେ ଟାଣିନେଲା ତା' ପାଖକୁ। ତିନି ବର୍ଷର ବାଳିକା। ଗୋରା ତକତକ ମୁହଁରେ ପ୍ରତିଫଳିତ ହୋଇଉଠେ ଶେଫାଳିର ଶୁଭ୍ରତା। ସେ ହସିଦେଲେ ମୋ' ଛାତି ଭିତରେ ଯେ କେତେ ଫୁଲ ଫୁଟିଯାଏ, ତାହା ଲେଖିବସିଲେ ହୋଇଯିବ ଏକ ବଗିଚା। 'ସାର୍' ସମ୍ବୋଧନ କରି ସେ ଦୌଡ଼ିଆସେ କୋଳକୁ ଡେଇଁପଡ଼ିବା ପାଇଁ। ଆଦରରେ କୋଳେଇନିଏ ମୁଁ ତାକୁ। ପ୍ରତ୍ୟେକ ଦିନ ମଧ୍ୟାହ୍ନଭୋଜନ ପରେ ମୁଁ କିଛି ମିଶ୍ରି ଖାଏ ବୋଲି ରଖିଥାଏ ଏକ ଛୋଟ ଡବାରେ। ସେହି ମିଶ୍ରି ଖାଇବା ପାଇଁ ତା'ର କି ଆଗ୍ରହ! ମୁଁ ଠିପିରେ ଦଶ ବାରଟି ଛୋଟ ଛୋଟ ମିଶ୍ରି ଖଣ୍ଡ ବଢ଼ାଇଦିଏ ତା' ହାତକୁ। ସେ ହାତରେ ଟେକିନେଇ ପାଟିରେ ଭରିଦିଏ ଅର୍ଦ୍ଧାଧିକ। ତା' ପରେ ଯାହା ରହିଗଲା ତାକୁ ଥରେ ଚାହେଁ, ତା'ପରେ ମୋତେ ଦେଖେ ହସହସ ମୁହଁରେ। ମୁଁ ଜାଣିପାରେ ତା' ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି କୁନି ମାଆଟିଏ। ଖଣ୍ଡେ ଖଣ୍ଡେ ମିଶ୍ରି ହାତରେ ଆଣି ଆଦରରେ ଖୁଆଇଦିଏ ମୋତେ। ତା'ର ଏ ଆନ୍ତରିକତା ଦିନେ ନୁହେଁ, ପ୍ରତିଦିନ ହୁଏ ଅଭିନୀତ ମୋ' ପ୍ରକୋଷ୍ଠରେ।

ତା'ର ଅଧିକାର ସାବ୍ୟସ୍ତ କରେ ସେ ଏ ଇଲାକାରେ। ମୋ' ଟେବୁଲ ଉପରେ ଥିବା ରିମୋଟ୍ କଣ୍ଟ୍ରୋଲ, ପେପରୱେଟ୍, ସାନିଟାଇଜର, ଅଠା ଶିଶି, ଷ୍ଟାମ୍ପପେଡ୍ ସବୁଯାକ କରିଦିଏ ଏପଟସେପଟ। ତା'ର ମାଆ ତାକୁ ଆକଟ କରୁଥା'ନ୍ତି। କିନ୍ତୁ ସିଏ ଜାଣିଛି ଯେ ଜିନିଷପତ୍ର ଇତସ୍ତତଃ କରିବାର ଅଧିକାର ତାକୁ ମୁଁ ଦେଇଛି। ସେଥିପାଇଁ ସେ ମାନେ ନାହିଁ କାହାରି କଥା। ପଚାରେ– 'ସାର୍ ତମେ ଖାଇଲଣି?' ତା'ର ମାଆ କୁହନ୍ତି– 'ଆରେ ତମେ ନୁହଁ, ଆପଣ ବୋଲି କହ।' ତା'ପରେ ସେ ଥରେ ଅଧେ କହେ 'ଆପଣ' ବୋଲି। ତା'ପରେ ସେହି ସମ୍ବୋଧନ ଭୁଲିଯାଇ 'ତମେ' ସମ୍ବୋଧନରେ ହିଁ ମୋତେ କରେ ସ୍ନେହାପ୍ଲୁତ। ଯେ କୌଣସି ପୋଷାକ ପିନ୍ଧିଲେ ବି ସେ ଦିଶେ ସୁନ୍ଦର। ତା' ପାଇଁ ମୋର ପତ୍ନୀ ତିଆରି କରିଦେଲେ ସମ୍ବଲପୁରୀ ଫ୍ରକ୍‌ଟିଏ। ତାହାକୁ ପିନ୍ଧି ସେ ଏ ସମଗ୍ର ଇଲାକାରେ ଖୁସିରେ ଦଉଡ଼େ। ଯେତେବେଳେ ମୁଁ ୱାଶ୍‌ରୁମ୍‌କୁ ଯାଉଥାଏ, ସେତେବେଳେ ବି ମୋର ଅନୁସରଣ କରିବାକୁ ଲାଗେ। ହେମଲତା ତାକୁ ଅଟକାଇ ଦିଅନ୍ତି। ୱାଶରୁମ୍‌ରୁ ବାହାରିଆସିବା ପରେ ଖିଲିଖିଲି ହୋଇ ସଶବ୍ଦେ ସେ ଚମକାଇଦିଏ ଆଢୁଆଳରୁ ବାହାରି ଆସି। ତାକୁ ହାତରେ ଧରି ଘୂରାଇଦିଏ ମୁଁ ଦୁଇ ତିନି ଥର। ସେତିକିରେ ତା'ର ହୋଇଯାଏ ରାମଦୋଳିରେ ଝୁଲିବା ଉତ୍ସବ। କି ହସ! କି ଉଲ୍ଲାସ! ସେ ନିଜେ ଆନନ୍ଦିତ, ନା ମୋର ବିଷାଦବୋଧକୁ ନିର୍ବାପିତ କରିଦେବା ପାଇଁ ଆସିଥିବା ଦେବୀ ସତ୍ତାଟିଏ?



ମୋର ଅବସର ଗ୍ରହଣ କରିବା ହୋଇଯାଉଛି ନିକଟତର। ମୁଁ ଦିନେ ଅନୁପସ୍ଥିତ ରହିଲେ ସେ ପଚାରେ ମାଆକୁ ତା'ର ସାର୍ ଗଲେ କୁଆଡ଼େ! ମୁଁ ଫେରିଲେ କହିବ ତା'ର ଖଣ୍ଡିଖଣ୍ଡି ଦରୋଟି ଭାଷାରେ "ମୁଁ ଖୋଜୁଥିଲି ତୁମକୁ।" ମୋ' ପାଖରୁ ତା'ର ବିଦାୟ ନେବାର ମୁହୂର୍ତ୍ତ ଭାରି ଭାବାବେଗପୂର୍ଣ୍ଣ। ସେ ସାଷ୍ଟାଙ୍ଗ ପ୍ରଣିପାତ କରେ ମୋତେ। ମୁଁ ତାକୁ ମାମା ଆୟୁଷ୍ମତୀ, ଯଶସ୍ୱିନୀ ଓ ତେଜସ୍ୱିନୀ ହୁଅ ବୋଲି କହିଲେ ସେ ଉଠେ। ପ୍ରକୋଷ୍ଠରୁ ମୋର ବାହାରୁଥାଏ। ପୁଣି ଫେରିଆସେ। ଆଉଥରେ ପୁଣି ସେହି ସାଷ୍ଟାଙ୍ଗ ପ୍ରଣିପାତ। ମୋତେ କେବେ ଲାଗେ ନାହିଁ ଯେ ଏହି ଶ୍ରେୟା, ମୋ' ମାମା ସାଧାରଣ ଝିଅଟିଏ ବୋଲି। ମୁଁ କଳ୍ପନା କରିପାରେ ଭବିଷ୍ୟତରେ ସେ ଅସାମାନ୍ୟ ପ୍ରତିଭା ତା'ର ପ୍ରଦର୍ଶନ କରିବ ନିଶ୍ଚିତ ଭାବରେ।

ଆରମ୍ଭରୁ କାହିଁକି କହୁଥିଲି କାବୁଲିୱାଲା କଥା? ଲେଖକଙ୍କ ଝିଅ ମିନି ସହିତ ତା'ର କେତେ ଥିଲା ନିବିଡ଼ ଆତ୍ମୀୟତା। ବହୁଦିନ ପରେ କାବୁଲିୱାଲା ଯେତେବେଳେ ପହଞ୍ଚିଛି ମିନିର ବାହାଘରବେଳେ, ସେତେବେଳେ ସେ ଆଉ ପୂର୍ବର ସେହି ଚଳଚଞ୍ଚଳା ନିର୍ଝରିଣୀ ହୋଇ ରହିନାହିଁ। ପରିଣତ ହୋଇଯାଇଛି ଶାନ୍ତ, ଶୀତଳ, ନିରବ, ଗମ୍ଭୀର ଓ ସ୍ଥିର ଜଳାଶୟରେ। ମୁଁ ଜାଣେ ମାମା ମୋର, ରିଟାୟାରମେଣ୍ଟ ପରେ ମୁଁ ବିଭାଗ ଛାଡ଼ି ଚାଲିଗଲେ କିଛିଦିନ ଖୋଜିବ ନିଶ୍ଚୟ। ଏହାପରେ ତା' ସହିତ ଆଉ କେବେ ହେବ ଦେଖା, ତାହାର ନାହିଁ କୌଣସି ନିଶ୍ଚିତତା। ତେବେ ଯଦି ହୁଏ ଅଚାନକ ସାକ୍ଷାତ୍, ମୋତେ ଦେଖାଯାଉଛି ଯେଉଁ ଦୃଶ୍ୟ ତାହା ହେଲା ସେ ଆଉ ମୋତେ ଚିହ୍ନିପାରୁ ନ ଥିବ। ହେମଲତା ମାଡାମ୍ ମୋ' ସହିତ ତା'ର ଘନିଷ୍ଠତା ମନେପକାଇ ଦେବାର ଆନ୍ତରିକ ଚେଷ୍ଟା କରୁଥିବେ। ମାତ୍ର ସେ ଆଉ ମୋତେ ମାଗିବ ନାହିଁ ମିଶ୍ରି। ମୋତେ ଗୋଟିଗୋଟି କରି ମିଶ୍ରି ଖଣ୍ଡ ଆଉ ଖୁଆଇ ଦେବ ନାହିଁ। ଆଢୁଆଳରୁ ବାହାରି ଆସି ଖିଲିଖିଲି ହସରେ ଆଉ ଚମକାଇ ଦେବ ନାହିଁ। ମୋର ଦୁଇ ହାତରେ ଆଉ ଦୋଳି ଝୁଲିବ ନାହିଁ। ବଡ଼ ହୋଇଯାଇଥିବ ସିଏ। ଦିଶୁଥିବ ଗମ୍ଭୀର। ପ୍ରଣାମ କରିବ ପାଦ ଛୁଇଁ ନିଶ୍ଚୟ। ହୋଇଥିବ ପ୍ରତିଭାମୟୀ। କିନ୍ତୁ ଯେଉଁ ମାମାକୁ ମୁଁ କରିଥିଲି ଅତି ଆପଣାର, ସେହି ସତେଜ ସୁଗନ୍ଧିତ ଶୁଭ୍ର ଗୋଲାପର ପାଖୁଡ଼ା ହୋଇ ଆଉ ପ୍ରସ୍ଫୁଟିତ ହେଉ ନ ଥିବ ସେ। କହୁଥିଲି ନା, କାବୁଲିୱାଲା ମିନିର ବାହାଘରବେଳକୁ ଆସିଲାବେଳେ ତା' ସହ ଦେଖାହୋଇଛି। ମାତ୍ର ମୋର ଅତି ପ୍ରିୟ ମାମାର ବାହାଘରକୁ ଆସିବାର ସୌଭାଗ୍ୟ ତ ନ ଥିବ। ସେହି ଶୁଭ ସମ୍ବାଦ ଶୁଣିବା ପୂର୍ବରୁ ଅସ୍ତମିତ ହୋଇଯାଇଥିବ ସୂର୍ଯ୍ୟ।

ମୋ: ୮୮୯୫୮୮୧୫୮୯

## ପୁସ୍ତକ ପରିଚୟ

### ଫକୀରମୋହନ ସେନାପତି: ଦ ମେକିଙ୍ଗ୍ ଅଫ୍ ଆନ୍ ଅଥର





**ଲେଖକ:** ଦେବେନ୍ଦ୍ର କୁମାର ଦାଶ, ଦୀପ୍ତି ରଞ୍ଜନ ପଟ୍ଟନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, ମୂଲ୍ୟ: ଟ ୩୦୦/-

ବହୁ ପ୍ରତ୍ୟାଶିତ ଆଲୋଚ୍ୟ ସମାଲୋଚନା-ଗ୍ରନ୍ଥଟି ଓଡ଼ିଶାର ଦୁଇ ବିଶିଷ୍ଟ ଗବେଷକ ଓ ବିଦ୍ୱାନ୍ ଦେବେନ୍ଦ୍ର କୁମାର ଦାଶ ଓ ଦୀପ୍ତି ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ। ଫକୀରମୋହନ ସେନାପତିଙ୍କ ମୂଳଲେଖା ଆଧାରରେ ଓଡ଼ିଆ ସାହିତ୍ୟକୁ ତାଙ୍କର ଗୁଣାତ୍ମକ ଓ ସମୟୋଚିତ ଅବଦାନ ସମ୍ପର୍କରେ ଇଂଲିଶରେ ଲିଖିତ ଏ ବହିଟି ସମ୍ଭବତଃ ଏଯାବତ୍ ଫକୀରମୋହନଙ୍କ ସାହିତ୍ୟ ଓ ଜୀବନଭିତ୍ତିକ ସବୁଠୁଁ ପ୍ରାମାଣିକ ଏକ ସମାଲୋଚନା ଗ୍ରନ୍ଥ। ଗ୍ରନ୍ଥରେ ଫକୀରମୋହନଙ୍କ ଗଳ୍ପ, ଉପନ୍ୟାସ, ଜୀବନୀ ତଥା ସମାଜ-ରାଜନୈତିକ ଓଡ଼ିଶାର ତତ୍କାଳୀନ ପ୍ରେକ୍ଷାପଟରେ ଗଢ଼ିଉଠିଥିବା ଫକୀରମୋହନୀୟ ସାଂସ୍କୃତିକ-ନେତୃତ୍ୱର ଯେପରି ସନ୍ଧାନୀ ଅନୁଧ୍ୟାନ କରାଯାଇଛି, ତାହା କେବଳ ଓଡ଼ିଆ ଭାଷାରେ ନୁହେଁ, ଇଂଲିଶ ଭାଷାରେ ମଧ୍ୟ ବିରଳ ବୋଲି କହିହେବ। ବହିଟିରେ ମୋଟ ୧୧ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ଫକୀରମୋହନଙ୍କ ସମକାଳୀନ ସମାଜ ସାଂସ୍କୃତିକ ସ୍ଥିତି, ତାଙ୍କ ଜନ୍ମ ଓ ଆଦ୍ୟ ଜୀବନ; ଦ୍ୱିତୀୟ ପରିଚ୍ଛେଦରେ ବାଲେଶ୍ୱରର ସାଂସ୍କୃତିକ-ଜୀବନଧାରାରେ ତାଙ୍କର ବିଜଡ଼ନ, ତୃତୀୟ ପରିଚ୍ଛେଦରେ ପାଠ୍ୟପୁସ୍ତକ ଲେଖକ ଭାବେ ଫକୀରମୋହନଙ୍କ ବିଶେଷତ୍ୱ, ପଞ୍ଚମରେ ଏକ ନୂଆ ସାହିତ୍ୟ-ଧାରାର ପ୍ରବର୍ତ୍ତକ ଫକୀରମୋହନ, ଷଷ୍ଠରେ ଅନୁବାଦକ ଫକୀରମୋହନ, ସପ୍ତମରେ କବି ଫକୀରମୋହନ, ଅଷ୍ଟମରେ ଗଳ୍ପ ଲେଖକ ଫକୀରମୋହନ, ନବମରେ ଔପନ୍ୟାସିକ ଫକୀରମୋହନ, ଦଶମରେ ଆତ୍ମଜୀବନୀ ଲେଖକ ଫକୀରମୋହନ ଓ ଏକାଦଶରେ ଏସବୁର ସଂଶ୍ଳେଷଣ ଓ ନିଷ୍କର୍ଷ ଆଲୋଚିତ। ପ୍ରତି ବ୍ୟକ୍ତି ଓ ପାଠାଗାର ପାଇଁ ବହିଟି ଏକ ଅମୂଲ୍ୟରତ୍ନ ବିବେଚିତ ହେବାର ସାମର୍ଥ୍ୟ ରଖେ।

### କବି ତୁମେ ମନେପଡ଼ ବାରମ୍ବାର





**ଲେଖକ:** ଅରବିନ୍ଦ ଗିରି
**ପ୍ରକାଶକ:** ଶ୍ରଦ୍ଧାସ୍ୱଦ ଗିରି, ମୋତିଗଞ୍ଜ, ବାଲେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/-

ପ୍ରୟାତ ପ୍ରଥିତଯଶା କବି ବ୍ରଜନାଥ ରଥଙ୍କ କବିତା, କବିତ୍ୱ ଓ ଜୀବନ ସମ୍ପର୍କରେ ଆଲୋଚ୍ୟ ଗ୍ରନ୍ଥଟି ଏକ ଏପରି ସଂକଳନ, ଯହିଁରେ ଅରବିନ୍ଦ କବିଙ୍କ ସହ ନିଜର ଓତପ୍ରୋତ ସମ୍ପୃକ୍ତିକୁ ଅତି ଯତ୍ନର ସହ ବିନିଯୋଗ କରି କବିଙ୍କ ସାରସ୍ୱତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି। ମୋଟ ୧୧ଟି ପରିଚ୍ଛେଦରେ ବିଭକ୍ତ ବହିଟିରେ ସାରସ୍ୱତ ମୁରବି ଭାବେ ବ୍ରଜନାଥ, କବି ଭାବେ ବ୍ରଜନାଥ ଓ ମହାଜୀବନର ଭାଷ୍ୟକାର ଭାବେ ବ୍ରଜନାଥଙ୍କର ଅନୁଭବନିଷ୍ଠ ଆକଳନ କରାଯାଇଛି। ଅନ୍ୟ ଅନେକ ପ୍ରସଙ୍ଗ ସହ କବିଙ୍କ ସହ ଏକ ସାକ୍ଷାତ୍‌କାର ମଧ୍ୟ ଏଥିରେ ସ୍ଥାନିତ ହୋଇଛି, ଯାହା ବ୍ରଜନାଥଙ୍କ କବି-ଦୃଷ୍ଟିକୁ ବୁଝିବାରେ ପାଠକଙ୍କୁ ସହାୟତା ଦେବ। ବ୍ରଜନାଥଙ୍କୁ ନେଇ ଅରବିନ୍ଦ ବିଭିନ୍ନ ଅବକାଶରେ ଲେଖିଥିବା ନିବନ୍ଧଗୁଡ଼ିକର ଏହା ସଂକଳିତ ରୂପ ହୋଇଥିବା ସତ୍ତ୍ୱେ ପରିଚ୍ଛେଦଗୁଡ଼ିକ ପରସ୍ପର ସହ ସୁସମ୍ବନ୍ଧିତ ହୋଇପାରିଛି। ପଞ୍ଚମ ପରିଚ୍ଛେଦର ଶୀର୍ଷକକୁ ବହିର ଶୀର୍ଷକ କରାଯାଇଛି ଓ ଏଥିରେ ଗ୍ରନ୍ଥକାର ଲେଖିଛନ୍ତି: "ଯଶସ୍ୱୀ କବି ବ୍ରଜନାଥ ରଥଙ୍କ ପାର୍ଥିବ ଜଗତରୁ ବିଦାୟ ବେଶ୍ କିଛିଦିନ ହୋଇଗଲା। x x ଆନୁଷ୍ଠାନିକ ସ୍ମୃତି ଶ୍ରଦ୍ଧାଞ୍ଜଳି ମଧ୍ୟ ଶେଷ ହେଲା। ତଥାପି ସେ ଅପାସୋରା, ଅଭୁଲା।" ବହିଟିରେ ବ୍ରଜନାଥଙ୍କ ସ୍ମୃତିବିଜଡ଼ିତ କତିପୟ ଆଲୋକଚିତ୍ର ରହିଛି, ଯାହା ତାଙ୍କ ସ୍ମୃତିକୁ ଜାଗ୍ରତ କରିବାରେ ସହାୟକ। ଯେଉଁ ବ୍ରଜନାଥ ତାଙ୍କର ଏକ କବିତାରେ ପ୍ରତିଶ୍ରୁତ ଯେ ଏଠାରୁ ଗଲାପରେ ପୁଣି ସେ ଫେରିଆସିବେ, ପ୍ରଭାତୀ ତାରାର ହସରେ ଓ ଶିଶୁର ଲଳିତ କଣ୍ଠରେ- ସେହି ବ୍ରଜନାଥଙ୍କ ସ୍ମୃତି-ସମ୍ବଳିତ ଏହି ପୁସ୍ତକଟି ପାଠକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ



"କେହି ତା'ର ପୂରା ଜୀବନକୁ ବୁଝିପାରେ- ଏଥିରେ ମୁଁ ନିଶ୍ଚିତ ନୁହେଁ।"
–ବିକ୍ରମ ସେଠ୍

**ବିକ୍ରମ ସେଠ୍**ଙ୍କ ଜନ୍ମ ୨୦ ଜୁନ୍ ୧୯୫୨ରେ, କଲକାତାରେ। 'ଏ ସୁଟେବଲ୍ ବୟ' ପାଇଁ ପ୍ରସିଦ୍ଧ ବିକ୍ରମ ଏକାଧାରରେ ଭାରତୀୟ-ଇଂଲିଶ୍ କବିତା ଓ ଉପନ୍ୟାସର ଲେଖକ, ଯାହାଙ୍କ ରଚନାର ସ୍ୱକୀୟତା ତାଙ୍କୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ କରିପାରିଛି, ଯାହା ମଧ୍ୟରେ ଅନ୍ତର୍ଗତ 'ପଦ୍ମଶ୍ରୀ', 'ସାହିତ୍ୟ ଏକାଡେମୀ ପୁରସ୍କାର', 'ପ୍ରବାସୀ ଭାରତୀୟ ସମ୍ମାନ' ଓ 'କ୍ରସ୍‌ୱର୍ଡ ପୁସ୍ତକ ପୁରସ୍କାର'। 'ମ୍ୟାପିଙ୍ଗ୍‌ସ' ଓ 'ବିଷ୍ଟଲି ଟେଲର' ତାଙ୍କର ଦୁଇ ପ୍ରସିଦ୍ଧ କବିତା ପୁସ୍ତକ। ସେ କହନ୍ତି: "ବେଳେବେଳେ ମୋର ମନେହୁଏ, ଖବରକାଗଜଗୁଡ଼ିକ କେବଳ ସ୍ଥାନ ପୂରଣ କରନ୍ତି। ଲମ୍ବା ବହିର ଲେଖକମାନେ ବି ଠିକ୍ ସେଇୟା କରନ୍ତି।"

## କବିତା

### ରବର

ମଧୁସୂଦନ ଦାଶ

ରବର ଯେମିତି
ପେନ୍‌ସିଲ ଗାରକୁ ଲିଭାଏ
ନିଠେଇ ନିଠେଇ ମୁଁ ସେମିତି
ମୋ ଅବିବେକର
ପେନ୍‌ସିଲ ଗାରକୁ ଲିଭାଏ
ମୋ ବିବେକ ରବରରେ
ଲୁଚେଇ ଲୁଚେଇ।

ରବର ଯେମିତି ଟାଣିଲେ ଲମ୍ବେ
ମୁଁ ବି ସେମିତି ଲମ୍ବେ ଆଉ କାହାର
ଟାଣଟାଣ ଟଣାରେ।

ରବର ଯେମିତି ବିନା ଟଣାରେ
ଜାକି ହୋଇ ରହେ
ମୁଁ ସେମିତି ଜାକି ହୋଇଥାଏ
ଆଉ କାହାର
ଦଲଦଲ ଦଂଶନ ପୀଡ଼ାରେ।

ବେଶି ଟଣାରେ
ରବର ଯେମିତି ଛିଣ୍ଡିଯାଏ
ମୁଁ ବି ସେମିତି ଛିଣ୍ଡୁଥାଏ
ମୋ ଛିଣ୍ଡାଛିଣ୍ଡା କାମନା କୋପରେ।

ରବର ଭିତରେ ପବନ ପଶିଲେ
ଯେମିତି ସେ ଫୁଲିଉଠେ
ମୁଁ ବି ସେମିତି ଫୁଲିଉଠେ
ତୋଷାମଦର ପବନ ଭର୍ତ୍ତିରେ।

ମୁଁ ଆଉ ରବର
ଗୋଟିଏ ଠିକଣା ଦୁଇଟି ଠଣା।

ମୋ: ୯୪୩୭୩୩୨୪୯୮

### ଝରିପୋକ

ଡ. ଗୌରୀଶଙ୍କର ସାହୁ

ଆକାଶରେ ଭାସୁଥାଏ କଳାକଳା ମେଘ
ମେଘ ଦେହୁ ଝରୁଥାଏ ବୁନ୍ଦାବୁନ୍ଦା ବର୍ଷା
ଟାଣ ଖରା ଛୁ' ମାରେ
ଆପଣା ବାଟରେ।

ଭିଜିଉଠେ ଡହଡହ ମାଟି
ସୁଶୀତଳ, ସୁବାସିତ ଶ୍ରାବଣ ସ୍ପର୍ଶରେ।

କେଉଁଠି ଥାଆନ୍ତି କେଜାଣି
ମାଟି ଚିରି ଉଡ଼ିଆସନ୍ତି ଥିରିଥିରି
ପତଙ୍ଗ ପାତେଳୀ
ଆମ ଘର ଚାରିପାଖେ
ଝରିପୋକ ମେଳି।
ଏତେ ଆଦର ଆଲୁଅକୁ
ଝରିପୋକଙ୍କର ଯେ
ଆମେ ଲିଭେଇ ଦେଉ
ଆମ ଉଜ୍ଜ୍ୱଳପଣ
ବିଜୁଳି ଥାଇ ବି
ଆମନ୍ତ୍ରି ଆଣୁ ଅନ୍ଧାର
ଆମ ଘର ଓ ଦୁଆର।
କିଏ କ'ଣ ଡାକେ କେବେ
ଆସ ଆସ
ପୋକଙ୍କ ସଂସାର
ଆସ ଆସ ଖୋଲି ଦେଉଛୁ
ଆମ ଝରକା କବାଟ!

ପୀରତିର କେତେ ରୂପ
କେତେ ଭେକ
ଲନ୍ଦଫନ୍ଦ ଦେଖାଦେଖି
ଲୁଚାଛପା ଫନ୍ଦି ଓ ଫିକର,
ମୁହଁ ମୋଡ଼ି ଚାଲିଯିବା
ଆଇଁଷିଆ ଆଖିର ବି
ଅନେକ ହୁନ୍ଦର
ଦୋ ଦୋ ପାଞ୍ଚ
ସମୟର ସ୍ୱର
କେଉଁ ଆଇଁଷକୁ କରିବ ନିଜର ଅବା
କେଉଁ ଆଇଁଷ ବା ହେବ ସାତ ପର।
ଝରିପୋକ କ'ଣ ବୁଝେ ଏତେ କଥା
କପଟ କବିତା!

ମୋ: ୭୯୭୮୪୨୧୮୩୫

ଗୀତି-କବିତା

### ପାନ୍ଥଶାଳା

ହରିଶ୍ଚନ୍ଦ୍ର ବେହେରା

ଆଦିମ ବନାନୀ ସବୁଜ ଉଲ୍ଲାସ
ବୁଝେ ଏକା ପାନ୍ଥଶାଳା
ମୃଗୟା ବିନୋଦେ କେତେ କେ ଆସନ୍ତି
ପୂରେ କି ତା' ଶୂନ୍ୟ ଡାଲା।୦।
ଜହ୍ନ ଧୋଇଦିଏ ଅନ୍ଧାରକୁ ତା'ର
ଫୁଲର ମହକ ଦେଇ
ଗେହ୍ଲେଇ ଝରଣା କୁଳୁକୁଳୁ ସ୍ୱରେ
କେତେ ଗୀତ ଯାଏ ଗାଇ
କେବେ ଇନ୍ଦ୍ରଧନୁ ପାନ୍ଥଶାଳାକୁ
କରିଦିଏ ମତୁଆଲା।୧।
ନିଶୂନ୍ ରାତିର ଅନ୍ଧାର ଭିତରେ
ନିଶା ଡାକେ ସାଇଁ ସାଇଁ
କେତେ ନିଃସଙ୍ଗତା ନ ଭୋଗିଛି ସିଏ
ନିଜ ଲୁହ ନିଜେ ପିଇ
ବନବାସୀଙ୍କର ନିରାପଦ ନିଦ
କିଏ ଆଜି ଭାଙ୍ଗିଦେଲା।୨।
ପାନ୍ଥଶାଳା କେବେ ପଚାରି ବୁଝିନି
ଜାତି ଗୋତ୍ର ଧର୍ମ ନାଆଁ
ଯିଏ ବି ଆସିଛି କୋଳେଇ ନେଇଛି
ସତେକି ରଙ୍କୁଣୀ ମାଆ
ଶତ୍ରୁ ମିତ୍ର କିଛି ବିଭେଦ ନ ରଖି
ରଖିଛି ଅନ୍ତର ଖୋଲା।୩।

ମୋ: ୯୪୩୭୮୧୩୭୦୮

ଅନୁବାଦ କବିତା

### ଏକାକୀ ନୁହନ୍ତି କେହି

ମୂଳ ରଚନା: ପି.ବି. ଶେଲି
ମର୍ମାନୁବାଦ: ଡ. ସୂଚନା ପାଢ଼ୀ

ଝରଣା ଛୁଇଁଇ ନଦୀ
ନଦୀ ଛୁଇଁଦିଏ ସାଗର
ପବନ ସୁଅରେ ମିଶଇ ପବନ
ମନ ସାଙ୍ଗ ହୁଏ ମନର।

ପ୍ରଣୟ ପୁଲକ ଚିର ସୁମଧୁର
ସ୍ୱର୍ଗୀୟ ଆନନ୍ଦ ନାହିଁ ତୁଳନା
ତୁମେ ଆଉ ମୁଁ, ମୁଁ ଆଉ ତୁମେ
ବୁଝି କି ବୁଝନା! କିଆଁ ଛଳନା!

ପରବତ ଲୋଡ଼େ ପ୍ରଶସ୍ତ ଆକାଶ
ଢେଉ ପରେ ଢେଉ ପଡ଼ଇ ଢଳି
ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ
ଲଗାଇ ଦିଅଇ ପ୍ରେମର ଡୋରି।

ତପନ କିରଣ ଛୁଏଁ ଧରଣୀ
ଚନ୍ଦ୍ର କିରଣ ସାଗର ଜଳ
ଅକୁହା ମନର ଭାଷା ନ ବୁଝିଲେ
ଭଲ ପାଇବାରେ ଅଛି କି ମୂଲ?

ମୋ: ୯୪୩୮୬୦୪୮୬୫

## ଦୂର ସମ୍ପର୍କ

ମିନି ଗଳ୍ପ
ପ୍ରଭଞ୍ଜନ ଦାଶ

ସେଦିନ ସନ୍ଧ୍ୟାରେ ୱାକିଂ ସାରି ଫେରୁଥିବା ବେଳେ ହଠାତ୍ ଦେଖା ହେଇଗଲା ପରେଶ ସହ ଶେଫାଳିର। ପରସ୍ପରକୁ ଦେଖି ଉଭୟେ ଯେତିକି ଖୁସି ହେଲେ ସେତିକି ଭାବବିହ୍ୱଳିତ ବି ହେଇ ପଡୁଥିଲେ। ଦୀର୍ଘ ଦଶବର୍ଷ ପରେ ଏ ମିଳନ ସେ ବି ପୁଣି ଏମିତି ଆକସ୍ମିକ ଭାବେ। ଆଶା ତ ନଥିଲା ଯେ ପୁଣି କେବେ ଦେଖା ହବ କିନ୍ତୁ ହଁ ଏମିତି ବି କେବେକେବେ ହୁଏନା କି ଆଶାଠାରୁ ବି ଢେର୍ ଅଧିକ ମିଳିଯାଏ କିଛି ଜଣଙ୍କୁ। ଖୁବ୍ ହସୁଥିଲା ଶେଫାଳି। ହସି ହସି ସେ ପଚାରୁଥିଲା, କେମିତି ଅଛ ପରେଶ? ଉତ୍ତରରେ ପରେଶ, ହଁ ସେମିତି ଭଲ। ଆଉ ତୁମେ?

ଆଉ ଟିକେ ହସିଦେଇ ଶେଫାଳି, ମୁଁ ବହୁତ ଭଲ ଅଛି। ତମ ସହ ଦେଖା ହେଇ ଖୁବ୍ ଖୁସି ଲାଗିଲା। ଏଇ ପାର୍କ ପଛରେ ମୁଁ ରହୁଛି। ଘର ନଂ ବି ସେଭେନ୍। କେତେବେଳେ ଆସିବ ନିଶ୍ଚୟ। ଠିକଣା ଦେଇ ଶେଫାଳି ଚାଲିଗଲା। ପରେଶ ମନେମନେ ଭାବୁଥିଲା ହାତକୁ ଦି'ହାତ ହେଲେ, ଟିକିଲି ଜାଗାରେ ସିନ୍ଦୂର ନାଇଲା ପରେ ଏ ମଣିଷ କେତେ ବଦଳିଯାଏ ସତରେ! ସେଇ ଶେଫାଳି ଯିଏ ଦିନେ ମୋ' କୋଳରେ ମୁଣ୍ଡ ରଖି କେତେ କ'ଣ ଗପିଯାଉଥିଲା ମନଖୋଲି; ହେଲେ ଆଜି ସେ ନିଜ ଆଖିର ଲୁହକୁ ଲୁଚେଇ ରଖୁଛି ମୋ' ଆଖିରୁ। ସେ ନ ଦେଖେଇଲେ ବି ମୁଁ ଦେଖି ପାରୁଥିଲି ଶାଢ଼ି ଆଢୁଆଳରେ ସେ ଲୁଚେଇ ରଖୁଥିବା ନିଆଁ ଚେଙ୍କର



ଦାଗକୁ। ଗୋରା ଚମରେ ସ୍ପଷ୍ଟ ଭାବେ ବାରି ହେଇ ପଡୁଥିଲା ସେ ସବୁ। ସେ ନ କହିଲେ ବି ମୁଁ ପଢ଼ିପାରୁଥିଲି ତା' ମନ ଗୋପନରେ ଥିବା ଅସଂଖ୍ୟ ଅକୁହା କଥାର ଅସହ୍ୟ ଯନ୍ତ୍ରଣାକୁ। ଟିକିଏ ହସର ପରଦା ପଛରେ ସେ କେମିତି ଲୁଚେଇ ରଖିପାରୁଛି ତା' ଅଜସ୍ର ଲୁହର ପାହାଡ଼ ସବୁ? ସତରେ ମୁଁ କ'ଣ ଏତେ ପର? ଶେଫାଳି ବି ଅଭିମାନ କରିଛି ମନେମନେ, ଯା' ଭିତରେ ତମେ କେତେ ବଦଳିଯାଇଛ ପରେଶ! ଅନ୍ୟମାନଙ୍କଠାରୁ ତୁମ ଅବସ୍ଥା, ତୁମ ପରିସ୍ଥିତି ଆଉ ସମସ୍ୟା ବିଷୟରେ ମୁଁ ସବୁ ଜାଣେ। ପାରିବାରିକ ଅଶାନ୍ତିରେ ତୁମେ କିଭଳି ଦିନ କାଟ ସେକଥା ମତେ ବେଶ୍ ଭଲ ଭାବେ ଜଣା। ହେଲେ ଆଜି ଏ କି ଅଭିନୟ ତୁମର! ମିଛକୁ ଘୃଣା କରୁଥିବା ତମେ ଆଜି ମିଛର ସାହାରା ନେଇ ଖୁବ୍ ସୁନ୍ଦର ଅଭିନୟ କରିପାରୁଛ। ମନେହେଉଛି ମୁଁ ଯେମିତି ତମର କେହି ନୁହେଁ। ଖୁବ୍ ପର। ଆଉ ଆମ ସମ୍ପର୍କ ବହୁତ ଦୂର।

ମୋ: ୭୩୨୬୯୫୯୯୯୫

## ସ୍ୱପ୍ନର ଝଡ଼

ଅଣୁଗଳ୍ପ

ଶରତ କୁମାର ରାଉତ

ଗୋଟିଏ ସାହିତ୍ୟ ସଭାରେ ଦାଶବାବୁ ମୋତେ କିଛି ପଚାରିବାକୁ ଉଦ୍ୟତ ହେଉଥିବା ବେଳେ ହଠାତ୍ ମୁଁ ପରିଚୟ ଦେଲି, "ମୁଁ ସାଗର, ଏ ପୃଥିବୀର ଜଣେ ଲେଖକ।" ସେ ଯେପରି ମୋତେ ଲେଖକ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। କେତେକ ପ୍ରଖ୍ୟାତ ଲେଖକଙ୍କର ନାଁ ନେଇ ସେ କହିଲେ, "ମୁଁ ଏମାନଙ୍କୁ ଜାଣେ ତଥା ମୁଁ ବି ଜଣେ ସୁ-ସାହିତ୍ୟିକ ଭାବେ ଜଣାଶୁଣା। କିନ୍ତୁ ଆପଣ...?" ତାଙ୍କ କଥାରେ ଭରି ରହିଥିଲା ତାଚ୍ଛଲ୍ୟ।

ପ୍ରତ୍ୟୁତ୍ତରରେ ମୁଁ କେତେଜଣ ପ୍ରଖ୍ୟାତ ଲେଖକଙ୍କ ନାଁ ଉପସ୍ଥାପନ କରି କହିଲି, "ମୁଁ ଏମାନଙ୍କୁ ଲେଖକ ହିସାବରେ ଜାଣେ, ଅଥଚ ଆପଣଙ୍କୁ... ହଁ... ହଁ, ଆପଣ ଲେଖାଲେଖି କରୁଛନ୍ତି, ହେଲେ...।"

ସେ ସଙ୍ଗେ ସଙ୍ଗେ କହିଲେ, "ଲେଖକ ଭାବରେ ମୋର ନାଁ ଅଛି, ପତ୍ରପତ୍ରିକାରେ ପ୍ରକାଶିତ ମୋ' ଗପ, କବିତା ଓ ଅନେକ ପାଠକଙ୍କୁ ଦେଖାଇ କହିପାରିବି ଯେ ମୁଁ ଲେଖକଟିଏ।"

ମୁଁ ବି ତାଙ୍କୁ ପତ୍ରପତ୍ରିକାରେ ପ୍ରକାଶିତ ମୋର ଗପ ଓ ଅନ୍ୟାନ୍ୟ ଲେଖା ସମ୍ପର୍କରେ ଉଦାହରଣ ଦେଲି। ମୋର ଗୋଟିଏ ଗପ ସମ୍ପର୍କରେ ସେ କହିଲେ, "କୋର୍ଟ ଭିତରେ ଜଜ୍‌ଙ୍କ ସାମ୍ନାକୁ ଶବ ଯାଏନି କି କାହାକୁ ଏଭଳି କୁତ୍ସିତ ଭାବରେ ଗିରଫ କରାଯାଏନି।"

ଠିକ୍ ଏତିକିବେଳେ ଡକ୍ଟରେଟ୍ ଡିଗ୍ରୀଧାରୀ ଦାଶବାବୁ ଆମ ଭିତରେ ଉପସ୍ଥିତ ହୋଇ ପୂର୍ଣ୍ଣଚ୍ଛେଦ ଟାଣିଲେ ଆମ ଦୁହିଁଙ୍କ ଯୁକ୍ତିତର୍କରେ।

ଡ. ଦାଶ ହସି ହସି କହିଲେ, "ପ୍ରକୃତ ଲେଖକ ବା ସାହିତ୍ୟିକ ସିଏ, ଯିଏ ଜୀବନକୁ ଓ ଦୁନିଆକୁ, ସମୟକୁ ଓ ସ୍ଥାନକୁ, ଅବସ୍ଥାକୁ ଓ ଦୁର୍ଦ୍ଦଶାକୁ ଠିକ୍ ବୁଝିଛି ଓ ପ୍ରତି ଘଟଣାରେ ଅବିଚଳିତ ହୋଇ ଦିନ ବିତାଇଛି। ସେ କୌଣସି ଅବସ୍ଥାରେ ହଲ୍‌ଚଲ୍ ହୁଏନା। ସବୁଠି ସ୍ଥିର ଓ ଖୁସି। ସମାଜର ଖୁସି ସେ ଚାହେଁ। ତେଣୁ ସେ ବା କାହିଁକି କାହାର ବଦାନ୍ୟତା ପାଇବାକୁ ଆଶା କରିବ ବା ଗୁରୁତ୍ୱ ଦେବ? ସାହିତ୍ୟିକମାନେ ଜୀବନକୁ ଜୀବନ ଭଳି ବଞ୍ଚିବାର ରାସ୍ତା ଦେଖାନ୍ତି। ଏଣୁ ଆପଣମାନେ ସାହିତ୍ୟିକ ହୋଇ ପରସ୍ପର କଳି କରିବା ଆଦୌ ଠିକ୍ ନୁହେଁ। ଆପଣମାନଙ୍କର ଆହୁରି ଅନେକ ବାଟ ଯିବାର ଅଛି। ସାହିତ୍ୟିକର ସାଧନା ମୃତ୍ୟୁ ପର୍ଯ୍ୟନ୍ତ ସରେ ନାହିଁ। ସାହିତ୍ୟିକମାନେ ପରସ୍ପରର ତ୍ରୁଟି ଦେଖିବା ଉଚିତ ନୁହେଁ।

ସେ ପୁଣି ଦାଶବାବୁଙ୍କୁ ଲକ୍ଷ୍ୟ କରି ସାଗରର ଗଳ୍ପ ଉପରେ କହିଲେ, "ତାଙ୍କର ଗଳ୍ପ ଉପରେ ଆପଣ ଯେଉଁ ମନ୍ତବ୍ୟ ଦର୍ଶାଇଲେ, ତାହା ଠିକ୍ ନୁହେଁ। କାରଣ ଗଳ୍ପଟି ଗୋଟିଏ ଦୁଃସ୍ୱପ୍ନ ଓ ଶୀର୍ଷକ ଅଛି 'ସ୍ୱପ୍ନର ଝଡ଼'। ଆପଣମାନେ ନିଜ ଲେଖା ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେଖାଇବା ପରିବର୍ତ୍ତେ ଯଦି ପରସ୍ପର କଳହରେ ଲିପ୍ତ ହେବେ, ତେବେ ଅନ୍ୟମାନେ?" ଏଥର ଦୁହେଁ ଅନୁତପ୍ତ ହୋଇ ମୁହଁ ତଳକୁ ମାଡ଼ିଦେଲେ।

ମୋ: ୯୩୩୭୩୬୯୪୮



**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୂର୍ବତନ ଜୁନିୟର ଷ୍ଟାର ହକି ଖେଳାଳିଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଭାରତର ପୂର୍ବତନ ଜୁନିୟର ଷ୍ଟାର ହକି ଖେଳାଳି ରାଜୀବ ମିଶ୍ରଙ୍କ ୪୫ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ତାଙ୍କ ସ୍ତ୍ରୀ ଓ ଦୁଇଟି ପିଲାକୁ ଛାଡ଼ି ଚାଲିଯାଇଛନ୍ତି। ବୁଧବାର ବାରଣାସୀର ସର୍ସାଉଲି ଅଞ୍ଚଳରେ ରହିଥିବା ରାଜୀବଙ୍କ ବାସଭବନରୁ ରହସ୍ୟଜନକ ଭାବେ ତାଙ୍କ ମରଶରୀରକୁ ଠାବ କରାଯାଇଥିଲା। ଘରୁ ପଚା ଗନ୍ଧ ଆସିବା ପରେ ତାଙ୍କ ପଡୋଶୀ ପୋଲିସକୁ ଖବର ଦେଇଥିଲେ। ତେଣୁ କିଛିଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରାଜୀବ ବାରଣାସୀସ୍ଥିତ ନର୍ଦର୍ନ ରେଲୱେର ଲକ୍ଷ୍ନୌ ଡିଭିଜନରେ ଜଣେ ଚିଫ ଇନ୍ସପେକ୍ଟର ଅଫ୍ ଟିକେଟ (ସିଆଇଟି)ଭାବେ କାର୍ଯ୍ୟରତ ଥିଲେ। ସେ ଏକାକି ରହି ଆସୁଥିଲେ। ବିହାର ରାଜ୍ୟର ହାଜିପୁର ଅନ୍ତର୍ଗତ ଲିଲୁଲାଦାବେଦ୍ ଗ୍ରାମର ରାଜୀବଙ୍କ ପିଲାଦିନର କୋଚ୍ ପ୍ରେମ୍ ଶୁକ୍ଲା କହିଛନ୍ତି, ରାଜୀବ ଥିଲେ ଅସାଧାରଣ ପ୍ରତିଭା ସମ୍ପନ୍ନ ଖେଳାଳି। ଲଣ୍ଡନରେ ୧୯୯୭ ଜୁନିୟର ହକି ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ଯୋଗୁ ତାଙ୍କର ବହୁ ପ୍ରଶଂସକ ହୋଇଯାଇଥିଲେ। ରାଜୀବଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ ହୋଇଥିଲା, ଶୁକ୍ଲା ତାଙ୍କୁ ବାରଣାସୀରୁ କୋଲକାତା ଆଣିଥିଲେ। ଏଣ୍ଟାଲି ଆଥାଲେଟିକ୍ କ୍ଲବ ମୁଖ୍ୟ ଅସିମ ଗାଙ୍ଗୁଲି ଏହି ଯୁବ ଖେଳାଳିଙ୍କୁ ସହାୟ କରିବେ ବୋଲି କହିଥିଲେ। ରାଜୀବ ବାରଣାସୀସ୍ଥିତ ସାଇ ହଷ୍ଟେଲରେ ଜଣେ ସାଧାରଣ ଖେଳାଳି ଭାବେ ଦାଖଲ ହୋଇଥିଲେ। ମାତ୍ର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଖୁବ୍ କମ୍ ସମୟ ମଧ୍ୟରେ ଜଣେ ଅସାଧାରଣ ପ୍ରତିଭା ସମ୍ପନ୍ନ ଖେଳାଳି ପାଲଟି ଯାଇଥିଲେ। ଲଣ୍ଡନରେ ଜୁନିୟର ହକି ବିଶ୍ୱକପ୍ ବେଳେ ଜର୍ମାନୀ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଏକ ଚମତ୍କାର ଡାଇଭିଂ ଗୋଲ୍ ସ୍କୋର କରିଥିଲେ ରାଜୀବ। ଏହାକୁ ସେ କେବେ ଭୁଲି ପାରିବେ ନାହିଁ ବୋଲି ଶୁକ୍ଲା କହିଛନ୍ତି। ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲରେ ହାରିଯାଇଥିଲା। ଟୁର୍ନାମେଣ୍ଟରେ ରାଜୀବ ୯ଟି ଗୋଲ ସ୍କୋର କରିଥିଲେ। ୧୯୯୮ରେ ନେଦରଲାଣ୍ଡର ଉଟ୍ରେଚ୍‌ଠାରେ ସିନିୟର ବିଶ୍ୱକପ୍ ପୂର୍ବରୁ ତାଙ୍କ କ୍ୟାରିୟରରେ ଝଟ୍‌କା ଆସିଥିଲା। ତତ୍‌କାଳୀନ ଭାରତୀୟ ଗୋଲକିପର ଏବି ସୁବାୟାଙ୍କ ସହ ତାଙ୍କର ଧକ୍କା ହେବାରୁ ତାଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିଲା। ଉପଯୁକ୍ତ ଚିକିତ୍ସା ପାଇଁ ସେତେବେଳର ଭାରତୀୟ ହକି ମହାସଂଘ (ଆଇଏଚ୍‌ଏଫ୍) ତରଫରୁ ତାଙ୍କୁ ଆବଶ୍ୟକ ସହାୟତା ମିଳି ନ ଥିଲା। ଏଥିରେ ସେ ହତାଶ ହୋଇପଡ଼ିଥିଲେ। ପରବର୍ତ୍ତୀକାଳରେ ସେ ଜଣେ ମଦ୍ୟପ ପାଲଟିଯାଇଥିଲେ। ଶୁକ୍ଲା କହିଛନ୍ତି ୧୯୯୮ରେ ରାଜୀବଙ୍କ ଦୁର୍ଦ୍ଦିନରେ ବର୍ତ୍ତମାନ ନିଷିଦ୍ଧ ଆଇଏଚ୍‌ଏଫ୍ ଯଦି ସହାୟତାରେ ହାତ ବଢ଼ାଇଥାନ୍ତା ତେବେ ଭାରତୀୟ ହକି ଜଣେ ଷ୍ଟାର ଖେଳାଳିଙ୍କୁ ହରାଇ ନ ଥାନ୍ତା।



ରାଜୀବ ମିଶ୍ର

# ୫୦୦୦ ମିଟରରେ ନମିତା, ତାରକଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୩।୬**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ସୋନାଲି ଚାନ୍ଦ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସଭାପତି ଜି.ଏସ୍. ପଟ୍ଟନାୟକ, ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହଯୋଗୀ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଷୟିକ ନିର୍ଦ୍ଦେଶକ ଲ୍ୟୁଟନାଣ୍ଟ କର୍ଣ୍ଣେଲ ଏ. ରାଜେଶ, ଚିଫ୍ ଅପରେଟିଂ ଅଫିସର କ୍ୟାପ୍‌ଟେନ ଦୀନେଶ ସୁରୀ ପ୍ରମୁଖ ସ୍ୱତନ୍ତ୍ରଭାବେ ଆମନ୍ତ୍ରିତ ହୋଇଥିଲେ। ବିଭିନ୍ନ ବୟସ ବର୍ଗ (ଉଭୟ ମହିଳା ଓ ପୁରୁଷ)ରେ ୧୫୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ବ୍ୟତୀତ ୧୦୦ ଟିମ୍ ଅଫିସିଆଲ, ୨୦୦ ଟେକ୍ନିକାଲ ଅଫିସିଆଲ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ୨୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ୨୫ ପର୍ଯ୍ୟନ୍ତ ଚାଲିବ।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍‌ରେ ମୟୂରଭଞ୍ଜର ତାରକ ମାଣ୍ଡି, ମହିଳା ୫୦୦୦ ମିଟର ରେସ୍‌ରେ ବରଗଡ଼ର ନମିତା ପ୍ରଧାନ ଏବଂ ମହିଳା ଜାଭେଲିନ ଥ୍ରୋରେ ଓଡ଼ିଶା ପୋଲିସର ସସ୍ମିତା ବେହେରା ସ୍ୱର୍ଣ୍ଣ ପଦକ ପାଇଛନ୍ତି।



ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ

ସେହିପରି ୧୪ ବର୍ଷରୁ କମ୍ ବାଳକ ୬୦୦ ମିଟର ରନ୍‌ରେ କେନ୍ଦୁଝରର ସଞ୍ଜୟ ହାଁସଦା, ହାଇଜମ୍ପରେ କିଟ୍‌ର ଲଳିତ ଲାଗୁରି, ଶଟ୍‌ପୁଟ୍‌ରେ କଟକର ସତ୍ୟଜିତ ତ୍ରିପାଠୀ, ୧୬ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସୋନପୁରର ଉମେଶ ବେହେରା, ଶଟ୍‌ପୁଟ୍‌ରେ ଜଗତ୍‌ସିଂହପୁରର ମାନସ ଖଟୁଆ, ୧୮ ବର୍ଷରୁ କମ୍ ବାଳକ ହାଇଜମ୍ପରେ ପାରାଦୀପ ପୋର୍ଟର ଅମିତ ଅମନ ରାଉତ, ଶଟ୍‌ପୁଟ୍‌ରେ କଟକର ଓଁକାର ପ୍ରସାଦ ନନ୍ଦ, ୨୦ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ କିଟ୍‌ର ପଙ୍କଜ ସୋରେନ, ହାଇଜମ୍ପରେ ଜଗତ୍‌ସିଂହପୁରର ଅନନ୍ତ କୁମାର ସ୍ୱାଇଁ, ଶଟ୍‌ପୁଟ୍‌ରେ ସମୀର କୁମାର ଲେଙ୍କା ଓ ୨୩ ବର୍ଷରୁ କମ୍ ବାଳକ ୫୦୦୦ ମିଟର ରେସ୍‌ରେ ନୂଆପଡ଼ାର ରଶ୍ମି ରଞ୍ଜନ ନାୟକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ବରଗଡ଼ର ଅରୁଣା ବାରିକ, ୬୦୦ ମିଟର ରେସ୍‌ରେ ଭୁବନେଶ୍ୱରର ସୁନୀତା ପିଙ୍ଗୁଆ, ୧୬ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ଭୁବନେଶ୍ୱରର ପାର୍ବତୀ ହାଁସଦା, ଜାଭେଲିନ୍ ଥ୍ରୋରେ ଯାଜପୁରର ତେଜସ୍ୱିନୀ ଧଳ, ୧୮ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ କୋରାପୁଟର ସଞ୍ଜୁ ହାନ୍ତାଳ, ଜାଭେଲିନ ଥ୍ରୋରେ ସୁନ୍ଦରଗଡ଼ର ଅମ୍ରିତା ଡୁଙ୍ଗଡୁଙ୍ଗ, ୨୦ ବର୍ଷରୁ କମ୍ ବାଳିକା ୫୦୦୦ ମିଟର ରେସ୍‌ରେ କଟକର ସ୍ୱର୍ଣ୍ଣଲତା ଶର୍ମା, ଜାଭେଲିନ୍ ଥ୍ରୋରେ କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ, ୨୩ ବର୍ଷରୁ କମ୍ ବାଳିକା ୫୦୦୦ ମିଟର ରେସ୍‌ରେ ନୂଆପଡ଼ାର ଗୁଲାପ ରାଉତ, ଜାଭେଲିନ୍ ଥ୍ରୋରେ ସୁନ୍ଦରଗଡ଼ର ଦମୟନ୍ତୀ ଖେସ୍ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।



କିଟ୍ ଇନ୍‌ଡୋର ହଲ୍‌ରେ ଉପସ୍ଥିତ ବିଭିନ୍ନ ଦଳର ଆଥଲେଟ୍।

# ଲାୟନ୍ସ, ଜାଗୁଆର୍ସ ବିଜୟୀ

**ଭୁବନେଶ୍ୱର, ୨୩।୬**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ୨ଟି ଓସିଏଲ୍ (ଓଡ଼ିଶା କ୍ରିକେଟ ଲିଗ୍) ମ୍ୟାଚରେ ଲାୟନ୍ସ ଓ ଜାଗୁଆର୍ସ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଲାୟନ୍ସ ୪ ଉଇକେଟରେ ଓଡ଼ିଶା ପୁମାସକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁମାସ ୧୮ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ସର୍ବାଧିକ ୪୪ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରଦୀପ ପ୍ରଧାନ ୪ଟି ଓ ରିତେଶ ପ୍ରିୟରଞ୍ଜନ ୩ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଲାୟନ୍ସ ୧୭.୨ ଓଭରରେ ୬ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ନେଇଥିଲା। ବିପ୍ଳବ ସାମନ୍ତରାୟ ୩୬ ଓ ଅମିନ ଖାଁ ୩୫ ରନ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରଦୀପ ପ୍ରଧାନ ଓସିଏ ସଦସ୍ୟ ତଡ଼ିତ କୁମାର ରାଉତଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଜାଗୁଆର୍ସ ୮ ଉଇକେଟରେ ଓଡ଼ିଶା ଟାଇଗର୍ସକୁ ହରାଇ ଦେଇଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଟାଇଗର୍ସ ୧୭.୧ ଓଭରରେ ମାତ୍ର ୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ପ୍ରଶାନ୍ତ ଠାକୁର ୩ଟି ଏବଂ ପପୁ ରାୟ ଓ ସୟଦ ଜାକି ୨ଟି ଲେଖାଏ ଉଇକେଟ ନେଇ ଟାଇଗର୍ସ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୫୮ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ଜାଗୁଆର୍ସ ମାତ୍ର ୨ ଉଇକେଟ ହରାଇ ୮.୪ ଓଭରରେ ହାସଲ କରି ନେଇଥିଲା। ଶ୍ରେୟାଂଶ ଭରଦ୍ୱାଜ ୨୪ ରନକରି ଅପରାଜିତ ରହିଥିଲେ। ପରାଜିତ ଦଳର ବି. ଶିବା ୨ଟି ଯାକ ଉଇକେଟ ନେଇଥିଲେ। ପ୍ରଶାନ୍ତ ଠାକୁର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ଦୁଲାଲ ଚନ୍ଦ୍ର ପ୍ରଧାନ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତ ଆଜି ନେପାଳକୁ ଭେଟିବ

**ବେଙ୍ଗାଲୁରୁ, ୨୩।୬**

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ଶନିବାର ନେପାଳ ସହିତ ଖେଳିବ। ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୪-୦ ଗୋଲରେ ହରାଇ ସାରିଥିବା ଭାରତ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ନେପାଳ ବିପକ୍ଷ ମ୍ୟାଚ ଜିତିଲେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଦୃଢ଼ ହୋଇଯିବ। ଏପରିକି ଅନ୍ୟ ମ୍ୟାଚରେ ଯଦି ପାକିସ୍ତାନ ବିପକ୍ଷରେ କୁଏତ ମ୍ୟାଚ ଡ୍ର ରଖେ କିମ୍ବା ବିଜୟ ହାସଲ କରେ ତେବେ ଭାରତ ସେମିଫାଇନାଲରେ ପ୍ରବେଶ କରିଯିବ। ପାକିସ୍ତାନ ବିପକ୍ଷରେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଫଳରେ ସେ ସମ୍ପୂର୍ଣ୍ଣ ଫର୍ମରେ ଥିବାର ସୂଚନା ଦେଇଛନ୍ତି।

ସାଫ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ଭାରତ ସମ୍ମାନ ଦିଏ ବୋଲି କୋଚ୍ ଇଗର ଷ୍ଟିମାକ ସ୍ପଷ୍ଟ କରିଛନ୍ତି। ତେଣୁ ଅନ୍ୟ ଦଳକଥା ବେଶୀ ଭାବିବା ଅପେକ୍ଷା ନିଜର ଶକ୍ତି ସାମର୍ଥ୍ୟ ଉପରେ ଦଳ ଅଧିକ ବିଶ୍ୱାସ କରେ ବୋଲି ସେ କହିଛନ୍ତି। ପାକିସ୍ତାନ ବିପକ୍ଷ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ଜଣେ ଖେଳାଳି ଥ୍ରୋ କରୁଥିବା ସମୟରେ ବଲ୍‌କୁ ହାତରେ ଠେଲି ଷ୍ଟିମାକ ରେଡ୍ କାର୍ଡ ପାଇଥିଲେ। ଏଥିପାଇଁ ସେ ଅନୁଶୋଚନା କରୁନାହାନ୍ତି, ବରଂ ଦଳପାଇଁ ଯାହା ହିତ ତାହା ସେ କରୁଛନ୍ତି ବୋଲି ଷ୍ଟିମାକ୍ କହିଛନ୍ତି। ରେଫରିଙ୍କ ନିଷ୍ପତ୍ତିକୁ ବିରୋଧକରି ସେ ଏପରି କରିଥିବା କହିଛନ୍ତି। ଷ୍ଟିମାକଙ୍କ ପ୍ରଶିକ୍ଷଣରେ ଭାରତ ଏହା ପୂର୍ବରୁ ନେପାଳକୁ ୪ ଥର ଭେଟି ସାରିଛି। ଏଥିରୁ ୩ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଛି। ଶେଷଥରପାଇଁ ୨୦୨୧ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ପରସ୍ପର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ନେପାଳକୁ ୩-୦ ଗୋଲରେ ହରାଇ ଭାରତ ରେକର୍ଡ ୮ ଥରପାଇଁ ଚାମ୍ପିୟନ ହୋଇଥିଲା। ସେହି ମ୍ୟାଚରେ ସୁନୀଲ ଛେତ୍ରୀ, ସୁରେଶ ସିଂ ୱାଙ୍ଗଜାମ୍ ଓ ସହଲ ଅବଦୁଲ ସମଦ ଗୋଲ ସ୍କୋର କରିଥିଲେ। ତେବେ ନୂଆ କୋଚ୍ ଭିନ୍‌ସେଞ୍ଜୋ ଆଲବର୍ଟୋ ଆନେସେଙ୍କ ପ୍ରଶିକ୍ଷଣରେ ନେପାଳ ପ୍ରଦର୍ଶନରେ ଉନ୍ନତି ହୋଇଛି। ଆନେସେଙ୍କ ପ୍ରଶିକ୍ଷଣରେ ଗୋକୁଲମ କେରଳ ୨୦୨୧ ଓ ୨୦୨୨ରେ କ୍ରମାଗତ ଆଇ-ଲିଗ୍ ଟାଇଟଲ ଜିତିଥିଲା। ନେପାଳ ଏହାର ପ୍ରଥମ ମ୍ୟାଚରେ କୁଏତ ନିକଟରୁ ୧-୩ ଗୋଲରେ ହାରି ଯାଇଥିଲେ ମଧ୍ୟ ଆଗାମୀ ମ୍ୟାଚରେ ଚ୍ୟାଲେଞ୍ଜ ଦେଇପାରେ ବୋଲି ଷ୍ଟିମାକ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ଇଟାଲିଆନ କୋଚ୍ ଆନେସେ କହିଛନ୍ତି ଯେ, "ଗତ ୭ ମ୍ୟାଚରେ ଗୋଲ ବରଣ କରି ନ ଥିବା ଭାରତୀୟ ଦଳକୁ ଆମେ ଭେଟିବାକୁ ଯାଉଛୁ। ଆଇଏସ୍‌ଏଲ୍ ପରି ଲିଗ୍ ଖେଳୁଥିବା ଅନେକ ଦକ୍ଷ ଖେଳାଳି ଏହି ଦଳରେ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚ ଆମପାଇଁ କଷ୍ଟସାଧ୍ୟ ହେବ। ତେବେ ଆମେ ଆମ ଦକ୍ଷତା ଅନୁସାରେ ଖେଳିବୁ। ଷ୍ଟାଡିୟମରେ ଉପସ୍ଥିତ ୨୦,୦୦୦ ଦର୍ଶକଙ୍କ ବିପକ୍ଷରେ ଆମକୁ ଖେଳିବାକୁ ହେବ। ତେଣୁ ଆମକୁ ୧୦୦ ପ୍ରତିଶତରୁ ଅଧିକ ଦେବାକୁ ପଡ଼ିବ"।

SAFF CHAMPIONSHIP 2023 india

**Classified Everyday**
**0674-2580101, 2549949**



REAL ESTATE

SALE

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

**Luxurious 3BHK flats available for booking at Saheed Nagar (Near Empires Hotel Toward postoffice) price-1.50cr to 1.55cr. Contact: 6372944453, 9040172040.** D-74876

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



3BHK First Floor Flat in Saantarapur, Bhubaneswar. 1 Drawing, 1 Dining, 2 Bathrooms, 2 Balcony. 1000+ sqft. Carpet. 9810999723. D-0632

Tolet Purpose: Office/Godown, Area 3600sqft. place 1503/c Acharyavihar. Contact No.- 8018830098. D-0617



Spa Kerala body Massage only best Therapist @699/-, Bhubaneswar. 9337672475. D-0610

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open with new therapist full body massage/ SPA. 9937065539. D-73772

Newly open health benefits SPA special offer @ 799 Jaydev Vihar. 8018429809. D-75121

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly open Salon/ SPA with expert therapist (health benefits). 8114322659. D-75120

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, vide C.F No.-525, dated 22.06.2023, I, Sneha Panda, W/o- Akash Panda, R/o- Khaliabandh, P.O./ P.S.- Dhanupali, Dist.- Sambalpur have changed my name "Sahanaz Parween" to "Sneha Panda". Henceforth, I shall be known as "Sneha Panda" for all purposes.
Sneha Panda
D-0644

By virtue of an affidavit sworn before the Notary Public, Rourkela, I Sarita Roul, 40years, W/o. Sunakar Roul, R/o- B-36, Sanjay Nagar, Pocket-3 Sector-2, Rohini, North West, Delhi declare that my maiden name was Sarita Behura, D/o- Umesh Chandra Behura. After marriage I have changed my surname from Behura to Roul and known as Sarita Roul for all purposes. D-0641

**ଅଧ୍ୟାପକ ରଞ୍ଜିତ ପ୍ରଧାନଙ୍କ ଡକ୍ଟରେଟ୍ ଲାଭ**



ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ରଞ୍ଜିତ ପ୍ରଧାନ ସମ୍ମାନଜନକ ଡକ୍ଟରେଟ୍ (Ph.D.) ଉପାଧି ଲାଭ କରିଛନ୍ତି। ସେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ 'ଓଡ଼ିଆ ଗଳ୍ପରେ ଦାଦନ ଶ୍ରମିକ ସମସ୍ୟା' ସନ୍ଦର୍ଭଟି ରଚନାକରି ଏହି ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଗବେଷଣା ସନ୍ଦର୍ଭଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୁମୁଦରଞ୍ଜନ ପାଣିଗ୍ରାହୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ରଞ୍ଜିତ ପ୍ରଧାନ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଡୁମାଲପାଲି ଗ୍ରାମର କପିଳ ପ୍ରଧାନ ଓ ମହିମା ପ୍ରଧାନଙ୍କ ପୁତ୍ର ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ଦିଗ୍‌ଦର୍ଶକ, ପିତା-ମାତା, ସହଧର୍ମିଣୀ, ଭାଇ-ଭାଉଜ, ଭଉଣୀ-ଭିଣୋଇ, ପରିବାରବର୍ଗ ସମସ୍ତଙ୍କୁ ଦେବା ସହିତ ପାଠ ପଢ଼ିଥିବା ସମସ୍ତ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ ଶୁଭାକାଂକ୍ଷୀମାନଙ୍କୁ ପ୍ରଦାନ କରିଛନ୍ତି। ଧ-୦୬୪୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତୀୟ ଟେଷ୍ଟ ଦଳରେ ଜୟସ୍ୱାଲ, ଗାଏକ୍ୱାଡ୍

## ପୂଜାରାଙ୍କ ପାଇଁ ସମ୍ଭାବ୍ୟ ରାସ୍ତା ବନ୍ଦ

**ନୂଆଦିଲ୍ଲୀ, ୨୩।୬(ପି.ଟି.)**

ଭାରତ-ୱେଷ୍ଟଇଣ୍ଡିଜ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁଲାଇ ୧୨ରୁ ରୋସେଉଠାରେ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦିଆଯାଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସାମିଲ କରାଯାଇଛି। ଶିବ ସୁନ୍ଦର ଦାସଙ୍କ ନେତୃତ୍ୱାଧୀନ ଚୟନ ପ୍ୟାନେଲ ଆଗାମୀ ୨ ବର୍ଷର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ (୨୦୨୩-୨୫)କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ହୋଇଛି। ଫଳରେ ପୂଜାରାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ସରି ଆସୁଥିବା ସୂଚନା ମିଳିଛି।


ଯଶସ୍ୱୀ ଜୟସ୍ୱାଲ


ଋତୁରାଜ ଗାଏକ୍ୱାଡ୍


ମୁକେଶ କୁମାର

### ଶାମିଙ୍କୁ ବିଶ୍ରାମ, ମୁକେଶ ସାମିଲ

ଟେଷ୍ଟ ସହ ଭାରତୀୟ ଦିନିକିଆ ଦଳ ମଧ୍ୟ ଘୋଷଣା କରାଯାଇଛି। ରୋହିତ ଶର୍ମା ଉଭୟ ଦଳର ନେତୃତ୍ୱ ନେବେ। ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ପୂର୍ବ ମ୍ୟାଚରେ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିଥିବା ଅଜିଙ୍କ୍ୟ ରାହାନେଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଛି। ମହମ୍ମଦ ଶାମିଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଇଛି। ଅର୍ଥାତ୍ ତାଙ୍କୁ ଟେଷ୍ଟ କିମ୍ବା ଦିନିକିଆ ଦଳରେ ସାମିଲ କରାଯାଇନାହିଁ। ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବା ଉମେଶ ଯାଦବଙ୍କୁ ବାଦ୍ ଦିଆଯାଇଥିବାବେଳେ କୋଲକାତା ଦ୍ରୁତ ବୋଲର ମୁକେଶ କୁମାରଙ୍କୁ ସୁଯୋଗ ମିଳିଛି। ଐତିହାସିକ ଅଷ୍ଟ୍ରେଲିଆ ଗସ୍ତ ପରଠାରୁ ବାଦ୍ ପଡ଼ି ଆସୁଥିବା ନବଦୀପ ସଇନୀଙ୍କୁ ଏଥର ସାମିଲ କରାଯାଇଛି। କାରିବିୟନ ଟ୍ରାକ୍‌ରେ ସେ ଉପାଦେୟ ହେବେ ବୋଲି ଆଶା କରାଯାଉଛି। ନୂଆକରି ସାମିଲ ହୋଇଥିବା ୩ ଖେଳାଳି ଜୟସ୍ୱାଲ, ଗାଏକ୍ୱାଡ୍ ଓ ମୁକେଶ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଅବସରରେ ଭାରତୀୟ ଦଳର ଷ୍ଟାଣ୍ଡବାଇ ଖେଳାଳି ଥିଲେ। ଘରୋଇ କ୍ରିକେଟର ଗତ କିଛି ସିଜନରେ ଏମାନେ ସ୍ଥିର ପ୍ରଦର୍ଶନ ଦେଇ ଆସୁଛନ୍ତି। ଦିନିକିଆ ଦଳରେ ସେପରି କିଛି ବିସ୍ମୟ ଦେଖିବାକୁ ମିଳିନାହିଁ। ୧୭ ଜଣିଆ ଦଳ ସ୍ୱାଭାବିକଭାବେ ମନୋନୀତ ହୋଇଛନ୍ତି। ଆହତ ଯଶପ୍ରୀତ୍ ବୁମ୍‌ରା, ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ନାହାନ୍ତି। ଏହି ୩ ଜଣଙ୍କୁ ମିଶାଇ ୨୦ ଜଣିଆ କୋର୍ ଦଳରୁ ଆଗାମୀ ବିଶ୍ୱକପ ପାଇଁ ଖେଳାଳି ଚୟନ ହେବେ।

### ପୂଜାରାଙ୍କ ପ୍ରତ୍ୟାବର୍ତ୍ତନ କଷ୍ଟକର ହେବ

ଏହା ପୂର୍ବରୁ ରାହାନେଙ୍କ ସହ ପୂଜାରା ଯେତେବେଳେ ଶ୍ରୀଲଙ୍କା ବିପକ୍ଷ ସିରିଜରୁ ବାଦ୍ ପଡ଼ିଥିଲେ ସେତେବେଳେ ତତ୍କାଳୀନ ଚୟନ କମିଟି ମୁଖ୍ୟ ଚେତନ ଶର୍ମା କହିଥିଲେ ଯେ, ତାଙ୍କ ପାଇଁ ପଥରୁଦ୍ଧ ହୋଇନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ଭଲ ପ୍ରଦର୍ଶନ କରି ସେ ପୁଣି ଫେରିପାରିବେ। ପୂଜାରା ସସେକ୍ସ ପକ୍ଷରୁ କାଉଣ୍ଟି କ୍ରିକେଟ ଖେଳି ସ୍ଥିର ପ୍ରଦର୍ଶନ ଦେବାରୁ ୨୦୨୨ରେ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ପାଇଁ ଡାକରା ପାଇଥିଲେ। ଏହାପରେ ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ କ୍ୟାରିୟରର ୧୦୦ତମ ଟେଷ୍ଟ ମଧ୍ୟ ଖେଳିଥିଲେ। ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଫଳତା ପରେ ତାଙ୍କ ସୁଯୋଗ କ୍ଷୀଣ ହୋଇଥିଲା। ମାତ୍ର ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଚୟନକର୍ତ୍ତାମାନେ ଦଳରେ ବିଶେଷ ପରିବର୍ତ୍ତନ କରିବାକୁ ଚାହୁଁ ନ ଥିଲେ। ମାତ୍ର ଓଭାଲରେ ଦୁଇଟିଯାକ ଇନିଂସରେ ବିଫଳତା ତାଙ୍କ ଭାଗ୍ୟ ନିର୍ଣ୍ଣୟ କରିଥିଲା। ଡବ୍ଲ୍ୟୁଟିସି ଫାଇନାଲ ଅବସରରେ ଶିବ ସୁନ୍ଦର ଦାସ ଲଣ୍ଡନରେ ଥିଲେ। ତେଣୁ ସେ ନିଶ୍ଚିତ ଚୟନ ପ୍ୟାନେଲର ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଆଲୋଚନା କରିଥିବେ।

### ଓପନ କରିପାରନ୍ତି ଜୟସ୍ୱାଲ, ଗାଏକ୍ୱାଡ୍

ଆଗାମୀ ସିରିଜରେ ଜୟସ୍ୱାଲ ଓ ଗାଏକ୍ୱାଡ୍ ଇନିଂସ ଓପନ କରିପାରନ୍ତି କିମ୍ବା କେହିଜଣେ ତୃତୀୟ ସ୍ଥାନରେ ଖେଳିପାରନ୍ତି। ଅବଶିଷ୍ଟ ଭାରତ ଏକାଦଶ ପକ୍ଷରୁ ମଧ୍ୟପ୍ରଦେଶ ବିପକ୍ଷ ଇରାନୀ କପ୍‌ରେ ୨୧୩ ଓ ୧୪୪ ରନ କରିଥିବା ମୁମ୍ବାଇର ବାମହାତୀ ବ୍ୟାଟର ଜୟସ୍ୱାଲଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ ହେବା ସମ୍ଭାବନା ଦୃଢ଼। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ଆଭରେଜ ୮୦.୨୧ ରହିଛି।

**ଭାରତୀୟ ଟେଷ୍ଟ ଦଳ**

ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ୍, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), କେ.ଏସ. ଭରତ, ଇଶାନ କିଷନ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଅକ୍ଷର ପଟେଲ, ମହମ୍ମଦ ସିରାଜ, ମୁକେଶ କୁମାର, ଜୟଦେବ ଉନାଡକଟ୍, ନବଦୀପ ସଇନୀ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ, ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ଶାର୍ଦ୍ଦୂଳ ଠାକୁର, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଜୟଦେବ ଉନାଡକଟ୍, ମହମ୍ମଦ ସିରାଜ, ଉମ୍ରାନ ମଲିକ, ମୁକେଶ କୁମାର।

# ସତ୍ୟବତୀଙ୍କ ଡବଲ୍ ଗୋଲ: ଓଡ଼ିଶା ବିଜୟୀ



**ଭୁବନେଶ୍ୱର, ୨୩।୬**
**(ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରରେ ଚାଲିଥିବା ହିରୋ ସିନିୟର ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଶୁକ୍ରବାର ୨-୦ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ୨ଟି ଯାକ ଗୋଲ ସ୍କୋର କରିଥିଲେ ସତ୍ୟବତୀ ଖାଡ଼ିଆ। ସେ ମ୍ୟାଚର ୨୭ ଓ ୮୭ତମ ମିନିଟରେ ଗୋଲ ଦୁଇଟି ଦେଇଥିଲେ। ଓଡ଼ିଶା ଇତିମଧ୍ୟରେ ୫ଟି ମ୍ୟାଚ ଖେଳି ସାରିଥିବାବେଳେ ୪ ବିଜୟ ଓ ୧ ପରାଜୟ ସହ ୧୨ ପଏଣ୍ଟ ପାଇଛି। ଫଳରେ ଦଳ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତାମିଲନାଡୁ ୫ ମ୍ୟାଚରୁ ୧୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ କର୍ଣ୍ଣାଟକ ୪ ପଏଣ୍ଟ ଲେଖାଏ ଏବଂ ପଞ୍ଜାବ ୩ ପଏଣ୍ଟ ପାଇ ପଛକୁପଛ ରହିଛନ୍ତି।

# କାନାଡା ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଚିଲି ରାଜଧାନୀ ସାଣ୍ଟିଆଗୋଠାରେ ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପୁଲ୍ 'ସି'ରେ ବେଲ୍‌ଜିୟମ, କାନାଡା ଓ ଜର୍ମାନୀ ସହିତ ସ୍ଥାନ ପାଇଛି। ନଭେମ୍ବର ୨୯ରେ କାନାଡା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ




କରିବ। ଏହାପରେ ଜର୍ମାନୀ ଓ ବେଲ୍‌ଜିୟମକୁ ଯଥାକ୍ରମେ ଡିସେମ୍ବର ୧ ଓ ୨ ତାରିଖରେ ଭେଟିବ। ପ୍ରତିଯୋଗିତା ପୂର୍ବରୁ ଏଫ୍‌ଆଇଏଚ୍ ପକ୍ଷରୁ ନୂଆ ଜୁନିୟର ମହିଳା ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି। ତଦନୁସାରେ ଭାରତ ୬ଷ୍ଠ ସ୍ଥାନରେ ରହିଛି। ନେଦରଲାଣ୍ଡ୍ସ ଶୀର୍ଷରେ ରହିଥିବାବେଳେ ଆର୍ଜେଣ୍ଟିନା, ଜର୍ମାନୀ, ଇଂଲଣ୍ଡ ଓ ଆମେରିକା ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଜୁନିୟର ମହିଳା ଏସିଆ କପ୍ ଜିତିଥିବାରୁ ଭାରତ ପ୍ରଥମଥରପାଇଁ ବିଶ୍ୱକପ ଜିତିବ ବୋଲି ଆଶା ଜାତ ହୋଇଛି। ଗତ ସଂସ୍କରଣରେ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଇଂଲଣ୍ଡଠାରୁ ହାରିଯାଇଥିବାରୁ ଭାରତ ଅଳ୍ପକେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ପ୍ରତି ପୁଲ୍‌ର ଦଳଗୁଡ଼ିକ ପରସ୍ପର ସହିତ ୩ଟି ଲେଖାଏ ମ୍ୟାଚ ଖେଳିବେ। ୪ ଦଳରୁ ଶୀର୍ଷ ଦୁଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ଦଳଗୁଡ଼ିକ କ୍ଲାସିଫିକେଶନ ପର୍ଯ୍ୟାୟ ଖେଳିବେ।

**କେଉଁ ପୁଲ୍‌ରେ କିଏ**

ପୁଲ୍ 'ଏ': ଅଷ୍ଟ୍ରେଲିଆ, ଚିଲି, ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା
ପୁଲ୍ 'ବି': ଆର୍ଜେଣ୍ଟିନା, କୋରିଆ, ସ୍ପେନ୍, ଜିମ୍ବାୱେ
ପୁଲ୍ 'ସି': ବେଲ୍‌ଜିୟମ, କାନାଡା, ଜର୍ମାନୀ, ଭାରତ
ପୁଲ୍ 'ଡି': ଇଂଲଣ୍ଡ, ଜାପାନ, ନ୍ୟୁଜିଲାଣ୍ଡ, ଆମେରିକା

# ମନିକା-ସାଥିୟାଁ ସେମି ଫାଇନାଲରେ

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ମନିକା ବାତ୍ରା ଓ ଜି. ସାଥିୟାଁ ଟ୍ୟୁନିସଠାରେ ଚାଲିଥିବା ଡବ୍ଲ୍ୟୁଟିଟି (ୱାର୍ଲ୍ଡ ଟେବୁଲ ଟେନିସ) କଣ୍ଟେଣ୍ଡର ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲରେ ସେମାନେ ଜର୍ମାନୀର ସେଡ୍ରିକ୍ ମିସ୍‌ନର ଓ ୟୁଆନ୍ ୱାନ୍‌ଙ୍କୁ ୩-୦ (୧୧-୮, ୧୧-୩, ୧୧-୮)ରେ ହରାଇ ଦେଇଛନ୍ତି। ମ୍ୟାଚ ଜିତିବା ଲାଗି ଭାରତୀୟ ଯୋଡ଼ି ମାତ୍ର ୨୧ ମିନିଟ ସମୟ ନେଇଥିଲେ। ମନିକା-ସାଥିୟାଁ ଯୋଡ଼ି ସେମିଫାଇନାଲରେ କୋରିଆର ଶିନ୍ ୟୁବିନ୍ ଓ ଲିମ୍ ଜଙ୍ଗହୁନ୍‌ଙ୍କୁ ଭେଟିବେ। ମନିକା ଓ ସାଥିୟାଁ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ହୋଇସାରିଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସର ଏକ ପ୍ରି-କ୍ୱାର୍ଟରଫାଇନାଲରେ ହରମିତ ଦେଶାଇ ଚାଇନାର ଲିଆଙ୍ଗ୍ ୟାନିଙ୍ଗଙ୍କଠାରୁ ୦-୩ (୫-୧୧, ୬-୧୧, ୫-୧୧)ରେ ହାରିଯାଇଛନ୍ତି। ତାଙ୍କ ପରାଜୟ ପରେ ପୁରୁଷ ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଅଚନ୍ତା ସରଥ କମଲ ଓ ସାଥିୟାଁ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତର ଅଭିଯାନ ଶେଷ ହୋଇଛି। ଆହିକା ମୁଖାର୍ଜୀ ପ୍ରି-କ୍ୱାର୍ଟରରେ ଜାପାନର ମିୟୁ ନାଗାସାକିଙ୍କଠାରୁ ୦-୩ (୫-୧୧, ୯-୧୧, ୧୦-୧୨)ରେ ହାରିଯାଇଛନ୍ତି। ମନିକା, ଶ୍ରୀଜା ଆକୁଲା ଓ ଦିୟା ଚିତାଲେ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି।

# ଟ୍ରାଏଲ୍‌ରୁ ୬ କୁସ୍ତିଯୋଦ୍ଧାଙ୍କୁ ରିହାତି ଅନୁଚିତ

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ହେବାକୁଥିବା ସିଲେକ୍ସନ ଟ୍ରାଏଲ୍‌ରୁ ୬ ଜଣ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାଙ୍କୁ ଛାଡ଼ କରାଯିବା ଉଚିତ ହୋଇ ନାହିଁ ବୋଲି ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଯୋଗେଶ୍ୱର ଦତ୍ତ କହିଛନ୍ତି। ଏଥିପାଇଁ ସେ ବର୍ତ୍ତମାନ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସାମୟିକ ପରିଚାଳନା ଦାୟିତ୍ୱରେ ଥିବାର ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଆଡହକ୍ କମିଟିକୁ କଡ଼ା ସମାଲୋଚନା ମଧ୍ୟ କରିଛନ୍ତି। କମିଟି ଜୁନ୍ ୧୬ରେ ଭିନେଶ ଫୋଗଟ, ବଜରଙ୍ଗ ପୁନିଆ, ତାଙ୍କ ସ୍ତ୍ରୀ ସଙ୍ଗୀତା ଫୋଗଟ, ସାକ୍ଷୀ ମଲିକ, ତାଙ୍କ ସ୍ୱାମୀ ସତ୍ୟବ୍ରତ କାଡିଆନ୍ ଏବଂ ଜିତେନ୍ଦ୍ର କିନ୍‌ହାଙ୍କ ସହ ଯୋଗାଯୋଗ କରିଥିଲେ।


ଯୋଗେଶ୍ୱର ଦତ୍ତ

ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ସେମାନଙ୍କୁ କେବଳ ସେମାନଙ୍କ କାଟେଗୋରିରେ ଟ୍ରାଏଲ୍ସର ବିଜେତାଙ୍କ ସହ ମୁକାବିଲା କରିବାକୁ ହେବ। ଏହି ୬ଜଣ କୁସ୍ତିଯୋଦ୍ଧାମାନଙ୍କ ଅନୁରୋଧ କ୍ରମେ ଏକ ମାତ୍ର ବାଉଟ ଟ୍ରାଏଲ ଅଗଷ୍ଟରେ ହେବ ବୋଲି ମଧ୍ୟ କମିଟି ପ୍ରତିଶ୍ରୁତି ଦେଇଛି। ଯୋଗେଶ୍ୱର କହିଛନ୍ତି ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱାଧୀନ କମିଟିର ଏହି ପଦକ୍ଷେପ ଦ୍ୱାରା ଦେଶର ଜୁନିୟର କୁସ୍ତିଯୋଦ୍ଧାଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଆଡହକ୍ କମିଟି କେଉଁ ମାନଦଣ୍ଡକୁ ଆଧାର କରି ଏହି ୬ଜଣ କୁସ୍ତିଯୋଦ୍ଧାଙ୍କୁ ଟ୍ରାଏଲରୁ ରିହାତି ପ୍ରଦାନ କରିଛି ତାହା ବାଖ୍ୟାପଡୁନାହିଁ। ପ୍ରଥମାବସ୍ଥାରେ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଗଠନ କରାଯାଇଥିବା ୬ ଜଣିଆ ସଦସ୍ୟ ବିଶିଷ୍ଟ ନିରୀକ୍ଷଣ କମିଟିର ଅଂଶବିଶେଷ ଥିଲେ ଯୋଗେଶ୍ୱର। ସେ କହିଛନ୍ତି, ଆଡହକ୍ କମିଟି ଯଦି କେତେଜଣ କୁସ୍ତିଯୋଦ୍ଧାଙ୍କ ପ୍ରତି କେହାଳ ମନୋଭାବ ଦେଖାଉଛନ୍ତି ତେବେ ଆହୁରି କେତେଜଣ ମଧ୍ୟ ହକ୍‌ଦାର ଅଛନ୍ତି।

**ତାଇପେ ଓପନ୍ ବ୍ୟାଡ୍‌ମିଣ୍ଟନ**

# କ୍ୱାର୍ଟରଫାଇନାଲରେ ହାରିଲେ ପ୍ରଣୟ

**ତାଇପେ, ୨୩।୬ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ତାଇପେ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ୫ମ ସିଡ୍ ହଂକଂର ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସଙ୍କଠାରୁ ୧୯-୨୧, ୮-୨୧ରେ ହାରିଯାଇଛନ୍ତି। ପ୍ରଣୟଙ୍କ ପରାଜୟ ପରେ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ମ୍ୟାଚରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ପ୍ରଥମ ଗେମ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା। ମାତ୍ର ଦ୍ୱିତୀୟ ଗେମ୍‌ରେ ପ୍ରଣୟ ତାଙ୍କ ଲୟ ହରାଇ ବସିଥିଲେ।

# ଚ୍ୟାଲେଞ୍ଜ୍ କପ୍ ଭଲିବଲ: ସେମିରେ ଭାରତ


ଏକ ମ୍ୟାଚ ଅବସରରେ ଆକ୍ସନରେ ଭାରତୀୟ ଖେଳାଳି।

**ଭୁବନେଶ୍ୱର, ୨୩।୬**
**(ତପନ ସ୍ୱାଇଁ)**

ଭାରତୀୟ ସିନିୟର ମହିଳା ଭଲିବଲ ଦଳ ଇଣ୍ଡୋନେସିଆର ଇଷ୍ଟ ଜାଭାସ୍ଥିତ ଗ୍ରେସିକ୍‌ଠାରେ ଚାଲିଥିବା ୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜ୍ କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରିଲିମିନାରୀ ରାଉଣ୍ଡରେ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ ପରବର୍ତ୍ତୀ ୨ଟି ଗ୍ରୁପ୍ ମ୍ୟାଚରେ ଫିଲିପାଇନ୍ସ ଓ ଆୟୋଜକ ଇଣ୍ଡୋନେସିଆଠାରୁ ହାରି ଯାଇଥିଲା। ତେବେ ନିଜ ଗ୍ରୁପ୍‌ରେ ଦ୍ୱିତୀୟ ଶ୍ରେଷ୍ଠ ଦଳଭାବେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସେମିରେ ଭାରତ ଶନିବାର ଭିଏତନାମକୁ ଭେଟିବ। ଏହି ଲିଗ୍ ଓ ନକ୍‌ଆଉଟ ଭିତ୍ତିକ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଚାଇନିଜ ତାଇପେ, ହଂକଂ, ଇଣ୍ଡୋନେସିଆ, ଭାରତ, ଇରାନ, ମକାଉ, ମଙ୍ଗୋଲିଆ, ଫିଲିପାଇନ୍ସ, ଭିଏତନାମ ଓ ଉଜ୍‌ବେକିସ୍ତାନ ଆଦି ୧୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରିଲିମିନାରୀ ରାଉଣ୍ଡରେ ଭାରତ ଗ୍ରୁପ୍ 'ସି'ରେ ଅଷ୍ଟ୍ରେଲିଆକୁ ହରାଇବାପରେ ଗ୍ରୁପ୍ 'ଇ'ରେ ଇଣ୍ଡୋନେସିଆ ଓ ଫିଲିପାଇନ୍ସ ସହିତ ଖେଳିଥିଲା।

# ଅଲିମ୍ପିକ ଦିବସ ପାଳିଲା ହକି ଇଣ୍ଡିଆ

**ନୂଆଦିଲ୍ଲୀ, ୨୩।୬**

ଶୁକ୍ରବାର ସମଗ୍ର ବିଶ୍ୱରେ ଅଲିମ୍ପିକ ଦିବସ ପାଳନ ହୋଇଛି। ଏହି ଅବସରରେ କ୍ରୀଡ଼ାବିତ୍‌ଙ୍କ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ହକି ଇଣ୍ଡିଆ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅଲିମ୍ପିକ ଦିବସ ପାଳନର ବିଷୟବସ୍ତୁ 'ଲେଟ୍ ଅସ୍ ମୁଭ୍' ରଖାଯାଇଥିଲା। ହକି ଇଣ୍ଡିଆର ସଦସ୍ୟ ୟୁନିଟ୍‌ଗୁଡ଼ିକ ତରଫରୁ ବିଭିନ୍ନ କାର୍ଯ୍ୟକଳାପର ଆୟୋଜନ ହୋଇଥିଲା, ଯଥା ପ୍ରଦର୍ଶନୀ ହକି ମ୍ୟାଚ, ମିନି ହକି ଟୁର୍ନାମେଣ୍ଟ, କାୟାକିଂ, ରୋଲର ସ୍କେଟିଂ, ଅଲିମ୍ପିକ ଦିବସ ଉପରେ କୁଇଜ୍, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା। ଆଥଲେଟିକ ସାମର୍ଥ୍ୟ ଥାଉ ଅବା ନ ଥାଉ ପୁରୁଷ ହେଉ ଅବା ମହିଳା ସମସ୍ତ ବୟସବର୍ଗର ବ୍ୟକ୍ତି ବିଶେଷଙ୍କୁ କ୍ରୀଡ଼ା ସହ ସଂଶ୍ଳିଷ୍ଟ କରିବା ଲାଗି ଉତ୍ସାହିତ କରିବା ହେଉଛି ଅଲିମ୍ପିକ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୁଡୁଚେରୀ ହକି ପକ୍ଷରୁ ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଏବଂ ହକି ଟୁର୍ନାମେଣ୍ଟ କରାଯାଇଥିଲା। ଖେଳର ପ୍ରମୋଟ ପାଇଁ ହକି ଝାଡ଼ଖଣ୍ଡ ଓ ହକି ରାଞ୍ଚି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚର ଆୟୋଜନ କରାଯାଇଥିଲା। ଆହୁରି ମଧ୍ୟ ବହୁ ସଦସ୍ୟ ୟୁନିଟ ଯଥା ହରିୟାଣା, ଆସାମ, ଗୋଆ, ଓଡ଼ିଶା, ଜମ୍ମୁ ଓ କଶ୍ମୀର, ଛତିଶଗଡ଼, ଦାଦ୍ରା ନଗର ହାବେଲି ଏବଂ ଦାମନ ଓ ଦିଉ, ଆନ୍ଧ୍ର ପ୍ରଦେଶ, ଅରୁଣାଞ୍ଚଳ ଏବଂ ମିଜୋରାମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ହକି ବେଙ୍ଗଲ ପକ୍ଷରୁ ଆୟୋଜିତ ଏକ ଗଣଦୌଡ଼ରେ ପୋଲିସ କର୍ମଚାରୀ ଭାଗ ନେଇଥିଲେ। ହକି ରାଜସ୍ଥାନ ଅଲିମ୍ପିକ ଦିବସ ସଚେତନତା ଗଣ ଦୌଡ଼, ବୃକ୍ଷରୋପଣ ଏପରକି କାୟାକିଂର ଆୟୋଜନ କରିଥିଲା। ହକି କୋଲକାତା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଟ୍ରେନିଂ ସେସନରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଅଟକାଇବା ଲାଗି ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଲୋକେ କ୍ରୀଡ଼ାକୁ ଯେପରି ସେମାନଙ୍କର ଏକ ଜୀବନ ଶୈଳୀର ଏକ ଅଂଶବିଶେଷ ଭାବେ ଗ୍ରହଣ କରିବା ଲାଗି ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବେ ସେ ଦିଗରେ ଆମ ସଦସ୍ୟ ୟୁନିଟ୍‌ଗୁଡ଼ିକର କାର୍ଯ୍ୟକଳାପ ପ୍ରଶଂସନୀୟ। ଶାରିରୀକ ଦକ୍ଷିତା, ଶିକ୍ଷା, ସଂସ୍କୃତିର ବିକାଶ ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ହେଉଛି ଅଲିମ୍ପିକ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ପ୍ୟାରିସ ଅଲିମ୍ପିକ୍ସ ମଶାଲ ୪୦୦ ସହର ପରିକ୍ରମା କରିବ

**ପ୍ୟାରିସ, ୨୩।୬ (ଏପି)**

ପ୍ୟାରିସ ଅଲିମ୍ପିକ୍ସର ଆୟୋଜକ ଗଣ ଶୁକ୍ରବାର ମଶାଲ ରିଲେର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। କଲ୍‌ଡ୍ରନ୍‌ରେ ଅଗ୍ନି ସଂଯୋଗ ପୂର୍ବରୁ ଅଲିମ୍ପିକ ମଶାଲ ୬୮ରୁ ଅଧିକ ଦିନ ବିଶ୍ୱର ୪୦୦ଟି ସହର ପରିକ୍ରମା କରିବ। ଆୟୋଜକ କମିଟି ସଭାପତି ଟୋନି ଇଷ୍ଟାନ୍‌ଗ୍ୱେଟ୍ କହିଛନ୍ତି, ପରମ୍ପରା ଅନୁସାରେ ଆସନ୍ତା ବର୍ଷ ଏପ୍ରିଲ ୧୬ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍‌ର ପୁରାତନ ଅଲିମ୍ପିଆରେ ସୂର୍ଯ୍ୟଙ୍କ କିରଣରୁ ମଶାଲରେ ଅଗ୍ନି ସଂଯୋଗ କରାଯିବ। ଏଥେନ୍ସକୁ ହସ୍ତାନ୍ତର ପୂର୍ବରୁ ଏହା ଦେଶ ସାରା ପରିକ୍ରମା କରିବ। ଏପ୍ରିଲ ୨୭ରେ ମଶାଲ ଏଥେନ୍ସ ପ୍ରସ୍ଥାନ କରି ବେଲେମ ନାମକ ଏକ ଜାହାଜରେ ୨,୬୦୦ ବର୍ଷର ପୁରାତନ ଗ୍ରୀକ୍ ଉପନିବେଶ ଫ୍ରେଞ୍ଚ ବନ୍ଦର ମର୍ସିଲି ଅଭିମୁଖେ ଯାତ୍ରା କରିବ। ବେଲେମ ପ୍ରଥମେ ୧୮୯୬ରେ ବ୍ୟବହାର କରାଯାଇଥିଲା। ସେହିବର୍ଷ ଆଧୁନିକ ଅଲିମ୍ପିକ ପ୍ରତ୍ୟାବର୍ତ୍ତନ କରିଥିଲା। ଜାହାଜଟି ମର୍ସିଲିରେ ମେ' ୮ ତାରିଖରେ ପହଞ୍ଚିବ।









ଅଲିମ୍ପିକ୍ସ ଦିବସ ପାଳନ ଅବସରରେ ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ଭାରତର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଭିନ୍ନଭିନ୍ନ କାର୍ଯ୍ୟକ୍ରମ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


A TATA PRODUCT
TANISHQ
ପ୍ରସ୍ତୁତ କରୁଅଛି
ଦିବ୍ୟାନି
ଓଡ଼ିଶାର ସଂସ୍କୃତି ଦ୍ୱାରା ଅନୁପ୍ରାଣିତ
ଓଡ଼ିଶାର ମହିଳାଙ୍କ ନିମନ୍ତେ।
20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ
ଓଡ଼ିଶାର ସାଂସ୍କୃତିକ ପରମ୍ପରା ପ୍ରତି ଏକ ଯଶୋଗାଥା
ଚଳିତ ରଥଯାତ୍ରାରେ, ତନିସ୍କ ଆପଣଙ୍କ ପାଇଁ ଆଣିଛି ଏକ ବିଶିଷ୍ଟ ଅଳଙ୍କାର କଲେକ୍ସନ୍, ଯାହା ଓଡ଼ିଶାର ନେତ୍ରୋଦ୍ଦିପକ ମନ୍ଦିର ଆଉ ଏଠାର କଳା ଓ ସଂସ୍କୃତି ଦ୍ୱାରା ଅନୁପ୍ରାଣିତ । ଦିବ୍ୟାନି ରେ ପାଇବେ ଚାରୁକଳାସମ୍ପନ୍ନ କାରୁକାର୍ଯ୍ୟ ତଥା ମୋହକ ଭାସ୍କର୍ଯ୍ୟର ସମଷ୍ଟି । ଓଡ଼ିଶାର ଉଚ୍ଛ୍ୱସିତ ସଂସ୍କୃତିକୁ ସମ୍ମାନ ଦେଉଥିବା ହାତତିଆରି ସୂକ୍ଷ୍ମ କାରୁକାର୍ଯ୍ୟରେ ସୁଶୋଭିତ ପ୍ରତିଟି ଆଭୂଷଣ ଓଡ଼ିଶାର ଭବ୍ୟ ପରମ୍ପରା ତଥା ଗର୍ବିତ ବଡ଼ିମାର ଗରିମା ବଖାଣୁଛି।
To locate your nearest store and know more on 6366920017. Buy online at tanishq.co.in or Download our App *Conditions apply.
Showrooms at: S.R Central Mall - Jeypore, Master Canteen Square & Chandrashekharpur - Bhubaneswar, Cantonment Road-Cuttack, Keshar Bhavan at Main Road- Rourkela, City high School Road - Brahmapur, Buddharaja Road-Sambalpur, Amalapada-Angul, Vivekanand Marg-Balasore, Beheremal Chowk-Jharsuguda, Grand Road-Puri, Chorda Road Bypass-Jajpur Road, Bhatli Chowk Road-Bargarh.